

ମହାକାଶଚାରୀଙ୍କୁ ଶୁଭେଚ୍ଛା ଜଣାଇଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ତମନ୍ନାଙ୍କ ପରେ ଫାତିମାଙ୍କ ପ୍ରେମରେ ବିଜୟ ! | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୬ Vol. 22 No-86 26 JUNE 2025 THURSDAY, BHUBANESWAR ଗୁରୁବାର, ୨୬ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## କେନ୍ଦ୍ର କ୍ୟାବିନେଟରେ ଏମର୍ଜେନ୍ସି ବିରୋଧରେ ପ୍ରସ୍ତାବ ପାରିତ

# ସମ୍ବିଧାନର ହତ୍ୟା ଅଗ୍ରହଣୀୟ



**୧୯୭୫ ଜୁନ୍ ୨୫ରେ ହୋଇଥିଲା ଜାରି**

**ମିଡିଆ ଉପରେ ଲାଗିଥିଲା କଟକଣା**

**ଜେଲ ଯାଇଥିଲେ ନେତା, ସାମ୍ବାଦିକ**

ନୂଆଦିଲ୍ଲୀ,୨୫।୬: ଦେଶରେ ଜରୁରିକାଳୀନ ପରିସ୍ଥିତି ଲଗାଯିବାର ୫୦ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏମର୍ଜେନ୍ସି ବିରୋଧରେ ପ୍ରସ୍ତାବ ପାରିତ କରାଯାଇଛି। ଏହି ପ୍ରସ୍ତାବରେ ୧୯୭୫ରେ ଲାଗୁ କରାଯାଇଥିବା ଜରୁରିକାଳୀନ ପରିସ୍ଥିତିକୁ ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ବୋଲି ଉଲ୍ଲେଖ କରାଯାଇଛି ଓ ଏହାକୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ଏମର୍ଜେନ୍ସିର ଯାତନା ସହିଥିବା ପୀଡ଼ିତଙ୍କ ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ସମେତ ସବୁ ମନ୍ତ୍ରୀ ଛିଡା ହୋଇଥିଲେ। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପାରିତ ପ୍ରସ୍ତାବ ବାବଦରେ ସୂଚନା ଦେଇ କହିଥିଲେ ଯେ ୨୦୨୫ରେ ସମ୍ବିଧାନ ହତ୍ୟା ଦିବସର ୫୦ବର୍ଷ ପୂର୍ତ୍ତି ହୋଇଛି। ଏମର୍ଜେନ୍ସି ସମୟରେ ସାରା ଦେଶରେ ଗଣତାନ୍ତ୍ରିକ ମୂଲ୍ୟର ହନନ ହୋଇଥିଲା ଓ ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନିଆଯାଇଥିଲା। ବୈଠକରେ ଦେଶର ଯୁବକଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଗଣତନ୍ତ୍ରର ସଂଗ୍ରାମୀ ଓ ସେମାନଙ୍କ ବଳିଦାନରୁ ଶିକ୍ଷା ନେବାପାଇଁ ଆହ୍ୱାନ ଦିଆଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ଏମର୍ଜେନ୍ସିର ବୀର ସଂଗ୍ରାମୀମାନେ ଏକଛତ୍ରବାଦୀ ମନୋବୃତ୍ତିକୁ ବିରୋଧ କରିଥିଲେ। ଆମର ସମ୍ବିଧାନ ଓ ଗଣତାନ୍ତ୍ରିକ ଭାବନାର ଦୃଢତାର ସହ ରକ୍ଷା ମଧ୍ୟ କରିଥିଲେ। ଗଣତନ୍ତ୍ରର ଜନନୀ ଭାବେ ଭାରତ ସାମ୍ବିଧାନିକ ମୂଲ୍ୟର ସଂରକ୍ଷଣ, ସୁରକ୍ଷା ଓ ରକ୍ଷାର ପ୍ରତିମୂର୍ତ୍ତି ଅଟେ ବୋଲି ସେ କହିଥିଲେ। କ୍ୟାବିନେଟ୍ ବୈଠକରେ ମୋଟ ୩ଟି ପ୍ରସ୍ତାବ ପାରିତ ହୋଇଥିଲା। ଏହାବ୍ୟତୀତ କେନ୍ଦ୍ର ମନ୍ତ୍ରିମଣ୍ଡଳ ଭାରତର ମହାକାଶଯାତ୍ରୀ ଶୁଭାଂଶୁ ଶୁକ୍ଳା ଓ ଅନ୍ୟ ୩ ମହାକାଶଚାରୀଙ୍କ ସଫଳ ଯାତ୍ରାକୁ ସ୍ୱାଗତ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୫ ମସିହା ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଦେଶରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ସମୟରେ ଖବରକାଗଜ ଉପରେ କଟକଣା ଲଗା ଯାଇଥିଲା। ୨୦୦ରୁ ଅଧିକ ସାମ୍ବାଦିକଙ୍କୁ ଗିରଫ କରାଯାଇ ଜେଲକୁ ପଠାଯାଇଥିଲା। ଜରୁରିକାଳୀନ ସ୍ଥିତି ଘୋଷଣା ହେବାପରେ ପୋଲିସ ଓ ଅଧିକାରୀମାନେ ସକ୍ରିୟ ହୋଇ ଉଠିଥିଲେ। ଜରୁରିକାଳୀନ ସହ ଜଡ଼ିତ ଖବର ବାହାରକୁ ● ପୃଷ୍ଠା ୫ ଦେଖନ୍ତୁ

## ସମ୍ବିଧାନ ହତ୍ୟା ଦିବସରେ ମୁଖ୍ୟମନ୍ତ୍ରୀ

# ଭାରତ ଇତିହାସର କଳଙ୍କିତ ଅଧ୍ୟାୟ



- ୧୦୮ଜଣ ସେନାନୀଙ୍କୁ ସମ୍ମାନିତ କଲେ
- ନୂଆ ପିଢିଙ୍କ ପାଖରେ କାଳିମାମୟ ଅଧ୍ୟାୟ ପହଞ୍ଚାଇବା ପାଇଁ ପ୍ରୟାସ
- ଲୋକତନ୍ତ୍ର ସେନାନୀଙ୍କୁ ଦିଆଯିବ ଉପଯୁକ୍ତ ସମ୍ମାନ

ଭୁବନେଶ୍ୱର,୨୫।୬(ଭାସ୍କର ନ୍ୟୁଜ): ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ, ଏହି 'ଜରୁରିକାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ। ଜରୁରିକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେ ସବୁକୁ କେହି ଭୁଲି ପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୁଦ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ୨୫ ଜୁନ ୨୦୨୬ରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି । ଜରୁରିକାଳୀନ ସମୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାରତୀୟ ଜନତା ପାର୍ଟି ସାରା ଭାରତରେ ଲଢେଇ ଜାରି ରଖିଥିଲା । ଦେଶର ସମସ୍ତ ବଡ ବଡ ନେତାଙ୍କ ସହିତ ଅଟଳ ବିହାରୀ ବାଜପେୟିଜୀ ଓ ଲାଲକୃଷ୍ଣ ଆଡଭାନୀଜୀଙ୍କ ପରି ନେତାମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକ ନିଜ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡିଲା। ପ୍ରାୟ ୧୦ ହଜାର ସାମ୍ବାଦିକ ଜେଲ ଦଣ୍ଡ ଭୋଗିଲେ। ଆମ ଓଡିଶାରେ ମଧ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ପରି ଅନେକ ବଡ ବଡ ନେତା ଗିରଫ ହୋଇଥିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ଆଜି ଆମ ସହିତ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନେ ଜାଣିଛନ୍ତି ଯେ କିପରି ଜରୁରୀକାଳୀନ ପରିସ୍ଥିତି ସମୟରେ ଗଓ୍ୱଇ କୁ ବ୍ୟବହାର କରି ବିନା ବିଚାରରେ ମାସ ମାସ ଧରି ଲୋକଙ୍କୁ ଜେଲରେ ରଖାଯାଉଥିଲା ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ଆଜି ଆମ ସହିତ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସମ୍ମାନିତ କରି ଆମେ ଗୌରବାନ୍ୱିତ ଅନୁଭବ କରୁଛୁ। ଆମ ସରକାର ଆସିବା ପରେ ଆମେ ଆମର ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### କଟକରେ ଧସିଲା ରାସ୍ତା

କଟକ,୨୫।୬(ଭାସ୍କର ନ୍ୟୁଜ): ପ୍ରବଳ ବର୍ଷାରେ କଟକ ସିଡିଏ ୧୦ ସେକ୍ଟରରେ ରାସ୍ତା ଧସିଥିବା ସୂଚନା ମିଳିଛି। ଫଳରେ ସେହି ରାସ୍ତାଦେଇ ଯାତାୟତ ବାଧାପ୍ରାପ୍ତ ହୋଇଛି। କଟକ ମହାନଗର ନିଗମ ପକ୍ଷରୁ ଏହାକୁ ମରାମତି ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

### ହାତୀ ଆକ୍ରମଣରେ ଜଣେ ମୃତ

ଅନୁଗୋଳ,୨୫।୬(ଭାସ୍କର ନ୍ୟୁଜ): ହାତୀଙ୍କ ସୁରକ୍ଷା ପାଇଁ ଥିବା ଜଣେ ହାତୀ ଜଗୁଆଳୀଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ତାଙ୍କ ନାମ ଯୁଗଳ ନାୟକ। ସେ ହାତୀଟିକୁ ଘଉଡାଉଥିବାବେଳେ ଏହି ଅଘଟଣ ଘଟିଥିଲା। ଅନୁଗୋଳ ଜରପଡ଼ା ବନାଞ୍ଚଳରେ ଏହି ଅଘଟଣ ଘଟିଛି।

### ସାପ କାମୁଡ଼ାରେ ବାପ-ପୁଅ ମୃତ

ଶୁଳିଆପଦା,୨୫।୬(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ବାଘଡ଼ା ଗାଁରେ ସାପ କାମୁଡ଼ାରେ ବାପ-ପୁଅଙ୍କର ମୃତ୍ୟୁ ଘଟିଛି। ସେମାନେ ରାତିରେ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ହସ୍ପିଟାଲରେ ଉଭୟଙ୍କୁ ମୃତ ଘୋଷଣା କରାଯାଇଛି।


### ମୁକୁଳା ଡ୍ରେନ୍ ନେଲା ଜୀବନ

ବ୍ରହ୍ମପୁର,୨୫।୬(ଭାସ୍କର ନ୍ୟୁଜ): ବ୍ରହ୍ମପୁରରେ ମୁକୁଳା ଡ୍ରେନ୍ ଜଣେ ଶିକ୍ଷକଙ୍କ ଜୀବନ ନେଇଛି। ବୁଧବାର ଅପରାହ୍ନରେ ଏହି ଶିକ୍ଷକ ଜଣକ ସ୍କୁଟିରେ ଆସୁଥିବାବେଳେ ଏମକେସିଜି ପାଖ ଡ୍ରେନ୍‌ରେ ତାଙ୍କ ସ୍କୁଟିଟି ଗଳି ପଡ଼ିଥିଲା। ତେବେ ଶିକ୍ଷକଜଣକ ସେଥିରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ସେନ୍‌ସେକ୍ସ: ୮୨,୭୫୫.୫୧
ସର୍ବାଧିକ: ୨୯.୪ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୨୫।୬।୨୦୨୫ ର ମତାମତ**

ଇସ୍ରାଏଲ-ଇରାନ ଯୁଦ୍ଧ ବିରତିରେ ଟ୍ରମ୍ପଙ୍କ ଭୂମିକାକୁ ଗୌଣ କରାଯିବା ଠିକ୍ କି ?




**ଆଜିର ପ୍ରସଙ୍ଗ**

ସିବିଏସ୍‌ଇ ଦଶମ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଦିନକ ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା

# ଆଜି ନବଯୌବନ ଦର୍ଶନ



ରଥଯାତ୍ରା ପାଇଁ ମକ୍‌ଡ୍ରିଲ୍

ପୁରୀ,୨୫।୬ (ଭାସ୍କର ନ୍ୟୁଜ) : ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ କାଳିଆ ସାଆନ୍ତେ । ଦିନକ ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ନବଦିନାତ୍ମକ ଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯିବେ ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଚାହିଁ ରହିଛି ବିଶ୍ୱ । ଚଳଚଞ୍ଚଳ ପୁରୀ । ରଥକୁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର । ଏପଟେ ରଥଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ବ୍ୟାପକ ବ୍ୟବସ୍ଥା କରିଛି ପୁରୀ ପ୍ରଶାସନ । ଭିଡ ଜଗିବ ଡ୍ରୋନ କ୍ୟାମେରା । ଶୁକ୍ରବାର ଦିନ ସେହି ପ୍ରତିକ୍ଷିତ ଦିନ । ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ବାହାରିଯିବେ ମହାପ୍ରଭୁ । ଭକ୍ତି ରସରେ ଭିଜିବ ଶ୍ରୀକ୍ଷେତ୍ର । ଭକ୍ତ-ଭଗବାନ ହେବେ ଏକାକାର । ଜୟ ଜଗନ୍ନାଥ ନାରାଙ୍କ କମ୍ପିବ ଗଗନ ପବନ। ବାସ୍, ସେହି ମୁହୂର୍ତ୍ତର ଅପେକ୍ଷାରେ ବିଶ୍ୱବାସୀ । ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉତ୍କଣ୍ଠା । ମହାପ୍ରଭୁ ନିଜେ ଭକ୍ତଙ୍କୁ ଦର୍ଶନ ଦେବା ବଡ଼ଦାଣ୍ଡକୁ ଆସି ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ



ମହାପ୍ରଭୁଙ୍କର ରଥଯାତ୍ରା ହେବ
ବଡ଼ଦାଣ୍ଡ ଉଛୁଳିବ
ଭକ୍ତ ମେଳରେ ଥିବେ ଜଗନ୍ନାଥ
ଆଖି ପୂରାଇ ଦେଖିବ
ଘଣ୍ଟ ଘଣ୍ଟା ଯେ ବାଜିବ
ହରିବୋଲ ହୁଳହୁଳି ପଡୁଥିବ
ଜଗାର ରଥ ଚାଲିବ...।









ବାରିପଦା(ଭାସ୍କର ନ୍ୟୁଜ୍): ବାରିପଦା ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ବିଦ୍ୟାଳୟ ଲାଗି ଶିକ୍ଷକ ମାନଙ୍କ ନିମନ୍ତେ ଏକଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଇ ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ବିଷୟରେ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଶିକ୍ଷକମାନେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ କିପରି ତମାଖୁ ବ୍ୟବହାରର ଅପକାରୀତା ବିଷୟରେ ବୁଝାଇବେ ଓ ନିଜ ବିଦ୍ୟାଳୟକୁ କିପରି ତମାଖୁ ମୁକ୍ତ ବିଦ୍ୟାଳୟ ରୂପେ ଗଢି ତୋଳିବେ ସେ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଆଲୋକପାତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆହୁରି ୩ ଦିନ ବ୍ୟାପି ଅନୁଷ୍ଠିତ ହେବ।



# ମେଣ୍ଢାଖାଇ ପୋଲ ତଦାରଖ କଲେ ଅଧିକାରୀ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ୫ଟି ପଞ୍ଚାୟତର ଅଧିବାସୀମାନଙ୍କର ଚିନ୍ତା ପାଲଟିଥିବା ଜରିପଡ଼ା ପଞ୍ଚାୟତର ଟିକରା ମେଣ୍ଢାଖାଇ ପୋଲର କାର୍ଯ୍ୟ ଅବଧି ଶେଷ ହୋଇଥିଲେ ସୁଦ୍ଧା ଏହାର କାମ ସରିନଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ଚୌଦ୍ୱାର ଆର ଆଣ୍ଡ ବି ଡିଭିଜନର ଏସ୍‌ଡିଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ସହ ୨ଜଣ ଯନ୍ତ୍ରୀ ଉକ୍ତ ପୋଲର କାର୍ଯ୍ୟ ତଦାରଖ କରିବାକୁ ପହଞ୍ଚିଥିଲେ । ଅଧନିର୍ମିତ ଏହି ପୋଲଟିର କାର୍ଯ୍ୟ ମାନ ପରୀକ୍ଷା କରିବାସହ ଡିସେମ୍ବର ମାସ ସୁଦ୍ଧା ପୋଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଠିକା ସଂସ୍ଥା ପ୍ରଭାସ ବେହେରା ଏଜେନ୍ସିକୁ ତାଗିଦ୍ କରାଯାଇଥିଲା । ଏପରିକି ପୋଲ କାମ ବିଳମ୍ବ ହେବା ଯୋଗୁଁ ଚଳିତ ବର୍ଷ ଲଗାତାର ବର୍ଷାରେ ୫ଟି ପଂଚାୟତବାସୀ ବିଭିନ୍ନ ସମସ୍ୟାରସମ୍ମୁଖୀନ ହେବାକୁ ନଜରରେ ରଖି ଉକ୍ତ ଠିକା ସଂସ୍ଥା ଉପରେ ଆର ଆଣ୍ଡ ବି ଏସ୍‌ଡିଓ ଶ୍ରୀ ପଣ୍ଡା ଜୋରିମାନା କରାଯାଇଛି ବୋଲି ପ୍ରକାଶ କରିବା ସହ ଯଥାଶୀଘ୍ର ପୋଲକାମ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀଙ୍କ ତଦାରଖ ସମୟରେ କିଛି ଅଂଚଳବାସୀ ଏହି ଠିକାସଂସ୍ଥାକୁ ପରିବର୍ତ୍ତନ କରାଇ ଅନ୍ୟ ଏକ ଠିକାସଂସ୍ଥାକୁ ଏହି କାର୍ଯ୍ୟ ପ୍ରଦାନ କରିବା ପାଇଁ



ଅଧିକାରୀଙ୍କୁ ଅନୁରୋଧ କରିଥିବା ବେଳେ ଅଧିକାରୀ ଜଣକ ଅନ୍ୟ ଏକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦେବାକୁ ହେଲେ ପୁର୍ନବାର ଟେଣ୍ଡର କରିବାକୁ ପଡ଼ିବ ଓ ଏହା ସମୟ ସାପେକ୍ଷ ଯୋଗୁଁ ସହ ଏହି କାମ ଆହୁରି ବିଳମ୍ବ ହେବ ବୋଲି ନଜରରେ ରଖି କାମ କରୁଥିବା ଠିକାସଂସ୍ଥାକୁ କାମ ଯଥା ଶୀଘ୍ର ଶେଷ କରିବା ପାଇଁ ସରକାରଙ୍କ ତରଫରୁ ଆଦେଶ ଜାରି ହୋଇଛି ବୋଲି ସେ ପ୍ରକାଶ କରିଥିଲେ । ଅଧିକାରୀଙ୍କ ତାଗିଦ୍ ପରେ ଉକ୍ତ ଠିକାସଂସ୍ଥା କେବେ ପୋଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଇ ଲୋକଙ୍କର ସମସ୍ୟାକୁ ଦୂର କରିବ ତାହା ଏବେ ଦେଖିବାକୁ ବାକି ରହିଲା ।

# ମୁଖ୍ୟମନ୍ତ୍ରୀ ବସ୍ ଯାତାୟାତ ପାଇଁ ବାଧକ ସାଜିଛି ପୋଲ

## ସେବା ପାଉନାହାନ୍ତି ଦାମୋଦରପୁରବାସୀ

ଜଗତସିଂହପୁର(ଭାସ୍କର ନ୍ୟୁଜ୍): ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଲକ୍ଷ୍ମୀବସ ସେବା ନାମ ପରିବର୍ତ୍ତନ ହୋଇ ମୁଖ୍ୟମନ୍ତ୍ରୀ ବସ ସେବାରେ ପରିଣତ ହୋଇଛି। ମାତ୍ର ଏହି ସେବା ସବୁ ସ୍ଥାନରେ ମିଳିପାରୁନଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ବସ ସେବାର ଏକ ବସ ଜଗତସିଂହପୁର ଠାରୁ ଅୟର ଦେଇ ଦାମୋଦରପୁର ପର୍ଯ୍ୟନ୍ତ ଯିବା ପାଇଁ ସ୍ଥିର ହୋଇଥିଲା। ବର୍ତ୍ତମାନ ଉକ୍ତ ବସଟି ଦାମୋଦରପୁର ଯାଉନଥିବାରୁ ସ୍ଥାନୀୟ ଜନସାଧାରଣ ଗମନାଗମନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ରାସ୍ତା ଅୟର ଠାରୁ ସମଙ୍ଗ ପର୍ଯ୍ୟନ୍ତ ୧୦ କିଲୋମିଟର ନିର୍ମାଣ କରାଯାଇଛି। ମାତ୍ର ବିଭାଗୀୟ କର୍ମକର୍ତ୍ତାଙ୍କ ଦୂରଦୃଷ୍ଟି ଅଭାବରୁ ଅୟର ନିକଟରେ ଥିବା ୮ନଂ କେନାଲ ପୋଲ ଉପରେ ବସ ଯାତାୟାତ କରିପାରୁନାହିଁ। ଏଠାରେ ପ୍ରକାଶ ଥାଉକି ଅୟର ଠାରୁ ସିଂହାରପୁର ପର୍ଯ୍ୟନ୍ତ ନିର୍ମିତ ଆରଡ଼ି ରାସ୍ତା ଅୟର ଠାରେ ୮ନଂ କେନାଲ



ଉପରେ ଥିବା ପୋଲଟି ନବୀକରଣ ହୋଇ ପ୍ରଶସ୍ତ ହେବା କଥା। ମାତ୍ର ବିଭାଗୀୟ କର୍ମକର୍ତ୍ତାଙ୍କ ଦୂରଦୃଷ୍ଟି ଅଭାବରୁ ୮ନଂ କେନାଲ ଉପରେ ଥିବା ଜରାଜୀର୍ଣ୍ଣ ସଂକୀର୍ଣ୍ଣ ପୋଲ ଉପରେ ବସ ଯାତାୟାତ ସମ୍ଭବ ହୋଇ ପାରୁନାହିଁ। ପ୍ରକାଶ ଥାଉକି ଉକ୍ତ ସଂକୀର୍ଣ୍ଣ ଓ ଜରାଜୀର୍ଣ୍ଣ ପୋଲରେ ବାଡ଼ା ନଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି ଓ ବସ ଚଳାଚଳ ବ୍ୟାହତ ହେଉଛି। ଉକ୍ତ ପ୍ରସଙ୍ଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ୮ନଂ କେନାଲ ଉପରେ ଥିବା ପୁରୁଣା ପୋଲକୁ ଭଙ୍ଗାଯାଇ ବସ ଯାତାୟାତ କରିପାରିବା ଭଳି ଏକ ପ୍ରଶସ୍ତ ଓ ନୂତନ ପୋଲ ନିର୍ମାଣ କରିବା ପାଇଁ ଦାମୋଦରପୁର, ମୁରୁଣିଆ ବାସିନ୍ଦା ଓ ଆଖପାଖ ଅଞ୍ଚଳର ବାସିନ୍ଦା ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ବସ ସେବାକୁ ଦାମୋଦରପୁର ବାସିନ୍ଦାଙ୍କ ନିକଟରେ ପହଞ୍ଚାଇବା ପାଇଁ ପୋଲ ପ୍ରଶସ୍ତୀକରଣ ନିମନ୍ତେ ସ୍ଥାନୀୟ ବିଧାୟକ, ବ୍ଲକ କର୍ତ୍ତୃପକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ପ୍ରକାଶ ଥାଉକି ମୁରୁଣିଆ ଦାମୋଦରପୁର ଓ ଆଖ ପାଖ ଅଞ୍ଚଳର ଲୋକମାନଙ୍କର ଯାତାୟତର ସୁବିଧା ନିମନ୍ତେ ସମଙ୍ଗ ପୋଲିସ ବିଟ ହାଉସ ଠାରୁ ଜେନାସାହି ଦେଇ ମୁରୁଣିଆ ଦାମୋଦରପୁର ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସସେବା ଯୋଗାଇ ଦିଆଗଲେ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଚିର କୃତଜ୍ଞ ହେବେ।

# ଷଡ଼ଭୂଜ ଗୌରାଙ୍ଗ ମନ୍ଦିର ପୋଖରୀ ପୁନଃନବୀକରଣ କାର୍ଯ୍ୟ ଅଧାପନ୍ତରିଆ

## ଅର୍ଥପୈଠକୁ ନେଇ ଏସ୍‌ଏଚ୍‌ଜି ମହିଳାଙ୍କ ଦାବିପତ୍ର

### ମୋ ପୋଖରୀ ଯୋଜନା ବାଟବଣା

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ମ୍ୟୁନିସିପାଲଟିର ୬ନଂ ୱାର୍ଡରେ ଥିବା ଷଡଭୂଜ ଗୌରାଙ୍ଗ ମନ୍ଦିର ନିକଟରେ ଥିବା ପୋଖରୀର ପୁନଃନବୀକରଣ ଓ ସୌନ୍ଦର୍ଯ୍ୟକରଣ ଲାଗି ୨୯ଲକ୍ଷ ୩୪ ହଜାର ୬୪୨ ଟଙ୍କାର ଏକ କାର୍ଯ୍ୟାଦେଶ ଗତ ୨୦-୦୨-୨୫ରିଖରେ ୫ଟି ଏସ୍‌ଏଚ୍‌ଜି ମହିଳା ଗ୍ରୁପକୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇନଥିଲେ ମଧ୍ୟ ମ୍ୟୁନିସିପାଲଟି ପକ୍ଷରୁ ୯ଲକ୍ଷ୨୨ ହଜାର ୩୦୭ଟଙ୍କା ପୈଠ କରାଯାଇଥିବା ବେଳେ କାର୍ଯ୍ୟର ୭୫ଶତାଂଶ ସଂପୂର୍ଣ୍ଣ ହୋଇଥିବା ଦର୍ଶାଇ ଅଧିକ ଅର୍ଥ ପୈଠ କରିବାକୁ ୫ଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟର ଅଗ୍ରଗତି ସଂପର୍କରେ କାଉନ୍‌ସିଲର ଓ ଡେଭଲପମେଣ୍ଟ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆହୁତ କରାଯାଇ ତଦନ୍ତ କରାଯିବାକୁ ଦାବି କରିଥିଲେ। ଘଟଣାରୁ ପ୍ରକାଶ ରାଧାରାଣୀ, ମା ଅମ୍ବିକା, ମା' ବାସନ୍ତୀ, ମାଉସୀମା ଓ କ୍ରିଷ୍ଣା ସ୍ୱୟଂସହାୟକ ଗୋଷ୍ଠୀକୁ ୬ନଂ ୱାର୍ଡରେ ଥିବା ଷଡଭୂଜ ଗୌରାଙ୍ଗ ମନ୍ଦିର ନିକଟରେ ଥିବା ପୋଖରୀର ପୁନଃ ନବୀକରଣ ଓ ସୌନ୍ଦର୍ଯ୍ୟକରଣ ଲାଗି ୨୯ଲକ୍ଷ୩୪ହଜାର୬୪୨ ଟଙ୍କାର ଏକ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟର ୭୫ଶତାଂଶ ସଂପୂର୍ଣ୍ଣ ହୋଇଥିବା ଦର୍ଶାଇ ବକେୟା ୧୪ଲକ୍ଷ୮୮ହଜାର୮୮୩ଟଙ୍କା ପୈଠ କରିବାକୁ ଉପରୋକ୍ତ ୫ଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନେ ସୋମବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ କାଉନ୍‌ସିଲର ଚନ୍ଦନ ଦାସଙ୍କ ନାମରେ ଅଭିଯୋଗ ଆଣିଥିଲେ । ଆଜି କାଉନ୍‌ସିଲର ଓ ୱାର୍ଡ ଡେଭଲପମେଣ୍ଟ କମିଟି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଏଚ୍‌ଜି ମହିଳାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହିତ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀରେ କାଉନ୍‌ସିଲର ଚନ୍ଦନ ଦାସ, ଡେଭେଲପମେଣ୍ଟ କମିଟି ସଭାପତି ହିମାଂଶୁ ଶେଖର ଦାସ, ହରିଶ୍ଚନ୍ଦ୍ର ଖଟୁଆ, କମଳ ଲୋଚନ ମହାପାତ୍ର, ସମର କରଣ, ସପନ ଗିରି, ସତ୍ୟନାରାୟଣ କର, ରଂଜନ ପାଳ, ଏକାଦଶୀ ପାଳ, ଶଙ୍କର ଭାଟ, ଝିଲି କରଣ, କାଞ୍ଚନ ଦାସ, ଅତୁଲ ଜେନା, ମିର ସିଦ୍ଧି, ମୌସୁମୀ ବିବି, ଏକିତା ବିବି, ଫାଲଗୁନୀ ପାଣିଗ୍ରାହୀ, ହାସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁକୁ ରାସ୍ତା ନାହିଁ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀଙ୍କ ଲାଗି ବିଭିନ୍ନ ଯୋଜନା ହୋଇଥିବାବେଳେ ସ୍ୱାଧୀନତାର ୭୫ବର୍ଷ ପରେ ଜଳେଶ୍ୱର ବ୍ଲକର ରାଇବଣିଆ ଅଂଚଳର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଜଳେଶ୍ୱର ବ୍ଲକ ଆଦିବାସୀ ଅଧୁଷିତ କଳମା ପଂଚାୟତର ଗୁଣ୍ଡୁରୀଶୋଳ ଗ୍ରାମର ରାଖାଲ ଚନ୍ଦ୍ର ସିଂ ଜଣେ ସ୍ୱାଧୀନତା ସଂଗ୍ରାମୀ । ସ୍ୱାଧୀନତା ପରେ ଦେଶ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବାବେଳେ ଗ୍ରାମାଞ୍ଚଳର ଗୁଣ୍ଡୁରିଶୋଳ ଗାଁକୁ ରାସ୍ତା ନିର୍ମାଣ ନ ହେବା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଘୋର ଅପମାନ ବୋଲି ସେ ଅଞ୍ଚଳର ବହୁ ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । କାଦୁଅ ପଚ ପଚ ଏହି ରାସ୍ତାରେ ପାଦରେ ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହେଉନାହିଁ । ଗାଁର ପ୍ରଦୀପ ସିଂ, ଈଶ୍ୱର ଚନ୍ଦ୍ର ସିଂ, କାର୍ତ୍ତିକ ଦତ୍ତ, ହରେନ୍ଦ୍ର ସିଂ, ଶ୍ରୀକାନ୍ତ ସିଂ, ଭରତଚନ୍ଦ୍ର ଦତ୍ତ, ଶମ୍ଭୁନାଥ ସିଂ, ଦୁର୍ଗାଶଂକର ସିଂ ଓ ଦେବଦତ୍ତ ସିଂ ପ୍ରମୁଖ ବ୍ଲକ ଠାରୁ ଜିଲା ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ଅବଗତ କରିଥିବା ସଂପର୍କରେ ସୂଚନା ଦେଇଛନ୍ତି ।

# ବିଶ୍ୱଜିତ ପରିବାରକୁ ଭେଟିଲେ ସାଂସଦ ରୁଦ୍ର ପାଣି

ତାଳଚେର(ଭାସ୍କର ନ୍ୟୁଜ୍): ଗତ କିଛିଦିନ ପୂର୍ବରୁ ତାଳଚେର ଦେଉଳବେଡା କଲୋନୀରେ ରହୁଥିବା ଲାଙ୍ଗୀଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକ କୁ ଅପହରଣ ଓ ହତ୍ୟା କରାଯାଇଥିଲା। ନିଖୋଜ ହେବାର ନଅ ଦିନ ପରେ ବିଶ୍ୱଜିତର ଗଳିତ ଶବ ତାଳଚେର ଥାନା ଶିବରାମପୁର ଜଙ୍ଗଲରୁ ମିଳିଥିଲା । ଏ ସଂକ୍ରାନ୍ତରେ ପୋଲିସ ଦୁଇ ଜଣକୁ ଗିରଫ କରିଛି । ଢେଙ୍କାନାଳ ସାଂସଦ ଦେଉଳବେଡା ସ୍ଥିତ ତାଙ୍କ ବାସଭବନ କୁ ଯାଇ ଶୋକ ସନ୍ତପ୍ତ ପରିବାର ତାଙ୍କ ବାପା ବିମଳ ନାଏକ ଏବଂ ସମସ୍ତ ସଦସ୍ୟ ବନ୍ଧୁ କୁଟୁମ୍ବଙ୍କୁ ଭେଟି ସମବେଦନା ଜଣାଇବା ସହ ପୋଲିସ ଆଇଜି ସତ୍ୟବ୍ରତ ଭୋଇ, ଏସ୍ପି ରାହୁଲ



ଜେନ ଓ ଏସ୍‌ଡିପିଓ ଭରତ ସାହୁଙ୍କୁ ଫୋନ କରି ହତ୍ୟାକାଣ୍ଡର ସଠିକ ତଦନ୍ତ କରାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ବିଧି ବ୍ୟବସ୍ଥା କରିବା ଉପରେ ପରାମର୍ଶ ଦେଇଥିଲେ। ସାଂସଦଙ୍କ ସହ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ମଣ୍ଡଳ ସଭାପତି ବରୁଣ ସାହୁ, ଜିତେନ୍ଦ୍ର ଦାସ, ଜଗଦୀଶ ସିଂହ, ସୁନୀଲ ପଟ୍ଟନାୟକ, କାଉନ ସିଲର ସ୍ୱାଧୀନ ଥମ୍ବ ,ବିନ୍ଦା ସିଂହ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଦଳିତ ଯୁବକଙ୍କୁ ମିଥ୍ୟା ଅଭିଯୋଗରେ ଗାଁ ଦାଣ୍ଡରେ କଙ୍ଗାରୁକୋର୍ଟ ଘଟଣା ||||||||||||||||||||

# ଏସ୍‌ପିଙ୍କୁ ଭେଟିଲେ ରାଜ୍ୟ ବିଜେଡ଼ି ଏସ୍‌ସି ସେଲ୍ ଆବାହକ



ତାଳଚେର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଆଇନ ଶୃଙ୍ଖଳା ବୃଦ୍ଧି ପାଇବା ସହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିଦିନ ଦୁର୍ନୀତି, ଅତ୍ୟାଚାର, ନାରୀ ନିର୍ଯାତନା, ହତ୍ୟା, ଲୁଟ୍ ଓ ଦୁଷ୍କର୍ମ ଭଳି ଘଟଣା ଗଣମାଧ୍ୟମରେ ପ୍ରମୁଖ ଶିରୋନାମା ପାଲଟିଛି । ଯାହାକି ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସଦ୍ୟ ଭାବେ ଏକ ଅଭାବନୀୟ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି ବିଜେଡି ଏସ୍‌ସି ସେଲ୍‌ଆବାହକ ମହେଶ ସାହୁ। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଖାରିଗୁମ୍ମା ଗ୍ରାମରେ ଦୁଇ ଦଳିତ ଯୁବକଙ୍କୁ ଗୋ ଚାଲାଣ କରୁଥିବା ର ମିଥ୍ୟା ଅଭିଯୋଗ ରେ ଅକଥନୀୟ ନିର୍ଯାତନା ଦେବା ସହ ଗାଁ ଦାଣ୍ଡରେ ଲଣ୍ଡା କରି ଆଣ୍ଠେଇ ବୁଲାଇବା ସହ ତାଙ୍କୁ ମଇଳା ଆବର୍ଜନା ପାଣି ପିଆଇ ଥିଲେ, ଯାହାକି ବର୍ବରତାର ସୀମା ଲଂଘିଛି। ତେବେ ଉଭୟ ସେଠାରୁ ଖସି ଆସି ଧରାକୋଟ ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ମୁଣ୍ଡ ଓ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୋଲିସ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଏହାକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିରେ ସାତରୁ ଆଠଜଣ ସଂପୃକ୍ତ ଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି। ଏଭଳି ଲଜ୍ଜାଜନକ ଘଟଣା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ଏବଂ ଏ ଘଟଣାର ଦୃଢ଼ ନିନ୍ଦା କରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଏବଂ ଦଳିତ ଆଦିବାସୀ ଙ୍କ ପ୍ରତି ଘଟିଥିବା ଘଟଣା ର ଉପଯୁକ୍ତ ତଦନ୍ତ କରିବା ସହ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡ଼ିଜି ଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଏସପି ଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ରାଜ୍ୟ ବିଜେଡ଼ି ଏସ୍‌ସି ସେଲର ଆବାହକ ମହେଶ ସାହୁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ନ ହେଲେ ଭୟାବହ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ବିଜୁଜନତା ଦଳର ଦଳିତ ନେତା ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ଏବଂ ବର୍ତ୍ତମାନ ସରକାରରେ ଦଳିତ ନିଷ୍ପେସିତ ମାନେ ସୁରକ୍ଷିତ ନାହାଁନ୍ତି ବୋଲି ଅନୁରୂପ ଅଭିଯୋଗ କରିଛନ୍ତି। ନିରୀହଙ୍କ ପ୍ରତି ଦେଖା ଦେଇଥିବା ନିର୍ଯାତନା ପ୍ରତି ସରକାର ଠୋସ ପଦକ୍ଷେପ ଗ୍ରହଣ ନ କଲେ ଏହାର ପ୍ରତିବାଦରେ ରାଜରାସ୍ତା ରେ ଲଢେଇ ହେବ ବୋଲି ଅନୁରୂପ ଚେତାବନୀ ଦେଇଥିବା ଏକ ପ୍ରେସ ବିବୃତି ରେ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।।

# ହିନ୍ଦୋଳ ଏନ୍‌ଏସିର ଦ୍ୱାଦଶ ସାଧାରଣ ସଭା

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଂଚଳର ଦ୍ୱାଦଶତମ ସାଧାରଣ ସଭା ମଙ୍ଗଳବାର ଏନଏସି ସଭାଗୃହରେ ଅଧକ୍ଷ କେଶବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ବୈଠକରେ ଏନଏସିର ସମସ୍ତ କାଉନସିଲର ଯୋଗ ଦେଇଥିଲେ। ବୈଠକରେ ଏନଏସି ର ଉନ୍ନତିମୂଳକ କାର୍ଯ୍ୟ ଯଥା ଟେଣ୍ଡର ଛାଡ଼ିବା, ଅଫିସ ପ୍ରୋଭାଇଡର ଅବଧି ବଢ଼ାଇବା, ୱାର୍ଡରେ ଇଲେକ୍ଟ୍ରିକ ଖୁଣ୍ଟ ପାଇଁ ଏପି,ଏମଏଲଏ ଲ୍ୟାଡ଼ ପ୍ରଦାନ କରିବାକୁ ଦାବି ରଖାଯାଇଥିଲା,ନୂତନ ଭତ୍ତା ପାଇଁ ସରକାରଙ୍କୁ ଜଣାଇବାକୁ ଅନୁରୋଧ କରାଗଲା। ବିଧାୟିକା ହିନ୍ଦୋଳ ବ୍ଲକ ଏନଏସି ମଧ୍ୟ ଭାଗରେ ଏକ ଇଣ୍ଡଷ୍ଟ୍ରି କରାଇବାର ପ୍ରସ୍ତାବ ସାଂସଦ ମହୋଦୟଙ୍କୁ ଦେବା ସହିତ ବହୁ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ୱାର୍ଡ ନଂ ୧୫ରେ ମୋବାଇଲ ଟାୱାର, ଚଣାବାରିଆ ରୁ ୱାର୍ନଂ ୬, ୱାର୍ଡ ନଂ ୧ରୁ ୱାର୍ଡ ନଂ ୨, ମେଡିକାଲ ଛକ ୱାର୍ଡ ୮ରୁ ରଙ୍କେଇମନ୍ଦିର ପର୍ଯ୍ୟନ୍ତ କନେକ୍ଟିଭ ରୋଡ଼ ପାଇଁ ସାଂସଦ ବିଧାୟିକାଙ୍କୁ ଅନୁରୋଧ କରାଯାଇ ପ୍ରସ୍ତାବ ପାରିତ କରାଯାଇଥିଲା। ଏଥିସହ ବହୁ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ସ୍ୱାସ୍ଥ୍ୟ ପରିମଳ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏନଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ପରିଚାଳନା କରିଥିଲେ। ଶେଷରେ ଉପାଧ୍ୟକ୍ଷା ପ୍ରତିମା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


# କାଶୀ ବିଶ୍ୱନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚାରବାଟିଆ ସ୍ଥିତ ଦେବୋତ୍ତର ଆୟୁକ୍ତ ତରଫରୁ ଅନୁମୋଦିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ନୂତନ କାଶୀନାଥ ବିଶ୍ୱନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାରବାଟିଆ ଅଂଚଳର ଜଗନ୍ନାଥ ଭକ୍ତ ସମାଜର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଆଗ୍ରାହାଟ ପଂଚାୟତରେ ଥିବା ବୈଦେଶ୍ୱର ମନ୍ଦିର ପୀଠରୁ ସମସ୍ତ ରୀତିନୀତି ସହକଳସରେ ପାଣି ଭରି ମନ୍ଦିର ପ୍ରାଙ୍ଗଣକୁ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ସାହାଯ୍ୟ ସହଯୋଗ କରିଥିବା ବେଳେ ମନ୍ଦିରର ଟ୍ରଷ୍ଟି ଶୁଭେନ୍ଦୁ ସାମଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ପୁରୀରୁ ଆସିଥିବା ବୈଦିକ ପଣ୍ଡିତ ବିଷ୍ଣୁ ନାରାୟଣ ପାଢୀ, ଦେବଦତ୍ତ ଦାଶ, ଜୟୀରାଜ ପାଢ଼ି, ବିଜୟ କୁମାର ମିଶ୍ର, ରାଜୀବ କୁମାର ଆଚାର୍ଯ୍ୟ ପୂଜାକାର୍ଯ୍ୟ କରୁଥିବା ବେଳେ କର୍ତ୍ତାକର୍ତ୍ତୀ ଭାବେ ଦୀପ୍ତିରଂଜନ ସାମନ୍ତରାୟ ଓ ସୁଜାତା ସାମନ୍ତରାୟ କାର୍ଯ୍ୟ ନିର୍ବାହ କରିଛନ୍ତି ।



# ୮ମ ବେତନ କମିଶନ ସୁବିଧା ନେଇ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ମାରକପତ୍ର

ଜଳେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାର ୮ମ ବେତନ କମିଶନ ଲାଗୁ ପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରିଥିବା ବେଳେ ଓଡିଶାରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଅଦ୍ୟାବଧି ମିଳିନାହିଁ। ବଜାର ଦର ଆକାଶଛୁଆଁ ହୋଇଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀ ପୂର୍ବରୁ ପାଇ ଆସୁଥିବା ପେନ୍‌ସନ ଗଣ୍ଡାକରେ ଗୁଜୁରାଣ ମେଣ୍ଟାଇ ପାରୁନଥିବାରୁ ଜଳେଶ୍ୱରର ଅବସର ରାଜ୍ୟ କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷଙ୍କୁ ପ୍ରଦାନ କରିଛନ୍ତି । ୧୯୭୨ ମସିହା ସେଣ୍ଟ୍ରାଲ ସିଭିଲ ସର୍ଭିସ ରୁଲ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସମସ୍ତ କର୍ମଚାରୀ ମାନଙ୍କୁ ୮ମ ବେତନ କମିଶନ ଆଧାରରେ ପେନ୍‌ସନ ଦିଆଯିବା ନିୟମ ରହିଛି । କିନ୍ତୁ ଅଦ୍ୟାବଧି ତାହା ହୋଇପାରିନାହିଁ । ଅତିଶୀଘ୍ର



ଏହାକୁ କାର୍ଯ୍ୟକାରୀ କରିବାଲାଗି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁ, ସଂପାଦକ କପିଳେଶ୍ୱର ମହାନ୍ତି, ଇଂ ଶ୍ରୀମନ୍ତ ଘୋଷ, ପ୍ରଫୁଲ୍ଲ ମହାନ୍ତି, ଶଶିକାନ୍ତ ପ୍ରଧାନ, ରଜତ କୁମାର ଦାସ, ବିଶ୍ୱନାଥ ଘୋଷ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବିପଦସଙ୍କୁଳ ଗୃହ ଭାଙ୍ଗୁନି କି ନୂତନ ନିର୍ମାଣ ହେଉନି

## ସମସ୍ୟାଘେରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ରାଙ୍କି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ସମସ୍ୟା ଯୋଗୁଁ ଶିକ୍ଷାଦାନରେ ସମସ୍ୟା ଦେଖାଦେଇଛି । କେନ୍ଦୁଝର ଆଇଟିଡିଏ ତରଫରୁ ନିର୍ମାଣ ହୋଇଥିବା ଏକ ଶ୍ରେଣୀ ଗୃହ ଦୀର୍ଘ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡିରହିଛି । ସ୍ଥାନୀୟ ଲୋକ ଏ ସମସ୍ୟା ନେଇ ବାରମ୍ବାର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ସଦର ବିଡିଓଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ଆଜି ଏ ସମ୍ପର୍କରେ ରାଙ୍କି ଗ୍ରାମର ମନୋଜ କୁମାର ବାରିକ ଜିଲ୍ଲାପାଳଙ୍କୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ଜଣାଇଛନ୍ତି। ସ୍କୁଲ ପରିସରରେ ଅନ୍ୟ ଏକ ଅସୁରକ୍ଷିତ ଘର ମଧ୍ୟ ଦୀର୍ଘ ବର୍ଷ ଧରି ରହିଥିଲେ ମଧ୍ୟ ଭଙ୍ଗା ଯାଉନଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ଆଶଙ୍କା ରହିଛି। ସେହିପରି ବିଦ୍ୟାଳୟର ପାଚେରୀ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ନୂତନ ପାଚେରୀ କରିବାକୁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ୨୦୭ଟି ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହ ସମସ୍ୟା ରହିଛି। କେଉଁଠି ଗୋଟିଏ ଶ୍ରେଣୀ ଗୃହରେ ପାଠ ପଢା ଚାଲିଛି ତ କେଉଁଠି ସ୍କୁଲ ଅଗଣାରେ ପାଠ ପଢା ଚାଲିଛି। ପୂର୍ବରୁ ସମଗ୍ର ଶିକ୍ଷା ଅଭିଯାନରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଉ ଥିବାବେଳେ ଏବେ ଏହା ପଂଚାୟତରାଜ ବିଭାଗ ଅଧିନକୁ ଆସିଛି । ସରକାର ହାଇସ୍କୁଲଗୁଡିକୁ ୫ଟି ଅଧିନରେ ରୂପାନ୍ତରୀକରଣ କରିଛନ୍ତି । ମାତ୍ର ପ୍ରାଥମିକ ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେଉନଥିବାରୁ ଅନେକ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଶ୍ରେଣୀ ଗୃହ ସମସ୍ୟା ଦେଖାଦେଇଛି। ଅନେକ ବିଦ୍ୟାଳୟର ମାତ୍ର ଗୋଟିଏ ଗୋଟିଏ ଶ୍ରେଣୀ କକ୍ଷରେ ପାଠ ପଢା ହେଉଛି । ବିଦ୍ୟାଳୟ ପରିସରରେ ଥିବା ବିପଦପୂର୍ଣ୍ଣ ଜରାଜୀର୍ଣ୍ଣ ଓ ପୁରୁଣା କୋଠାଗୁଡିକ ଭଙ୍ଗାଯାଇ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଉନାହିଁ। ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିପଦଜ୍ଜନକ ଘର ଭଙ୍ଗାଯାଇ ନୂତନ ଘର ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅସୁରକ୍ଷିତ ଅବସ୍ଥାରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଗୃହ ଗୁଡିକରେ ବ୍ୟବହାର ଯୋଗ୍ୟ ନଥିବା ବୋର୍ଡ ଲାଗୁନାହିଁ । ତୁରନ୍ତ ବିପଦସଙ୍କୁଳ ଘର ଗୁଡିକୁ ଚିହ୍ନଟ କରି ଏହାକୁ ଭାଙ୍ଗି ନୂତନ ଘର ନିର୍ମାଣ କରିବାକୁ ଦାବୀ ହେଉଛି ।

# ଖାଦ୍ୟ ସୁରକ୍ଷା ଓ ପୌର ପରିଷଦ ପକ୍ଷରୁ ମିଳିତ ଚଢଉ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ଠାରେ ୨୦ ଟି ହୋଟେଲ ଓ ଜଳଖିଆ ଦୋକାନ ଉପରେ ଖାଦ୍ୟ ସୁରକ୍ଷା ବିଭାଗ ଓ ପୌର ପରିଷଦ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଆଇନ ଉଲଂଘନକାରୀଙ୍କ ଠାରୁ ୧୮ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମିଠା ଦୋକାନ, ହୋଟେଲ, ବେକରୀ, ଲସି ଦୋକାନରେ ଅତର୍କିତ ଚଢ଼ଉ କରାଯାଇ ଖିଲାପକାରୀଙ୍କ ଠାରୁ ୧୮୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ମାଲକାନଗିରିରେ ଅଣୁଜୀବ ପରୀକ୍ଷା ପାଇଁ ପାଣି ନମୁନା, କ୍ରିମ୍ ନମୁନା, ପନିର ନମୁନା ନିଆଯାଇଛି। ଏହି ଚଢଉରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଅଣୁଜୀବ ବିଜ୍ଞାନୀ ପ୍ରଣବିକା ସିଂହ ଙ୍କ ସହିତ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ପୌରପାଳିକା କର୍ମଚାରୀ ଙ୍କ ସହ ପୋଲିସ ଟିମ ଉପସ୍ଥିତ ଥିଲେ ସାରା ଓଡ଼ିଶାର ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ବିଭିନ୍ନ ଫାଷ୍ଟ ଫୁଡ, ହୋଟେଲ ଏବଂ ଜଳଖିଆ ଦୋକାନ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୌରପାଳିକା ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ବାସିଖାଦ୍ୟ ସହ ବିଭିନ୍ନ ଦୋକାନରେ ବ୍ୟବହାର ହେଉଥିବା ପାଣିର ନମୁନା ସଂଗ୍ରହ କରାଯାଇ ଯେପରି ସମସ୍ତ ହୋଟେଲ ଓ ଦୋକାନ ମାଲିକ ମାନେ ସରକାରୀ ନିୟମର ପାଳନ କରି ସ୍ୱଚ୍ଛ ପରିବେଶ ମଧ୍ୟରେ ଖାଦ୍ୟ ପ୍ରସ୍ତୁତ କରିବେ ସେନେଇ ତାଗିଦ କରିଛନ୍ତି।

ଓଡ଼ିଶା
ଭାସ୍କର
ODISHA BHASKAR

# ମହାନଗର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସଚ୍ଚିଦାନନ୍ଦ ବେହେରା । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର । ସମ୍ମାନର ମୁଖ୍ୟବକ୍ତା ସଚ୍ଚିଦାନନ୍ଦ ବେହେରା କହିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏ ମାଟିର ଆରାଧ୍ୟ ଠାକୁର, ଏ ଜାତିର ପ୍ରାଣ ସ୍ପନ୍ଦନ । କୋଟି କୋଟି ଓଡ଼ିଆଙ୍କ ଭକ୍ତ ଭାବନାର ପ୍ରତୀକ । ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ସାଂସ୍କୃତିକ ଚେତନାର କେନ୍ଦ୍ରବିନ୍ଦୁ । ଓଡ଼ିଆ ଘରେ ପାଳିତ ହେଉଥିବା ପ୍ରତ୍ୟେକ ଓଷା, ବ୍ରତ ଓ ପର୍ବପର୍ବାଣିର ସେ ହେଉଛନ୍ତି ଚଳନ୍ତି ପ୍ରତିମା । ଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା ।



### ଇ-ରେଜିଷ୍ଟ୍ରେସନ ମୋବାଇଲ ଆପ୍ ଉନ୍ମୋଚିତ

## ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ବଡ ମାଇଲଷ୍ଟୋନ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡିଶା ଖୁବ ସଫଳ। ଗତ ବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ଆମେ ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରିଥିଲୁ। ଆମର ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବାକୁ ପଡିବ।



ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ ମୋବାଇଲ ଆପର ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ଆପ୍‌ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇ-ରେଜିଷ୍ଟ୍ରେସନ ଆପ୍ ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ ମାଇଲଷ୍ଟୋନ। ଏହି ଆପ୍ ମଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ ମାଧ୍ୟମରେ ରେଜିଷ୍ଟ୍ରେସନ ଡିଡ୍ ପାଇଁ ସ୍ଲଟ ବୁକିଙ୍ଗ, ସାର୍ଟିଫାଏଡ କପି ଓ ଇସି ପାଇଁ ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍ ରେଜିଷ୍ଟ୍ରାର ଅଫିସ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାସଲେସ ହୋଇପାରିଛି। ଏହାଦ୍ୱାରା ସବ୍ ରେଜିଷ୍ଟ୍ରାର ଅଫିସରେ ଅଯଥା ଭିଡ ମଧ୍ୟ ହ୍ରାସ ହୋଇପାରିବ। ରାଜସ୍ୱ ବିଭାଗର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନା ମାଧ୍ୟମରେ ସରକାର ୧୬,୭୨୭ ଜଣ ବାସଗୃହ ବିହୀନ ଲୋକଙ୍କୁ ଘରବାଡି ପଟ୍ଟା ଯୋଗାଇ ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଲୋକଙ୍କ ସରକାର ଲୋକଙ୍କ କାମ କରୁଛନ୍ତି। ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ଭାବେ ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ସାତ ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ଓଡିଶାକୁ ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଭାରତର ଶ୍ରେଷ୍ଠ ରାଜ୍ୟ ହେବା ଆବଶ୍ୟକ। ତେଣୁ ଆମକୁ ଆହୁରି କଠୋର ପରିଶ୍ରମ କରିବାକୁ ପଡିବ ଓ ଆହୁରି ସଫଳତା ହାସଲ କରିବାକୁ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀ ମାନେ ଯୋଗଦେଇଥିଲେ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

## ଜନକୈନ୍ଦ୍ରିକ ଶାସନ ପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ବୁଧବାର ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜନକୈନ୍ଦ୍ରିକ ଶାସନ ପରିଚାଳନା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଉପରେ ମୁଖ୍ୟ ଶାସନ ଗୁରୁତ୍ୱ ଦେଇଛନ୍ତି । କାର୍ଯ୍ୟକାରୀ ହେଉଥିବା ଜନଶୁଣାଣି ବ୍ୟବସ୍ଥାରେ ବୈଷୟିକ ଜ୍ଞାନ କୌଶଳ କିପରି ସହାୟକ ହୋଇଛି, ସେ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା । ୨୦୨୪ ଜୁନ ମାସ ଠାରୁ ବିଭିନ୍ନ ମାଧ୍ୟମରେ ଗୃହୀତ ହୋଇଥିବା ଜନ ଅଭିଯୋଗ ମଧ୍ୟରେ ଅଦ୍ୟାବଧି ଶୁଣାଣି



ଫଇସଲା ହାର ୮୨% ହୋଇଛି । ବୈଠକରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଥିବା ଅଭିଯୋଗଗୁଡିକ ପାଇଁ ଟେକ୍ନୋଲୋଜି ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଆଲୋଚନା କରାଯାଇଛି । ଏଥି ସହିତ ବୈଠକରେ ୨୦୨୫-୨୬ ବଜେଟ୍ ପ୍ରାବଧାନ ଅନୁସାରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ବାବଦରେ ଅଦ୍ୟାବଧି ଖର୍ଚ୍ଚ, ରାଜ୍ୟର ସାମଗ୍ରିକ ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗର ଖର୍ଚ୍ଚ ବୃଦ୍ଧି ସମ୍ପର୍କରେ ନିୟମିତ ସମୀକ୍ଷା କରିବାକୁ ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ କରାଯାଇଛି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ୍ ଆଡମିନଷ୍ଟ୍ରେସନ (ଆଇଆଇପିଏ), ନିଉ ଦିଲ୍ଲୀ ଦ୍ୱାରା 'ଓଡ଼ିଶାର ଜିଲ୍ଲାମାନଙ୍କରେ ସୁଭଦ୍ରାର ପ୍ରଭାବ' ବିଷୟ ଉପରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଇଆଇଏମ ସମ୍ବଲପୁର ସହଯୋଗରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ କଲେଜ ଝିଅ (ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ,ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ। ସୁଭଦ୍ରା ସହାୟତାର ସଠିକ ଉପଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ହିତାଧିକାରୀମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା ବିକାଶ ବିଭାଗ ସହ ଆଲୋଚନା ମଧ୍ୟ କରାଯାଇଛି। ସୁଭଦ୍ରା ସହାୟତାର ଉପଯୋଗକୁ ନିରନ୍ତର ଭାବେ ସମୀକ୍ଷା କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କଲା ଯୁବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଜ୍ୟରେ ଦଳିତଙ୍କ ଉପରେ ଅମାନୁଷିକ ଆକ୍ରମଣ, ମହିଳା ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ଓଡ଼ିଆ ଅସ୍ମିତାର ଦୂରାବସ୍ଥା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଘେରାଉ କରିଥିଲେ। ଯୁବ କଂଗ୍ରେସକର୍ମୀ ମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ସେମାନେ ଅଣ୍ଡା ଟମାଟୋ ମାଡ଼ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଲାବେଳେ ପୋଲିସ ସହ




ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୋଲିସ ସମସ୍ତ ଯୁବ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ ଯୋଗଦେଇ କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସହ ଓଡ଼ିଆ ଅସ୍ମିତା ସଂକଟରେ ପଡ଼ିଛି। ପାଖାପାଖି ୯୦ ଶତକଡ଼ାରୁ ଅଧିକ ଅଣଓଡ଼ିଆ ଠିକାଦାରମାନେ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଣଓଡ଼ିଆ ମାନେ ଆଜି ଓଡ଼ିଶାକୁ ଲୁଟ କରିବାରେ ବ୍ୟସ୍ତ। ମାତ୍ର ଓଡ଼ିଆ ଠିକାଦାର ମାନେ ହାତବାନ୍ଧି ବସିଛନ୍ତି। ଏହି ସରକାରକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଚଲାଉ ନାହାନ୍ତି। ଦିଲ୍ଲୀରୁ ରିମୋଟକଣ୍ଟ୍ରୋଲରେ ଏ ସରକାର ଚାଲିଛି। ଏଥିରୁ ସ୍ପଷ୍ଟ ଯେ ବିଜେପିର ଓଡ଼ିଆ ଅସ୍ମିତାର ଆହ୍ୱାନ ଏକ ପ୍ରହସନରେ ପରିଣତ ହୋଇଛି।ଗୃହ ବିଭାଗକୁ ଚଳାଇବାପାଇଁ ଅକ୍ଷମ ମୁଖ୍ୟମନ୍ତ୍ରୀଙ୍କର ଇସ୍ତଫା ଯୁବ କଂଗ୍ରେସ ଦାବି କରିଛି। ଯଦି ସେ ଇସ୍ତଫା ନଦିଅନ୍ତି ତେବେ ତାଙ୍କର ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବ।

## ବିଜେପି ପାଖରେ ଇସ୍ୟୁ ନାହିଁ: ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ସମ୍ବିଧାନ ହତ୍ୟା ଦିବସ ପାଳନ କରିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ସରକାରଙ୍କୁ ଚାଷୀଙ୍କ ସମସ୍ୟା, ହଇଜା ରୋଗ, ନାରୀ ନିର୍ଯାତନା, ବେକାରୀ ସମସ୍ୟା, ଶିକ୍ଷକ ଅଭାବୀ, ଡାକ୍ତର ଅଭାବ ଦେଖାଯାଉନାହିଁ। କାମ କରିବା ପାଇଁ ଅନେକ ସମସ୍ୟା ରହିଛି, ସେ ଦିଗ ଉପରେ ବିଜେପି ଦଳ କାମ କରିବା ଦରକାର। ସମ୍ବିଧାନ ଆମକୁ ବି ଅଧିକାର ଦେଇଛି ଆମେ ମଧ୍ୟ ସାରା ଭାରତବର୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ହତ୍ୟା ଦିବସ ପାଳନ କରିପାରିବୁ।

## ବିଏମ୍‌ସିର ୩୨ ତମ ସାଧାରଣ ପରିଷଦ ବୈଠକ ଶେଷ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)୩୨ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଞ୍ଜିନିୟର ବିଳାଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧି, ବିଏମ୍ ସିର ସମସ୍ତ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ବର୍ଷା ଅଧିକ ହେବାର ସମ୍ଭାବନା ଥିବାରୁ ସେଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ନେଇ ଆଲୋଚନା ହୋଇଥିଲା । ଏହି ୩୨ ତମ ସାଧାରଣ ପରିଷଦ ବୈଠକର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ।

## ହସ୍ପିଟାଲରେ ନବୀନଙ୍କୁ ଭେଟିଲେ ବିଜେଡି ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ତଥା ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କୁ ବିଜେଡି ନେତାମାନେ ସାକ୍ଷାତ କରିଛନ୍ତି। ବିଜେଡି ନେତା ସଂଜୟ ଦାସବର୍ମା ଏନେଇ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରବଣ ବଳବନ୍ତରାୟ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ଶୁଶାନ୍ତ ରାଉତ, ବିଧାୟକ ସଞ୍ଜିବ ମଲ୍ଲିକ, ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଏବଂ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି। ଏହାସହ ନବୀନଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ସହିତ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅଧିକ ଆଲୋଚନା କରଥିଲେ।

## ରାଜ୍ୟରେ ୨୦୩୬ ସୁଦ୍ଧା ୫୦% ଇଭି ପଞ୍ଜୀକରଣ ଲକ୍ଷ୍ୟ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜୀକରଣରେ ଅତି କମରେ ୫୦% ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତି ନିଆଯାଇଥିଲା।

## ବର୍ଷାରେ ବେହାଲ ଟ୍ୱିନସିଟି: ବର୍ଷା ଜଳରେ ଭାସିଲା ମର୍କତନଗର, ଭିଏସ୍ଏସ୍ ନଗର

କଟକ/ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବର୍ଷାରେ ବେହାଲ ହୋଇଛି ଟ୍ୱିନସିଟ। ଦିନତମାମ ମେଘୁଆ ପାଗ ଜାରି ରହିଥିବା ବେଳେ ଅପରାହ୍ଣରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ରାଜଧାନୀର ତଳିଆ ଅଞ୍ଚଳଗୁଡିକ ଜଳମଗ୍ନ ହେବା ସହ ଭିଏସ୍ଏସ୍ ନଗର, ପଳାଶୁଣି, ରସୁଲଗଡ, ବମିଖାଲ ଜଳମଗ୍ନ ହୋଇଥିଲା। ସେହିପରି ବର୍ଷାରେ କଟକ ସହରର ଗଳିକନ୍ଦିରେ ବନ୍ୟା ଭ୍ରମ ସୃଷ୍ଟି କରିଛି । ସହରତଳି ବିଭିନ୍ନ ସ୍ଥାନରେ ବର୍ଷା ପାଣି ଲୋକଙ୍କ ଘରେ ପଶିଯାଇଛି । କଟକ ସହରର ବାଦାମବାଡି ପୁରୁଣା ବସ୍‌ଷ୍ଟାଣ୍ଡ, ଲିଙ୍କରୋଡ୍‌ରେ ବର୍ଷା ପାଣି ଲହଡି ମାରୁଥିବା ଯୋଗୁ ଯାନବାହାନ ଚଳାଚଳରେ ମଧ୍ୟ ବ୍ୟାହତ ହୋଇଥିଲା । ବସ୍‌ଷ୍ଟାଣ୍ଡ ନିକଟରେ ପ୍ରବଳ ବର୍ଷା ପାଣି ଯୋଗୁ ସେହି ରାସ୍ତାରେ ଦୁଇ ଚକିଆ ତଥା ଚାରି ଚକିଆ



ଯାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ଅନ୍ୟପକ୍ଷରେ କଟକ ସହରର ତଳିଆ ଅଞ୍ଚଳରେ ନଳା ପାଣି ରାସ୍ତା ଉପରେ ଲହଡି ମାରିବା କାରଣରୁ ଦୀର୍ଘ ସମୟରେ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା । ବିଶେଷ କରି ସହରର ପିଠାପୁର, ଫ୍ରେଣ୍ଡସ୍ କଲୋନୀ, ଖାନନଗର, ହାଇକୋର୍ଟ କଲୋନୀ, କମଳପୁର, ଶଗଡିଆସାହି, ତଅଁଳାସାହି, ତୁଳସୀପୁର, ହରିପୁର, ସେମିନାର୍ ଛକ, ସୁତାହାଟ, ଶଙ୍କରପୁର ଭଳି ସ୍ଥାନରେ ଦୀର୍ଘ ସମୟ ଧରି ଆବର୍ଜନା ଓ ଡ୍ରେନ୍ ପାଣି ଜମା ହୋଇ ରହିଥିଲା । ବୁଧବାର ହୋଇଥିବା ବର୍ଷାରେ ହାଇକୋର୍ଟ ବାର୍ ଆସୋସିଏସନ୍‌ରେ ମଧ୍ୟ ପାଣି ପଶିଯାଇଥିଲା । ସେହିପରି ମର୍କତନଗର ସେକ୍ଟର୍ ୬, ସେକ୍ଟର୍ ୭ ଓ ଅନ୍ୟାନ୍ୟ ସେକ୍ଟର୍ ବର୍ଷା ଜଳରେ ଭାସୁଥିବାର ଦୃଶ୍ୟମାନ ହୋଇଛି । ବିଶେଷ କରି ମର୍କତନଗରର ସେକ୍ଟର୍ ୬ ଓ ୭ ଜଳବନ୍ଦୀ ହୋଇ ବର୍ଷା ଜଳରେ ଭାସୁଛି। ମହାନଗର ନିଗମ ପକ୍ଷରୁ କଟକ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ସହରର ନାଳନର୍ଦ୍ଦମା ଠିକ୍ ଭାବେ ସଫେଇ କରାଯାଉନଥିବାରୁ ବର୍ଷାରେ ସହରର ଅବସ୍ଥା ବେହାଲ୍ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି ।


**ରଥଯାତ୍ରା ସମୟରେ**
ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ । ଏହି ସମୟରେ ପୁରୀ, କେନ୍ଦ୍ରାପଡା, ବାରିପଦା, କେଉଁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନରେ ପ୍ରବଳ ଜନସମାଗମ ହେବ । ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧିକ ଥିବାର ଅନୁଭୂତ ହେଉଛି । ଏଥରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ ।

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ /ବାସି ଖାଦ୍ୟ/ପଚା ଫଳମୂଳ/ ଦହିବରା, ଗୁପଚୁପ, ସରବତ୍, ଲସି ଆଦି ଗ୍ରହଣ କରନ୍ତୁ ନାହିଁ
- ଥଣ୍ଡା କାଶ, ଜ୍ୱର, ଝାଡା କିମ୍ବା ବାନ୍ତି ଆଦି ଲକ୍ଷଣ ଥିବା ବ୍ୟକ୍ତି, ବୟୋବୃଦ୍ଧ, ଭିନ୍ନକ୍ଷମ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଭିଡ଼ ମଧ୍ୟକୁ ନଆସି ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ
- ଖରା ହେଉଥିଲେ ମୁଣ୍ଡରେ ଟୋପି / ଓଦା ଗାମୁଛା ବ୍ୟବହାର କରନ୍ତୁ
- ରାତ୍ର ରହଣି ଥିଲେ ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ପରାମର୍ଶ କରନ୍ତୁ
- ଆମ୍ବୁଲାନ୍ସ ସେବା ପାଇଁ ୧୦୮ ଏବଂ ସ୍ୱାସ୍ଥ୍ୟ ସୂଚନା ପାଇଁ ୧୦୪ କୁ ଦେୟମୁକ୍ତ ଫୋନ୍ କରନ୍ତୁ

OIPR 10003/13/0215/2526
DSPL- 145

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## ବଜ୍ରପାତର ଭୟାବହତା

# ଅସୁରକ୍ଷିତ ମନୁଷ୍ୟ ଓ ଧର୍ମପୀଠ

କିଛିବର୍ଷ ପୂର୍ବେ ଆମ ରାଜ୍ୟ ତଥା ଦେଶରେ ବନ୍ୟା, ବାତ୍ୟା ଓ ଭୂମିକମ୍ପ ଆଦିକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ବିବେଚନା କରାଯାଉଥିଲା। ଏଥିରେ ପ୍ରତିବର୍ଷ ବହୁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ପଡୁଥିଲା। ମାତ୍ର ଏଇ କିଛିଦିନ ହେଲା ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ଅତୀତର ସମସ୍ତ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁସଂଖ୍ୟାକୁ ଟପିଯିବା ସଙ୍ଗେ ସଙ୍ଗେ ମନୁଷ୍ୟ ସମାଜ ପାଇଁ ଏକ ସାଂଘାତିକ ବିପଦ ରୂପେ ମୁଣ୍ଡ ଟେକିଛି। ଆଜିକାଲି ଖବରକାଗଜ ପୃଷ୍ଠା ଓଲଟାଇଲେ ବଜ୍ରପାତଜନିତ ମୃତ୍ୟୁଖବର ପ୍ରାୟତଃ ନଜରକୁ ଆସୁଛି। ବର୍ଷା ସହ ବଜ୍ରପାତ ଏବଂ ସେଥିରେ ମଣିଷ ଓ ପଶୁପକ୍ଷୀଙ୍କ ମୃତ୍ୟୁ ସତେ ଯେପରି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସାଧାରଣତଃ ବିଲରେ କୃଷି କାର୍ଯ୍ୟ କରୁଥିବା ଚାଷୀ, ବର୍ଷାରୁ ରକ୍ଷା ପାଇବା ପାଇଁ ଗଛମୂଳେ ଆଶ୍ରୟ ନେଉଥିବା ପଥଚାରୀ, ଖୋଲା ପଡ଼ିଆରେ ଖେଳୁଥିବା ଖେଳାଳି କିମ୍ବା ରାସ୍ତାରେ ଯାଉଥିବା ବାଇକ୍ ଆରୋହୀ ଅଧିକ ସଂଖ୍ୟାରେ ବଜ୍ରପାତର ଶିକାର ହୋଇଥାନ୍ତି। ଇତିମଧ୍ୟରେ ଆମ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରି ସାରିଛି ଏବଂ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ବର୍ଷା ହେଉଛି। ବର୍ଷାର ଆଗମନକୁ ସବୁ ମହଲରେ ସ୍ୱାଗତ କରାଯାଉଥିଲେ ହେଁ ଏହାର ସବୁଠାରୁ କ୍ଷତିକାରକ ଦିଗଟି ହେଉଛି ବର୍ଷା ସହିତ ହେଉଥିବା ବିଜୁଳି ଓ ବଜ୍ରପାତ ଏବଂ ଏଥିରେ କାହାରି ନା କାହାରି ମୃତ୍ୟୁ। ମଝିରେ ମଝିରେ ମୌସୁମୀ ବର୍ଷା କିମ୍ବା କାଳବୈଶାଖୀ ଯୋଗୁଁ ଗୋଟିଏ ଗୋଟିଏ ଦିନରେ ମୃତ୍ୟୁସଂଖ୍ୟା ୧୫କୁ ଟପି ଯାଉଛି। ଯେକୌଣସି ସମୟରେ ବର୍ଷା ଆସିଲେ ବଜ୍ରପାତଜନିତ ମୃତ୍ୟୁ ଯେପରି ସୁନିଶ୍ଚିତ ମନେ ହେଉଛି। ଦୁଇଦିନ ପୂର୍ବେ ଢେଙ୍କାନାଳ ଜିଲ୍ଲାରେ ଅବସ୍ଥିତ ବିଶ୍ୱପ୍ରସିଦ୍ଧ ଯୋରଣ୍ଡା ମହିମା ଗାଦିରେ ବଜ୍ରପାତ ହୋଇ ମନ୍ଦିର ପୂର୍ବ ମୁଖଶାଳାର ଦଧିନଉତି ଭାଙ୍ଗିଯିବା ଘଟଣା ଭକ୍ତମାନଙ୍କୁ ବିଶେଷ ଭାବରେ ମର୍ମାହତ କରିଛି। ରବିବାର ରାତ୍ରୀ ସାଢ଼େ ଗୋଟାଏରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ସେତିକିବେଳେ ଖୁବ୍ ଜୋରରେ ବଜ୍ରପାତ ଘଟି ମୁଖଶାଳା ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ମନ୍ଦିରରେ ଆର୍ଥିଙ୍ଗ ବ୍ୟବସ୍ଥା ନଥିବାରୁ ଏହା ଘଟିଥିବାର ଅନୁମାନ କରାଯାଉଛି। କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏଇ କିଛିବର୍ଷ ମଧ୍ୟରେ ମହିମା ଗାଦି ମନ୍ଦିର ପରିସରରେ ତିନିଥର ବଜ୍ରପାତ ହେଲାଣି। ଗତ ୨୦୧୫ ମସିହାର ବଜ୍ରପାତରେ ମନ୍ଦିରର ସପ୍ତଫେଣି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ଠିକ୍ ଦୁଇବର୍ଷ ପରେ ପୁଣି ଥରେ ବଜ୍ରପାତ ଘଟି ମନ୍ଦିରର ପଶ୍ଚିମ ମୁଖଦ୍ୱାର ମୁଖଶାଳାର ଦଧିନଉତି କ୍ଷତିଗ୍ରସ୍ତ ହୋଇଥିଲା। ଏହି ଘଟଣା ପ୍ରମାଣିତ କରୁଛି ଯେ, କେବଳ ମନୁଷ୍ୟ ଜୀବନ ନୁହେଁ, ଧର୍ମପୀଠ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ମଧ୍ୟ ବଜ୍ରପାତ ଯୋଗୁଁ ଅସୁରକ୍ଷିତ ହୋଇପଡ଼ିଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତ ତିନିମାସ ମଧ୍ୟରେ ରାଜ୍ୟରେ ବଜ୍ରପାତ ୪୦ରୁ ଅଧିକ ଜୀବନ ନେଇଥିବା ବେଳେ ଏଗାର ବର୍ଷ ଭିତରେ ୩ ହଜାର ୮୦୦ ଲୋକଙ୍କର ମୃତ୍ୟୁ ଘଟିଛି। ବଜ୍ରପାତ ଯୋଗୁଁ ସାରା ଦେଶରେ ସର୍ବାଧିକ ଲୋକ ଓଡ଼ିଶାରେ ହିଁ ପ୍ରାଣ ହରାଉଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏହି ବିଭୀଷିକା ଭଣା ଅଧିକ ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ବଜ୍ରପାତକୁ ଜାତୀୟ ବିପର୍ଯ୍ୟୟ ତାଲିକାରେ ଏ ଯାବତ୍ ସ୍ଥାନ ଦିଆନଯିବା ବାସ୍ତବିକ କ୍ଷୋଭର ବିଷୟ। ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏଥିଲାଗି ବହୁବାର ଦାବି ଉପସ୍ଥାପନ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଓଡ଼ିଶା ସରକାର ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ୨୦୧୫ ମସିହାରୁ ବ୍ୟବସ୍ଥା କରିଛନ୍ତି। ପ୍ରାୟ ପ୍ରତିଦିନ ନିରୀହ ଲୋକଙ୍କ ଜୀବନ ଲୁଟି ନେଉଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ ରହିବା ଦିଗରେ ଜନସଚେତନତା ସୃଷ୍ଟି ଏକାନ୍ତ ଜରୁରି।

## ନୀତିବାଣୀ

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ରଥଯାତ୍ରା ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି । ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା। ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ। ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ୍ ଆବଣ୍ଟନ ପରିମାଣ ୨୦୦୯-୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫-୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି। ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ ହୋଇଛି। ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟୱର୍କ ଠାରୁ ଅଧିକ ଲମ୍ବା। ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି। ୫୯ଟି ଅମୃତ ଷ୍ଟେସନ ବିକଶିତ କରାଯାଉଛି। ଏଥିମଧ୍ୟରୁ ୧୬ଟି ଷ୍ଟେସନ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ରହିଛି। ୬ଟି ବନ୍ଦେ ଭାରତ ଟ୍ରେନ୍ ରାଜ୍ୟର ୧୭ଟି ଜିଲ୍ଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି। ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥ ଯାତ୍ରା ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ। ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ସମେତ ମୋଟ୍ ୧୨୧୫ଟି ଟ୍ରେନ୍ ସେବା ଯୋଗାଇ ଦିଆଯାଉଛି। ଏହି ରେଳ ସେବା ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ। ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା ସେବା ପରମୋ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ। ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି। ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇ ଦେବାକୁ ରେଳବାଇ ପ୍ରସ୍ତୁତ। ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି। ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ୍, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କୁ ପ୍ରାୟ ୨.୫ ଲକ୍ଷ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସଫେଇ ମେସିନ୍ ଏବଂ ସ୍ୱେରେଜ୍ ସକ୍ସନ୍ ଟ୍ରକ୍ ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିସନ୍ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ। ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ମେଡ଼ିକାଲ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚଳିତ ବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେସନକୁ ଏକ ସମାବେଶୀ ତଥା ଆସ୍ଥାକେନ୍ଦ୍ରିତ ଜନ ସେବାର ଆଦର୍ଶ ଷ୍ଟେସନ ରୂପେ ବିକଶିତ କରିଛି। ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ରେଳ ଜ୍ୟାକ୍ ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି। ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ। ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣ ସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ। ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନ ଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ। ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ। ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ। ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି। ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି।

# ମଣିଷପଣିଆର ଜୀବନ୍ତ ବିଗ୍ରହ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୭୮୪୬୯୨୧୪୦୦

ପୁରୀ ସୁଆଣ୍ଡୋ ଗ୍ରାମର ଦେବୀ ମନ୍ଦିରକୁ ଲାଗିଛି ଭାର୍ଗବୀ ନଦୀର ବନ୍ଧ। ବନ୍ଧ ତଳକୁ ପାଣି। ସେଦିନ ନଦୀବନ୍ଧ ଉପର ବରଗଛମୂଳ ତିଳତଣ୍ଡୁଳିତ ଛାଇରେ ଗୋପବନ୍ଧୁଙ୍କ ସହ ଆଉ ତିନିଜଣ ଓଡ଼ିଆ ଜାତି ଇତିହାସର ବଳିଷ୍ଠ ବ୍ୟକ୍ତିତ୍ୱ ପଣ୍ଡିତ ନୀଳକଣ୍ଠ, ହରିହର ଆଚାର୍ଯ୍ୟ ଓ ଅନନ୍ତ ଦାସ ଖଣ୍ଡିଏ ଚଦର ପକାଇ ସନ୍ଧ୍ୟା ପରେ ବସିଥିଲେ। ଆରପାଖ ମଶାଣିରେ ବିଲୁଆ ସବୁ କଳି କରି ଦରପୋଡ଼ା ମଡ଼ା ଓଟାରୁଥାନ୍ତି। ରାତି ପରେ ପୁଣି ସକାଳ ହେଲା। ସମସ୍ତେ ତନ୍ମୟ। ଶେଷକୁ ସେହିଠାରେ ସଭିଏଁ ପ୍ରତିଜ୍ଞା କରିଥିଲେ 'ଆମେ ପାଠ ପଢ଼ି କୌଣସି ସରକାରୀ ଚାକିରି କରିବା ନାହିଁ ଦେଶ ପାଇଁ କିଛି କରିବା। ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଇଁ ତା'ଠାରୁ ଉନ୍ନତ ଦେଖି ମରିବା।' ସତରେ କି ବଳିଷ୍ଠ ପ୍ରତିଜ୍ଞା ନଥିଲା ? ସେ ପ୍ରତିଜ୍ଞା ଆଜି ସଫଳ ହୋଇଛି ଯାହାର ରୂପାୟନ ଆଜି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଘରେ ଘରେ ପରିଚିତ ସତ୍ୟ, ନିର୍ଭୀକ, ଭରସାଯୋଗ୍ୟ, ବିଶ୍ୱସ୍ତ ଦୈନିକ ସମ୍ବାଦପତ୍ର 'ସମାଜ' ଯାହା ଗୋପବନ୍ଧୁଙ୍କ ମାନସପୁତ୍ର ରୂପେ ପରିଚିତ। ପ୍ରକୃତରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏ ଜାତିର ଇତିହାସରେ ଏକ ତେଜୋଦୀପ୍ତ ଦିବ୍ୟ ଅଧ୍ୟାୟ। ଯେଉଁ ଅଧ୍ୟାୟ ଏ ଜାତିକୁ ଦେଇ ଯାଇଛି ବଞ୍ଚିବାର ଏକ ମୂଲ୍ୟବୋଧ। ଇଂରେଜ ଶାସନ ବିରୁଦ୍ଧରେ ଘଟିଥିବା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଯୁଗରେ ସେ ଥିଲେ ଓଡ଼ିଶାର ଅନ୍ୟ ପୁରୋଧା ଓ ପ୍ରଥମ ସେନାପତି। ସେ ଥିଲେ ଯୁଗ ପ୍ରବର୍ତ୍ତକ, ଓଡ଼ିଶାରେ କଂଗ୍ରେସର ସ୍ଥାପୟିତା। ଏକାଧାରରେ ସେ ଥିଲେ କୋଟି ଓଡ଼ିଆଙ୍କ ମଉଡ଼ମଣି, ମଣିଷ ଭିତରେ ଦେବତ୍ୱର ସନ୍ଧାନ, ସତ୍ୟବାଦୀର ସନ୍ଥ, ଶତାବ୍ଦୀର ଶ୍ରେଷ୍ଠ ମଣିଷ, ଜଣେ ପ୍ରତିଷ୍ଠିତ ଦେଶ ସେବକ, ପ୍ରାଣସ୍ପନ୍ଦନକାରୀ କବି, ସତ୍ୟବାଦୀ ବନବିଦ୍ୟାଳୟର ସ୍ଥାପୟିତା, 'ସତ୍ୟବାଦୀ' ଓ 'ସମାଜ' ପତ୍ରିକାର ପ୍ରତିଷ୍ଠାତା, ଅସାମାନ୍ୟ ବ୍ୟବସ୍ଥାପକ, ସର୍ବୋପରି ମଣିଷପଣିଆର ଜୀବନ୍ତ ବିଗ୍ରହ। ମାତ୍ର ପଚାଶ ବର୍ଷ ନଅ ମାସ ଆଠ ଦିନର ଜୀବନ ଥିଲା ପ୍ରକୃତରେ ଓଡ଼ିଆ ଇତିହାସରେ ଏକ ଜୀବନ୍ତ ଇତିହାସର ଅଧ୍ୟାୟ। ଜୀବନର ଶେଷ ପର୍ଯ୍ୟନ୍ତ ଗୋପବନ୍ଧୁ ଓଡ଼ିଶାରେ କଂଗ୍ରେସ ଆନ୍ଦୋଳନର ମୁଖ୍ୟ ନେତା ଓ ଶ୍ରେଷ୍ଠ କର୍ମୀ ହୋଇ ରହିଥିଲେ। ଭାରତ ଜାତୀୟ ମହାସମିତିରେ ଯୋଗଦାନ ଦ୍ୱାରା ସଙ୍କୁଚିତ ଓଡ଼ିଆ ମନର ବୌଦ୍ଧିକ ସଂପ୍ରସାରଣ ତାଙ୍କ ଜୀବନର ଅନ୍ୟ ଏକ ଅବିସ୍ମରଣୀୟ କୃତିତ୍ୱ।

ସେଦିନ ସେ ଜାତୀୟତାର ଏକ ଦୁର୍ଲଂଘନୀୟ ସ୍ୱରଲିପିରେ ମିଶାଇ ଦେଇ ଗାଇ ଉଠିଥିଲେ

'ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।'

ସେଦିନ ଉତ୍କଳବାସୀଙ୍କ ଅସହନୀୟ ଜୀବନଯାତ୍ରା, ବଢ଼ି, ମରୁଡ଼ି, ମହାମାରୀ, ଅନାହାର ଓ ଅନଟନ ସହିତ ସେ ଥିଲେ ସଦାସର୍ବଦା ଯୁଦ୍ଧରତ। ରାଜନୈତିକ ଜୀବନରେ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ, ଦୃତ ଓ ଲୁପ୍ତ ଜାତୀୟତାର ପୁନଃ ପ୍ରତିଷ୍ଠା ଠାରୁ ଭାରତର ଅଗ୍ରଗାମୀ ନେତୃତ୍ୱ ପର୍ଯ୍ୟନ୍ତ ବିଭିନ୍ନ କର୍ମରେ ନିଜକୁ ଆନ୍ତରିକତା, ନିଷ୍ଠା, ସାଧୁତାର ସହିତ ଉତ୍ସର୍ଗ କରି ସେ ଗୋଟିଏ ଜାତିର ହୃଦୟରେ ଦେବତାର ଆସନ ପ୍ରତିଷ୍ଠା କରିନେଇଥିଲେ।

ଜାତୀୟତାଭରା ମାନସିକତା ଓ ଗଭୀର ସହୃଦୟତା ଥିଲା ଗୋପବନ୍ଧୁଙ୍କ ସାହିତ୍ୟର ମୂଳ ଉତ୍ସ। ଗୋଟିଏ ପଟେ ଦେଶ ପ୍ରୀତି ଓ ଜନସେବାର ଆନ୍ତରିକତା, ଆଉ ଗୋଟିଏ ପଟେ ଧର୍ମ ବିଶ୍ୱାସର ନିଷ୍ଠାପରତା ଓ ଦେଶପ୍ରୀତିର ଐକାନ୍ତିକତା- ଏହାର ଅପୂର୍ବ ସମନ୍ୱୟରେ ଗଢ଼ା ଥିଲା ତାଙ୍କ ସାହିତ୍ୟର ସୌଧ। ମଣିଷର ଦୁଃଖ-ସୁଖ, ହସ-କାନ୍ଦ, ଆଶା-ନିରାଶା ଭିତରେ ନିଜକୁ ସମ୍ପୂର୍ଣ୍ଣ ମିଶାଇ ଦେଇ ଏ ଜାତିର ଅନ୍ତର ତଳୁ ମଣିଷକୁ ଆବିଷ୍କାର କରିବାର ସୌଭାଗ୍ୟ ଲାଭ କରିଥିଲେ କୋଟି ଓଡ଼ିଆଙ୍କ ପ୍ରାଣସ୍ପନ୍ଦନ ପଣ୍ଡିତ ଗୋପବନ୍ଧୁ ଦାସ। ସତ୍ୟବାଦୀ ବନବିଦ୍ୟାଳୟ ହେଉ ବା 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ହେଉ ବା ଦୈନିକ ସମ୍ବାଦପତ୍ର 'ସମାଜ' ହେଉ ଏହା ଥିଲା ତାଙ୍କ ଚିନ୍ତା ଚେତନାର ଜୀବନ୍ତ ବିଗ୍ରହ। ଆଜି ମଧ୍ୟ ତାଙ୍କ କବିତା ସଙ୍କଳନଗୁଡ଼ିକ- କାରାକବିତା, ଧର୍ମପଦ, ଅବକାଶ ଚିନ୍ତା, ବନ୍ଦୀର ଆତ୍ମକଥା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅମର ସ୍ୱାକ୍ଷର ବହନ କରୁଛି କହିଲେ ଆଦୌ ଭୁଲ ହେବ ନାହିଁ। **(କ୍ରମଶଃ)**

# ତନ୍ତ୍ରପୀଠ ଯାଜନଗରର ପାରମ୍ପରିକ ଚାମୁଣ୍ଡାପୂଜା



ଡ଼କ୍ଟର ରାମଚନ୍ଦ୍ର ଦାଶ
ଅଙ୍କରପଡା, ନଳୀପୁର, ବାଲିଚନ୍ଦ୍ରପୁର, କଟକ
ମୋ-୭୭୮୯୮୩୨୫୭୭

ପୁରାଣ ପୃଷ୍ଠାରୁ ଜଣାପଡ଼େ ମହିଷାସୁର ଓ ଅନ୍ୟାନ୍ୟ ଅସୁରଙ୍କ ସହିତ ଯୁଦ୍ଧ କରି ଦେବୀ ମ୍ରିୟମାଣ ହୋଇପଡିଲେ। ଶେଷରେ ଅସୁର ରକ୍ତରେ ବସୁନ୍ଧରାକୁ ପ୍ଲାବିତ କରିବା ପରେ ଦେବୀ କ୍ରୋଧାନ୍ୱିତ ହୋଇ ବିଶ୍ୱକୁ ଧ୍ୱଂସ କରିବା ପାଇଁ ଅଗ୍ରସର ହେଲେ। ଏହା ଦେଖି ଦେବତାଙ୍କର ଭାଳେଣୀ ପଡିଲା। ଶିବଙ୍କ ଛଡ଼ା ଅନ୍ୟ କେହି ଦେବୀଙ୍କୁ ଶାନ୍ତ କରିପାରିଲେ ନାହିଁ। ଏହାପରେ ଦେବତାଙ୍କ ଅନୁରୋଧ କ୍ରମେ ମହାଦେବ ଦେବୀ ଅଗ୍ରସର ହେଉଥିବା ପଥରରେ ଶୋଇପଡ଼ିଲେ। ଅଜାଣତରେ ଦେବୀଙ୍କ ପାଦ ଶିବଙ୍କ ବକ୍ଷଦେଶରେ ପଡ଼ିବାରୁ ନିଜର ଭୁଲ୍ ପାଇଁ ଦେବୀ ଜିହ୍ୱା ବାହାର କରି ତଟସ୍ଥ ହୋଇଗଲେ। ଏହାପରେ ତାଙ୍କର କ୍ରୋଧ ଶାନ୍ତ ପଡ଼ିଗଲା। ପୁରାଣରେ ଏପରି ବର୍ଣ୍ଣିତ ଉପାଖ୍ୟାନରୁ ଶିଳ୍ପୀମାନେ ପ୍ରତିମୂର୍ତ୍ତି ଗଠନରେ ଫୁଟାଇଛନ୍ତି। ଆଉ ମଧ୍ୟ କେତେକ ସ୍ଥାନରେ ଶିଳ୍ପୀମାନେ ଦେବୀଙ୍କର ଭୟଙ୍କର କଙ୍କାଳମୟ ଶରୀରର ଉପସ୍ଥାପନା କରିଛନ୍ତି। ଶାକ୍ତଧର୍ମ ଓ ଶକ୍ତି ଉପାସନା ଭାରତୀୟ ସଂସ୍କୃତିର ଏକ ଅଂଶ। ବିଭିନ୍ନ ସ୍ଥାନରେ ପୂଜିତ ତ୍ରିଶକ୍ତି ସପ୍ତମାତୃକା, ଅଷ୍ଟମାତୃକା, ଅଷ୍ଟଚଣ୍ଡୀ, ନବଶକ୍ତି, ନନ୍ଦକନ୍ୟା, ଚତୁଷଷ୍ଠ, ଦଶମହାବିଦ୍ୟା, ଯୋଗିନୀ ଆଦି ଦେବୀମାନେ ତନ୍ତ୍ର ସାଧନାରେ ଅଗ୍ରପୂଜ୍ୟ। ବୌଦ୍ଧଧର୍ମର ବଜ୍ରତନ୍ତ୍ର ଅନୁଯାୟୀ ଓଡ଼ିଶାରେ ତାହା ପ୍ରଭାବରେ ତନ୍ତ୍ରପୀଠମାନ ଗଢିଉଠି ଶକ୍ତି ଉପାସନା ଆରମ୍ଭ ହୋଇଥିଲା। ସେଗୁଡିକ ହେଲା ଯାଜପୁର, ପୁରୀ, ଉଦୟଗିରି, ରତ୍ନଗିରି, ଲଳିତଗିରି, ବେଲଖଣ୍ଡି, ଟିଟିଲାଗଡ଼, ଖିଚିଂ, ଧର୍ମଶାଳା, କୁଣ୍ଡେଶ୍ୱର ଆଦି ସ୍ଥାନରେ ଥିଲା ଶାକ୍ତପୀଠ। ଏହି ପୀଠ ଗୁଡିକରେ ମାତୃକା ଉପାସନା ଭାବେ ସପ୍ତମାତୃକା ବିଶେଷ ଭାବରେ ପୂଜିତ ହେବାକୁ ଲାଗିଲେ। ଏହି ସପ୍ତମାତୃକାଙ୍କ ମଧ୍ୟରେ ଚାମୁଣ୍ଡା ଥିଲେ ଅନ୍ୟତମ। ଯାଜପୁର ଏକ ପ୍ରାଚୀନ ଶକ୍ତିକ୍ଷେତ୍ର। ସଂସ୍କୃତ ମହାଭାରତରେ କୁହାଯାଇଛି ଯାଜପୁର ଗଲେ ଗୋ ସହସ୍ର ଦାନର ଫଳ ମିଳେ। କୃଷ୍ଣ ସିଂହଙ୍କ ମହାଭାରତରେ ବର୍ଣ୍ଣନା କରାଯାଇଛି ଯାଜପୁର ଗଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ଯାଜପୁରରେ ପ୍ରଥମ ଯଯାତି କେଶରୀ ଦଶାଶ୍ୱମେଧ ଯଜ୍ଞ କରିଥିବାର କିମ୍ବଦନ୍ତୀ ରହିଛି। ତେବେ ଭୌମବଂଶର ରାଜତ୍ୱ କାଳରେ ଓଡ଼ିଶାରେ ବିଶେଷତଃ ଯାଜପୁର ପୁରରେ ତନ୍ତ୍ରବାଦର ବହୁଳ ପ୍ରଚଳନ ପରିଲକ୍ଷିତ ହୋଇଥିବା ବିଭିନ୍ନ ଐତିହାସିକ ତଥ୍ୟରୁ ଜଣାପଡ଼େ । ଏହି ବଂଶର ଆଦି ରାଜାମାନଙ୍କୁ ତାନ୍ତ୍ରିକ ବୌଦ୍ଧ ଧର୍ମୀ ବୋଲି କୁହାଯାଉଥିଲା। ପରବର୍ତ୍ତୀ ଭୌମ ରାଜାମାନେ ବ୍ରାହ୍ମଣଧର୍ମ ଗ୍ରହଣ କରିଥିଲେ ମଧ୍ୟ ତନ୍ତ୍ରବାଦରୁ ଦୂରେଇ ରହିନଥିଲେ। ଏହି ରାଜାମାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ତନ୍ତ୍ରବାଦ କିଭଳି ପ୍ରବଳ ହୋଇଥିଲା ତାହା ପ୍ରତାପରୁଦ୍ର ଦେବଙ୍କ ସଭା ମଣ୍ଡିତ କବି ଡିଣ୍ଡିମ ଜୀବଦ୍ଦେବଙ୍କ ଉକ୍ତି ଭାଗବତରେ ବର୍ଣ୍ଣିତ।

ଏହି ଗୁଣାବଳୀରୁ ସ୍ପଷ୍ଟ ହୋଇଯାଏ ଭୌମରାଜା ବିରଜା ହାଇସ୍କୁଲ ପାଖରେ ଖାଙ୍କାଳି ନାମରେ ଉଦ୍ୟୋତ କେଶରୀଙ୍କ କୁଳଗୁରୁ ଭବଦେବଙ୍କ ଅଂଶ ତନ୍ତ୍ରବାଦରେ ବଳିଷ୍ଠ ଓ ଅଭିଜ୍ଞ ଥିଲେ। ଉଦ୍ୟୋତ କେଶରୀ ଥିଲେ ଦ୍ୱିତୀୟ ଯଯାତୀଙ୍କ ପୁତ୍ର। ଉଦ୍ୟୋତ କେଶରୀଙ୍କ ପୂର୍ବ ପୁରୁଷ ଯାଜପୁରକୁ ତନ୍ତ୍ରବାଦରୁ ଉଦ୍ଧାର କରି ବୈଦିକ ଧର୍ମର ପ୍ରବର୍ତ୍ତନ କରିଥିଲେ। ପ୍ରଥମ ଯଯାତିଙ୍କ ରାଜତ୍ୱ ବେଳେ ଓଡ଼ିଶା ତନ୍ତ୍ରବାଦରେ ନିମଜ୍ଜିତ ଥିଲେ। ତେଣୁ ବୈଦିକ ରୀତିରେ ଦଶାଶ୍ୱମେଧ ଯଜ୍ଞ କରିବାକୁ ବ୍ରାହ୍ମଣ ଅଭାବ ହେବାରୁ ସେ କାନୀକୁବ୍ଜରୁ ବ୍ରାହ୍ମଣ ଆଣିଥିଲେ। ସୋମବଂଶର ପରବର୍ତ୍ତୀ ରାଜା କର୍ଣ୍ଣଦେବଙ୍କ ରାଜତ୍ୱ କାଳରେ ଗଙ୍ଗବଂଶୀ ରାଜା ଅନନ୍ତବର୍ମନ ଚୋଡ଼ଗଙ୍ଗ ଓଡ଼ିଶା ଆକ୍ରମଣ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଏହାକୁ ଦଖଲ କରି ଅଭିନବ ବାରଣାସୀ ବା ଆଧୁନିକ କଟକକୁ ସେମାନଙ୍କ ରାଜଧାନୀ କଲେ। ଚୋଡ଼ଗଙ୍ଗ ଦେବ ଶାକ୍ତ ମତର ଘୋର ବିରୋଧୀ ଥିଲେ। ଓଡ଼ିଶା ଦଖଲ କରିଥିଲେ ଦେବୀବିରଜା, କାଳିକା, ରାମଚଣ୍ଡୀ ଓ ସର୍ବମଙ୍ଗଳା ମନ୍ଦିରେ ଚାଲିଥିବା ପୂଜାବିଧିରେ ପରିବର୍ତ୍ତନ କରି ପାରିନଥିଲେ। ଗଙ୍ଗରାଜାଙ୍କ ସମୟରେ ଯାଜପୁରର ପ୍ରାଧାନ୍ୟ କମିଗଲା ସତ, କିନ୍ତୁ ବିରଜା କ୍ଷେତ୍ର ବା ଦେବୀ ବିରଜାଙ୍କ ପ୍ରାଧାନ୍ୟ କମିଲା ନାହିଁ।

ଶୈବ କ୍ଷେତ୍ର ଭୁବନେଶ୍ୱର ଓ ଶାକ୍ତ କ୍ଷେତ୍ର ବିରଜା ପୀଠର କଳା ଓ ସ୍ଥାପତ୍ୟର ତୁଳନାତ୍ମକ ଅନୁଶୀଳନ କଲେ ଏମାନଙ୍କ ଅଭିବୃଦ୍ଧି ସମଭାବରେ ହୋଇଥିବା ଜଣାଯାଏ। ଯାଜପୁରରେ ପରିଦୃଷ୍ଟ ମୂର୍ତ୍ତିମାନଙ୍କ ମଧ୍ୟରେ ସ୍ୱୟଂ ବିରଜା ଦେବୀ ହିଁ ସର୍ବ ପ୍ରାଚୀନ । ଅଷ୍ଟମ ଓ ନବମ ଶତାବ୍ଦୀର ଭୌମ ଶାସକ ନିର୍ମାଣ କରିଥିବା ବହୁ ପ୍ରାଚୀନ ମନ୍ଦିରରେ ଥିବା ଐତିହାସିକ ଦଲିଲ୍‌ରୁ ଜଣାପଡ଼େ। ଏହି ସମୟରେ ତନ୍ତ୍ରବାଦ ସାଙ୍ଗକୁ ବୌଦ୍ଧ ଧର୍ମର ପ୍ରାଧାନ୍ୟ ମଧ୍ୟ ଥିଲା। ଯାଜପୁର ଏସ୍‌ଡିପିଓଙ୍କ ବେଢ଼ାରେ ଥିବା ବୋଧିସ୍ୱତ୍ୱ ପଦ୍ମପାଣିଙ୍କ ମୂର୍ତ୍ତି ବିରଜା ମନ୍ଦିର ଗାତ୍ରରେ ଥିବା ଧ୍ୟାନ ମଗ୍ନ ବୌଦ୍ଧ ମୂର୍ତ୍ତି ଏବେ ମଧ୍ୟ ରହିଛି। ଏପରିକି ସୋମେଶ୍ୱର ମନ୍ଦିର ନିକଟରେ ଥିବା ବିକଟାଳ ସ୍ୱରୂପର ଚାମୁଣ୍ଡା ମୂର୍ତ୍ତି ମଧ୍ୟ ତାନ୍ତ୍ରିକ ବୌଦ୍ଧ ମୂର୍ତ୍ତି ବୋଲି ଐତିହାସିକ ମାନଙ୍କ ତଥ୍ୟ ରହିଛି। ଏଭଳି ବହୁ ଶକ୍ତି ଦେବୀ ଯାଜପୁରର ବିଭିନ୍ନ ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଲକ୍ଷ୍ୟ କରାଯାଏ। ବିରଜା ମନ୍ଦିରରେ ତନ୍ତ୍ରବାଦକୁ କେନ୍ଦ୍ରକରି ଏବ ବିବାଦ ସିନା ବର୍ଷ ବର୍ଷ ଧରି ତନ୍ତ୍ରପୂଜା ଚାଲିଥିବା ଲକ୍ଷ୍ୟ କରାଯାଉଛି। ପ୍ରକୃତରେ ବିରଜା ବୈଷ୍ଣବୀ ଦେବୀ ତାଙ୍କୁ ତନ୍ତ୍ରବାଦ ଅନୁସାରେ ପୂଜା କରାଯିବାର ପରମ୍ପରା ନାହିଁ। ପୀଠ ମହାଷ୍ଟମୀ ଦିନ ବିରଜା ମନ୍ଦିରରେ ଛାଗ ଓ ମହିଷ୍ ବଳି ପଡ଼ିବା ସମୟରେ ଦେବୀ ବିରଜାଙ୍କ ମୁଖ୍ୟ ଫାଟକ ବନ୍ଦ କରି ଦିଆଯାଇଥାଏ। ଏପରିକି ବଳିର ରକ୍ତ ବା ମାଂସ ନୈବିଦ୍ୟ ରଖି ଦେବୀ ବିରଜାଙ୍କ ଠାରେ ପରିବେଷଣ କରାଯାଏନାହିଁ । ପାର୍ଶ୍ୱର୍ରେ ଥିବା ଭୈରବୀ ଦେବୀଙ୍କ ଠାରେ ଏହି ନୈବିଦ୍ୟ ଲାଗି ହୋଇଥାଏ ।

ତେଣୁ ଏବେ ଯାଜପୁରର ବିଭିନ୍ନ ଅଞ୍ଚଳରେ ଥିବା ଚାମୁଣ୍ଡା ମୂର୍ତ୍ତି ହିଁ ତାନ୍ତ୍ରିକଙ୍କ ପ୍ରଧାନ ତତ୍ତ୍ୱ ସାଧନା କେନ୍ଦ୍ର ପାଲଟିଛି। କିନ୍ତୁ ପ୍ରାଚୀନ ଚାମୁଣ୍ଡା ମୂର୍ତ୍ତି କେଉଁଠି ଗଛତଳେ ତ ଆଉ କେଉଁଠି ପରିତ୍ୟକ୍ତ ଅବସ୍ଥାରେ ରହିଛନ୍ତି। ଏଗୁଡ଼ିକର ରକ୍ଷଣାବେକ୍ଷଣ ସଠିକ୍ ଭାବେ କରାନଗଲେ ଏଭଳି ଦୁର୍ମୂଲ୍ୟ ମୂର୍ତ୍ତି ଚୋରି ହେବାର ମଧ୍ୟ ଆଶଙ୍କା ରହିଛି। ପ୍ରାଚୀନ କଳା ସ୍ଥାପତ୍ୟର ଆଦିଭୂମି ଓଡ଼ିଶାର ଅନେକ ସ୍ଥାନରେ ଚାମୁଣ୍ଡା ପରିଦୃଷ୍ଟ ହୁଅନ୍ତି । ରାଜ୍ୟ ସରକାରଙ୍କ ସଂଗ୍ରହାଳୟରେ ଦେବୀ ଚାମୁଣ୍ଡାଙ୍କର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବୈଶିଷ୍ଟ୍ୟ ଉଲ୍ଲେଖନୀୟ ଅଟେ । ମନୁଷ୍ୟ ଶରୀରର ଯେଉଁ ସବୁ ସ୍ଥାନରେ ଯାହା ଶିରା, ପ୍ରଶିରା, ଅସ୍ଥି, ମାଂସପେଶୀ ରହିଛି, ଚାମୁଣ୍ଡା ଭିତରେ ସେ ସବୁ ଖୋଦିତ ହୋଇଛି। ଜନୈକ ଫରାସୀ ଶରୀର ତତ୍ତ୍ୱବିତ୍ ଏହି ଚାମୁଣ୍ଡା ମୂର୍ତ୍ତିର ଫଟୋ ଦେଖି ଏହା ଶତ ପ୍ରତିଶତ ଠିକ୍ ବୋଲି ପ୍ରମାଣିତ କରି ଦେଖାଇଛନ୍ତି। ଚାମୁଣ୍ଡା ମୂର୍ତ୍ତିର ଶରୀର ତତ୍ତ୍ୱ ନିର୍ଭୁଲ ଓ ସ୍ପଷ୍ଟ ଭାବେ ଖୋଦିତ ହୋଇଛି ଓ ଏହା ତତ୍କାଳୀନ ଓଡ଼ିଶାର ଚିକିତ୍ସା ଶାସ୍ତ୍ରର ବିକାଶକୁ ପ୍ରତିଫଳିତ କରିଛି ବୋଲି ୨୦୦୨ ମସିହାରେ ଅନୁଷ୍ଠିତ ସର୍ବଭାରତୀୟ ସର୍ଜନ ସମ୍ମିଳନୀ ଅବସରରେ ପ୍ରକାଶ ପାଇଥିବା ପତ୍ରିକାରେ ବ୍ରହ୍ମପୁର ମେଡିକାଲ କଲେଜର ପ୍ରଫେସର ତଥା ତତ୍କାଳୀନ କୋଷାଧ୍ୟକ୍ଷ ଦୀପକ୍ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧରେ ଉପସ୍ଥାପନ କରାଯାଇଛି। ଏହି ଦୃଷ୍ଟିରୁ ଚାମୁଣ୍ଡା ସଂରକ୍ଷଣର ଆବଶ୍ୟକତା ରହିଛି।

**ଚାମୁଣ୍ଡାଙ୍କୁ ପୂଜା କରାଯାଏ କାହିଁକି ?**

ମହିଷାସୁର ନିଧନ ହେବା ପରେ ଦେବୀ ଦୁର୍ଗାଙ୍କ ଶରୀରରୁ ଉତ୍ପନ୍ନ ଶକ୍ତି ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ଦାନବଙ୍କ ସେନାପତି ଚଣ୍ଡ ଓ ମୁଣ୍ଡ ନାମକ ଦୁହିଁ ଅସୁରଙ୍କୁ ବଧ କରି ତାଙ୍କର ମସ୍ତକ ଦୁଇଟିକୁ ଆଣି ଦେବୀ ଦୁର୍ଗାଙ୍କ ପାଦ ପଦ୍ମରେ ଅର୍ପଣ କରିଥିଲେ। ତେଣୁ ଏ ସଂସାରରେ ଆଜିଠାରୁ ତୁମର ନାମ ଚାମୁଣ୍ଡା ନାମରେ ଖ୍ୟାତି ଲାଭ କରୁ ବୋଲି ପ୍ରାର୍ଥନା କରିଥିଲେ। ସେହି ଦିନଠାରୁ ଏହି ଦେବୀ ଚାମୁଣ୍ଡା ନାମରେ କଥିତ ହୋଇଛନ୍ତି। ଚଣ୍ଡି ଅନୁସାରେ ଚାମୁଣ୍ଡା ଦେବୀ ଦୁର୍ଗାଙ୍କ କପାଳରେ ଆବିର୍ଭୂତ । ତେଣୁ ସେ କପାଳୀ ନାମରେ ମଧ୍ୟ ଅଭିହିତ ହୁଅନ୍ତି। ଭୁବନେଶ୍ୱର ବୈତାଳି ମନ୍ଦିରର ପୀଠ ଦେବୀ ଚାମୁଣ୍ଡାଙ୍କୁ କାପାଳୀ କୁହାଯାଏ। ଚାମୁଣ୍ଡା ବା କାପାଳୀଙ୍କୁ ଉପାସନା କରୁଥିବା ବ୍ୟକ୍ତି କାପାଳିକ ନାମରେ କଥିତ ଅଛି। କାପାଳିକମାନେ ଶିବଙ୍କ ସହ ଶକ୍ତି, କାଳୀ ବା ଚାମୁଣ୍ଡାଙ୍କୁ ମଧ୍ୟ ପୂଜା କରିଥାନ୍ତି। ଭବଭୂତିଙ୍କ "ମାଳତୀ ମାଧବ" ନାଟକ ପ୍ରମାଣ ଦିଏ ଯେ କାପାଳୀ ବା ଚାମୁଣ୍ଡାଙ୍କ ନିକଟରେ ସୁନ୍ଦରୀ ସୁଲକ୍ଷଣା ଲଳନାମାନଙ୍କୁ ବଳି ଦିଆଯାଏ। ଏବେ ବି ଭୁବନେଶ୍ୱର ବୈତାଳୀ ମନ୍ଦିରରେ ଏକ ଯୁପ କାଷ୍ଠ ପରିଦୃଷ୍ଟ ହୁଏ। ଯାଜପୁରର ତ୍ରିଲୋଚନେଶ୍ୱର ମନ୍ଦିର ପରିବେଶରେ ପୂଜିତ ଅଷ୍ଟାଦଶଭୁଜା କାଳୀ ବା ଚାମୁଣ୍ଡାଙ୍କୁ ବଳି ପ୍ରଦାନ କରିବା ନିମିତ୍ତ ଏକ ଯୁପ କାଷ୍ଠ ଦୃଷ୍ଟି ଗୋଚର ହୁଏ । ସମ୍ଭବତଃ କାପାଳୀମାନେ ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ ରୂପେ ଭୈରବଙ୍କୁ ଆରାଧନା କରି ଏବଂ ତାଙ୍କର ଶକ୍ତି ରୂପେ ଚାମୁଣ୍ଡାଙ୍କୁ ଆରାଧନା କରାଯାଏ।

ତନ୍ତ୍ର ଶାସ୍ତ୍ରର ଏହି ପୂଜା ପାଇଁ ନଅଟି ଚକ୍ରର ଆବଶ୍ୟକତା ରହିଛି। ଏହି ଚକ୍ରରେ ସାଧକ ସାଧନା ପୂଜା କର୍ମା ଦି କଲେ ତାଙ୍କର ସମସ୍ତ କାମନା ପୂରଣ ହୋଇଥାଏ। ଶତ୍ରୁକୁ ନିଜ ବସରେ ସାଧକ ରଖିପାରନ୍ତି। ସୁଖ, ସୌଭାଗ୍ୟ ପ୍ରଦାୟକ ସମସ୍ତ ପଦାର୍ଥ ସହଜରେ ଉପଲବ୍ଧ ହୋଇଥାଏ। ସାଧକର କୌଣସି କାର୍ଯ୍ୟ ଅପୂର୍ଣ୍ଣ ରହେନାହିଁ। ଚତୁଃଦିଗରୁ ସେ ରକ୍ଷା ପାଆନ୍ତି ଓ ସମସ୍ତ ଶାରୀରିକ ମାନସିକ ରୋଗରୁ ମୁକ୍ତ ରହନ୍ତି। ଆଶୁ ସିଦ୍ଧପ୍ରାପ୍ତ ହୋଇଥାଏ ସାଧକକୁ। ସର୍ବୋପରି ମୋହନ ମାରଣ, ବଶୀକରଣ ତାରଣ ସମ୍ଭବ, ଉଚ୍ଚାଟନ ସର୍ବସିଦ୍ଧି କାମନା ହୋଇଥାଏ । ବୌଦ୍ଧ ଧର୍ମର ମହାଯାନ ପନ୍ଥୀ ଯେତେବେଳେ ବ୍ରଜଯାନ ଅଥବା ତନ୍ତ୍ରଯାନରେ ପ୍ରବେଶ କଲେ, ସେତେବେଳେ ପ୍ରଥମ ସ୍ୱର ଏହି ଉତ୍କଳ ଭୂମିକୁ ସୃଷ୍ଟି ହୋଇଥିଲା। ତନ୍ତ୍ର ସାଧନା ପରେ ପରେ ମାତୃକା ପୂଜା ମଧ୍ୟ ତନ୍ତ୍ର ସାଧନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡ଼ିଲା। ପ୍ରତିପୀଠରେ ମାତୃକା ପୂଜା ହେଲା ପରେ ବୈଷ୍ଣବୀ ଧର୍ମର ପ୍ରସାର ଫଳରେ ଚାମୁଣ୍ଡା ପୂଜା ମଳିନ ପଡ଼ିଯାଇଥିଲା। ଏବେ କିନ୍ତୁ ଧୀରେ ଧୀରେ ବିକଶିତ ହେବାକୁ ଲାଗିଛି। ଓଡ଼ିଶାର ଭୌମକାର ଯୁଗରେ ହିଁ ତନ୍ତ୍ର ଉପାସନା ପ୍ରାଧାନ୍ୟ ଲାଭ କରିଥିଲା। ଚାମୁଣ୍ଡା ପୂଜାର ନିଦର୍ଶନ ରୂପେ ଦୁଇ ଭୁଜା, ଚାରି ଭୁଜା, ଛଅଭୁଜା, ଆଠଭୁଜା, ଦଶଭୁଜା, ବାରଭୁଜା ଓ ଅଷ୍ଟଦଶଭୁଜା ଚାମୁଣ୍ଡା ତନ୍ତ୍ର କ୍ଷେତ୍ର ଯାଜପୁରରେ ଦେଖାଯାଏ। ଯାଜପୁରରେ ଦେଖାଯାଉଥିବା ଚାମୁଣ୍ଡା ମୂର୍ତ୍ତି ଯାଜପୁର ସହରର କୋଦଣ୍ଡପୁର ଗ୍ରାମରେ ସ୍ଥାନେଶ୍ୱରୀ ନାମରେ ପୂଜା ପାଉଥିବା ଦୁଇଭୁଜା ଚାମୁଣ୍ଡା ମୂର୍ତ୍ତିର ସନ୍ଧାନ ମିଳିଛି। ମୂର୍ତ୍ତିଟି ନରମୁଣ୍ଡମାଳାରେ ଭୂଷିତା। ଗୋଟିଏ ଆଣ୍ଠୁମାଡ଼ି ପଦ୍ମଫୁଲ ଉପରେ ବସିଥିବା ଦେଖାଯାଏ। ତାଙ୍କର ଆସନ ପୀଠରେ ଏକ ପ୍ରେତଶାୟିତ ଓ ପାର୍ଶ୍ୱରେ ଏକ ପେଚକ ଦଣ୍ଡାୟମାନ।

ଦଶାଶ୍ୱମେଧ ଘାଟ : ଯାଜପୁର ଦଶାଶ୍ୱମେଧ ଘାଟରେ ଥିବା ସପ୍ତମାତୃକାଙ୍କ ମଧ୍ୟରେ ପୂଜିତ ଚାମୁଣ୍ଡା ଯମଙ୍କ ମା' ଓ ସାନ ଭଉଣୀଙ୍କ ମଧ୍ୟରେ ଅନ୍ୟତମ ଭଉଣୀ ନାମେ ନାମିତ। ସେ ଚତୁଃହସ୍ତା ଏବଂ ତାଙ୍କ ଦକ୍ଷିଣ ହସ୍ତ ହୃଦୟରେ ଖଡ଼ଗ୍ ଓ ନରକ ରୋଟି ଧାରଣ କରିଛନ୍ତି।

ସୋମେଶ୍ୱର ମନ୍ଦିର : ଯାଜପୁର ସୋମେଶ୍ୱର ମନ୍ଦିର ସନ୍ନିକଟ ଚାମୁଣ୍ଡା ଖଡ଼ପୂଜା ଅଷ୍ଟମ ଶତାବ୍ଦୀରେ ନିର୍ମିତ। ଏହି ମୂର୍ତ୍ତିର ପାଦତଳେ ଏକ ଶିଳାଲେଖ ରହିଛି। ଯାହାର ପାଠ ହେଉଛି "ଓଁଶ୍ରୀବସ୍ଥା ଦେବ୍ୟା ଯୌ କୀର୍ତ୍ତି"। ଏହି ମୂର୍ତ୍ତିର ବାମ ହସ୍ତରେ ତ୍ରିଶୂଳ, ନରକରୋଟି ଏବଂ ଖଡ଼ଗ୍ ଧାରଣ କରିଥିବାବେଳେ ଦକ୍ଷିଣ ହସ୍ତମାନ ପ୍ରାୟ ଭଗ୍ନ। ଅନ୍ୟ ଏକ ଷଡ଼ଭୂଜା ଚାମୁଣ୍ଡା ବିଗ୍ରହ ବିରଜା ହାଇସ୍କୁଲ ପୂର୍ବପାଖ ପାଚେରୀ ନିକଟରେ "ଖାଙ୍କାଳି" ନାମରେ ପୂଜା ପାଉଛନ୍ତି। ଆୟୁଧ ଗୁଡ଼ିକ ଲୁପ୍ତପ୍ରାୟ।

ସିଦ୍ଧେଶ୍ୱର : ଅଷ୍ଟଭୁଜା ଚାମୁଣ୍ଡା ବିଗ୍ରହ ଯାଜପୁର ନିକଟବର୍ତ୍ତୀ ସିଦ୍ଧେଶ୍ୱର ଗ୍ରାମ ଓ ଦୁଇ ଗୋଟି ତରାଙ୍ଗ ସାଗରପୁର ଗ୍ରାମ ଉପକଣ୍ଠରେ ପୂଜିତ ହେଉଛନ୍ତି। ସିଦ୍ଧେଶ୍ୱର ପୁରର ଏହି ମୂର୍ତ୍ତି ଦକ୍ଷିଣ କାଳୀ ନାମରେ ନାମିତ। ସେ ଦକ୍ଷିଣେଶ୍ୱର ଶିବଙ୍କ ସହିତ ଏକ ବଟବୃକ୍ଷ ନିକଟରେ ନବନିର୍ମିତ ସିମେଣ୍ଟ ଛାତତଳେ ପୂଜା ପାଉଛନ୍ତି। ଦକ୍ଷିଣ ଭୁଜରୁ ନିମ୍ନ ଦୁଇ ଭୁଜରେ ବରଦା ମୁଦ୍ରା ଏବଂ ଊର୍ଦ୍ଧ୍ୱରେ ଦୁଇ ଭୁଜରେ ଖଡ଼ଗ୍ ଓ ରୁଦ୍ରାକ୍ଷ ମାଳା ଧାରଣ କରିଛନ୍ତି। ବାମ ଦୁଇ ଭୁଜରୁ ନିମ୍ନ ଦୁଇ ଭୁଜରେ ମଣ୍ଡକ ଓ ନବକୋଟି ଧାରଣ କରିଛନ୍ତି। ତରାଙ୍ଗ ସାଗରପୁର ଗ୍ରାମର ପ୍ରାରମ୍ଭରେ ପୂଜିତା ଚାମୁଣ୍ଡା ବିଗ୍ରହ ଅଷ୍ଟଭୁଜା ଓ ଅର୍ଦ୍ଧକ୍ଷୟ ପ୍ରାପ୍ତ ଆୟୁଧ ଗୁଡ଼ିକ ପୂର୍ଣ୍ଣଭାବରେ ଦୃଷ୍ଟି ଗୋଚର ହୁଏନାହିଁ। ସମ୍ଭବତଃ ସିଦ୍ଧେଶ୍ୱର ବିଗ୍ରହ ପରି ସେ ସମସ୍ତ ଆୟୁଧ ସଂଯୁକ୍ତ ଚାରଣ ଉଭୟ ବିଗ୍ରହ ନିର୍ମାଣ ଶୈଳୀରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ପ୍ରଥମ ବିଗ୍ରହକୁ ଛାଡ଼ିଦେଲେ ଏଠାରେ ଥିବା ଦ୍ୱିତୀୟ ବିଗ୍ରହଟି ଅପେକ୍ଷାକୃତ ଛୋଟ ଏବଂ ତହିଁରେ ଦେବୀ ପ୍ରେତାସନା, ଅଷ୍ଟଭୁଜା ଏବଂ ପ୍ରଥମ ମୂର୍ତ୍ତିପରି ଉପବେଶନ ଶୈଳୀରେ ନରହି ଛିଡ଼ା ହୋଇଛନ୍ତି।

ବରଆଡ଼ି: ବିଷ୍ଣୁ ଧର୍ମୋତ୍ତର ଶାସ୍ତ୍ର ବା ତନ୍ତ୍ର ଅନୁଯାୟୀ ଚାମୁଣ୍ଡା ଦଶଭୁଜା। ଏହି ଦଶଭୁଜା ଚାମୁଣ୍ଡା ଯାଜପୁର ସନ୍ନିକଟ ବରଆଡ଼ି ଗ୍ରାମରେ ପୂଜିତା। ଅନ୍ୟ ଏକ ଦଶଭୁଜା ଚାମୁଣ୍ଡା ବିଗ୍ରହ ମଧ୍ୟ ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ଉପାସିତ। ଏହି ମୂର୍ତ୍ତିର ବାମ ଦୁଇ ଖଡ଼ଗ୍, ଚକ୍ର, ଧନୁର୍ବାଣ, ମସ୍ତକ, ପଦ୍ମ, ବରଦମୁଦ୍ରା ଧରିଛନ୍ତି।

ତ୍ରିଲୋଚନେଶ୍ୱର : ବିଶ୍ୱ ବିରଳ ଚାମୁଣ୍ଡା ଅଷ୍ଟାଦଶ ଭୁଜା ନଅ ହାତ ଦେଉଳରେ ଅଠର ହାତ କାଳୀ ପୂଜା ପାଉଛନ୍ତି। ଅଷ୍ଟାଦଶଭୁଜରେ ଖଡ଼ଗ୍, ବର୍ଚ୍ଛା, ତ୍ରିଶୂଳ, ପରଶୁ, ଶଙ୍ଖ, ଚକ୍ର, ଧନୁର୍ବାଣ, ମସ୍ତକ, ପଦ୍ମ, ବରଦମୁଦ୍ରା ଧରିଛନ୍ତି। ପରିଶେଷରେ ଏତିକି କୁହାଯାଇପାରେ, ଯାଜପୁର ସହରକୁ ଛାଡିଦେଲେ ଅନ୍ୟ କୌଣସି ସ୍ଥାନରେ ଏଗୁଡ଼ିକର ସଂରକ୍ଷଣ ବିଧିବଦ୍ଧ ଭାବେ କରାଯାଇ ନାହିଁ । ଗ୍ରାମବାସୀ ଏଥିପ୍ରତି ଦୃଷ୍ଟି ଦେଇନଥିଲେ କେବେଠାରୁ ଏ ବିଗ୍ରହ ଗୁଡ଼ିକ ଲୁଚିଯାଇ ସାରନ୍ତାଣି। ଯାଜପୁର ନିକଟସ୍ଥ ବିଭିନ୍ନ ସ୍ଥାନରୁ ଆବିଷ୍କୃତ ମା' ଚାମୁଣ୍ଡା ମୂର୍ତ୍ତିଗୁଡିକରୁ ଅନୁମିତ ଯେ ଯାଜପୁର ଅଞ୍ଚଳ ଅତୀତରେ ତନ୍ତ୍ର ଉପାସନାର କେନ୍ଦ୍ରସ୍ଥଳୀ ଥିଲା। ତନ୍ତ୍ର ଉପାସନାର ଫଳସ୍ୱରୂପ ତନ୍ତ୍ରଦେବୀ ବା ପୀଠଶକ୍ତି ରୂପେ ଚାମୁଣ୍ଡା ପୂଜିତା ହେଉଥିଲେ। ପ୍ରତି ପୀଠରେ ଶିବ ପୀଠ ଦେବତା ରୂପେ ରହିଥିଲେ ଏବଂ ଚାମୁଣ୍ଡା ଉପାସନାରେ ଯାଜପୁର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ନିମାପଡ଼ା, (ଭାସ୍କର ନ୍ୟୁଜ୍): ଅନେକ ସମୟରେ କେତେକ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶି ଦାଦାଗିରି ଦେଖାଇବା ସହ ଡ଼ାକ୍ତରଙ୍କୁ ଧମକ ପ୍ରଦାନ କରୁଥିବା ନଜିର ରହିଛି। ଜଣେ ମହିଳା ରୋଗୀଙ୍କ ଶରୀର ଅସୁସ୍ଥ ହୋଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରିବା କାରଣରୁ ରୋଗୀ ଅଭିଭାବକ ସେଠାରେ ହଙ୍ଗାମା ସୃଷ୍ଟି କରିଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ ବିଶୃଙ୍ଖଳିତ କାର୍ଯ୍ୟ ଘଟାଉଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଟିଲୋ ଅଞ୍ଚଳର ଜଣେ ମହିଳା ରୋଗୀ ଶରୀର ଅସୁସ୍ଥ ଥିବାରୁ ଦୁଇଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ବେଳେ ତାଙ୍କ ପରିବାର ଘରକୁ ନେଇ ଯାଇଥିଲେ। ଗତ ମଙ୍ଗଳବାର ରାତ୍ରରେ ଶରୀର ଅସୁସ୍ଥ ହେବାରୁ ସମ୍ପୃକ୍ତ ରୋଗୀଙ୍କୁ ଆଣି ତାଙ୍କ ପରିବାର ଲୋକେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ମାତ୍ର ମହିଳା ରୋଗୀଙ୍କ ଶରୀର ବେଳକୁ ବେଳ ଖରାପ ହେବାରୁ ଡ୍ୟୁଟିରେ ଥିବା ଡ଼ାକ୍ତର କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ଏହାକୁ ନେଇ ରୋଗୀ ଅଭିଭାବକମାନେ ଏଠାରେ ଚିକିତ୍ସା କର ବୋଲି ଦାବି କରିବା ସହ ହଙ୍ଗାମା ସୃଷ୍ଟି କରିଥିଲେ। ଏପରିକି, ଡାକ୍ତରଙ୍କୁ ବିଭିନ୍ନପ୍ରକାର ଧମକଚମକ ଦେଇଥିବା କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ସ୍ୱାସ୍ଥ୍ୟ ଅଧିକାରୀ କ'ଣ ପାଇଁ ନଜର ଦେଉ ନାହାନ୍ତି ଏହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ବୁଧବାର ମଧ୍ୟାହ୍ନ ସମୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ କିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ପୁନରାବୃତ୍ତି ନଘଟୁ ସେ ସମ୍ପର୍କରେ ଆଲୋଚନା କରାଯାଇଛି।

## ଭବନ ନିର୍ମାଣରେ ଠିକାଦାର ମାଲେମାଲ୍

# ଅସହାୟ ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କ ହାତରେ କୋରେଇ ଭବନର ଭାଗ୍ୟ



କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ଭବନ ନିର୍ମାଣରେ ସର୍ବଗୀଳା ଠିକାଦାର ଶରତ ସାହୁ ଟ.୨୩,୬୩୬୨୧ଲକ୍ଷ ଖାଇଦେଇ ଉଡାନ ହୋଇଥିବା ଅଭିଯୋଗ ହୋଇଛି। କୋରେଇର ଭାଗ୍ୟ କୋରେଇର ଅସ୍ମିତା କୋରେଇ ଭବନ ଆଜି ବଣ ବୁଦାରେ ପରିପୂର୍ଣ୍ଣ। ଅପାରଗ ଠିକାଦାର ଅପାରଗ ଯନ୍ତ୍ରୀଙ୍କ ପାଇଁ କୋରେଇ ଭବନରୁ ଆଜି କୋରେଇବାସୀ ବଞ୍ଚିତ। ସରକାରୀ ଅର୍ଥ ଆତ୍ମସାତ କରିବାରେ ଉଭୟ ଠିକାଦାର ଯନ୍ତ୍ରୀ ଭାଗୀଦାର ବୋଲି ସାଧାରଣରେ ଅଭିଯୋଗ ହେଉଛି। ୨୦୧୮ରେ ଶୁଭ ପଡ଼ିବା ପରେ ଏକ ବର୍ଷ ଅର୍ଥାତ୍ ୨୦୧୯ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଏଗ୍ରିମେଣ୍ଟରେ ଦର୍ଶାଯାଇଥିବା ବେଳେ ୨୦୨୫ରେ ମଧ ନିର୍ମାଣ କାର୍ଯ୍ୟ ସରିନାହିଁ। ଯାହା କୋରେଇବାସୀଙ୍କ ପାଇଁ ପ୍ରତାରଣା ସଦୃଶ୍ୟ। ଏହି କାର୍ଯ୍ୟରେ ସର୍ବଗୀଳା ଠିକାଦାର ଓ ଯନ୍ତ୍ରୀ ନଳିନୀ କାନ୍ତ ଚନ୍ଦ୍ର ଅର୍ଥ ହଡ଼ପ କରିଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ବର୍ତ୍ତମାନର ବିଡ଼ିଓ ଅବନିକାନ୍ତ ସାହୁ ଠିକାଦାରଙ୍କୁ କୋରେଇ ଭବନ ସମ୍ବନ୍ଧୀୟ ୦୫/୦୧/୨୫ ଚିଠି ସଂଖ୍ୟା ୭୧ରେ କାରଣ ଦର୍ଶାଅ ନୋଟିସ୍ ଜାରି କଲା ପରେ ଅତି ସୁବିଧା ଜନକ ଭାବରେ ୧୦ ମଇରେ ମୁଁ କାର୍ଯ୍ୟ କରିପାରିବି ନାହିଁ ତେଣୁ ମୁଁ ଯେଉଁ କାର୍ଯ୍ୟ କରିଥିଲି ୪୩ ଲକ୍ଷରୁ ୨୩ ଲକ୍ଷ ଟଙ୍କା ବିଲ ପାଇଛି ତେଣୁ ଏହି କାର୍ଯ୍ୟକୁ ଅନ୍ୟକୁ ଦିଆଯାଉ ବୋଲି ଠିକାଦାର ଦର୍ଶାଇଛନ୍ତି। ଜଣେ ଦୁର୍ନୀତିଖୋର୍ ଠିକାଦାର କାର୍ଯ୍ୟାଦେଶ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ନକରିବା ଏଗ୍ରିମେଣ୍ଟର ୭୦ ପ୍ରତିଶତ ବିଲ୍ ହାତେଇବା ଏକ ବଡ଼ ଧରଣର ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦୁର୍ନୀତି ଖୋର ଯନ୍ତ୍ରୀ ଚନ୍ଦ୍ର ଯେ କି କୋରେଇ ବ୍ଲକର ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହି କୋରେଇ ବ୍ଲକରୁ ନିଲମ୍ବିତ ହୋଇଥିଲେ ତାଙ୍କୁ ସେ ଏହି କୋରେଇ ବ୍ଲକରେ ବର୍ତ୍ତମାନ କାର୍ଯ୍ୟ କରିବା ଓ ଏକା ସାଙ୍ଗରେ ୮ ପଞ୍ଚାୟତ ଦାୟିତ୍ୱରେ ରଖିବା ଅତ୍ୟନ୍ତ ଲଜ୍ୟାଜନକ। ତେଣୁ ଜିଲ୍ଲାପାଳ ଏହି କୋରେଇ ଭବନ ଉପରେ ଏକ ସ୍ୱତନ୍ତ୍ର ତଦନ୍ତ କରି ଦୁର୍ନୀତିଖୋର ଅଧିକାରୀ ଓ ଠିକାଦାରଙ୍କ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ହଷ୍ଟେଲରୁ ନିଖୋଜ, ଥାନାରେ ଅଭିଯୋଗ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପୂର୍ବରୁ ମମିତା ମେହେର ମୃତ୍ୟୁ ମାମଲାରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ମହାଲିଙ୍ଗ କଲେଜ କଳଙ୍କ ମୁଣ୍ଡାଇଥିଲା। ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଏହି କଲେଜର ଜଣେ ଛାତ୍ର ହଷ୍ଟେଲରୁ ନିଖୋଜ ହୋଇଥିବା ଜଣାପଡିଛି। ଏନେଇ ଛାତ୍ରଙ୍କ ବାପା କେଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଛାତ୍ରଙ୍କ ବାପା ସୁରେନ୍ଦ୍ର ରଣାଙ୍କ ଅଭିଯୋଗରୁ ଜଣାଯାଏ ଯେ ତାଙ୍କ ପୁଅ ତ୍ରିନାଥ ରାଣା (୨୧) ମହାଲିଙ୍ଗ ବିଜ୍ଞାନ କଲେଜରେ ଯୁକ୍ତ ୩ ବର୍ଷର ଛାତ୍ର ଭାବେ କଲେଜର ହଷ୍ଟେଲରେ ରହି ପଢୁଥିଲେ। ମଙ୍ଗଳବାର ଅପରାହ୍ନ ୪ ଘଣ୍ଟା ସମୟରେ ତା'ର ହଷ୍ଟେଲରେ ରହୁଥିବା ସାଙ୍ଗମାନେ ତ୍ରିନାଥ ସକାଳ ୫ ଘଣ୍ଟା ସମୟରୁ ନିଖୋଜ ଥିବା ନେଇ ପରିବାର ଲୋକଙ୍କୁ ଫୋନ୍‌ରେ ଜଣାଇଥିଲେ। ପରିବାର ଲୋକେ ମହାଲିଙ୍ଗ ଆସି ଅନେକ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ଖବର ନମିଳିବାରୁ ଆଜି ଛାତ୍ରଙ୍କ ବାପା କେଗାଁ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। କେଗାଁ ଥାନା କେସ ନମ୍ବର ୩୪/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ମୁକୁନ୍ଦ ଦେବ ନାଏକ ପ୍ରକାଶ କରିଛନ୍ତି। ହଷ୍ଟେଲରେ ସୁରକ୍ଷା ଥିବା ନେଇ ଛାତ୍ରଛାତ୍ରୀଙ୍କ ବାପା, ମାଁ ହଜାରହଜାର ଟଙ୍କା ଖର୍ଚ୍ଚ କରି ନିଜ ପୁଅ-ଝିଅଙ୍କୁ ସୁରକ୍ଷିତ ମଣି ରଖିଥାନ୍ତି। ହେଲେ ଏପଟେ ଜଣେ ଛାତ୍ର ହଷ୍ଟେଲରୁ ନିଖୋଜ ହେବା କେମିତି ଜାଣିପାରିଲେ ନାହିଁ କର୍ତ୍ତୃପକ୍ଷ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ନିଖୋଜ ହୋଇଥିବା ଛାତ୍ରଙ୍କ ବାପା ଦାବି କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧିନ ବଦେଲପାଣି ଗ୍ରାମର ମନ ସାନ୍ତା (୩୨) ନାମକ ଜଣେ ଯୁବକ ବେକରେ ରଶି ଲଗାଇବୁଧବାର ଦିନ ଆତ୍ମହତ୍ୟା କରି ଥିବା ଜଣାପଡିଛି ! ଖବର ମୁତାବିକ ବଦେଲପାଣି ଗ୍ରାମର ସ୍ୱର୍ଗତ ମଣି ସାନ୍ତାଙ୍କ ପୁଅ ମନ ସାନ୍ତା ମାନସିକ ବିକୃତ ରହିବା ସହ ସେ ଏଣେତେଣେ ବୁଲାବୁଲି କରୁଥିଲା। ସବୁଦିନ ପରି ଗତ ମଙ୍ଗଳବାର ଦିନ ରାତିରେ ଘରୁ ଖାଇପିଇ ବାହାରି ରାତିରେ ଘରକୁ ଆସି ନ ଥିଲା। ସକାଳ ସମୟରେ ଚନ୍ଦାହାଣ୍ଡି ଶ୍ରୀରାମ ନଗରର ଏକ ବିଲରେ ଥିବା ଫଳସା ଗଛରେ ମନର ଝୁଲନ୍ତା ଶବ ଦେଖି ଲୋକେ ପୋଲିସ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସମାଜସେବୀ ଡ଼ମ୍ବରୁ ମାଝି ଏବଂ ଗ୍ରାମବାସୀଙ୍କ ସହ ଥାନାକୁ ଆସି ମୃତକର ସ୍ତ୍ରୀ ଲଳିତା ସାନ୍ତା ଏତଲା ଦେବା ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମମଲା ରୁଜୁ କରି ଏହାର ତଦନ୍ତ ଭାର ଏଏସଆଇ ବେଣୁଧର ମାଝିଙ୍କୁ ହସ୍ତାନ୍ତର କରିଥିବା ନେଇ ସୂଚନା ଦେଇଛନ୍ତି। ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଥିବା ନେଇ ତଦନ୍ତ କାରି ଅଫିସର ବେଣୁଧର ମାଝି ପ୍ରକାଶ କରିଛନ୍ତି।

## ବର୍ଜ୍ୟବସ୍ତୁରେ ତିନିରଥ ତିଆରି କଲେ ୧୨ବର୍ଷର ବାଳକ

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ବ୍ଲକ୍ ରତନପୁର ପଞ୍ଚାୟତ ଯାହାଙ୍ଗିରପୁର ଗ୍ରାମର ରୋଜାଲିନ ସାହୁଙ୍କ ପୁଅ ରିତେଶ କୁମାର ସାହୁ (୧୨)ସପ୍ତମ ଶ୍ରେଣୀରେ ପାଠ ପଢ଼ନ୍ତି। ଛୁଆବେଳୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଆଙ୍କିବା ସହିତ ବିଭିନ୍ନ ଦେବାଦେବୀଙ୍କ ଫୋଟୋଚିତ୍ର ଅରଙ୍କିଥାନ୍ତି। ଗତବର୍ଷ ଗୋଟିଏ ରଥ କରିଥିବା ବେଳେ ଚଳିତବର୍ଷ ଏହି ବାଳକ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ବିଭିନ୍ନ ବର୍ଜ୍ୟବସ୍ତୁକୁ ନେଇ ନିର୍ମାଣ କରିଛି ତିନୋଟି କୁନିରଥ। ଅବିକଳ ପୁରୀ ରଥ ଭଳି ତିନୋଟି ରଥ ନିର୍ମାଣ କରିଛନ୍ତି। ରଥରେ ହଂସପଟା, ଚକ, ଅଖ, ଦଧି ନଉତି, ଓଲଟା ଶୁଆ, ଭଳି ବିଭିନ୍ନ କାରୁକାର୍ଯ୍ୟ କରିଛି। ଏହି ବାଳକଙ୍କୁ ନେଇ ସାରା ନିଆଳୀରେ ଚର୍ଚ୍ଚା କୁନିପୁଅ ହାତେ କୁନି ରଥ।

# ନିମାପଡ଼ା ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ବିଜେଡ଼ିର ବିକ୍ଷୋଭ





ନିମାପଡ଼ା, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ବର୍ତ୍ତମାନ ନାରୀମାନେ ଅସୁରକ୍ଷିତ। ରାଜ୍ୟରେ ବିଜେପି ସରକାରକୁ ପୂରିଲା ଏକବର୍ଷ। ଏହାରି ଭିତରେ ଅନେକ ଗଣଦୁଷ୍କର୍ମ, ନାରୀ ନିର୍ଯାତନା, ହତ୍ୟା, ଅପରାଧ ସହ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡ଼ିପଡ଼ିଛି। ଏହାର ପ୍ରତିବାଦରେ ବୁଧବାର ନିମାପଡ଼ା ମହାବିଦ୍ୟାଳୟ ସମ୍ମୁଖରେ ହଜାର ହଜାର ଛାତ୍ରଛାତ୍ରୀ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ବିକ୍ଷୋଭରେ ଛାତ୍ର ବିଜେଡ଼ି ବ୍ଲକ୍ ସଭାପତି ସୌମିନ ଦାଶ, ନିର୍ବାଚନ ମଣ୍ଡଳୀ ସଭାପତି ସିଦ୍ଧାନ୍ତ ଜେନା, ଛାତ୍ରନେତା ପ୍ରେମ ରଂଜନ ସେଠୀ, ଜିଜ୍ଞାସୁ ମଲ୍ଲିକ, ସାଇସତ୍ୟ ପ୍ରଧାନ, ରୁଦ୍ର ବରାଳ, ରାକେଶ ବାରିକ, ସୁହାନି ସାମନ୍ତରାୟ, ସ୍ୱାତୀ ସାଗରିକା ସ୍ୱାଇଁ, ଚନ୍ଦ୍ରକାନ୍ତ ସେଠୀ, ଓଁକାର ମହାପାତ୍ରଙ୍କ ସମେତ ହଜାର ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନିମାପଡ଼ା ମହାବିଦ୍ୟାଳୟ ସମ୍ମୁଖରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ଆମ ରାଜ୍ୟରେ ଆଉ ମାଆ ଭଉଣୀମାନେ ସୁରକ୍ଷିତ ନୁହଁନ୍ତି, ମୁଖ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅ ବୋଲି ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ୧୮ ନଂ ଜିଲ୍ଲା ପରିଷଦ ସଭ୍ୟ କୁଞ୍ଜଲତା ସାମଲ, ଅଲଣ୍ଡାର ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାଶ, ଶଗଡ଼ାର ପୂର୍ବତନ ସରପଞ୍ଚ ଭାଗ୍ୟଧର ଖଟୋଇ, ନିମାପଡ଼ାର ଏନ୍ଏସି ସଭାପତି ଦିଲ୍ଲୀପ କୁମାର ପାତ୍ର, ବ୍ଲକ୍ ଯୁବ ସଂଗଠକ ମାନସ ପ୍ରଧାନ, ଚିନ୍ତାମଣୀ ବରାଳ, ପଦ୍ମନାଭ ବାରିକ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ବିଜେପିର ପ୍ରତିକ୍ରିୟା ନେବାରେ ଏହା ରାଜନୀତିକ ଉଦ୍ଦେଶ୍ୟ ମୂଳକ ଭାବେ କରାଯାଉଛି। ରାଜ୍ୟରେ ନାରୀମାନଙ୍କ ପ୍ରତି କିପରି ଅତ୍ୟାଚାର କମିବ ସେ ଦିଗରେ ସରକାର ଦୃଷ୍ଟି ଦେଇଛନ୍ତି । କେତେକ ସ୍ଥାନରେ ଘଟିଥିବା ଅଘଟଣ ଉପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏସ୍‌ପିଙ୍କ ସହିତ କଥାବାର୍ତ୍ତା ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟା ମିଳିଛି।

## କଳା ଅଧ୍ୟାୟ ଉପରେ ଆଲୋଚନା ଚକ୍ର




ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍‌ର ବେରବୋଇ ମଣ୍ଡଳର ଇନ୍ଦିପୁର ବଜାରଠାରେ ଶତାଧିକ ବିଜେପି କର୍ମୀଙ୍କୁ ନେଇ ୧୯୭୫ ମସିହାରେ କଂଗ୍ରେସ ଦ୍ୱାରା ଜାରୀ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି କଳାଅଧ୍ୟାୟ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ମଣ୍ଡଳ ଅଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ ଏହି ଆଲୋଚନାରେ ସଭାପତିତ୍ୱ କରିଥିଲେ। ଏହି ଆଲୋଚନା ଚକ୍ରରେ ସମ୍ପାଦକ କୃତିବାସ ଭୋଳ, ମଣ୍ଡଳ ଟୋଲି ଅଜୟ କୁମାର ମଲ୍ଲିକ୍, ହିମାଂଶୁ ଭୂଷଣ ଆଚାର୍ଯ୍ୟ , ମହିଳା ମୋର୍ଚ୍ଚା ସଭାପତି ସ୍ନେହମୟୀ ରାଉତ, ଶାନ୍ତିଲତା ପାଢ଼ୀ, ଅମର ଛାଟୋଇ, ପ୍ରଭାତ ଭୋଳ ଓ ଜିଲ୍ଲା ସେକ୍ରେଟାରୀ ଟୁଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ ବିଜେପିର ହିମାଂଶୁ ଭୂଷଣ ଆଚାର୍ଯ୍ୟ ୧୯୭୫ମସିହାରେ ତତ୍‌କାଳୀନ ଭାରତ ସ୍ୱର୍ଗତଃ ପ୍ରଧାନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ଦୃଢ଼ନିନ୍ଦା କରିବା ସହ ଏହା ବିରୁଦ୍ଧରେ ବିଶଦ୍‌ଗାର କରିଥିଲେ। ନିଜକୁ ଶାସନଭାର କ୍ଷମତାରୁ ଦୁରେଇଯିବା ଭୟରେ ଆତଙ୍କିତ ହୋଇ ଗାନ୍ଧୀ ତତ୍କାଳିନ ବିରୋଧି ଦଳର ନେତା ବିଜୁ ପଟ୍ଟନାୟକ, ଲାଲକୃଷ୍ଣ ଆଡ଼ଭାନୀ, ଲୋକନାୟକ ଜୟପ୍ରକାଶ ନାରାୟଣ, ଜର୍ଜ ଫର୍ଣ୍ଣାଣ୍ଡିଜ୍, ଅଟଳବିହାରୀ ବାଜପେଇଙ୍କ ଦ୍ୱାରା ବିରୋଧ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ପ୍ରତିବାଦ ସ୍ୱରୂପ ଡେଲାଙ୍ଗ ବ୍ଲକ୍‌ର ବେରବୋଇ ମଣ୍ଡଳର ବିଜେପି କର୍ମୀମାନଙ୍କ ଦ୍ୱାରା ସମ୍ବିଧାନର କଳାଅଧ୍ୟାୟ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

# ଲୁହରେ ଭିଜାଇଲା ନାଟକ 'ଅଦୃଶ୍ୟ ଜଗନ୍ନାଥ'



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜଧାନୀର ଭଞ୍ଜକଳା ମଣ୍ଡପଠାରେ ଡିଜିଟାଲ ଗଣମାଧ୍ୟମ ଜଗତରେ ସ୍ୱତନ୍ତ୍ର ପରିଚିତି ହାସଲ କରିଥିବା ଓଡ଼ିଶାଲିଙ୍କ୍ସର ୮ମ ସ୍ୱନକ୍ଷତ୍ର ପାଳିତ ହୋଇଛି। କ୍ରୀଡ଼ା, ଯୁବ ବ୍ୟାପାର, ଭାଷା ଓ ସଂସ୍କୃତି ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅଭିନେତ୍ରୀ ଅନୁ ଚୌଧୁରୀ, ବିଜେପି ନେତା ସଜ୍ଜନ ଶର୍ମା, ପ୍ରିୟଦର୍ଶୀ ମିଶ୍ର ଏବଂ ଗବେଷକ ଅନିଲ ଧୀର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ ଅତୁଲ୍ୟ ମହାନ୍ତି, ଶମିମ କୁରେସି, ହରପ୍ରସାଦଙ୍କ ସହ ଅନ୍ୟ ଉଦ୍ୟୋଗୀ ଓ ପ୍ରତିଭା ନାରାୟଣ ଏବଂ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସୂର୍ଯ୍ୟବଂଶୀ ଏହି ଅବସରରେ କହିଥିଲେ, 'ଜିନ୍ଦଗୀ ଲମ୍ବି ନେହିଁ ବଡ଼ି ହୋନି ଚାହିଏ... ଅର୍ଥାତ ଛୋଟ ଟିମ୍ ହୋଇଥିଲେ ମଧ ଓଡ଼ିଶାଲିଙ୍କ୍ସ ଗତ କିଛି ବର୍ଷରେ ବଡ଼ କାମ କରି ଦେଖାଇଛି। ବିଶେଷ କରି ରାଜ୍ୟର ବିଭିନ୍ନ ବିପତ୍ତି ସମୟରୁ ଆରମ୍ଭ କରି ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଏବଂ କୁମ୍ଭମେଳା ପରି ଜାତୀୟ ପ୍ରସଙ୍ଗରେ ଏହି ଗଣମାଧ୍ୟମ ପ୍ରଶଂସନୀୟ କଭରେଜ କରିଛି।' ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମର ଉଦଘାଟନ ପରେ ବାପୁ ଓଝାଙ୍କ ନିର୍ଦ୍ଦେଶିତ ଭକ୍ତିଭରା ନାଟକ ଅଦୃଶ୍ୟ ଜଗନ୍ନାଥ ମଞ୍ଚସ୍ଥ ହୋଇଥିଲା। ଓଡ଼ିଶା ଲିଙ୍କ୍ସ ପ୍ରତିଷ୍ଠାତା ରାକେଶ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

## ପୀଡିତଙ୍କ ପରିବାରକୁ ଭେଟିଲେ ବିଧାୟକଙ୍କ ସହ କଂଗ୍ରେସ ପ୍ରତିନିଧିଦଳ



ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକରେ ବିଜେପି ଗୁଣ୍ଡାମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଦଳିତ ପରିବାରଙ୍କୁ ଭେଟି ସମବେଦନା ଜଣାଇଲେ ସାନଖେମୁଣ୍ଡି ବିଧାୟକ ତଥା ପିସିସି ଉପସଭାପତି ରମେଶ ଚନ୍ଦ୍ର ଜେନା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସାନଖେମୁଣ୍ଡି ବିଧାୟକଙ୍କ ସହ ଆସିକା ସାଂସଦ ଦେବକାନ୍ତ ଶର୍ମା, ବିଧାୟକ ଦଳ ନେତା ରାମା ଚନ୍ଦ୍ର କାଡାମ, ଲଲାଟେନ୍ଦୁ ମହାପାତ୍ର, ସୁବର୍ଣ୍ଣ ନାୟକ,ଟୁଳେଶ୍ୱର ନାୟକ ଏବଂ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ ପ୍ରାର୍ଥୀ ଏବଂ ବରିଷ୍ଟ କଂଗ୍ରେସ ନେତା ମାନେ ଉପସ୍ଥିତ ରହି ଘଟଣାର ଅନୁଧ୍ୟାନ କରିବା ସହ ଏଭଳି ଅମାନୁଷିକ ବର୍ବରତାର ଶିକାର ହୋଇଥିବା ଦଳିତ ପରିବାରଙ୍କୁ ସାନ୍ତ୍ୱନା ଜଣାଇଲେ। ଗତ ୨୨ତାରିଖରେ ଘଟିଥିବା ଅମାନବିୟ ଘଟଣାକୁ ନେଇ ନିନ୍ଦା କରିବା ସହିତ ଉଭୟ ପୀଡିତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ ଉପରୋକ୍ତ କଂଗ୍ରେସ ନେତା। ଗୋଚାଲାଣ କରୁଥିବ ନେଇ ଅଭିଯୋଗ କରି ଦୁଇଜଣଙ୍କୁ ନଣ୍ଡା କରି ଘାସ ଖୁଆଇବା ଭଳି ନିନ୍ଦନୀୟ କାମ କରି କଙ୍ଗାରୁ କୋର୍ଟ କରି ଆଇନକୁ ହାତକୁ ନେଇଥିବା ଜାହାଡା ଗ୍ରାମର କିଛି ଦୁର୍ବୃତ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରିବା ପାଇଁ ମିଡ଼ିଆ ସାମ୍ନାରେ କହିଛନ୍ତି ସାନଖେମୁଣ୍ଡି ବିଧାୟକ ରମେଶ ଜେନା। ସେହିଭଳି ଏହି ଏମାନବୀୟ ଘଟଣାକୁ ନେଇ ଚାରିଆଡୁ ବିରୋଧ ହେଉଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ପ୍ରକୃତ ଦୋଷୀକୁ ଧରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଜେପି ପକ୍ଷରୁ କଳା ଦିବସ ପାଳିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ୧୯୭୫ ମସିହାରେ କଂଗ୍ରେସ ଦଳର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ଏହି କଳା ଅଧ୍ୟାୟର ୫୦ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ପାରାଦୀପ ନଗର ବିଜେପି ଦଳ ପକ୍ଷରୁ ଷଣ୍ଢକୁଦ ବସ୍ତିରେ ଦଳୀୟ କାର୍ଯ୍ୟାଳୟରେ ବୁଧବାର ଦିନ କଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂଘ, ବିଜେପି ନେତା ଅର୍ଜିଲା ଶିବା, ସୋଲେମାନ ରାଜୁ, ବଜରଙ୍ଗ ସ୍ୱାଇଁ, ଦିଲ୍ଲୀପ ବେହେରାଙ୍କ ସମେତ ବହୁ ବିଜେପି ଆଗଧାଡିର ନେତୃବୃନ୍ଦ ଓ ଦଳୀୟ କର୍ମୀ ଉପସ୍ଥିତ ରହି ଏହି ଜରୁରୀକାଳୀନ ପରିସ୍ଥିତି ଦେଶରେ କଳା ଅଧ୍ୟାୟ ସୃଷ୍ଟି କରିଥିବା ନେଇ ପ୍ରକାଶ କରିଥିଲେ।

# ବେଆଇନ୍ ପାର୍କିଂ ଯୋଗୁଁ ସାଧାରଣ ଲୋକ ହନ୍ତସନ୍ତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜଧାନୀର ଅଧିକାଂଶ ଅଞ୍ଚଳରେ ଯାନବାହନ ସୁରୁଖୁରରେ ଯାତାୟାତ ପାଇଁ ରାସ୍ତା ସମ୍ପ୍ରସାରଣ କରାଯାଇଛି। ତଥାପି ରାସ୍ତାରେ ଗାଡିମୋଟର ବେଆଇନ ପାର୍କିଂ ଟ୍ରାଫିକ ପରିସ୍ଥିତିକୁ ଜଟିଳ କରିଛି। ଏଭଳି ଘଟଣାକ୍ରମେ ଭୁବନେଶ୍ୱରରେ ଏକ ପ୍ରମୁଖ ଅଞ୍ଚଳ କୁହାଯାଉଥିବା ଡମଣା ହାଟ ନିକଟରେ ଥିବା ରେସିଡେନ୍ସିଆଲ୍ ଏରିଆ ପୃଷ୍ଟି ଫେସନ ଲେନରେ ଦେଖିବାକୁ ମିଳିଛି। ଡମଣା ହାଟକୁ ଲାଗି ପୃଷ୍ଟି ଫେସନ ଲେନରେ ୩ଟି ଆପାର୍ଟମେଣ୍ଟ ଓ ୫୦ରୁ ଅଧିକ ପ୍ରାଇଭେଟ୍ ଘର ରହିଛି, ପାଖାପାଖି ୫୦୦ ରୁ ଅଧିକ ଲୋକ ବାସକାରନ୍ତି। ହେଲେ ରବିବାର, ମଙ୍ଗଳବାର ଓ ଗୁରୁବାର ହାଟବାରୀ ଦିନ ଏହି ଲେନ ଦେଇ ସେଠିକାର ବାସିନ୍ଦା ନିଜ ଘରୁ ମଟରସାଇକେଲ ନେଇ କିମ୍ବା କାର୍ ନେଇ ବାହାରିପାରନ୍ତି ନାହିଁ। ଯଦି କେହି ଘରୁ ସକାଳ ସମୟରେ ଅଫିସ ଯାଇଥିବେ ତେବେ ସଂନ୍ଧ୍ୟା ସମୟରେ ଏହି ଲେନରେ ଏତେଭିଡ ହୁଏ ଯେ ଘରକୁ ଫେରିପାରନ୍ତି ନାହିଁ। ଲୋକେମାନେ ହାଟକୁ ଆସି ଏହି ପୃଷ୍ଟି ଫେସନ ଲେନର ରାସ୍ତା ଉପରେ ବେଆଇନ୍ ଭାବେ ଗାଡି ପାର୍କିଂ କରୁଥିବାରୁ ସେଠିକାର ସ୍ଥାନୀୟ ଲୋକ ଘରୁ ବାହାରିପାରୁ ନାହାଁନ୍ତି। ବାଧ ହୋଇ ହାଟବାରୀ ଦିନ ସେଠିକାର ବାସିନ୍ଦା ଘରୁ ଗାଡିନେଇ ବାହାରକୁ ଯିବାକୁ ମନବଳାଉନାହାଁନ୍ତି। ଯଦି କେହି ଘରୁ ବାହିରି ଯାଇଛନ୍ତି ତେବେ ସଂନ୍ଧ୍ୟାବେଳେ ଫେରିବା ବେଳେ ଗାଡ଼ିକୁ ମେନ୍ ରୋଡ ସାଇଡରେ ରଖି ଘରକୁ ଚାଲିଚାଲି ଫେରୁଛନ୍ତି। କେବଳ ପୃଷ୍ଟି ଫେସନ ଲେନ୍ କାହିଁକି ଡମଣା ଛକରୁ ହାଟ ପର୍ଯ୍ୟନ୍ତ ରାସ୍ତା ମଧ ସନ୍ଧ୍ୟାରେ ଜାମ୍ ହୋଇଯାଉଥିବାରୁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ହାଟ ସାମ୍ନାରେ ଏକ ୟୁଟର୍ଣ୍ଣ ଥିବାରୁ ଅଧିକ ଟ୍ରାଫିକ୍ ସମସ୍ୟା ହେଉଥିବା ଅନେକ କହୁଛନ୍ତି। ଏଥିପାଇଁ ଅନେକ ଗଣ୍ଡଗୋଳ ଭଳି ସ୍ଥିତି ଉପୁଜିବା ସହ ଅନେକ ଦୁର୍ଘଟଣା ମଧ୍ୟ ଘଟିଛି। ଅନେକ ସମୟରେ ଭିଡ଼ ଏତେ ବଢି ଯାଉଛି ଯେ ବଦ୍ରି ଗାର୍ଡେନ ଆପାର୍ଟମେଣ୍ଟ ଓ ସ୍ଥାନୀୟ ଲୋକଙ୍କ ଘର ସାମ୍ନାରେ ଗାଡ଼ି ପାର୍କିଂ କରି ଲୋକେ ହାଟକୁ ଯାଉଛନ୍ତି। ହଜାର ହାଜର ଲୋକେ ଡମଣା ହାଟ ଉପରେ ନିର୍ଭର କରୁଥିବା ବେଳେ ପ୍ରତ୍ୟକ ହାଟବାରୀ ଦିନ ଏଠାରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ହେଲେ ଏଠାରେ ଯାନବାହାନ ପାର୍କିଂ ପାଇଁ କୌଣସି ସ୍ଥାନ ନାହିଁ। ଶହଶହ ମଟର ସାଇକେଲ, କାର, ଅଟୋ ନେଇ ଆସୁଥିବା ଲୋକେ ରାସ୍ତା ଉପରେ ପାର୍କିଂ କରି ହାଟ କରିବାକୁ ଯାଇଥାନ୍ତି। ଯିଏ ଯେଉଁଠି ପାରିଲା ଗାଡ଼ି ରଖି ଯାଇଥାନ୍ତି। ବିଏମସିର ମଧ ଏଥିପାଇଁ ନିଘା ନାହିଁ। ବିଏମସି ଅଧିକାରୀ କିମ୍ବା ବିଏମସି ସ୍କାଡ୍, କମିଶନରେଟ ପୋଲିସ କିମ୍ବା ଟ୍ରାଫିକ ବିଭାଗର କୌଣସି ଦୃଷ୍ଟି ନାହିଁ।

## ଚକ୍ଷୁ ଦାନ କରି ଅମର ରହିଲେ ଗୋଲାପ ସାହ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା-ଠାକୁରପାଟଣା ଗାଁର ସମାଜସେବୀ ତଥା ନାରୀନେତ୍ରୀ ଶ୍ରୀମତୀ ଗୋଲାପ ସାହୁଙ୍କର ସଡ଼କ ଦୁର୍ଘଟଣାରେ ଚିକିତ୍ସାଧିନ ଅବସ୍ଥାରେ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଅକାଳରେ ମାତ୍ର ୫୭ବର୍ଷ ବୟସରେ ମୃତ୍ୟୁ ହେବା ପରେ ତାଙ୍କ ର ଶେଷ ଇଚ୍ଛା ଅନୁଯାୟୀ ତାଙ୍କ ପରିବାରର ସମ୍ମତି କ୍ରମେ ଓଡ଼ିଶାର ଚକ୍ଷୁ ଚିକିତ୍ସା ସେବା କ୍ଷେତ୍ରରେ ନାଁ କରା ଚକ୍ଷୁ ପ୍ରତିଷ୍ଠାନ ଭୁବନେଶ୍ୱର ର ଏଲ୍ ଭି ପ୍ରସାଦ ଚକ୍ଷୁ ଭଣ୍ଡାର (ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କ)କୁ କ୍ୟାପିଟାଲ ହସପିଟାଲ ଠାରେ ତାଙ୍କର ଚକ୍ଷୁ ଦାନ କାର୍ଯ୍ୟକ୍ରମ ଡାକ୍ତରଙ୍କ ସମସ୍ତ ପରୀକ୍ଷା ନିରିକ୍ଷା ପରେ ଆଉ କାହାର ନିଶ୍ଚୟ ଦୃଷ୍ଟି ଶକ୍ତି ଫେରେଇ ଆଣିବା ଦୃଷ୍ଟିରୁ ପ୍ରମାଣପତ୍ର ପାଇବା ପରେ ସମାପ୍ତ ହୋଇଛି। ଫଳରେ ପରିବାର ସମସ୍ତ ସଦସ୍ୟଗଣ ତଥା ଜ୍ଞାତି କୁଟୁମ୍ବ ଏହି ମହାନ କାର୍ଯ୍ୟକୁ ନେଇ ଆତ୍ମ ସନ୍ତୋଷ ଲାଭ କରିବା ସହ ନିଶ୍ଚୟ ତାଙ୍କର ଆତ୍ମା ମୃତ୍ୟୁ ପରେ ବି ଅମର ହୋଇ ରହିବାର ବାସ୍ତବତାକୁ ନେଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ଛାଡ଼ିଦେଇ ଗଲେ ବୋଲି ସ୍ୱାମୀ ଶ୍ରୀଧର ସାହୁଙ୍କ ସମେତ ତାଙ୍କ ପୁତ୍ର ବିକାଶ ଓ ରାକେଶ, ଝିଅ ଜ୍ୱାଇଁ ବନ୍ଧୁ ବାନ୍ଧବ ଓ ଅଞ୍ଚଳ ବାସୀ ଦୁଃଖ ସହିତ ଖୁସି ବ୍ୟକ୍ତ କରିଛନ୍ତି।

## ଲୁଟେରାଙ୍କ ଟାର୍ଗେଟରେ ବିଦ୍ୟାଳୟ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ମାତିଛନ୍ତି ଲୁଟେରା। ସିଧା ସଳଖ ଟାର୍ଗେଟ କରୁଛନ୍ତି ମନ୍ଦିର, ଏବେ ମନ୍ଦିର ପରେ ନଜରରେ ବିଦ୍ୟାଳୟ। ଅଧିକାଂଶ ମନ୍ଦିର ପରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ କଳାକନା ବୁଲାଇଛନ୍ତି। ମାତ୍ର ଅଧିକାଂଶ ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। ସୁରକ୍ଷା ବ୍ୟବସ୍ଥା ଢିଲା ଓ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂରେ ଅବହେଳା ପାଇଁ ଏଭଳି ଘଟଣା ଦିନକୁଦିନ ବଢ଼ି ଚାଲିଛି। ସୂଚନା ଅନୁଯାୟୀ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ରାଇବେରୁଆଁ ଉପ୍ରା ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୪ଘ ୩୦ମିନିଟ ସମୟରେ ପୂର୍ବ ଦିନ ମାନଙ୍କ ଭଳି ବିଦ୍ୟାଳୟ ବନ୍ଦ କରି ପ୍ରଧାନ ଶିକ୍ଷୟତ୍ରୀ ଘରକୁ ଯାଇଥିଲେ।କିନ୍ତୁ ୨୫ତାରିଖ ବୁଧବାର ସକାଳ ୯ଘଟିକା ସମୟରେ ଆସି ଦେଖିଥିଲେ ଅଫିସ ସମେତ ଅନ୍ୟ ଗୃହ ତାଲା ଭଙ୍ଗାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି ହୋଇଛି। ଯାହା ମଧ୍ୟରେ ମଧ୍ୟାହ୍ନ ଭୋଜନ ବ୍ୟବହୃତ ଏଚ ପି ଗ୍ୟାସ ସିଲିଣ୍ଡର, ଚୁଲା, ପାଲ, ସାଉଣ୍ଡ ସିଷ୍ଟମ, ୨ଟି ସିଲିଂ ଫ୍ୟାନ, ଖେଳ ସାମଗ୍ରୀ ଠାରୁ ଆରମ୍ଭ କରି ବହୁ ଆବଶ୍ୟକୀୟ ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତ ପ୍ରଭା ମହାପାତ୍ର ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଗତ ୧୩ ତାରିଖରେ ବିଦ୍ୟାଳୟରୁ ସାମଗ୍ରୀ ମଧ୍ୟ ଚୋରି ହୋଇଥିଲା। ବାରମ୍ବାର ଚୋରି ହୋଇଥିବା ବେଳେ ଥାନା ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିବା ଅଭିଯୋଗରେ ପ୍ରଧାନ ଶିକ୍ଷୟତ୍ରୀ ଦର୍ଶାଇଥିବା ବେଳେ ଏହି ଘଟଣାକୁ ନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଓ ନିମାପଡା ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ ପ୍ରେରଣ କରିଛନ୍ତି। ଅଭିଯୋଗ ଗ୍ରହଣ କରି ଅସ୍ତରଙ୍ଗ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଅସ୍ତରଙ୍ଗ ପୁଲିସ ତରଫରୁ ସୂଚନା ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୁଟେରା ଗ୍ୟାଙ୍ଗ ଧରା ନ ପଡିବାରୁ ବାରମ୍ବାର ଏଭଳି ଲୁଟପାଟ କରି ଚାଲିଛନ୍ତି। ବର୍ଷବର୍ଷ ଧରି ଚୋରି ଘଟଣାରେ ଫାଇଲି ତଦନ୍ତ ନ ହୋଇ ପଡ଼ିରହିଛି। ତେବେ ପେଶାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ଏବେ ପୁଲିସକୁ ଚ୍ୟାଲେଞ୍ଜ କରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି।

## ଝାଡ଼ାବାନ୍ତିରେ ବୃଦ୍ଧା ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ଦରପୁର ଗ୍ରାମର ରେବତୀ ନାୟକ (୭୫) ନାମକ ଜଣେ ବୃଦ୍ଧାଙ୍କର ଝାଡ଼ାବାନ୍ତିରେ ମଙ୍ଗଳବାର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ବୁଧବାର ସନ୍ଧ୍ୟାରେ ତିହିଡ଼ି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ ସେହି ଗ୍ରାମକୁ ଯାଇ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥିବା ଜଣାଯାଇଛି। ବୃଦ୍ଧା ଜଣକ ରବିବାର ଝାଡ଼ାବାନ୍ତିରେ ଅସୁସ୍ଥ ହେବାପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇ ଥିଲା। ତେବେ ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାଯିବା ପରେ ଜାମଯୋଡ଼ି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜ୍ୟୋତିପ୍ରଭା ନାୟକ, ତିହିଡ଼ି ଗୋଷ୍ଠି ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୌରୀମଣି ସାହୁ, ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି ପ୍ରମୁଖ ସେହି ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ଲୋକଙ୍କୁ ସଚେତନ କରିବା ସହ ଏହି ଟିମ ଓଆରଏସ ଓ ଅନ୍ୟ ଔଷଧ ବିତରଣ କରିଥିଲେ ଏହାଛଡ଼ା ପାନୀୟ ଜଳ ବିଶୋଧନ କରିବାକୁ ସେମାନେ ଜଳ ଓ ପରିମଳ ବିଭାଗକୁ ସୂଚନା ଦେଇଥିବା ଜଣାଯାଇଛି।



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ) : ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଂଚାୟତ ବଡଥାକନ ଗ୍ରାମର ବହୁ ଚର୍ଚ୍ଚିତ ଓ ବିବାଦୀୟ ବାବା ତଥା କଥିତ ବ୍ରହ୍ମ ଅବଧୂତ ସୁକାନ୍ତ ଦାସ ମହାରାଜ ଓରଫ କାଲୁବାବାଙ୍କ ବିରୁଦ୍ଧରେ ଶୃଙ୍ଖଳଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ସୂଚନା ଥାଉକି ନିକଟରେ ସମ୍ପୃକ୍ତ ଭଣ୍ଡ ବାବା ନେମାଳ ଠାରେ ଏକ ବିବାଦୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ଯାହାକୁ ନେଇ ଅଚ୍ୟୁତ ପ୍ରେମୀ ତଥା ହିନ୍ଦୁ ସମ୍ପ୍ରଦାୟଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା। ତେବେ ଏହି ବାବା ଜଣକ ସ୍ଥାନୀୟ ଅଂଚଳରେ ଦିନକୁ ଦିନ ବିବାଦୀୟ ହୋଇପଡିଥିଲା ବେଳେ ଅନେକ ବିବାଦୀୟ ମନ୍ତବ୍ୟ ଦେଇ ଚାଲିଛନ୍ତି। ସେହିପରି ଭାବେ ଏହି ଭଣ୍ଡ ବାବା ଜଣକ ବହୁ ସମ୍ପତିର ଅଧିକାରୀ ମଧ୍ୟ ହୋଇପାରିଛନ୍ତି। ତେବେ ବାବା ଜଣକ ଏନେ ସମ୍ପତିର ମାଲିକ କିପରି ହେଲେ ତାହା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଆତ୍ମ ଘୋଷିତ ଏହି ଭଣ୍ଡ ବାବାଙ୍କର ଏହି ମନ୍ତବ୍ୟ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ମନରେ ଗଭୀର ଆଘାତ ଦେଇଥିବାର ଅଭିଯୋଗ ହୋଇଛି। ଫଳରେ ବହୁ ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ, ଜଗନ୍ନାଥପ୍ରେମୀ ଓ ହିନ୍ଦୁସଂଗଠନ ଏହି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ହିନ୍ଦୁ ଧର୍ମ ସଂସ୍କୃତି ପରମ୍ପରା ବିରୁଦ୍ଧରେ ଅପମାନ ଜନିତ ମନ୍ତବ୍ୟ ଦେଇଥିବା ସୁକାନ୍ତ ବାବାଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜ୍ୟ ମାନବାଧିକାର ପରିଷଦର ଅଧ୍ୟକ୍ଷା ସସ୍ମିତା ଦାସ,ରାଜ୍ୟ ସାଧାରଣ ସମ୍ପାଦକ ନାରାୟଣ ବିଶ୍ୱାଳ, ରାଜ୍ୟ ଉପସଭାପତି ସଙ୍ଗିତ ମହାନ୍ତି, କଟକ ଜିଲ୍ଲା ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳୀ ଦାସ, କଟକ ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଆକାଂକ୍ଷା ବେଉରା,ରାଜ୍ୟ ସହ ସମ୍ପାଦକ ରଞ୍ଜନ ଗୋଛି ପ୍ରମୁଖ କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ଭଣ୍ଡ ବାବା ବିବାଦୀୟ ମନ୍ତବ୍ୟ ଫେରାର ହୋଇଯାଇଥିବାର ଜଣାଯାଇଛି।

## ଗାଁକୁ ନାହିଁ ରାସ୍ତା, ଲୋକେ ହେଉଛନ୍ତି ହିନସ୍ତା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ) : ସ୍ୱାଧିନତାର ୭୮ ବର୍ଷ ପରେ ମଧ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଂଚାୟତ ସୁନାଲୁଣ୍ଡା ଗ୍ରାମକୁ ଏକ ନିତି ଦିନିଆ ଭଲ ରାସ୍ତା ନଥିବାର ଅଭିଯୋଗ ହୋଇଛି। ସୁନାଲୁଣ୍ଡା ଗ୍ରାମରେ ୫ଶହରୁ ଉର୍ଦ୍ଧ ଲୋକ ବାସ କରନ୍ତି। ବିଗତ ୨୦ ବର୍ଷ ହେଲା ଏହି ଗାଁର ଲୋକେ ଗମନା ଗମନ କରିବା ନିମନ୍ତେ ଗୋଟିଏ ଭଲ ରାସ୍ତା ନଥିବାର ଅଭିଯୋଗ ହୋଇଛି। ଏହି ଗାଁକୁ ଯିବା ନିମନ୍ତେ ଏକ ସଂକୀର୍ଣ୍ଣ ରାସ୍ତା ରହିଛି। ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାର ବହୁ ସ୍ଥାନରେ ମେଂଟାଲ ବାହାରି ପଡିଥିଲା ବେଳେ ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ପାଣି ଜମି ରହୁଛି। ଫଳରେ ସ୍ଥାନୀୟ ଗ୍ରାମବାସୀ, ସ୍କୁଲ କଲେଜ ଛାତ୍ର ଛାତ୍ରୀ ସର୍ବୋପରି ଅଙ୍ଗନୱାଡିର କୋମଳମତୀ ଶିଶୁ ମାନେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଗାଁର ପାଦଚଲା ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ଯାଇଥିବା କାରଣରୁ ଜରୁରୀ କାଳୀନ ପରିସ୍ଥିତିରେ ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନାହିଁ। ଫଳରେ ଜରୁରୀ କାଳୀନ ପରିସ୍ଥିତିରେ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ନଜିର ରହିଛି। ଅପରପକ୍ଷରେ ପ୍ରତି ନିର୍ବାଚନରେ ଏଠାକୁ ଧୋବ ଧୋବଳିଆ କଥା କୁହାଳିଆ ନେତା ମାନେ ଆସିଥାନ୍ତି। ନିର୍ବାଚନ ଜିତିବା ପରେ ଗାଁକୁ ଢଳେଇ ରାସ୍ତା ନିର୍ମାଣ କରିଦେବେ ବୋଲି ନିର୍ଭର ପ୍ରତିଶୃତି ଦେଇଥାନ୍ତି। ତେବେ ନିର୍ବାଚନ ବୈତରଣୀ ପାର ହେବା ପରେ ଏହି ନେତାମାନେ ଦେଇଥିବା ପ୍ରତିଶୃତିକୁ ଭୁଲି ଯାଇଥାନ୍ତି। ଯାହାକୁ ନେଇ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ନିଶ୍ଚିନ୍ତକୋଇଲି ବ୍ଲକରେ ଆବଶ୍ୟକତା ନଥାଇ ବିଭିନ୍ନ ଗ୍ରାମରେ ରାସ୍ତା ଉପରେ ରାସ୍ତା ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିଲା ବେଳେ ଏହି ଗ୍ରାମକୁ କାହିଁକି ରାସ୍ତା ନିର୍ମାଣ କରାଯାଉନାହିଁ ତାହା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

### ସହାୟତା ପାଇଁ ନିବେଦନ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତ ବାଙ୍କମୁହାଁ ଗ୍ରାମର ତପନ ଜେନାଙ୍କ କର୍କଟ ରୋଗ ପୀଡିତ ୪ ବର୍ଷୀୟ ଶିଶୁପୁତ୍ର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ୨୦୨୩ ମସିହା ଜୁଲାଇ ମାସରେ ଶିଶୁର ଗୋଡ ଫୁଲିବାରୁ ଚିକିତ୍ସା ପାଇଁ ପରିବାର ଲୋକେ କଟକ ବଡ ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତର ଟ୍ୟୁମର ଅସ୍ତ୍ରୋପଚାର କରିଥିଲେ। ମାତ୍ର ଶିଶୁ ଆରୋଗ୍ୟ ଲାଭ କରିନଥିଲା। ପୁନର୍ବାର ପରୀକ୍ଷା କରିବାରୁ କର୍କଟ ହୋଇଥିବା ଜଣାପଡିଥିଲା। ଏବେ କଟକ ଆଚାର୍ଯ୍ୟ ହରିହର ମେଡିକାଲରେ କେମୋ ଥେରାପି ଚିକିତ୍ସା ଚାଲିଛି। ହେଲେ ଅର୍ଥ ଅଭାବରୁ ଉପଯୁକ୍ତ ସମୟରେ କେମୋ ପାଇଁ ମେଡିକାଲକୁ ଯାଇପାରୁ ନାହାନ୍ତି ପରିବାର ଲୋକେ। ଶିଶୁର ପିତା ଦିନ ମଜୁରିଆ ଅଟନ୍ତି। ପରିବାରର ନିଜସ୍ୱ ଜମିବାଡି ନାହିଁ। କେବଳ ଭାଗବଖରା କରି ଯାହା କିଛି ଅମଳ ହେଉଛି ତାହା କିଛି ମାସର ଗୁଜୁରାଣ ମେଣ୍ଟାଉଛି। ଏଭଳି ପରିସ୍ଥିତିରେ ଶିଶୁର ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବା ସମ୍ଭବ ହୋଇପାରୁ ନାହିଁ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ଆର୍ଥୀକ ସହାୟତା ପାଇଁ ଶିଶୁର ପିତା ତପନ ନିବେଦନ କରିଛନ୍ତି। ସହାୟତା ପାଇଁ ୯୮୨୭୧୨୬୮୧୨ ନଂ ମୋବାଇଲରେ ଯୋଗଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

## ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି ଟ୍ରକ୍ ପାର୍କିଂ

ଖଇରପୁଟ, (ଭାସ୍କର ନ୍ୟୁଜ): ମାଥିଲି ଡାକ୍ତରଖାନା ମୁଖ୍ୟ ଗେଟ୍ ସମ୍ମୁଖରେ ଟ୍ରକ୍ ପାର୍କିଂ ହେଉଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଏଭଳି ଜାମ୍ ଯୋଗୁଁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ ଯିବାରେ ଅସୁବିଧା ହେଉଛି। ଅଧିକାରୀମାନେ ଜାଣିଶୁଣି ଟ୍ରକ୍ ଡ୍ରାଇଭରମାନଙ୍କୁ ମନାକରୁ ନ ଥିବାର ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ମାଥିଲି ଡାକ୍ତରଖାନା ମୁଖ୍ୟ ୩୨୬ ନମ୍ବର ଜାତୀୟ ରାଜପଥକୁ ଲାଗିଥିବାବେଳେ ସବୁ ଟ୍ରକ୍ ହେଉ କିମ୍ବା ବସ୍ ଜୟପୁରରୁ ମାଲକାନଗିରିକୁ ଆସୁଥିବା ବେଳେ ମେଡିକାଲ ପାଖରେ ପାର୍କିଂରେ ରଖି ଦେଉଛନ୍ତି। ଫଳରେ ରୋଗୀମାନଙ୍କୁ ନେବା ଆଣିବା କରୁଥିବା ଜରୁରିକାଳୀନ ସେବାରେ ବାଧା ସୃଷ୍ଟି ହେଉଛି । ପୋଲିସ ପ୍ରଶାସନ ଏଥପ୍ରତି ଦୃଷ୍ଟିଦେଇ ଟ୍ରକ୍‌ଗୁଡିକୁ ମେଡିକାଲ ସମ୍ମୁଖରୁ ହଟାଇବାକୁ ଦାବି ହେଉଛି ।

## ନିଖୋଜ ମହିଳାଙ୍କୁ ଖୋଜୁଛି ପରିବାର




କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଘାଗରବେଡ଼ା ଥାନା ପଗୁ ଗ୍ରାମର କୀର୍ତ୍ତନ ଗିରିଙ୍କ ଧର୍ମ ପତ୍ନୀ ଜ୍ୟୋତିଶ୍ରୀ ଗିରି ଦେଢ଼ ମାସ ହେଲା ପରିବାର ଛାଡ଼ି କୁଆଡେ ଚାଲି ଯାଇଛନ୍ତି। ଏନେଇ ସ୍ୱାମୀ କୀର୍ତ୍ତନ ଗିରି ଘାଗରବେଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ପୋଲିସ୍ ଥାନା ମାନଙ୍କୁ ମହିଳା ନିଖୋଜ ହୋଇଥିବା ସୂଚନା ଘାଗରବେଡ଼ା ଥାନା ପକ୍ଷରୁ ଦିଆଯାଇଛି। ତା ଭିତରେ ଦେଢ଼ ମାସ ହେଲା ପୋଲିସ୍ ନା ପରିବାର ଲୋକ ନା ଜ୍ଞାତି କୁଟୁମ୍ବ କାହା ପାଖରେ ଖବର ନାହିଁ। ଜ୍ୟୋତିଶ୍ରୀ ଏବଂ କୀର୍ତ୍ତନ ସାତ ବର୍ଷ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ତିନୋଟି ସନ୍ତାନ ମଧ୍ୟ ଅଛନ୍ତି। କିନ୍ତୁ ବାତ୍ସଲ୍ୟ ମମତା ବି ଟାଣି ଆଣି ପାରୁନି ଜ୍ୟୋତିଶ୍ରୀଙ୍କୁ। ତେବେ ଜ୍ୟୋତିଶ୍ରୀଙ୍କ ସ୍ୱାମୀ କହନ୍ତି ଦୁହିଁଙ୍କ ମଧ୍ୟରେ ଦିନ ବେଳେ ବଚସା ହୋଇଥିଲା ଏବଂ ସନ୍ଧ୍ୟା ବେଳେ ଘରୁ ବାହାରି ପଳାଇଲେ ଜ୍ୟୋତିଶ୍ରୀ। ଏପଟେ ସବୁଠୁ ସାନ ଝିଅ ଦୁଇ ବର୍ଷର ମାକୁ ପାଖରେ ନ ପାଇ ସବୁ ଖୁସି ସତେ ଯେମିତି ମିଳେଇ ଯାଉଛି ତା'ର।

## ୧୨ ବର୍ଷ ପରେ ଅସହାୟ ବୃଦ୍ଧାଙ୍କୁ ମିଳିଲା ଭତ୍ତା ଟଙ୍କା

ବନ୍ଧୁଗାଁ, (ଭାସ୍କର ନ୍ୟୁଜ) : ନିଜର ସ୍ୱାମୀ ମୃତ୍ୟୁ ପରେ ପୁଅଝିଅ ନ ଥିବାରୁ ଅସହାୟ ଅବସ୍ଥାରେ ନିଜର ଭୋଟ କାର୍ଡ ମାଧ୍ୟମରେ ଭତ୍ତା ପାଇ ଆସୁଥିଲେ ବୃଦ୍ଧା ଜଣକ। ଆଧାର କାର୍ଡ ବାଧ୍ୟତାମୂଳକ ହେବାରୁ ବୃଦ୍ଧାଙ୍କ ଆଧାର କାର୍ଡ ହୋଇ ନ ପାରିବାରୁ ୧୨ ବର୍ଷ ତଳେ ଭତ୍ତା କଟି ଯାଇଥିଲା। ଗଣମାଧ୍ୟମ ପେଦାଲୋଡା ପଞ୍ଚାୟତ ସରପଞ୍ଚ ଶେଖର କଣ୍ଡାଗୋରି ବୃଦ୍ଧାଙ୍କ ଭତ୍ତା ଅଟକି ଯାଇ ଥିବା ଆଜକୁ ୩ ମାସ ତଳେ ଜଣାଇଥିଲେ। ବୃଦ୍ଧାଙ୍କ ପାଉଥିବା ଭତ୍ତା କାର୍ଡ, ଭୋଟ ଫୋଟ ଓ ପାସ ବୁକ ସଂଗ୍ରହ କରି କେଉଁ କାରଣରୁ ଭତ୍ତା ଅଟକିଛି ଜାଣିବାକୁ ବିଏସ୍‌ଏସ୍‌ଓ ଦୀପକ କୁମାର ବେଉରିଆଙ୍କ ନିକଟରେ ପହଞ୍ଚି ଥିଲେ। ବିଏସଏସଓ ବୃଦ୍ଧାଙ୍କ ପାଇଁ ସଙ୍ଗେ ସଙ୍ଗେ ଭତ୍ତା କାର୍ଡ ଅନୁଯାଇ ଭତ୍ତା ପାଇବା ସମସ୍ତ ପ୍ରକାର ବ୍ୟବସ୍ଥା କରି ଦେଇ ଥିଲେ। କିନ୍ତୁ ଅସହାୟ ବୃଦ୍ଧା ଲିମେକା ଡୁମ୍ବେ ନିଜର ପେଦାଲୋଡା ପଞ୍ଚାୟତର ଝାଙ୍କରକାର୍ଲି ଗାଁ ଛାଡ଼ି ଆଲମଣ୍ଡା ପଞ୍ଚାୟତର ରାମଚନ୍ଦ୍ରପୁର ଗାଁରେ ନିଜ ସାନ ଭଉଣୀ ବିଧବା ଏଙ୍କା କଣ୍ଡାତାମାରା ପାଖରେ ରହୁଛନ୍ତି। ଆଜି ପେଦାଲୋଡା ସରପଞ୍ଚ ଓପିଇଓବି ମହେଶ ରାଓ ରାମଚନ୍ଦ୍ରପୁର ଗାଁକୁ ଯାଇ ଏକା ଥରେ ୩ ମାସର ଭତ୍ତା ୩୪୦୦ ଟଙ୍କା ବୃଦ୍ଧାଙ୍କୁ ପ୍ରଦାନ କରିଥିଲେ। ୧୨ ବର୍ଷ ପରେ ଆଜି ପୁନର୍ବାର ଭତ୍ତା ପାଇଥିବାରୁ ବୃଦ୍ଧାଙ୍କ ମୁହଁରେ ଖୁସି ଫେରି ଆସିଛି। ଏଥିପାଇଁ ସ୍ଥାନୀୟ ସମ୍ବାଦ ପ୍ରତିନିଧି, ବିଏସ୍‌ଏସ୍‌ଓ, ସରପଞ୍ଚ ଓ ପିଇଓଙ୍କୁ ବୃଦ୍ଧାଙ୍କ ସମେତ ଅନେକ ବୁଦ୍ଧିଜୀବି ଧନ୍ୟବାଦ ଜଣାଇଛନ୍ତି।



## ବିଜେପିର କଳା ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବିଜେପି ପାର୍ଟି କାର୍ଯ୍ୟାଳୟରେ ଆଜି 'କଳା ଦିବସ' ପାଳିତ ହୋଇଛି। ଏହି ଦିନଟି ୧୯୭୫ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଦ୍ୱାରା ଘୋଷିତ 'ଜରୁରୀକାଳୀନ ପରିସ୍ଥିତି' ବିରୋଧରେ ସ୍ମୃତି ଓ ପ୍ରତିବାଦ ରୂପେ ପାଳିତ ହୁଏ। ମାଲକାନଗିରି ଜିଲ୍ଲା ସହିତ ସମସ୍ତ ପଞ୍ଚାୟତର ବିଜେପି ଓ ଯୁବ ମୋର୍ଚ୍ଚା ସଦସ୍ୟମାନେ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମରେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡା କହିଥିଲେ ଯେ ଜରୁରୀକାଳ ହେଉଛି ଭାରତର ଲୋକତନ୍ତ୍ର ଉପରେ ଏକ ଅନ୍ୟାୟ ଆକ୍ରମଣ। ଏହି ଦିନ ଆମକୁ ସତର୍କ କରେ ଯେ ଆଜି ମଧ୍ୟ ଲୋକତନ୍ତ୍ରକୁ ରକ୍ଷା କରିବା ଦାୟିତ୍ୱ ଆମର ଅଛି। ମୁଖ୍ୟ ବକ୍ତା ଭାବେ ଶ୍ୟାମଲ ସୁନାନୀ ଜରୁରୀକାଳ ସମୟର ଅନୁଭୂତି ବ୍ୟାଖ୍ୟାନ କରିଥିଲେ। ବିଜେପି ଓଡ଼ିଶା ସଂଗଠନ ସମୟରେ ଘଟିଥିବା ଅନ୍ୟାୟ ଓ ଦମନକୁ ଲୋକଙ୍କ ମଧ୍ୟରେ ତୁଳି ଧରି ଲୋକତନ୍ତ୍ର ପାଇଁ ସଂଗଠିତ ହେବା ପାଇଁ ଆହ୍ୱାନ କରିଛି। ବିଜେପି ଦ୍ୱାରା ପାଳିତ 'କଳା ଦିବସ' ମାନବ ଅଧିକାର ଓ ଲୋକତନ୍ତ୍ର ପାଇଁ ଏକ ଶିକ୍ଷା ଓ ସଚେତନତାର ପ୍ରତୀକ ହିସାବରେ ଉପସ୍ଥାପିତ ହୋଇଛି। ଅନ୍ୟତମ ଅତିଥି ଭାବରେ ମାଲକାନଗିରି ବ୍ଲକ ଉପ ଅଧକ୍ଷ ନିରଞ୍ଜନ ହାଲଦାର, ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁବାସ ପଡ଼ିଆମୀ, ତା'ସହିତ ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ପ୍ରତି ପଞ୍ଚାୟତ ଓ ଏନ୍‌ଏସିରୁ ଆସିଥିବା ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ସଭା ଶେଷରେ ଆସିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ୨ଟି ଦଳ ଗଠିତ କରାଯାଇ କଳା ଦିବସ ସପକ୍ଷପରେ ଓ ବିପକ୍ଷରେ ଆଲୋଚନା କରାଯାଇଥିଲା।

## ରାଜ୍ୟ ସରକାରଙ୍କ ସଂକଳ୍ପ : ଜିଲ୍ଲାରେ ପ୍ରଭାବ ଶୂନ୍ୟ

କନ୍ଧମାଳ, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଆହ୍ୱାନ ଆମ ସଂକଳ୍ପ ନିଶା ନୁହେଁ, ଜୀବନ ! କିନ୍ତୁ କନ୍ଧମାଳ ଜିଲ୍ଲାରେ ଏହା ତ କାର୍ଯ୍ୟକ୍ଷମ ହେଉ ନାହିଁ ? ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗର ସଚେତନତା ଅଭାବରେ ଜିଲ୍ଲାରେ ମଦ କାରବାର, ଗଂଜେଇ, ପୁଡ଼ିଆ ଆଦି ବ୍ୟବସାୟ ବୃଦ୍ଧି ପାଇଛି। ମଦ ଦୋକାନ, ପୁଡ଼ିଆ ଦୋକାନ, ଡ୍ରଗ୍ସ ଦୋକାନରେ କୌଣସି ଦିନ ଚଢ଼ାଉ କରାଯାଇ ନାହିଁ। ଏମିତି କି ଏ ଦିଗରେ ସାମାନ୍ୟତମ ଦୃଢ଼ ପଦକ୍ଷେପ ନେବାରେ ମଧ ସମୟ ସମୟରେ ପଛଘୁଞ୍ଚା ଦେଉଥିବାର ଦେଖାଯାଇଛି। ସହର ବଜାରରେ ରହିଥିବା ମଦ ଦୋକାନ ସମ୍ମୁଖ ଓ ଭିତରେ ଦିନ ରାତି ଯେ ଖୋଲମ ଖୋଲା କାହାକୁ ଭୟ ନ କରି ମଦ ପାନ କରୁଛନ୍ତି। ଅନ୍ୟପକ୍ଷେ ପାନ ଓ ଚା ଦୋକାନ ମାନଙ୍କରେ ମଧ ଖୋଲମ ଖୋଲା ଗୁଟଖା, ପୁଡ଼ିଆ, ଗଞ୍ଜେଇ, ସିଗାରେଟ ବିକ୍ରି ବୃଦ୍ଧି ପାଇଛି। ଡ୍ରଗ୍ସ ଦୋକାନ ମାନଙ୍କରେ ମଧ ଡୁପ୍ଲିକେଟ ଔଷଧ ଓ ଯୁବପିଢ଼ିଙ୍କ ନିଶାରେ ସହାୟକ ହେଉଥିବା କିଛି ଔଷଧ ବିକ୍ରି ହେଉଥିବାର ଖବର ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ସବୁ ଜାଣି ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଏ ସବୁ ଦିଗରେ ଚୁପ ରହିଆସୁଛି। ସେପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ମଇ ୩୧ ରୁ ଜୁନ ୨୬ ଯାଏଁ ରାଜ୍ୟ ବ୍ୟାପି ପରିଚାଳିତ ହେଉଥିବା ଜନ ସଚେତନତା ଅଭିଯାନ 'ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ, ଜୀବନକୁ ବାଛିବା' କନ୍ଧମାଳ ଜିଲ୍ଲାରେ ପ୍ରହସନ ମାତ୍ର ବୋଲି କୁହାଯାଉଛି। କାହିଁକି ନାଁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ମାଦକ ତଥା ନିଶାଦ୍ରବ୍ୟକୁ ନେଇ ରହିଥିବା ସଚେତନତା ଗୁଡିକ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ହେଉ ଅଥବା ଅପମିଶ୍ରିତ, ବିଷାକ୍ତ ମଦ ଏବଂ ଚୋରା ମଦ, କାରବାର ସମ୍ପୂର୍ଣ୍ଣ ରୋକିବା ଦିଗରେ ବଳିଷ୍ଠ ପଦକ୍ଷେପ ନେଇ ପାରିନାହିଁ। ତେଣୁ ରାଜ୍ୟ ସରକାରଙ୍କ ଅଭିଯାନ ଯେ କନ୍ଧମାଳ ଜିଲ୍ଲାରେ ମୂଲ୍ୟ ହୀନ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଏହାରି ଉପରେ ସରକାର ଦୃଢ଼ ପଦକ୍ଷେପ ନେଲେ 'ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ, ଜୀବନକୁ ବାଛିବା'ସାକ୍ଷାର ହେବ।

## ରଥଯାତ୍ରା ପାଇଁ ଚଳଚଞ୍ଚଳ ଦାସିଆ ବାଉରୀ ମଠ



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଚଳିତବର୍ଷ ରଥଯାତ୍ରା ପର୍ବ ୨ଦିନ ଥିବାବେଳେ, ଶ୍ରୀ ଜିଉଙ୍କ ପରମଭକ୍ତ ଦାସିଆ ବାଉରୀ ପୀଠ ବାଲିଗାଁ ଚଳଚଞ୍ଚଳ ହୋଇ ଉଠିଛି। ବିଗତ ୨୦୦୯ ମସିହା ଠାରୁ ଏଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିଷ୍ଠା ହେବାପରେ ତତକାଳୀନ ପୁରୀ ଶ୍ରୀମନ୍ଦିରର ଉପପ୍ରଶାସକ ଡ଼ଃ ଭାସ୍କର ମିଶ୍ରଙ୍କ ପରାମର୍ଶ କ୍ରମେ ଶ୍ରୀ ଗୁଣ୍ଡିଚା ଅବସରରେ ସ୍ୱତନ୍ତ୍ର ତୁଳସୀ ବେଶ କରାଯାଇଥାଏ। ସ୍ୱଦେଶୀ ଫୁଲ ବିଭିନ୍ନ କିସମର ସଂଗ୍ରହ କରାଯାଇ ବିଭିନ୍ନ ଅଳଙ୍କାର ତିଆରି କରାଯାଏ। ଏଥି ସହିତ ପଦ୍ମ ଫୁଲର ସ୍ୱତନ୍ତ୍ର ମାଳାରେ ବିଗ୍ରହମାନଙ୍କୁ ସୁସଜ୍ଜିତ କରାଯାଇଥାଏ। ନିକଟବର୍ତ୍ତି ୫୦ ଗୋଟି ଗ୍ରାମର ଶ୍ରଦ୍ଧାଳୁମାନେ ଏହି ପର୍ବରେ ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯଥା-ଭଜନ, ଜଣାଣ, ସଂକୀର୍ତ୍ତନ, ନାମଯଜ୍ଞ, ବେଦପାଠ, ନୃତ୍ୟ ପରିବେଷଣ ଇତ୍ୟାଦିରେ ସହଯୋଗ କରିଥାନ୍ତି। ମଧ୍ୟାହ୍ନ ଧୂପ ପରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଏ।

## ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବ



ଖଇରପୁଟ, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ଥିବା ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଆଜି ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସୀମାଞ୍ଚଳ ପାତ୍ରଙ୍କ ଉଦ୍ୟମରେ ଦୀର୍ଘ ଦିନର ସ୍ୱପ୍ନ ଆଜି ପୂରଣ କରିବା ସହିତ ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବ ହୋଇ ଯାଇଛି। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ସୀମାଞ୍ଚଳ ପାତ୍ର, କନିଷ୍ଠ ପୂଜକ ପ୍ରଶାନ୍ତ କୁମାର ପାତ୍ର ଓ ବିକାଶ ପରିଛା ଉପସ୍ଥିତ ରହି ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବକୁ ବୈଦିକ ରୀତିରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ସମାପନ କରିଥିଲେ। ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବରେ ବସନ୍ତ କୁମାର ପଣ୍ଡା ଓ ତାଙ୍କର ଧର୍ମପତ୍ନୀ ପ୍ରମିଳା ପଣ୍ଡା ସମସ୍ତ ନିଷ୍ଠାର ସହିତ ପୂଜାର୍ଚ୍ଚନାର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ସହ ସାଧାରଣ ଭକ୍ତଙ୍କ ପାଇଁ ଉତ୍ସର୍ଗ କରାଯାଇଛି ବୋଲି ପୂଜାର କର୍ତ୍ତା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ। ଏହି ଶୁଭ କାର୍ଯ୍ୟରେ ମାଥିଲି ଗାଁ ମୁଖିଆ ନରସିଂହ ନାୟକ, ବ୍ରାହ୍ମଣ ସମାଜ ସଭାପତି ଶ୍ରୀ ପ୍ରସାଦ ପରିଛା, ଯୁବକ ସଂଘର ସଭାପତି ମନୀ କୁମାର, ବିକ୍ରମ ଚୌଧୁରୀ ଓ ଜିତୁ ଚୌଧୁରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ। ପଞ୍ଚ ବୃକ୍ଷ ଓ ଶକ୍ତି ପୀଠର ପ୍ରତିଷ୍ଠା ଉତ୍ସବ ରେ ଅଞ୍ଚର ଅନେକ ଭକ୍ତ ଯୋଗ ଦେଇଥିବା ବେଳେ ମନ୍ଦିର ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ତରଫରୁ ସ୍ୱତନ୍ତ୍ର ରେଳ ସେବା

ବାରିପଦା, (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ପୁରୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ବିଶେଷ ଦିନମାନଙ୍କରେ ଭକ୍ତ, ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ସର୍ବପରି ସାଧାରଣ ଜନତାଙ୍କ ସୁଗମ ଯାତାୟାତ ପାଇଁ ପୂର୍ବ ତଟ ରେଳପଥ ତରଫରୁ ସ୍ୱତନ୍ତ୍ର ରେଳ ସେବାର ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ମୟୁରଭଞ୍ଜ ଜିଲ୍ଲାରୁ ତା ୨୫-୦୬-୨୦୨୫ ରିଖ ଏବଂ ତା ୦୪-୦୭-୨୦୨୫ ରିଖ ସ୍ୱତନ୍ତ୍ର ରେଳ ନମ୍ବର ୦୮୩୭୯ ବାଦାମପାହାଡ ରେଳ ଷ୍ଟେସନରୁ ବାହାରି ମୁଖ୍ୟ ଷ୍ଟପେଜ ହିଜିଳି, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, କଟକ ଦେଇ ପୁରୀରେ ପହଞ୍ଚିବ। ସେହିପରି ତା ୨୬-୦୬-୨୦୨୫ ରିଖ ଓ ତା ୦୪-୦୭-୨୦୨୫ ରିଖ ସ୍ୱତନ୍ତ୍ର ରେଳ ୦୮୩୮୧ ବାଙ୍ଗରିପୋଷୀ ରେଳ ଷ୍ଟେସନରୁ ବାହାରି ମୁଖ୍ୟ ଷ୍ଟପେଜ ବାରିପଦା, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ ଦେଇ ପୁରୀରେ ପହଞ୍ଚିବ। ଯାତ୍ରୀ ମାନଙ୍କୁ ସରକାରୀ ରେଳ ପୋର୍ଟାଲ ମାଧ୍ୟମରେ ସମୟସୂଚୀ ଏବଂ ଉପଲବ୍ଧତା ସମ୍ବନ୍ଧରେ ଯାଞ୍ଚ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।



## ବଜ୍ରପାତ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ବଜ୍ରପାତରୁ ସୁରକ୍ଷା ତଥା ବିଜୁଳି, ଘଡ଼ଘଡ଼ି ସମୟରେ ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳ ବିଶାଳ ସିଂହ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି ଓ ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡ଼ଘଡ଼ି, ବିଜୁଳି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଗଛ ତଳେ ବା ବୁଦା ନିକଟରେ ଆଶ୍ରୟ ନନେବା, ଖୋଲା ପଡ଼ିଆ ବା କ୍ଷେତରେ ନ ରହିବା, ବିଜୁଳି ମାରିବା ସମୟରେ ବାହାରକୁ ନ ବାହାରିବା, ଘରେ ଥିବା ବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ି କରି ରହିବା ଓ ଅନ୍ୟାନ୍ୟ ସାବଧାନତା ଉପରେ ଲୋକଙ୍କୁ ପ୍ରଚାର ମାଧ୍ୟମରେ ସଚେତନ କରିବ। କେନ୍ଦୁଝର ଜିଲ୍ଲାର ଭୌଗଳିକ ସ୍ଥିତି ଆଧାରରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜନ ସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ଏବଂ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଆଜିର ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ଓ ଓଏସଡିଏମଏର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏସକେ ଇଜାଜ ଇକବାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଆରପି ଓ ସିଏମ୍‌ଙ୍କ ଦରମା ବନ୍ଦ ଅଭିଯୋଗ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ବନ୍ଦାଲୋ-ମଢିଆଳି ପଞ୍ଚାୟତର ସମସ୍ତ ୧୦ଟି ଆଞ୍ଚଳିକ ମଞ୍ଚର ସିଆର୍‌ପି ଓ ସିଏମ୍‌ମାନଙ୍କ ଦରମା ଗତ ୨୦୨୪ ଅପ୍ରେଲ ମାସ ଠାରୁ ମନମୁଖି ଭାବେ ଅଟକାଯାଉଛି ବୋଲି ଅଭିଯୋଗ ହେଉଛି। ବ୍ଲକର ଅନ୍ୟ ସମସ୍ତ ୨୨ଟି ପଞ୍ଚାୟତ ଆଞ୍ଚଳିକ ମଞ୍ଚ ସିଆର୍‌ପି ଓ ସିଏମ୍‌ମାନଙ୍କ ବକେୟା ଦରମା ପ୍ରଦାନ କରାଯାଇ ସାରିଛି। ମାତ୍ର ବନ୍ଦାଲୋ-ମଢିଆଳି ପଞ୍ଚାୟତ ମହାସଂଘ ସଭାନେତ୍ରୀଙ୍କ ମନମାନୀ ଯୋଗୁଁ ସିଆର୍‌ପି ଓ ସିଏମ୍‌ମାନଙ୍କ ଦରମା ମିଳିପାରୁ ନାହିଁ। ମହାସଂଘ ପୁର୍ନଗଠନକୁ ରୋକାଯିବା ଲକ୍ଷ୍ୟରେ ଦରମା ବନ୍ଦ କରାଯାଇଛି ବୋଲି ନୂଆପାଟଣା-କାଜିପାଟଣା ସିଆର୍‌ପି ଅନିତା ରାଉତ, ମଢିଆଳି ଆଞ୍ଚଳିକ ମଞ୍ଚ ସିଆରପି ଅନ୍ନପୂର୍ଣ୍ଣା ରାଉତ, ବନ୍ଦାଲୋ ଆଞ୍ଚଳିକ ମଞ୍ଚ ସିଆରପି ବାଣୀଶ୍ରୀ ବନ୍ଦିତା ରାଉତ, ମଢିଆଳି ମଞ୍ଚ ସିଆରପି କନକଲତା ବାରିକ, ବରିଡି ମଞ୍ଚ ସିଆର୍‌ପି ଶୁଭଶ୍ରୀ ଶୁଭଦର୍ଶନୀ ପାଢୀ, ମହେଶ୍ୱରପୁର ମଞ୍ଚ ସିଆର୍‌ପି ସଂଘମିତ୍ରା ଖିଲାର, ମହେଶ୍ୱରପୁର ମ-୨ ସିଆର୍‌ପି ସବିତା ଜେନା, ବଳିପୁର-୨ ମଞ୍ଚ ସିଆର୍‌ପି ସ୍ୱର୍ଣ୍ଣପ୍ରଭା ବେହେରା, ନମକଣା ମଞ୍ଚ ସିଆର୍‌ପି ସସ୍ମିତା ଜେନା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସି.ଆର.ପି. ଓ ସି.ଏମ.ମାନଙ୍କ ଦରମା ବନ୍ଦ ଅଭିଯୋଗ ସତ୍ୟ ଅଟେ। ସି.ଆର.ପି. ଓ ସିଏମ୍‌ମାନେ ସଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି ଓ ସଂଘର ଏମ୍‌ବିକେ ନିଯୁକ୍ତି ସମସ୍ୟା ବିଡିଓ ତୁଟାଉନଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସଂପୃକ୍ତ ସଭାନେତ୍ରୀ କଳ୍ପନା ଦାଶ ମତରଖିଛନ୍ତି।

### ଗୋପାଳପୁର ଗଣଦୁଷ୍କର୍ମ ଘଟଣା

## ଯୁବ ଓ ଛାତ୍ର ବିଜେଡ଼ିର ବିକ୍ଷୋଭ



ଗରଦପୁର, (ଭାସ୍କର ନ୍ୟୁଜ୍) : ଗୋପାଳପୁର ଗଣଦୁର୍ଷ୍କର୍ମ ଓ ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ଘଟଣାକୁ ନେଇ ରାଜ୍ୟର ଶାସନାଧିନ ବିଜେପି ସରକାର ବିରୁଦ୍ଧରେ ଆଜି ପାଟକୁରା ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ କୋରୁଆ ସ୍ଥିତ ଲୋକନାଥ ମହାବିଦ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ଶହ ଶହ ସଂଖ୍ୟାରେ ଯୁବ ଓ ଛାତ୍ର ଏକଜୁଟ ହୋଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିବା ବେଳେ ବିଜୁ ଯୁବ ଜନତା ଦଳର ଗରଦପୁର ବ୍ଲକ୍ ସଭାପତି ପୂର୍ଣ୍ଣଜିତ ବରାଳ, ବିଜୁ ଛାତ୍ର ଜନତା ଦଳର ବ୍ଲକ୍ ସଭାପତି ତପନ ଜେନା, ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ ଆଲୋକ ମାହାଲୀ, ଯୁବନେତା ବିପ୍ଳବ ଜେନା, ଲୋକନାଥ ମହାବିଦ୍ୟାଳର କୋ-କନ୍‌ଭେନର କମଳ ଲୋଚନ ସାହୁ, ଛାତ୍ରନେତା ନିଗମାନନ୍ଦ ଦାସ, ପରେଶ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଟିଆର୍‌ଏଲ କ୍ରୋସାକିକୁ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର

ବେଲପାହାଡ, (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଟିଆର୍‌ଏଲ କ୍ରୋସାକି କମ୍ପାନୀ ପାଞ୍ଚତାରକା ବର୍ଗରେ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର ୨୦୨୪ ଅର୍ଜନ କରିଛି। ଗତ ୨୧ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିଆର୍‌ଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ସାସ୍ୱତ ଦାସ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ଟିଆର୍‌ଏଲ କ୍ରୋସାକିର ଅନ୍ୟତମ ବରିଷ୍ଠ ଅଧିକାରୀ ମାନସ କୁମାର ସାହୁ ଏବଂ ମାନସ ରଞ୍ଜନ ଜେନା ପୁରସ୍କାର ଗ୍ରହଣ କରିବା ସମୟରେ ଶ୍ରୀ ଦାସଙ୍କ ସହିତ ସାମିଲ ଥିଲେ। ଏଥିରେ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟା ସଚିବ ଉମା ନନ୍ଦୁରୀ, ଭୁବନେଶ୍ୱର ନର୍ଥ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଇପିଇ ନିର୍ଦ୍ଦେଶକ ପ୍ରଫେସର ଏସ୍. ଶ୍ରୀଭାଷ ମୂର୍ତ୍ତି, ଅବସରପ୍ରାପ୍ତ ଆଇଏଏସ ଅଶୋକ ତ୍ରିପାଠୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ମଞ୍ଚରେ ଉପସ୍ଥିତ ଥିଲେ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଶିଳ୍ପ ମୁଖ୍ୟ, ବ୍ୟୁରୋକ୍ରାଟ୍ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ପୁରସ୍କାର ପ୍ରତିଯୋଗିତା ହାଇଦ୍ରାବାଦର ଗୁଣବତ୍ତା ଏବଂ ପରିବେଶ ପରିଚାଳନା ସେବା (ଆଇକ୍ୟୁଇଏମ୍‌ଏସ୍), ଓଡ଼ିଶା ରାଜ୍ୟ ଶିଳ୍ପ ଗୁଡ଼ିକର ସାମଗ୍ରିକ ପରିବେଶ ପ୍ରଦର୍ଶନ ଉପରେ ଆଧାର କରି ଆୟୋଜିତ ହୋଇଥିଲା। ଟାଟା ଷ୍ଟିଲ୍, ଜେଏସଡାବ୍ଲୁ ଷ୍ଟିଲ୍, ଜିନ୍ଦଲ୍ ଷ୍ଟେନଲେସ୍ ଆଦି ଶିଳ୍ପ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଟିଆରଏଲ କ୍ରୋସାକି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ପ୍ରଦୂଷଣ ନିୟନ୍ତ୍ରଣ, ବିପଦପୂର୍ଣ୍ଣ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ଇ-ବର୍ଜ୍ୟବସ୍ତୁ ପରିଚାଳନା, ସବୁଜ ବେଲ୍ଟ କଭରେଜ୍, ଜୈବ ବିବିଧତା, କାର୍ବନ ପାଦଚିହ୍ନ ହ୍ରାସ, ବର୍ଜ୍ୟବସ୍ତୁ ହ୍ରାସ, କଞ୍ଚାମାଲର ପୁନଃଚକ୍ରଣ ଏବଂ ପୁନଃବ୍ୟବହାର ଏବଂ ପ୍ରତ୍ୟାକ୍ଷାନ ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ମାଧ୍ୟମରେ ପରିବେଶ ପରିଚାଳନାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି।



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ୍): ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ନୂତନ ଭାବେ ପ୍ରତିଷ୍ଠିତ ମହାଦେବ କାଶୀ ବିଶ୍ୱନାଥଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ମଙ୍ଗଳବାର ପ୍ରଭାତରେ ଶୋଭାଯାତ୍ରାରେ ଯାଇ ଆଗ୍ରାହାଟସ୍ଥିତ ଶ୍ରୀ ବୈଦ୍ୟେଶ୍ୱର ମନ୍ଦିର ପୁଷ୍କରିଣୀରୁ ୧୦୮ କଳସ ପବିତ୍ର ଜଳ ଆଣି କାଶୀ ବିଶ୍ୱନାଥ ମନ୍ଦିରରେ ସ୍ଥାପନା କରିଥିଲେ । ପରେ ଯଜ୍ଞବେଦି ସ୍ଥାପନା, ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ ଏବଂ ଯଜ୍ଞାରମ୍ଭ ଆଦି ଅନୁଷ୍ଠିତ ହୋଇଥିଲା । ଦିପ୍ତି ରଞ୍ଜନ ସାମନ୍ତରାୟ ଓ ସୁଜାତା ସାମନ୍ତରାୟ କର୍ତ୍ତା ଓ କର୍ତ୍ତୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ସଂସ୍କୃତି ପରିଷଦର ପଣ୍ଡିତ ବିଷ୍ଣୁ ନାରାୟଣ ପାଢ଼ୀଙ୍କ ନେତୃତ୍ୱରେ ପଣ୍ଡିତ ଦେବଦତ୍ତ ଦାସ, ଜୟୀରାଜ ପାଢ଼ୀ,ବିଜୟ କୁମାର ମିଶ୍ର, ରାଜୀବ କୁମାର ଆଚାର୍ଯ୍ୟ ପ୍ରମୁଖ ଯଜ୍ଞ କର୍ମ ପରିଚାଳନା କରୁଛନ୍ତି ।ବୁଧବାର ଦିନ ମହାପ୍ରଭୁଙ୍କ ମହାସ୍ନାନ ଓ ଗୁରୁବାର ମନ୍ଦିରରେ ରନ୍ନ୍ୟୁଦ ଓ ଶୁକ୍ରବାରଦିନ ଜ୍ୟୋର୍ତିଲିଙ୍ଗ କାଶୀ ବିଶ୍ୱନାଥଙ୍କର ନୂତନ ମନ୍ଦିର ପ୍ରବେଶ ଓ ଜଗନ୍ନାଥଙ୍କ ଘୋଷଯାତ୍ରା କାର୍ଯ୍ୟକ୍ରମ ରୀତିନୀତିରେ ଅନୁଷ୍ଠିତ ହେବବୋଲି ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସାମଲ ସୂଚନା ଦେଇଛନ୍ତି ।

# ବିଦ୍ୟାଳୟରେ ଜଳଉତ୍ସ ବିଶୋଧନ ଓ ମାଧ୍ୟାହ୍ନ ଭୋଜନ ଉପରେ ଗୁରୁତ୍ୱ



ଯାଜପୁର (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ଜଳଉତ୍ସ ଗୁଡ଼ିକର ବିଶୋଧନ ଉପରେ ଆଲୋକପାତ କରାଯାଇଥିଲା। ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ହାଲୋଜେନ୍ ବଟିକା ବଣ୍ଟନ ନିମନ୍ତେ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏଚ୍୨ଏସ୍ ପଜିଟିଭ ମିଳୁଥିବା ସ୍କୁଲରେ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇ ଦିଆଯିବ। ସ୍କୁଲ ସବୁ ଖୋଲିଯାଇଥିବାରୁ ସ୍କୁଲରେ ଛାତ୍ର ଛାତ୍ରୀମାନଙ୍କୁ ଫୁଟା ପାଣି ଓ ହାଲୋଜେନ ବଟିକା ପକାଇ ପିଇବାକୁ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ପ୍ରତ୍ୟେକ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ମାନେ ସ୍କୁଲ ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୪ ଘଣ୍ଟା ପୂର୍ବରୁ କୌଣସି ରୋଗୀଙ୍କୁ ଡିସଚାର୍ଜ ନ କରିବା ପାଇଁ ଜିଲ୍ଲାପାଳ ଚିକିତ୍ସକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ତି ଅଞ୍ଚଳରେ ଯେମିତି କେହି ଖୋଲା କୂଅରୁ ପାଣି ନ ପିଇବେ ଏବଂ ପାଣିକୁ ଫୁଟାଇ ଛାଣି ପିଇବେ ଏହା ଉପରେ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ସି.ଡି.ପି.ଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଥିବା ସ୍କୁଲ ଗୁଡିକରେ ପାଣିକୁ ଫୁଟାଇ ରଖାଯିବ ଏବଂ ଏହାକୁ ଡବ୍ବି ସାହାଯ୍ୟରେ ପିଲାଙ୍କୁ ପିଇବାକୁ ଦିଆଯିବ ଏବଂ ଓ.ଆର.ଏସ ମଧ ପିଲାମାନଙ୍କ ପାଇଁ ସ୍କୁଲରେ ରଖାଯିବ ଯଦି କୌଣସି ପିଲାର ପତଳା ଝାଡା ହେଉଥିବାର ଜଣା ପଡ଼େ ତାଙ୍କୁ ତୁରନ୍ତ ଓଆରଏସ ଦ୍ରବଣ ପିଇବାକୁ ଦେଇ ହସ୍ପିଟାଲ ପଠାଯିବ। ପ୍ରତ୍ୟେକ ସ୍କୁଲକୁ ୩୦ ରୁ ୪୦ ଟି ଓଆରଏସ ଯୋଗାଇ ଦିଆଯିବ। ଏହାର ତଦାରଖ କରିବାକୁ ସମସ୍ତ ପଞ୍ଚାୟତର ପି.ଇ.ଓମାନଙ୍କୁ ପରାମର୍ଶ ଦିଆଯାଇଛି । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଆଇ.ଇ.ସି ଅକ୍ଟିଭିଟିଜ୍ ମାଧ୍ୟମରେ ନିଜ ପରିବାର ଓ ପଡୋଶୀ ଲୋକଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଯୋଗାଇ ସଚେତନ କରାଯିବ। ପିଲାମାନଙ୍କୁ ମଧ ଘରୁ ଫୁଟା ପାଣି ସ୍କୁଲ୍ କୁ ସାଙ୍ଗରେ ଆଣିବାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସର୍ବଦା ସ୍କୁଲ୍ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବେ। ମଧ୍ୟାହ୍ନ ଭୋଜନକୁ ଘୋଡାଇ ରଖିବେ ଯେପରି ମାଛି ନ ବସନ୍ତି । ସାବୁନ୍‌ରେ ହାତ ଧୋଇ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସୁନିଶ୍ଚିତ କରାଇବେ। ସ୍କୁଲ୍‌ରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ପ୍ରୋଟୋକଲ ପାଳନ କରାଯାଉଛି କି ନାହିଁ ମନିଟରିଂ ଟିମ୍ ଏହାର ତଦାରଖ କରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ସିଡ଼ିଓ ଅଶୋକ କୁମାର ବେହୁରିଆ,ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ୍ ଡିନ ତଥା ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର, ସିଡିପିଓ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ୯୫ ଜଣ ନୂଆ ରୋଗୀ ଆଡମିଟ ହୋଇଥିବାବେଳେ ୮୮ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୭ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବା ରୋଗୀ ଆଡମିଟ ହୋଇଛନ୍ତି। ୭ ଜଣ ରୋଗୀଙ୍କୁ ରେଫର କରାଯାଇଛି ଏବଂ ୯୭ ଜଣଙ୍କୁ ଡ଼ିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୧୮ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି ଯେଉଁଥିରେ ୧୧୬ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୨ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବା ର ସୂଚନା ମିଳିଛି।

# ଅଙ୍ଗନବାଡି ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକର ଉପାନ୍ତ ନଛିମପୁର ପଞ୍ଚାୟତର ବ୍ରହ୍ମପୁର ପାଟଣା ଅଙ୍ଗନୱାଡି କେନ୍ଦ୍ର ପାଇଁ ସହାୟିକା ନିଯୁକ୍ତି ପ୍ରକ୍ରିୟାରେ କେତେକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି । ମମତା ରାଣୀ ଦେ ଏଥିନେଇ ବାଲେଶ୍ୱର ଜିଲାପାଳ, ସାଂସଦ, ଉପଜିଲାପାଳ, ଅନ୍ୟ କେତେକ ପ୍ରଶାସନୀକ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି । ଘଟଣାରୁ ପ୍ରକାଶ ଉକ୍ତ କେନ୍ଦ୍ରର ସହାୟିକା ନିଯୁକ୍ତ ଲାଗି ୨୦୨୪ ଅଗଷ୍ଟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ହୋଇପାରିନଥିବାରୁ ଅନ୍ୟ ଦୁଇଥର ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୩ଥର ଯାକ ଆଶାୟୀ ପ୍ରାର୍ଥୀ ମମତା ରାଣୀ ଦେ

## ଜିଲ୍ଲାପାଳଙ୍କୁ ଦାବିପତ୍ର

ଆବେଦନ କରିଥିଲେ ମଧ୍ୟ ତାହା ତ୍ରୁଟିପୂର୍ଣ୍ଣ ଦର୍ଶାଇ ଅଦ୍ୟାବଧି ତାଙ୍କୁ ନିଯୁକ୍ତି ମିଳିନାହିଁ । ତାଙ୍କୁ ନ୍ୟାୟ ନ ମିଳିଲେ ସେ ଆସନ୍ତା ଦିନରେ ଆତ୍ମାହୁତି ଦେବାର ଉଲ୍ଲେଖ କରିଛନ୍ତି। ଏ ସଂପର୍କରେ ନଛିମପୁର ସରପଞ୍ଚ ରାଜେଶ ଜେନା ଗତ ୨୩-୫-୨୫ରେ ଜଳେଶ୍ୱର ବ୍ଲକର ସିଡିପିଓଙ୍କୁ ଜଣାଇଥିଲେ । ୩ଥର ବିଜ୍ଞପ୍ତି ହୋଇଥିଲେ ମଧ୍ୟ ବାସ୍ତବରେ ଉକ୍ତ ଗ୍ରାମ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି ଲିଖିତ ଭାବେ କିଛି ଆସିନଥିବା କହିଛନ୍ତି । ଏ ସଂପର୍କରେ ସିଡିପିଓ ଗିରିବାଳା ମହାନ୍ତିଙ୍କୁ ପଚାରିବାରୁ ସେ ସରକାରୀ ନିୟମ ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା ସମାପ୍ତ ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି ।

## ■ ଜମାକାରୀଙ୍କ ଅର୍ଥ ହଡ଼ପ ମାମଲା
# ବ୍ୟାଙ୍କ୍ କ୍ୟାସିଅରଙ୍କୁ ୨ ବର୍ଷ ଜେଲ



ଆଳି, (ଭାସ୍କର ନ୍ୟୁଜ୍): ଜମାକାରୀଙ୍କ ଅର୍ଥ ହଡ଼ପ ମାମଲାରେ ଆଳି ବ୍ଲକ ସିଙ୍ଗିରି ବଜାରସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖାର କ୍ୟାସିଅର ଅଭିରାମ ମଲିକଙ୍କୁ ଆଳିର ପ୍ରଥମଶ୍ରେଣୀ ବିଚାର ବିବାଗୀୟ ଅଦାଲତ (ଜେଏମଏଫସି ) ୨ ବର୍ଷ କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସିଙ୍ଗିରି ବଜାର ଇଣ୍ଡିଆନ ବ୍ୟାଙ୍କ ଶାଖାର ଜମାକାରୀ ପତ୍ରପୁର ପଞ୍ଚାୟତ ବନ୍ଧସାହି ବିଲିକଣା ଗ୍ରାମର ସୁରେନ୍ଦ୍ର ନାଥ ନାୟକ ୫ଟି ଜମାବହିରୁ ତାଙ୍କ ଅଜଣାତରେ ୭୦ଲକ୍ଷ ଟଙ୍କା ଉଠାଇ ନିଆଯାଇଥିଲା। ଟଙ୍କା ହଡ଼ପ ହୋଇଥିବା ସମ୍ପର୍କରେ ଜାଣିବା ପରେ ସେ ଆଳି ଥାନାରେ ଏତଲା ଦେଇଥିଲେ। ସୁରେନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଆଳି ଥାନାରେ ଏକ ମାମଲା (କେସ ନମ୍ବର-୯୩/୨୪)ରୁଜୁ କରାଯାଇଥିଲା । ଆଜି ପ୍ରଥମ ଶ୍ରେଣୀ ବିଚାର ବିବାଗୀୟ ଅଦାଲତ (ଜେଏମଏଫସି) ର ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ ଏହି ମାମଲାରେ କ୍ୟାସିଅର ଅଭିରାମ ମଲିକଙ୍କୁ ୨ ବର୍ଷର କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ସିଙ୍ଗିରି ବଜାର ଇଣ୍ଡିଆନ ବ୍ୟାଙ୍କ ଶାଖାର ବିଭିନ୍ନ ଜମା ବହିରୁ ଜମାକାରୀଙ୍କ ଅଜଣାତରେ ବିପୁଳ ପରିମାଣର ଅର୍ଥ ହଡ଼ପ ହେଉଥିବା ନେଇ ଚହଳ ପଡିଯାଇଥିଲା । ଜମାଅର୍ଥ ହେରଫେର ମାମଲା ରେ ଆଳି ଥାନା ସିଙ୍ଗିରି ଗ୍ରାମର ଅଞ୍ଜନ କୁମାର ମହାଳିକ ୧୧ଲକ୍ଷ ୧୫ ହଜାର ଟଙ୍କା, ସିଙ୍ଗିରି ଗାଁ ର ସଦାନନ୍ଦ ପୃଷ୍ଟିଙ୍କ ୪ଲକ୍ଷ ଟଙ୍କା ଫିକ୍ସ ଡିପୋଜିଟ ସମେତ ବିପୁଳ ପରିମାଣର ଅର୍ଥ ହଡ଼ପ ଘଟଣା ସେତେବେଳେ ଆଳି ସମେତ ସମଗ୍ର ଜିଲ୍ଲାରେ ଚହଳ ସୃଷ୍ଟି କରିଥିଲା । ସୂଚନା ସୂତ୍ରରୁ ପ୍ରକାଶ ପୂର୍ବରୁ ଅଞ୍ଜନ କୁମାର ମହାଳିକଙ୍କ ପତ୍ନୀ ଶଶୀକାଳାଙ୍କ ଆଳି ଥାନାରେ ଅଭିଯୋଗ ଆଧାରରେ କେଶ ନଂ ୧୦୧/୨୪ ବିଚାର ହୋଇ ଆଳି ଅଦାଲତରୁ ୨ ବର୍ଷର କାରାଦଣ୍ଡ ସହ ଅର୍ଥ ଦଣ୍ଡ ରେ ଦଣ୍ଡିତ ହୋଇଥିଲେ । ଅନ୍ୟପକ୍ଷରେ ଏହି ଉଭୟ କେଶ ରେ ସେହି ସମୟର ଶାଖା ପରିଚାଳକ ଏନ ପ୍ରଭାତ ଚୌଧୁରୀ ଓ ଆଜିର ଶୁଣାଣି ହୋଇଥିବା କେଶରେ ଶାଖା ସହ ପରିଚାଳକ ସତ୍ୟ ପ୍ରକାଶ ସାହୁଙ୍କୁ ନୋଟିସ ହେବା ସହ କୋର୍ଟ ଦ୍ୱାରା କେଶରେ ଯୋଗ କରାଯାଇଅଛି ବୋଲି ଆଳି ଅଦାଲତର ପବ୍ଲିକ ପ୍ରୋସିକ୍ୟୁଟର ହରପ୍ରିୟାସ ସୂଚନା ଦେଇଛନ୍ତି ।

# ବିରୂପାରୁ ଧରାହେଲା ୬୦କେଜିର ବିରଳ ମାଛ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ବିରୂପା ବ୍ୟାରେଜ୍‌ର ୧୩ନମ୍ବର ଗେଟ୍‌ରୁ ମଙ୍ଗଳବାର ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ବଂଶୀକଣ୍ଟାରେ ଏକ ବିରଳ ପ୍ରଜାତିର ସାଲଣ୍ଟ ମାଛ ଧରାଯାଇଛି । ସପନ ଦାସ ନାମକ ଜଣେ ମତ୍ସ୍ୟଜୀବୀ ନିଜର ହୁଲି ଡଙ୍ଗାରେ ପ୍ରତ୍ୟେକ ଦିନ ମାଛ ଧରିବାକୁ ବିରୂପା ବ୍ୟାରେଜ୍‌କୁ ଯାଇଥାନ୍ତି । ମଙ୍ଗଳବାର ସକାଳେ ବିରୂପା ବ୍ୟାରେଜ୍‌ର ୧୩ ନମ୍ବର ଗେଟ୍‌ରେ ଏକ ପୋହଳା ମାଛକୁ ନିଜ ବଂଶୀକଣ୍ଟାରେ ବାନ୍ଧି ପକାଇବା ପରେ ଏକ ବିରାଟ ସାଲଣ୍ଟ ମାଛ ବଂଶୀ କଣ୍ଟାରେ ଲାଗିଥିଲା । ମାଛଟିର ଓଜନ ଏତେ ଥିଲା ଯେ ଏକୁଟିଆ ସପନ ତାକୁ ଧରିକି କୂଳକୁ ଆଣିବା ଅସମ୍ଭବ ହୋଇପଡ଼ିଥିଲା। ପରେ ତାଙ୍କର ୪ଜଣ ବନ୍ଧୁଙ୍କ ସହ ମାଛଟିକୁ କୂଳକୁ ଆଣି ଓଜନ କରିଜାଣିବାକୁ ପାଇଥିଲେ ମାଛଟିର ଓଜନ ୬୦କିଲୋରୁ ଊର୍ଦ୍ଧ୍ୱ ହେବ ବୋଲି ।ମାଛଟିକୁ କୂଳକୁ ଆଣିବା ପରେ ଚୌଦ୍ୱାର ଅଂଚଳରେ ଏହି ବିରଳ ମାଛଟିକୁ ଦେଖିବା ପାଇଁ ବହୁ ଭିଡ଼ ଜମିଥିଲା ଏହାପରେ ଏହି ମାଛଟିକୁ କଲିକତାର ଜଣେ ବ୍ୟବସାୟୀ କିଣି ନେଇଥିବା ବେଳେ ଏହାର ମୂଲ୍ୟ ଜଣାପଡ଼ିନାହିଁ ।

# ଜଗଦମ୍ବା ସରସ୍ୱତୀଙ୍କ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ

ଆସିକା, (ଭାସ୍କର ନ୍ୟୁଜ) : ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଶାନ୍ତି ଶକ୍ତି ଭବନରେ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୦ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଅମୃତ ବେଳାରୁ ଆଧ୍ୟାତ୍ମିକ ପରିବେଶରେ ଯୋଗଯୁକ୍ତ ରହି ଶତାଧିକ ଭଉଣୀ ଭାଇ ରାଜଯୋଗ ମାଧ୍ୟମରେ ବିଶ୍ୱକୁ ଶାନ୍ତିର ସକାଶ ପ୍ରଦାନ କରିଥିଲେ। ଏହି ଅବସରରେ ଶାନ୍ତି ଶକ୍ତି ଭବନର ସଭାଗୃହରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ମାତେଶ୍ୱରୀଙ୍କ ସ୍ମୃତିଚାରଣ କରିବା ଅବସରରେ ପ୍ରକାଶ କରିଥିଲେ ଯେ ସମଗ୍ର ବିଶ୍ୱରେ ପରମାତ୍ମା ପିତାଙ୍କ ସନ୍ଦେଶ ପହଞ୍ଚାଇବା ଉଦ୍ଦେଶ୍ୟରେ ଶିବ ପିତାଙ୍କ ଶିକ୍ଷାର ସାକାର ଉଦାହରଣ ସ୍ୱରୂପା ମାତେଶ୍ୱରୀ ସମଗ୍ର ବିଶ୍ୱ ସେବାରେ ସମର୍ପିତ ଭଉଣୀ ଭାଇଙ୍କ ପ୍ରେରଣାର ଉତ୍ସ ଭାବେ ଆଜି ମଧ୍ୟ ସୂକ୍ଷ୍ମ ଦିଗଦର୍ଶନ ଦେଉଛନ୍ତି। ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ ଦାସ ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ପାଢୀ ଓ କାଳସଣ୍ଡ ପୁର ଉଚ୍ଚ ବିଦ୍ୟାପିଠର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ଅତିଥି ରୂପେ ଯୋଗଦେଇ ମାତେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାରୀ ଭାଗ୍ୟଲତା, ସୁଜ୍ଞାନୀ ତଥା ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

# ବ୍ଲକ ଯୋଗାଣ ବିଭାଗରେ କେୱାଇସି ପାଇଁ ଅସମ୍ଭାଳ ଭିଡ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଯୋଗାଣ ବିଭାଗରେ ମଙ୍ଗଳବାର ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଛି। ନୂତନ କାର୍ଡ ଆବେଦନ ଓ ପୁରାତନ କାର୍ଡଧାରୀଙ୍କ ସହ ନୂତନ ନାମ ସଂଯୋଗ ସହ ଇ-କେୱାଇସି ଦାଖଲ ପାଇଁ ଯୋଗାଣ ବିଭାଗ ଠାରୁ ବ୍ଲକଛକ ପର୍ଯ୍ୟନ୍ତ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଏଥିପାଇଁ ସରକାର ଜୁନ ୩୦ ତାରିଖ ଶେଷ ତାରଖ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଆଉ ମାତ୍ର ୩ ଦିନ କାର୍ଯ୍ୟ ଦିବସ ଥିବାରୁ ଭିଡ଼ ଲଗାଇଥିଲେ। ସରକାର ଡିଲର ପଏଣ୍ଟରେ ଇ-ପୋସ ମେସିନରେ ଏହି ସମସ୍ତ କାର୍ଯ୍ୟ କରାଯିବାକୁ ଘୋଷଣା କରିଥିଲେ। ହେଲେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇନଥିବା ଅଥବା ଜନସାଧାରଣଙ୍କୁ ଉପଯୁକ୍ତ ଭାବେ ଅବଗତ କରାଯାଇନଥିବା ଯୋଗୁଁ ବ୍ଲକ କାର୍ଯ୍ୟାଳୟରେ ଭିଡ ହୋଇଥିଲା। ଆଜିର ଭିଡକୁ ଦେଖି ଯୋଗାଣ ବିଭାଗ ହତଚକିତ ହୋଇ ଅପରାହ୍ନରେ ମାର୍କେଟିଂ ଇନିସପେକ୍ଟର ସର୍ବସାଧାରଣ ନୋଟିସ ଜାରି କରି ଡିଲର ପଏଣ୍ଟରେ ସମସ୍ତ କାର୍ଯ୍ୟ ତୁଲାଇବାକୁ ପରାମର୍ଶ ଦେଇଛନ୍ତି।

# ବେଲେଙ୍କେଶ୍ୱର ମହାଦେବଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକତିଆ ସ୍ଥିତ ବେଲେଙ୍କେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ପ୍ରତ୍ୟୁଷରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ନିକଟସ୍ଥ ଲୁଣାନଦୀର ଖଳାରେଶ୍ୱର ଘାଟରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ପରେ ପ୍ରଭୁଙ୍କ ରୁଦ୍ରାଭିଷେକ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଯଜ୍ଞରେ ଗୋ-ପୂଜା, ସୂର୍ଯ୍ୟପୂଜା କରାଯାଇ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା । ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପୂଜା ଓ ଯଜ୍ଞ କାର୍ଯ୍ୟରେ ବିଶ୍ୱରଞ୍ଜନ ମିଶ୍ର ଓ ତାଙ୍କ ପତ୍ନୀ ଜୟଶ୍ରୀ ମିଶ୍ର କର୍ତାକର୍ତୀ ଭାବେ କାର୍ଯ୍ୟନିର୍ବାହ କରିଥିଲେ । ଏହି ଉପଲକ୍ଷେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ ପ୍ରଧାନ, ପ୍ରଦୀପ୍ତ ରାଉତ, କୁଞ୍ଜ ବିହାରୀ ତ୍ରିପାଠୀ, ଜ୍ଞାନ ରଞ୍ଜନ ରାଉତ, ଦେବାଶିଷ ବେହେରା, ଜ୍ଞାନ ରଞ୍ଜନ ଦାସ, ଜୟନ୍ତ କୁମାର ଶତପଥି, ସୁଶାନ୍ତ ପଟ୍ଟନାୟକ, ଜୟନ୍ତ ମିଶ୍ର, ତ୍ରିଲୋଚନ ନାୟକ, ଦାମୋଦର ମିଶ୍ର, ମାନଗୋବିନ୍ଦ ସିଂ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

# ବିଏମ୍‌ସି ପକ୍ଷରୁ ଚଢ଼ାଉ, ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜୋରିମାନା ଆଦାୟ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆକାରରେ ମୋଟ ୧,୪୦,୭୦୦ ଟଙ୍କା ଆଦାୟ କରାଯାଇଛି। ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କଙ୍କ ନିର୍ଦ୍ଦେଶ କ୍ରମେ ବିଇଏମସିର ଏକ ବହୁମୁଖୀ ସ୍କ୍ୱାଡ୍ ଯାହା ପରିମଳ, ଖାଦ୍ୟ ସୁରକ୍ଷା, ଶ୍ରମ, ଆଇନଗତ ମାପ ବିଜ୍ଞାନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସିଭିଲ୍ ସପ୍ଲାଏର କର୍ମକର୍ତ୍ତାଙ୍କୁ ନେଇ ଗଠିତ କରି, ରେଳ ଷ୍ଟେସନ ରୋଡ୍, ଗେଟ୍ ବଜାର, ଗିରିଜା ଜଙ୍କସନ୍ ଏବଂ ସତ୍ୟ ନାରାୟଣ ମନ୍ଦିର ରୋଡ୍‌ରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଓ ଚଢାଉ କରାଯାଇ ଥିଲା। ହୋଟେଲ ମାଲିକ, ରାସ୍ତା ବିକ୍ରେତା, ଦୋକାନୀମାନଙ୍କୁ ଯେକୌଣସି ମହାମାରୀ ବିଶେଷକରି ଡାଇରିଆକୁ ରୋକିବା ପାଇଁ ସେମାନଙ୍କ ପ୍ରତିଷ୍ଠାନ ଭିତରେ ଏବଂ ଚାରିପାଖରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଚେତନ କରାଯାଇଥିଲା। ସେମାନଙ୍କୁ ବାସି ଏବଂ ଭେଜାଲ ଖାଦ୍ୟ ବିକ୍ରି ବିରୁଦ୍ଧରେ ଚେତାବନୀ ଦିଆଯାଇଥିଲା ଏବଂ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ, ଶ୍ରମିକ ବିବରଣୀ ପାଇଁ ବାଧ୍ୟତାମୂଳକ ଭାବରେ ରେଜିଷ୍ଟର ରଖିବା, ଓଡ଼ିଆ ଚିହ୍ନ ବ୍ୟବହାର କରିବା ପାଇଁ ଅନୁରୋଧ କରାଯାଇଥିଲା। ଚଢ଼ାଉ ସମୟରେ ପରିମଳ ନିୟମ ଉଲ୍ଲଂଘନ କରିବା ପାଇଁ ମୋଟ ୧୨ଟି ବ୍ୟବସାୟିକ ପ୍ରତିଷ୍ଠାନରୁ ୧,୪୦,୭୦୦ ଟଙ୍କା (କେବଳ ଏକ ଲକ୍ଷ ଚାଳିଶ ହଜାର ସାତ ଶହ ଟଙ୍କା) ଆଦାୟ, ସେହିଭଳି ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିବା ପାଇଁ ହୋଟେଲ ଏବଂ ଲସି ଷ୍ଟଲରୁ ୭୮,୭୦୦ ଟଙ୍କା ଜରିମାନା ଆଦାୟ ଓ ଲିଗାଲ୍ ମାପ ବିଜ୍ଞାନ ଆଇନ ୨୦୦୯ ଉଲ୍ଲଂଘନ କରିବା ପାଇଁ ୯ଟି ବ୍ୟବସାୟିକ ପ୍ରତିଷ୍ଠାନରୁ ୨୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଚାରୋଟି ହୋଟେଲରୁ ଶ୍ରୀଦୁର୍ଗା।(୭), କେଏମ୍୩(୫), ପୁଷ୍ପା(୪), ରଞ୍ଜନ(୩) ମୋଟ ୪.୧୯ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏତେତ ବ୍ୟତୀତ ବିପୁଳ ପରିମାଣରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ କଟଲେରୀ ଏବଂ ନିଷିଦ୍ଧ ପ୍ୟାକେଜିଂ ସାମଗ୍ରୀ ଜବତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଦ୍ୱାରା ଗୋଟିଏ ହୋଟେଲ ଶ୍ରୀ ଦୁର୍ଗାକୁ ବନ୍ଦ କରିବାକୁ ନୋଟିସ ଜାରି କରାଯାଇଛି। ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପଞ୍ଜିକରଣ କରିବା ପାଇଁ ବିଭିନ୍ନ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଶ୍ରମ ବିଭାଗ ଦ୍ୱାରା ନୋଟିସ ଜାରି କରାଯିବ, ଶ୍ରମିକଙ୍କ ପାଇଁ ପଞ୍ଜିକାର ବ୍ୟବହାର କରିବାକୁ ବାଧ୍ୟତାମୂଳକ ଭାବରେ ଏବଂ ଓଡ଼ିଆ ଚିହ୍ନ ବ୍ୟବହାର କରିବାକୁ। ହୋଟେଲ ପୁଷ୍ପାରୁ ଜଳ ନମୁନା ଏବଂ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି ଏବଂ ୯.୫୫ କିଲୋଗ୍ରାମ ବାସି ଖାଦ୍ୟ ନଷ୍ଟ କରାଯାଇଛି। ଆଗାମୀ ଦିନରେ ଏପରି ବହୁମୁଖୀ ଚଢାଉ ଆହୁରି ତୀବ୍ରତା ସହିତ ଜାରି ରହିବ ବୋଲି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶ କର ସୂଚନା ଦେଇଛନ୍ତି।

# ଆବାସ ଘରେ ଚାଲିଛି ସାର ଦୋକାନ


## ମୂଳ ହିତାଧିକାରୀ ପଲିଥିନ ଛପର ତଳେ କାଟୁଛି ଜୀବନ




ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀ ବ୍ଲକ ଅଧିନସ୍ତ ମୁକ୍ତାପୁର ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଏହି ଗ୍ରାମ ପଞ୍ଚାୟତର ଛୋଟରାୟପୁର ଗ୍ରାମରେ ଶିବ ମହାନ୍ତଙ୍କ ନାମରେ ଆବାସ ଯୋଜନାରେ ଏକ ଗୃହ ମିଳିଛି। ଯେଉଁ ଗୃହଟିରେ ଚାଲିଛି ସାର ଦୋକାନ। ଗୃହ ମାଲିକ ସପରିବାର ସହ ରହୁଛନ୍ତି ଏକ ନଡା ଓ ପଲିଥିନ ଛପର ଘରେ। ଘଟଣା ସମ୍ପର୍କରେ ଗତ କିଛି ଦିନ ତଳେ ରାଧାନାଥ ବେହେରା ନାମକ ଜଣେ ବ୍ୟକ୍ତି ବେତନଟୀ କୃଷି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବିନା ଲାଇସେନ୍ସରେ ସାର ରହିଥିବାରୁ କୃଷି ବିଭାଗ ତରଫରୁ କାରଣ ଦର୍ଶାଅ ନୋଟିସ ଉକ୍ତ ସାର ଦୋକାନୀଙ୍କୁ ମଗାଯାଇଥିଲା। କାରଣ ଦର୍ଶାଅ ନୋଟିସ ମଗାଯିବାର ଦୀର୍ଘ ୧୨ ଦିନ ଅତିକ୍ରମ ହୋଇଯାଇଥିଲେ ମଧ କୃଷି ବିଭାଗ ଦ୍ୱାରା କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ନ ଯିବା ଘଟଣା ଜନସାଧାରଣରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଜନସାଧାରଣଙ୍କ ଅଭିଯୋଗ ପରେ ବିନା ଲାଇସେନ୍ସରେ ପୁଣି ଅନ୍ୟ ଜଣଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ସାର ଦୋକାନ ଉପରେ ସ୍ଥାନୀୟ କୃଷି ବିଭାଗ କେବଳ କାରଣ ଦର୍ଶାଅ ନୋଟିସ ଜାରିକରି ନିରବ ରହିବାର ରହସ୍ୟ ଜଣାପଡୁନାହିଁ।

# ରାଶିଫଳ


**ଗୁରୁବାର, ୨୬ ଜୁନ୍ ୨୦୨୫**



**ମେଷ:** ପ୍ରେମ ସମ୍ପର୍କ ମଧୁର ରହିବ। ଅନ୍ତରଙ୍ଗ ବନ୍ଧୁଙ୍କ ସହିତ ସମୟ ବିତାଇବେ। ନିଜର ମନ ଅନୁସାରେ କର୍ମ କ୍ଷେତ୍ରରେ ସ୍ୱାଧିନତା ପାଇବେ। ଆର୍ଥିକ ସମସ୍ୟା କିଛି ମାତ୍ରାରେ ଲାଘବ ହେବ। ସାମାଜିକ ମାନସମ୍ମାନ ବୃଦ୍ଧି ପାଇବା ପାଇଁ ବ୍ୟକ୍ତିତ୍ୱର ବିକାଶ ଘଟିବ। ପଢାରେ ଅଧିକ ସମୟ ବିତାଇବେ।



**ବୃଷ:** ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅଚାନକ ସାକ୍ଷାତ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ରାଜନୀତିରେ ସମର୍ଥନ ହ୍ରାସ ପାଇପାରିବେ। ଛାତ୍ରଛାତ୍ରୀ ପଢାରେ ଅବହେଳା କରି ଦୁଃଖ ପ୍ରକାଶ କରିବେ।



**ମିଥୁନ:** ଶାରିରୀକ ସମସ୍ୟା ଦେଖାଦେବ। ଭାଗ୍ୟ ଆପଣଙ୍କୁ ବହୁତ ସମର୍ଥନ କରିବ ଓ କାର୍ଯ୍ୟ ଅବସ୍ଥା ଅନୁକୂଳ ହେବ। ପାରିବାରିକ ପରିବେଶ ଅତ୍ୟନ୍ତ ଆନନ୍ଦଦାୟକ ହେବ। ପଡୋଶୀଙ୍କ ସହିତ ଶତ୍ରୁତା ଭାବ ସୃଷ୍ଟି ହୋଇପାରେ। ଅଦାଲତରୁ ଶୁଭଫଳ ପାଇବେ। ନୂତନ ଲକ୍ଷ୍ୟକୁ ନେଇ ଯାତ୍ରା ସମ୍ପନ୍ନ କରିବେ।



**କର୍କଟ:** କୌଣସି ସମ୍ବନ୍ଧକୁ ନେଇ ଅଧିକ ଭାବପ୍ରବଣ ରହିବେ। କର୍ମକ୍ଷେତ୍ରରେ ବହୁ ସମୟ କାଟିବାକୁ ବାଧ ହେବେ ଓ ବୃଦ୍ଧି ଖଟାଇ ନିଜ ସ୍ଥାନକୁ କୌଣସିମତେ ଦୃଢ କରିବେ। ଲକ୍ଷ୍ୟ ହାସଲ କରିବାକୁ ଅଧିକ ପରିଶ୍ରମ କରିବାକୁ ପଡିପାରେ। ଛାତ୍ରମାନେ ଅଧିକ ପରିଶ୍ରମ କରି ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିବ।



**ସିଂହ:** ପାରିବାରିକ ସହମତିରେ କାର୍ଯ୍ୟ ସିଦ୍ଧି ଘଟିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହାୟତା ମିଳିପାରେ। ବେପାର ବୃତ୍ତିରେ ସଫଳତା ହାସଲ କରିବେ। ମହିଳାମାନେ ସୁଖସମୃଦ୍ଧି ପ୍ରାପ୍ତ କରିବେ। ନୂଆ ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ବିଦେଶରେ କାମ କରୁଥିବା ଲୋକମାନେ ପଦୋନ୍ନତି ପାଇ ପାରିବେ।




**କନ୍ୟା:** କୌଣସି କାର୍ଯ୍ୟର ସମାଧାନ ହୋଇଯିବ। ମାଙ୍ଗଳିକ କାର୍ଯ୍ୟରେ ମନ ଯୋଗଦେବେ। ସୁସ୍ଥ ଅନୁଭବ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଦୁଇ ଜଣଙ୍କ ବିବାଦରେ ତୃତୀୟ ବ୍ୟକ୍ତି ଲାଭବାନ୍ ହେବ। ରାଜନୀତିରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ହାତକୁ ନେବେ।



**ତୁଳା:** ଜୀବନରେ ନୂଆ ପ୍ରେମ ପ୍ରସଙ୍ଗ ଆରମ୍ଭ ହୋଇପାରେ। ରାଜନୀତିରେ ସଫଳତା ପାଇପାରନ୍ତି। ସରକାରୀ ସଂସ୍ଥା କାମରେ ସହଯୋଗ କରିପାରନ୍ତି। ବିଜ୍ଞାନ ଛାତ୍ରଙ୍କ ଲାଗି ଦିନଟି ଭଲ ରହିବ। ନୂତନ ଭାବେ ଆରମ୍ଭ କରୁଥିବା କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଂଶସିତ ହେବେ।



**ବିଛା:** ପାରିବାରିକ ଜୀବନ ଆମୋଦଦାୟକ ହେବ। ଭାଗ୍ୟ ଉଦ୍ୟୋଗୀ ହେବା ସହିତ ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷା କ୍ଷେତ୍ରରେ ଅଭିଜ୍ଞତା ବଢ଼ିବ। ସମ୍ପତ୍ତିବାଡିକୁ ନେଇ ଅନେକ ପରିସ୍ଥିତି ଦେଖାଦେଇପାରେ।



**ଧନୁ:** ଅଚାନକ କୌଣସି କଥାକୁ ନେଇ ମନୋଭାବ ଖରାପ ହୋଇପାରେ। କର୍ମ ପାଇଁ ସମ୍ମାନିତ ଦକ୍ଷତା ପ୍ରତିପାଦତ ହେବେ। ଅନୁଷ୍ଠାନ ଓ ସଂଗଠନ କ୍ଷେତ୍ରରେ ନିଜକୁ ସାମିଲ କରିବେ। ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ସମ୍ପତ୍ତି ପାଇଁ ସାମାନ୍ୟ ମତାନ୍ତର ସୃଷ୍ଟି ହୋଇପାରେ।



**ମକର:** ବାଣିଜ୍ୟ, ବ୍ୟବସାୟରୁ ଭଲ ଲାଭ ପାଇବେ ।ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ କମ୍ ପରିଶ୍ରମରେ ଅଧିକ ଫଳ ପାଇବେ। ଦୂର ଯାତ୍ରାକୁ ଭ୍ରମଣ କରିପାରନ୍ତି । ପାରିବାରିକ ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟିତ ହେବେ । ପୁରାତନ ରୋଗର ପୀଡ଼ା ଅନୁଭବ ହେବ। ରାଜନୀତି କ୍ଷେତ୍ରରେ ଉଚ୍ଚ ପଦବୀ ହାସଲ କରିବେ।



**କୁମ୍ଭ:** ପୂର୍ବରୁ କରିଥିବା କର୍ମପାଇଁ ଦଣ୍ଡ ଭୋଗିପାରନ୍ତି । ଗମନାଗମନ କରିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଆର୍ଥିକ ସମସ୍ୟା କିଛି ମାତ୍ରାରେ ଲାଘବ ହେବ। ବ୍ୟବସାୟ-ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଛାତ୍ରଛାତ୍ରୀ ଉଚ୍ଚଭିଳାଷୀ ହେବେ।



**ମୀନ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସରେ ସହକର୍ମୀ ଆପଣଙ୍କୁ ସମ୍ମାନ କରିବେ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଲୋକ ସମର୍ଥନ ମିଳିବ। ଗୃହବାହନ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇଯିବ। ମନକୁ ଆଘାତ ଲାଗିଲା ପରି କଥା ଶୁଣିବାକୁ ପାଇପାରନ୍ତି।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟ ତିଥିକୁ ବିଜେପିର ବଳିଦାନ ଦିବସ ରୂପେ ପାଳନ କରାଯାଇଛି, ଶ୍ୟାମାପ୍ରସାଦ ମୁଖାର୍ଜୀ ତାଙ୍କ ବ୍ୟକ୍ତିତ୍ୱ ଜଣେ ବିଚାର, ଶିକ୍ଷାବିତ୍ ଏବଂ ରାଷ୍ଟ୍ରବାଦ ନେତା। ଧର୍ମୀୟ ଆଧାରରେ ଦେଶ ବିଭାଜନର କଠୋର ବିରୋଧି ଥିଲେ। ଦେଶ ପ୍ରତି ତାଙ୍କର ବଳିଦାନ ସ୍ୱରୂପ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜାମ୍ମୁ କାଶ୍ମୀରେ ଧାରା ୩୭୦,ଧାରା ୩୫ କ ଉଚ୍ଛେଦ କରିଦିଆଯାଇଛି । ଏହିଭଳି ତାଙ୍କ ଜୀବନୀ ବିଷୟରେ ସମସ୍ତ ଉପସ୍ଥିତ ନେତୃବୃନ୍ଦ ସ୍ମୃତିଚାରଣ କରିଥିଲେ ।ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉମରକୋଟ ବିଧାୟକ ତଥା ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସାଂସଦ ପ୍ରତିନିଧି ଶ୍ରୀରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢୀ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ବିଧାନସଭା କ୍ଷେତ୍ର ସଂଯୋଜକ ସୁରେସ ଆଚାର୍ଯ୍ୟ, ପୂର୍ବତନ ନଗର ସଭାପତି ଗୋପୀନାଥ ସାହୁ, ୱାର୍ଡ ନଂ ୧୦ କାଉନ୍ସିଲର କନକଲତା ନାୟକ, ସମସ୍ତ ନେତୃମଣ୍ଡଳୀ ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ଏହି ସଭାକୁ ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ ପରିଚାଳନା କରିଥିଲେ । ଏଥିରେ ବାବୁଲା ସାହୁ, ସନ୍ତୋଷ ସରକାର, ସନତ ଠାକୁର, ପ୍ରଦୀପ ମିଶ୍ର, ନୃସିଂହ ସାହୁ, ମିଲୁ ପଣ୍ଡା, ଦୁକାଲୁ ମେହେର, ରାମ ଗଣ୍ଡ ଏଭଳି ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଚରିତ୍ର ଉପରେ ପ୍ରେରଣା ପାଇ ଅନୁପ୍ରାଣିତ ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କିଛି ନୂଆ କାର୍ଯ୍ୟକର୍ତ୍ତା ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଥିଲେ ।

# ପରକୀୟା ପ୍ରୀତିରୁ ଚାଲିଗଲା ମହିଳାଙ୍କ ଜୀବନ

## ପରିବାର ଆଣିଲା ହତ୍ୟା ଅଭିଯୋଗ, ପ୍ରେମିକ ଅଟକ




କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ପରକୀୟା ପ୍ରୀତିରେ ଚାଲିଗଲା ମହିଳା ରୋଷେୟାଙ୍କ ଜୀବନ। ସୂଚନା ପ୍ରକାରେ ବଡଆମ୍ବଡା ଉଚ୍ଚ ପ୍ରାଥମିକ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରସିଂ କୋମର୍ଲାଙ୍କ ପ୍ରେମିକା ଅର୍ଥାତ ସ୍ୱାତୀ ଜାନୀ (୪୦) ଙ୍କୁ ଅଚେତ ଅବସ୍ଥାରେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ସମ୍ପର୍କୀୟଙ୍କ ସୂଚନା ପ୍ରକାରେ ସ୍ୱାତି ଜାନୀ ଗାଦବାକୋଟ୍ରା ବିଦ୍ୟାଳୟରେ ରୋଷେୟା ଭାବରେ କାମ କରୁଥିବା ବେଳେ ସେହି ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରସିଂ କୋମର୍ଲା ଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ । ଦୁଇ ଜଣ ଉଭୟ ବିବାହିତା ପୁଅ ଝିଅ ବି ଅଛନ୍ତି। କିନ୍ତୁ ଗଢି ଉଠିଥିଲା ନିବିଡ଼ ପ୍ରେମ ସମ୍ପର୍କ ଯାହାର ପରିଣାମରେ ଚାଲିଗଲା ଜୀବନ । ହଠାତ ଶିକ୍ଷକ ଉକ୍ତ ମହିଳା ଙ୍କୁ କୋଷାଗୁମୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ସୂଚନା ଦେଇଥିଲେ। ଖବର ପାଇ ପୋଲିସ ମେଡ଼ିକାଲରୁ ଶିକ୍ଷକଙ୍କୁ ଥାନାକୁ ନେଇ ଆସି ପଚରା ଉଚୁରା ଜାରି ରଖିଛି। ଘଟଣାକୁନେଇ ପୋଲିସ କେସ ନମ୍ବର ୧୧/୨୬ରେ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏପଟେ ମୃତ ମହିଳାଙ୍କ ଭଉଣୀ ଓ ଭିଣୋଇଙ୍କ ଲିଖିତ ଅଭିଯୋଗ କୁ ଭିତ୍ତି କରି କୋଷାଗୁମୁଡା ଥାନା ରେ ୧୧୯/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ଏପଟେ ମୃତ ମହିଳା ଙ୍କ ବଡ଼ ଭଉଣୀ ଓ ଭିଣୋଇ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ତେବେ ପୋଲିସ ର ଅନୁସନ୍ଧାନ ଓ ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ପ୍ରକୃତ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# କର୍କଟ ଆକ୍ରାନ୍ତ ମଙ୍ଗଳା ଦେଇଙ୍କ ବଞ୍ଚିବାକୁ ସଂଘର୍ଷ

ଉମରକୋଟ (ଭାସ୍କର ନ୍ୟୁଜ୍): ଦେଢ ବର୍ଷ ହେବ ମୁଖ କର୍କଟ ଆକ୍ରାନ୍ତ ମହିଳା ବଞ୍ଚିବାକୁ ଜୀବନ ସହ ସଂଘର୍ଷ କରୁଛନ୍ତି । କଟକ ରାୟପୁର, କୋରାପୁଟ ମେଡିକାଲ କଲେଜ ଏବଂ ନିଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଶେଷରେ ଦୁଇ ମାସ ହେବ ବଞ୍ଚିବାର ଆଶା ଛାଡି ଘରେ ପଡ଼ି ରହିଛନ୍ତି ମହିଳା ଜଣକ। ମହିଳା ଜଣକ ହେଲେ ମଙ୍ଗଳା ଦେଇ ଶାନ୍ତା ସ୍ୱାମୀ ଜଗନ୍ନାଥ ଶାନ୍ତା। ଝରିଗାଁ ବ୍ଲକ ଫୁପୁ ଗାଁ ପଞ୍ଚାୟତ ଅନ୍ତର୍ଗତ ବାର ବାକୁଲି ଗ୍ରାମ। ପରିବାରର ଆର୍ଥିକ ସମ୍ବଳ ଯାହା ସଦ୍ୟ ତାହା ଖର୍ଚ୍ଚ କରି ଚୁପ୍ ହୋଇ ବସାଇବାକୁ ବାଧ ହୋଇଛନ୍ତି ପରିବାର। ପ୍ରାୟ ମାସେ ହେବା ଖିଆପିଆ କରି ପାରୁନାହାନ୍ତି ମଙ୍ଗଳା ଦେଈ। ପାଣି ଟୋପାଏ ଯାଉନି ତଣ୍ଟି କୁ। ଖାଇବା ପିଇବା ବନ୍ଦ କରି ଶୋଇ ରହୁଛନ୍ତି ମହିଳା। ଚେତନା ଅବସ୍ଥାରେ ଶଯ୍ୟାରେ ପଡ଼ି ଯମ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ମଙ୍ଗଳା ଦେଈ। ଡାକ୍ତରଙ୍କ କହିବା ପ୍ରକାରେ ଶରୀରର ଓଜନ ଦ୍ରୁତ ଗତିରେ ହ୍ରାସ ପାଉଛି। ଯାହାଫଳରେ ଅସ୍ତ୍ରୋପଚାର କରିବା ସମ୍ଭବ ହେଉନାହିଁ। ମଙ୍ଗଳା ଦେଈଙ୍କ ବୋହୂଙ୍କ କହିବା ପ୍ରକାରେ ନିତିଦିନ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେଉଛି। କର୍କଟ ସଂକ୍ରମଣ ବଢି ବଢି ପାଟି ଓ ତଣ୍ଟିର ଆଭ୍ୟନ୍ତରୀଣ ଅଂଶକୁ ବ୍ୟାପି ଗଲାଣି।



ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ମାଂସ କେହି ଡୋନେଟ କଲେ ଏବଂ ଶରୀରର ଓଜନ ବୃଦ୍ଧି ହେଲେ ଅସ୍ତ୍ରୋପଚାର ସମ୍ଭବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି।ଡୋନର ମିଳିବା କଷ୍ଟକର ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳା ଦେଈଙ୍କ ପରିବାର କହିଲେ ତିନି ଝିଅ ପୁଅ ବୋହୂ ସ୍ୱାମୀ ସ୍ତ୍ରୀ ସହ ସାତ ପ୍ରାଣୀ । ଗରିବ ପରିବାର ଆର୍ଥିକ ସ୍ଥିତି ଅତି ଦୁର୍ବଳ। ଦୁଇ ଏକର ଖଣ୍ଡେ ଅଛି ଚାଷ ଜମି। ସାତ ପ୍ରାଣୀଙ୍କ ଗୁଜୁରାଣ ସେଇଥିରେ ମେଣ୍ଟାଇବା କାଠିକର ପାଠ। ବର୍ଷ ତମାମ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାକୁ କୁଲି ମଜୁରୀ ଉପରେ ନିର୍ଭର କରନ୍ତି ପରିବାର। ମଙ୍ଗଳା ଦେଈଙ୍କ କର୍କଟ ଆକ୍ରାନ୍ତ ପରେ ଚିନ୍ତାରେ ଭାଙ୍ଗି ପଡିଛନ୍ତି ପରିବାର। ବୀମା କାର୍ଡ ଅଛି। ରାସନ୍ କାର୍ଡରେ ପାଞ୍ଚ ପ୍ରାଣୀ ଚାଉଳ ପାଉଥିବା ବେଳେ ଝିଅ ଓ ବୋହୂ ଚାଉଳରୁ ବଞ୍ଚିତ ରହିଥିବା କହିଛନ୍ତି ପରିବାର। ଆବାସ ଘର ଖଣ୍ଡେ ମିଳିନାହିଁ ପରିବାରକୁ । ନିଜସ୍ୱ ଅର୍ଥରେ ଘର ଖଣ୍ଡେ କରି ରହୁଛନ୍ତି ସାତ ପ୍ରାଣୀ। ପରିବାରର ଭରଣପୋଷଣ ଚିନ୍ତା ଲାଗି ରହିଥିବା ବେଳେ ମଙ୍ଗଳା ଦେଈଙ୍କ ଚିକିତ୍ସା ଚିନ୍ତାରେ ଚାପଗ୍ରସ୍ତ ରହୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କିଛି ସହାୟତା ମିଳିଲେ ମଙ୍ଗଳା ଦେଈଙ୍କୁ ଚିକିତ୍ସା କରାଯିବା ସହଜ ହୋଇପାରନ୍ତା ବୋଲି କହିଛନ୍ତି ପରିବାର।

# ଆଇଟିଡିଏସ୍ତରୀୟ ଷ୍ଟିୟରିଂ କମିଟି ସଭା

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିନରେ ପରିଚାଳିତ ହେଉଥିବା ଯୋଜନା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମିଳିତ ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ହେବାକୁ ଥିବା ଜୀବିକା ମିଶନ କାର୍ଯ୍ୟକ୍ରମ ଯଥା-କୃଷିଭିତ୍ତିକଓ ଜଳସେଚନର ବଜାରୀକରଣ ଇତ୍ୟାଦି ଆଲେଚନା ନିମନ୍ତେ ଆଇଟିଡିଏସ୍ତରୀୟ ଷ୍ଟିୟରିଙ୍ଗ୍ କମିଟୀ ବାର୍ଷିକ ସଭା ଆଇଟିଡିଏର ସମ୍ମିଳନୀ ପ୍ରକୋଷ୍ଠରେ ଆୟୋଜିତ ହୋଇଯାଇଛି। ପ୍ରକଳ୍ପ ପ୍ରଶାସକ ହେମ ସାଗର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ବାମରା ପୁଷ୍ପକ ପ୍ରଧାନ, ବିଡିଓ କୁଚିଣ୍ଡା, ଜୟନ୍ତ ସାହୁ, ବିଡିଓ ଜମନକିରା ରବିନ୍ଦ୍ର ସେଠୀ ପ୍ରମୁଖ ୩ ଗୋଟି ବ୍ଲକ୍ ରବିଡିଓମାନେ ଯୋଗଦାନ କରିଥିବାବେଳେ କୁଚିଣ୍ଡା କୃଷି ଜିଲ୍ଲା ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ମତ୍ସ୍ୟ ଅଧିକାରୀ, ଆଇଟିଡିଏର ଯୋଜନା ପରିଚାଳିକା ସମୂହ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସତର୍କତା ଓ ତଦାରଖ କମିଟି ବୈଠକ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ପାଇଁ ଜିଲ୍ଲାସ୍ତରୀୟ ସତର୍କତା ଓ ତଦାରଖ କମିଟି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଧୁସୂଦନ ଦାଶ ଜିଲ୍ଲାପାଳ ଅଧକ୍ଷତା କରିଥିଲେ। ବୈଠକରେ ବିଧାୟକ ଖଡ଼ିଆଳ, ଅଧିରାଜ ପାଣିଗ୍ରାହୀ, ପ୍ରେମ ଅଗ୍ରୱାଲ-ସାଂସଦଙ୍କ ପ୍ରତିନିଧି, ଅବନୀ ଯୋଶୀ - ବିଧାୟକ ନୂଆପଡା ପ୍ରତିନିଧି, ଭୀମସେନ ଶବର - ଅତିରିକ୍ତ ଜିଲ୍ଲାପାଳ, ଲମ୍ବୋଧର ଧରୁଆ - ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ରଣଜିତ ନାୟକ - ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଚିନ୍ମୟ ସାଗର - ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦିପ୍ତିମନ୍ତ ଭୋଇ - ଜିଲ୍ଲା ମଙ୍ଗଳ ଅଧିକାରୀ , ଅନୁସୂଚିତ ଜାତି ଓ ଜନଜାତି ପ୍ରତିନିଧି ହୋମ ସିଂ ମାଝୀ, ଡ. ବାସୁଦେବ ସୁନାନୀ, ସରୋଜିନୀ ମାଝୀ, ସାଇରାମ ଶବର, ମୁରଲୀଧର ସୁନା, ଅଶ୍ୱିନୀ ସାହୁ, ସୋନାଲି ପାଣିଗ୍ରାହୀ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅଶ୍ୱିନୀ ସାହୁ, ଯାହାରୁ ମହେନ୍ଦ୍ର ଯୋଶୀ, କଦମ୍ବରୁ ଜ୍ଞାନସେନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ପ୍ରଶାସନ ର ଆଭିମୁଖ୍ୟ ରହିଛି ଜିଲ୍ଲାରୁ ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତିମାନଙ୍କ ଉପରେ ହେଉଥିବା ନିର୍ଯାତନା ସମ୍ପୂର୍ଣ୍ଣ ରୋକିବା ପାଇଁ । ମଣିଷ ଜାତି ଏକ ଓ ଆମମାନଙ୍କ ମଧ୍ୟରେ କୌଣସି ବିଭେଦ ରହିବା ଉଚିତ ନୁହେଁ । ବୈଠକରେ ନିର୍ଯାତନା ନିବାରଣ ଆଇନ ୧୯୮୯ ଉପରେ ବିସ୍ତୃତ ଆଲୋଚନା କରିବା ସହ ଏହି ଆଇନର ସୁଫଳ ଜନସାଧାରଣଙ୍କ ପାଖରେ କିପରି ପହଞ୍ଚି ପାରିବ ସେ ବିଷୟରେ ଆଲୋକପାତ କରାଯାଇଥିଲା

# ସହିଦ ବିର୍ସା ମୁଣ୍ଡାଙ୍କ ଧରତି ଆବା ଜନଭାଗୀଦାର ଅଭିଯାନ



ଗୁଣପୁର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶ କ୍ରମେ ପଦ୍ମପୁର ବ୍ଲକ ଅଧିନସ୍ଥ ଖମାପଦର ପଞ୍ଚାୟତର ଲକ୍ଷଣଗୁଡା ଗ୍ରାମରେ ସହୀଦ ବିର୍ସା ମୁଣ୍ଡାଙ୍କ ଧରତି ଆବା ଜନ ଭାଗିଦାରୀ ଅଭିଯାନ ଶିବିର ସେବା ସମାଜ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ଶବର ସାଂସ୍କୃତିକ ସଂଘର ସଭାପତି ତଥା ଆଦିବାସୀ ଓ ହରିଜନ ମହାସଂଘର ସଭାପତି ଓ ଓଡ଼ିଶା ପ୍ରଶାସନିକ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଚକ୍ରପାଣି ଶବର ମହୋଦୟ ଯୋଗ ଦେଇ ସରକାର ବିଭିନ୍ନ ଯୋଜନା ଗୁଡିକକୁ କିପରି ଜାଣିବା ଏବଂ ତାହା କେମିତି ଆମ ଜାତି ଭାଇଙ୍କ ପାଖରେ ପହଞ୍ଚି ପାରିବ ଏବଂ ଲୋକେ ତାର ଲାଭ ଉଠାଇ ପାରିବା ସହ ସହିଦ ବିର୍ସା ମୁଣ୍ଡାଙ୍କ ପୁରା ଜୀବନୀ ସହ ତାଙ୍କ ନାମରେ ଏହି ଧରତି ଆବା ଜନ ଭାଗିଦାରୀ ଅଭିଯାନ ସଂପର୍କରେ ଆଲୋକପାତ କରଥିଲେ। ଏହି ଅଭିଯାନରେ ସାମିଲ ହୋଇ ଯୋଜନା ଗୁଡିକରେ ଅଧିକରୁ ଅଧିକ ସାମିଲ ହୋଇ ସଫଳ ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଆଖ ପାଖ ଅଂଚଳରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦେଶର ସବୁଠାରୁ ବଡ଼ ଜନଜାତୀୟ ସଶକ୍ତିକରଣ ଏବଂ ସଂପୃକ୍ତି କାର୍ଯ୍ୟକ୍ରମ। ଗାଁ ସ୍ତରୀୟ ଶିବିର ମାଧ୍ୟମରେ ବିଭିନ୍ନ ପ୍ରକାରର ସରକାରୀ ସେବା ଲୋକଙ୍କ ଘରେ ଘରେ କେମିତି ପହଞ୍ଚି ପାରିବ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ସମାଜସେବୀ ତଥା ସମ୍ବାଦିକ ରାଜେଶ ପାଢୀ ଯୋଗ ଦେଇ ପ୍ରଧାନ ମନ୍ତ୍ରୀଙ୍କ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ସଂପର୍କରେ ଆୟୁଷ୍ମାନ କାର୍ଡ, ଶିଶୁ ମାନଙ୍କ ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ସମସ୍ତଙ୍କ ପାନୀୟ ଜଳ ଯୋଜନା, ଗମନାଗମନର ସୁବିଧା ପାଇଁ ଗାଁ ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଆଦିବାସୀ ଭାଇ ଭଉଣୀ ପାଇଁ ଆଦର୍ଶ ବିଦ୍ୟାଳୟ, ଦୂର ଦୂରକୁ ମୋବାଇଲ ମେଡିକାଲ, ପୋଷ୍ଟର ବିକାଶ, କୃଷିର ବିକାଶ, ଏଭଳି ଯୋଜନା ଗୁଡ଼ିକ ଲୋକଙ୍କୁ ଅବଗତ କରାଇବା ସହ ସେବା କିପରି ଏହାର ପାଇଁ ପାରିବେ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଡାକ ବିଭାଗର କର୍ମଚାରୀ କୁଞ୍ଜ ବିହାରୀ ସୁନାମୁଦି ଯୋଗ ଦେଇ ସରକାରଙ୍କ ସୁକନ୍ୟା ଯୋଜନା ଉପରେ ଅବଗତ କରାଇବା ଏହି ଯୋଜନାରେ ପ୍ରତ୍ୟେକ ଶିଶୁ କନ୍ୟାଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ପରାମର୍ଶ ଦେଇଥିଲେ। ଏହା ବ୍ୟତିତ ଏହି କାର୍ଯ୍ୟକ୍ରମରେ ସେବା ସମାଜର ସଭାପତି ମାୟା ଶବର, ସଂପାଦିକା ରାଜେଶ୍ୱରୀ ଦଳେଇ, ସତ୍ୟ ନାରାୟଣ ବେହେରା, ଅଙ୍ଗନବାଡ଼ି କର୍ମୀ ବିମଳା ଶବର ଯୋଗ ଦେଇଥିଲେ। ରମେଶ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରକ କମିଟି ବୈଠକ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା, ଡି ଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଜଳଛାୟା ପ୍ରକଳ୍ପ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପାତ୍ର, ଜଳସେଚନ ବିଭାଗ ଯନ୍ତ୍ରୀ, ମାର୍କଫେଡ, ଇଫକୋ ପରିଚାଳକ, କୃଷି ବିଭାଗର ସମସ୍ତ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବୈଠକକୁ ସ୍ୱାଗତ କରି ନୂଆପଡ଼ା ଜିଲ୍ଲା ଭଳି କୃଷି ପ୍ରଧାନ ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ କୃଷିକୁ ପ୍ରାଧାନ୍ୟ ଦେବା ସହିତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରି ଜିଲ୍ଲାର ଅଧିକରୁ ଅଧିକ ଜନସାଧାରଣଙ୍କୁ ରୋଜଗାର ସୁଯୋଗ ଯୋଗାଇ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ନାୟକ ଜିଲ୍ଲାର କୃଷି ଭିତ୍ତିଭୂମି ଉପରେ ସୂଚନା ଦେଇ କହିଲେ ଯେ ଜିଲ୍ଲାରେ ଉପଲବ୍ଧ ଭିନ୍ନ ଭିନ୍ନ ଜଳସେଚନ ଉତ୍ସ (୯୮୨୯.୫୦ ହେକ୍ଟର) ଅନୁଯାୟୀ ଖରିଫ୍ ୨୦୨୫ ପାଇଁ ଭିନ୍ନ ଫସଲ ଅନ୍ତର୍ଗତ କୃଷି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ମୋଟ ୧୮୭୩୧୦ ହେକ୍ଟର ଜମି ଅନ୍ତର୍ଗତ କୃଷି କାର୍ଯ୍ୟକ୍ରମ ରଖାଯାଇଛି, ଯାହାରୁ ୯୦୩୩୦ ହେକ୍ଟର ଧାନ ଓ ୯୬୯୮୦ ହେକ୍ଟର ଅନ୍ୟାନ୍ୟ ଅଣଧାନ ଫସଲ ରହିଛି।ଏହାଛଡ଼ା ଖରିଫ୍ ୨୦୨୫ ଅବଧି ପାଇଁ ମୋଟ ୧୪୨୨୪ କ୍ୱିଣ୍ଟାଲ୍ ବିଭିନ୍ନ ବିହନ ମଞ୍ଜି ଚାଷୀଙ୍କୁ ବଣ୍ଟନ ପାଇଁ ଯୋଜନା କରାଯାଇଛି, ଯାହାରେ ୧୧୩୩୫ କ୍ୱିଣ୍ଟାଲ୍ ଧାନ ମଞ୍ଜି ଓ ୨୮୮୯ କ୍ୱିଣ୍ଟାଲ୍



ଅଣଧାନ ମଞ୍ଜି ଅନ୍ତର୍ଗତ ଅଛି। ଚଳିତ ବର୍ଷ ପାଇଁ ମୋଟ ୨୨୧୦୦ ମେ.ଟନ୍ ରାସାୟନିକ ସାର ଯୋଗାଣ ଯୋଜନା କରାଯାଇଛି ,ଯହିଁରେ ୟୁରିଆ ୧୧୫୦୦ ମେ.ଟନ୍, ଡି.ଏ.ପି. ୭୦୦୦ ମେ.ଟନ୍, ଏନ.ପି.କେ. ୧୨୨୫ ମେ.ଟନ୍, ଓ କମ୍ପ୍ଲେକ୍ସ ସାର ୨୨୦୦ ମେ.ଟନ୍ ଅନ୍ତର୍ଗତ ଅଛି। ଏହା ସହିତ ନାନୋ ୟୁରିଆ ଓ ନାନୋ ଡି.ଏ.ପି.ବ୍ୟବହାର ବୃଦ୍ଧି ପାଇଁ ୧୩୭୧୫ ମେ.ଟନ୍ ଓ ୭୧୪୫ ମେ.ଟନ୍ ଯୋଗାଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହାଛଡ଼ା ଖରିଫ୍ ୨୦୨୫ ଅବଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଅନୁସାରେ ବ୍ଲକ୍ ଅନୁଯାୟୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଛି। ଏଥିରେ ଲାଇନ୍ ବିଭାଗଗୁଡିକ ମଧ୍ୟରୁ ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ ଓ କୃଷି ବିଜ୍ଞାନ କେନ୍ଦ୍ର (କଠକ) ମଧ ତାଙ୍କର ଖରିଫ୍ ୨୦୨୫ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେଯେ, ମାଟି ନମୁନା ପରୀକ୍ଷା ଆଧାରରେ ସାର ବ୍ୟବହାର କରାଯାଉ। ନାନୋ ସାର ବ୍ୟବହାର ପାଇଁ ଜନସଚେତନତା ସୃଷ୍ଟି କରାଯାଉ। ସାର ବିକ୍ରେତା ହୋଲ୍ ସେଲର ଓ ରିଟେଲରେ ବିକ୍ରିରେ ପାରଦର୍ଶୀତା ରଖିବେ। ସମସ୍ତ ବିହନ ବଣ୍ଟନରେ ଜନ ପ୍ରତିନିଧିମାନଙ୍କୁ ସାମିଲ କରାଯିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ ପ୍ରଣିତ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଠିକ୍ ଭାବରେ କୃଷକ ମାନଙ୍କ ପାଖରେ ପହଞ୍ଚୁ ।

# ରାଜପୁର ଗାଁରେ ସିରିଜ ଚୋରି, ଚୋରର ଫଟୋ କଏଦ୍



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ରାଜପୁର ଗାଁରେ ଗତକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଯାଇଛି। ଚୋରି କରୁଥିବା ବେଳେ ଚୋରର ଫଟୋଟି ସିସି କ୍ୟାମେରାରେ କଏଦ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ଚୋର ମାନେ ରାଜପୁର ଗାଁ ର ଉଦ୍ରନ ଜନସେବା କେନ୍ଦ୍ରରେ ତାଲା ଭାଙ୍ଗି ୩୫ ହଜାର ଟଙ୍କା ନେଇଥିବାବେଳେ ଅଜୟ କିରଣ ଦୋକାନର ଗୋଦାମ ଘର ତାଲା ଭାଙ୍ଗି ଥିଲେ ହେଁ କିଛି ଚୋରି କରି ନାହାନ୍ତି। ସେହିପରି ଜଗା କୀରଣ ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରିବା ବେଳେ ଏହାର ମାଲିକ ଉଠି ପଡ଼ିଥିଲେ। ଫଳରେ ଚୋରମାନେ ବାହାର ଆଡରୁ ଗେଡା ପକାଇ ଦେଇଥିଲେ। ଯାହାଫଳରେ ସେ ବାହାରକୁ ବାହାରି ପାରିଲେ ନାହିଁ। ସେହିପରି କମୋଲୁ କଷ୍ଟାଙ୍କ ସାଇକେଲ ଗ୍ୟାରେଜର ତାଲା ଭାଙ୍ଗି ପ୍ରାୟ ୧୨ ହଜାର ଟଙ୍କା। ଓ ବ୍ୟାଙ୍କ ଅଫ ବରୋଦାର କିଓସ୍କ ଶାଖାର ଚାବି ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଚୋରି ହେଇଥିବା ଏହାର ମାଲିକ ଅଧିକାରୀ ଗୁଡ଼ା ଗ୍ରାମର ଭବେଶ ବଳ ସୂଚନା ପ୍ରଦାନ କରିଛନ୍ତି ।ତେବେ ଏହି କିଓସ୍କ ଶାଖା ଭିତରେ ଲାଗିଥିବା ସି ସି କ୍ୟାମେରାରେ ଚୋରର ଚୋରି କରିବା ବେଳର ଫଟୋ କଏଦ ହେଇଯାଇଛି। ତେବେ ସମସ୍ତ ଦୋକାନୀ ଆଜି ସକାଳେ ସିଂସାରି ପୋଲିସ ଫାଣ୍ଡିରେ ଏତଲା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସିଂସାରି ଫାଣ୍ଡି ରୁ ୨ ଜଣ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରି ଯାଇଥିବା ଜଣାପଡ଼ିଛି। ତେବେ ସେହି ଗାଁରେ ଏପରି ଚୋରି ଘଟଣା ପ୍ରଥମ ଥର ପାଇଁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି।

# ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ସଦର ମହକୁମା ଠାରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରାରେ ନେତ୍ର ଉତ୍ସବ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବିଭିନ୍ନ ରୀତି ନୀତି ଅନୁସାରେ ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ବିଭିନ୍ନ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାୟିତ୍ୱ ଅର୍ପଣ କରାଗଲା। ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ଏବଂ ବାଇପାସ୍ ପାଇଁ ପୋଲିସ ବ୍ୟବସ୍ଥା, ଶ୍ରୀଜଗନ୍ନାଥ ଏବଂ ଗୁଣ୍ଡିଚା ମନ୍ଦିର ପ୍ରତ୍ୟହ ସଫେଇ ଓ ପରିମଳ ପାଇଁ ପୌରପାଳିକା, ଶ୍ରୀ ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚୁନ ଓ ରଙ୍ଗ କରିବା ପାଇଁ ରାସ୍ତା ଓ ଗୃହନିର୍ମାଣ ବିଭାଗ, ଜରୁରୀ ପ୍ରାଥମିକ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗର ଦାୟିତ୍ୱ, ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଚ୍ଛିନ୍ନ ଓ ସରାବରାହ ପାଇଁ ଉପଯୁକ୍ତ ବ୍ୟବସ୍ଥା। ଟିପିଏସ୍‌ଓଡିଏଲ, ଧାରା ବିବରଣୀ ଓ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ରଥଯାତ୍ରା ଦିନ ମଦ ବିକ୍ରୟ ବନ୍ଦ ପାଇଁ ଅବକାରୀ ବିଭାଗ, ପ୍ରଭୁ ଜଗନ୍ନାଥଙ୍କ ସୁନା ଅଳଙ୍କାର ସୁରକ୍ଷା ପାଇଁ ପୋଲିସ୍ ବ୍ୟବସ୍ଥା ଉପରେ ଆଲୋଚନା ହୋଇ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଗଲା। ଦେବୋତ୍ତର କମିଟି ସଭାପତି ଝାଡେଶ୍ୱର ଖାଡ଼ଙ୍ଗା ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ଉପରେ ଗୁରୁତ୍ୱ ଦିଆଯାଇଛି

# ଚିତାପାରି-୩ ଠାରୁ ନୀଳାକାମ୍ବରୁ ରାସ୍ତା ପାଲଟିଛି ମରଣଯନ୍ତା




କୋରୁକୋଣ୍ଡା/ ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବରୁ ପଞ୍ଚାୟତ ଚିତାପାରି-୩ ତଥା ନୀଳାଦ୍ରୀନଗରର ଗାଁ ଛକ ଠାରୁ ନୀଳାକାମ୍ବରୁ ଗାଁ ଶେଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ବହୁ ନିମ୍ନମାନର କାମ ଯୋଗୁ ଏବେ ମରଣଯନ୍ତା ପାଲଟିଛି ।ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ପ୍ରାୟ ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୧ କୋଟି ୧୫ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ସମ୍ପୂର୍ଣ୍ଣ ହେବାର ମାତ୍ର କେଇଟା ମାସ ପରେ ରାସ୍ତାରୁ ପିଚୁ ଉଠିଯାଇଥିଲା। ଏବେ ଏହି ରାସ୍ତାରେ ବଡ ବଡ ଗର୍ତ୍ତ ହୋଇ କୃତ୍ରିମ ପୋଖରୀ ସୃଷ୍ଟି ହେଲାଣି। ଯାହାଫଳରେ ଲୋକଙ୍କ ଯାତାୟତରେ ସମସ୍ୟା ହେଉଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଆମେ ବହୁତ ହଇରାଣ ହେଉଛୁ। ପୂର୍ବରୁ ଥିବା ମାଟି ରାସ୍ତା ଏହା ଠାରୁ ବହୁତ ଭଲ ଥିଲା ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ମାଲକାନଗିରି ଅଞ୍ଚଳର ରାଜ କିଶୋର ସାହୁ ନିର୍ମାଣ କରିଥିଲେ। କାମ ଚାଲିଥିବା ବେଳେ ବିଭାଗର କୌଣସି ଅଧିକାରୀ ଏହାର ତଦାରଖ କରିନଥିଲେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୨୦୧୮ ମେ ମାସ ୧୬ରେ ଏହି କାମ ଆରମ୍ଭ ହୋଇ ୨୦୨୦ ସେପ୍ଟେମ୍ବର ୧୨ରେ କାମ ଶେଷ ହୋଇଥିଲା। କାମ ସରିବାର ୫ ବର୍ଷ ଭିତରେ ରାସ୍ତାର ରକ୍ଷଣା ବେକ୍ଷଣ ଲାଗି ୫ ଲକ୍ଷ ୪୭ ହଜାର ଟଙ୍କାର ବଜେଟ ଥିବା ସତ୍ତ୍ୱେ ଥରଟିଏ ବି ମରାମତି କରାଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରିନଥିବା ସରପଞ୍ଚ ସୁରେନ୍ଦ୍ର ଖିଲ, ନୀଳାଦ୍ରୀନଗର ଗ୍ରାମର କବିରାଜ ଦାସ, ସୁଧାଂଶୁ ଶେଖର ପାଢ଼ୀ, ଶିବ ନାରାୟଣ ପଣ୍ଡା, ଅଶୋକ ବିଶୋଇ, ଭଗବାନ ଚୌଧୁରୀ, ଟୁନା ସାବତଙ୍କ ସମେତ ଅଞ୍ଚଳର ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ବିଭିନ୍ନ କାର୍ଯ୍ୟ ନେଇ ଏହି ରାସ୍ତା ଦେଇ ନୀଳାଦ୍ରୀନଗର ଗ୍ରାମବାସୀଙ୍କ ସମେତ କନ୍ଧଗୁଡା, ନୂଆଗୁଡା, ଦୋରାଗୁଡା, କେନ୍ଦୁଗୁଡା, ଇନ୍ଦିରା କଲୋନୀ, ମନ୍ତ୍ରୀପୁଟ ଗ୍ରାମ ସମେତ ବହୁ ଗ୍ରାମବାସୀ ଯାତାୟତ କରିବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଦୂରାବସ୍ଥା ଯୋଗୁ ଏଠାରେ ଅନେକ ସମସ୍ୟାରେ ଛୋଟ ବଡ଼ ଦୁର୍ଘଟଣା ଘଟି ବାହୁ ଧନ ଜୀବନ ନଷ୍ଟ ହେଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଲବରାମ ମାଝୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସେ ସମୟରେ ଥିବା ଏଷ୍ଟିମେଟ ଅନୁଯାୟୀ ମୁରୁମରେ ସିମେଣ୍ଟ ମିଶାଇ ରାସ୍ତା ନିର୍ମାଣ କରାଯାଇଥିଲା। କାମ ସରିବା ପରେ ଠିକାଦାର ରାସ୍ତାର ରକ୍ଷଣା ବେକ୍ଷଣ ଓ ମରାମତି କାମ କରିନାହାନ୍ତି। ଏ ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛି ବୋଲି ସେ କହିଛନ୍ତି।

# ‘ସୃଷ୍ଟି ଓ ଦୃଷ୍ଟି’ କାର୍ଯ୍ୟକ୍ରମ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଗତକାଲି ସନ୍ଧ୍ୟାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଝାରସୁଗୁଡ଼ା ଶାଖାର ‘ସୃଷ୍ଟି ଓ ଦୃଷ୍ଟି’କାର୍ଯ୍ୟକ୍ରମରେ ବିଶିଷ୍ଟ କବି ବସନ୍ତ କୁମାର ନାଥଙ୍କ ଦ୍ୱିତୀୟ କବିତା ସଂକଳନ ‘ତପୋବନରେ ସୂର୍ଯ୍ୟାସ୍ତକ’ ପୁସ୍ତକର ଆଭାସୀ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ପ୍ର.ଲଳିତ ମୋହନ ଦାଶ ସଭାପତିତ୍ୱ କରିଥିଲେ। ଶ୍ରୀମତୀ ଶିବପ୍ରିୟା ମିଶ୍ର ସ୍ୱାଗତ ସମ୍ଭାଷଣ , ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିବା ପରେ ପୁସ୍ତକର ସମୀକ୍ଷା କରିଥିଲେ ଅଧ୍ୟାପିକା ପଦ୍ମାବତୀ ମହାପାତ୍ର (ଉପସଭାପତି)ଏବଂ କବୟିତ୍ରୀ ନିବେଦିତା ମିଶ୍ର। ସଭାପତି ଶ୍ରୀ ଦାଶ କବିତା ସମୂହରେ ରୂପକଳ୍ପର ପ୍ରୟୋଗ ମାଧ୍ୟମରେ ସନାତନ ଧର୍ମୀୟ ବାଣୀ ତଥା ଜୀବନାୟନ ଉପରେ ଆଲୋକପାତ କରିଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବେଲପାହାଡ଼ ଶାଖାର ସଭାପତି ଶ୍ରୀକର ଭୋଇ, ଉପସଭାପତି ମିନତୀ ମହାପାତ୍ର, ସଂପାଦକ ରଘୁନାଥ ନାୟକ, ସଂଯୋଜକ କୈଳାସ ଚନ୍ଦ୍ର ପଟ୍ଟନାୟକ, ସହ ସଂପାଦକ ସୁରେଶ ପଧାନ, ଝାରସୁଗୁଡ଼ା ଶାଖାର ସହ ସଂପାଦକ ହେମନ୍ତ କୁମାର ପଟେଲ, କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଦାଶ,ସଦସ୍ୟା ଜ୍ୟୋସ୍ନାମୟୀ ନାଥ, ସାରସ୍ୱତ ସାଧିକା ଡଃ ସ୍ୱର୍ଣ୍ଣମୟୀ ପୁରୋହିତ, ଅଞ୍ଜଳି ପ୍ରଭା ପଟ୍ଟନାୟକ, ରାଜଶ୍ରୀ ମେହେର, ପ୍ରଭାତ ଚୌହାନ, ପିଙ୍କୁ ଦାସ, ଜୟଶ୍ରୀ କାହାଳୀ, ସୁଜାତା ପାଣିଗ୍ରାହୀ,ପ୍ରହଲ୍ଲାଦ ରୋହିଦାସ, ମନୋଜ ରଥ ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପକ ହେମନ୍ତ କୁମାର ପଟେଲ (ସହ ସଂପାଦକ) ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁଶ୍ରୀ ସାକ୍ଷୀ ଅଗ୍ରୱାଲ ସଭା ସଞ୍ଚାଳନ କରିଥିଲେ।

# ।।। କାଠବୋଝେଇ ଟ୍ରାକ୍ଟର ଜବତ, ଜଣେ ଗିରଫ ।।।



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ବନ ବିଭାଗ ରେଞ୍ଜ ଅଧୀନ ତୁର୍ଲା ଗାଁ ନିକଟରେ ବନ ବିଭାଗ ଚଢାଉ କରି କେନ୍ଦୁ କାଠ ବୋଝେଇ ଏକ ଟ୍ରାକ୍ଟର ଜବତ କରିବା ସହିତ ଜଣକୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ଙ୍କ ନେତୃତ୍ୱରେ ତୁର୍ଲା ଗାଁ ନିକଟରେ ଚଢାଉ କରିଥିଲେ। ଚଢାଉ ବେଳେ କେନ୍ଦୁ କାଠ ବୋଝେଇ ଏକ ନମ୍ବର୍ ବିହୀନ ଟ୍ରାକ୍ଟର ଜବତ କରିଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଫେରାର ମାରିଥିବା ବେଳେ କାଠ ଚାଲାଣରେ ସହଯୋଗ କରିଥିବା ଅଭିଯୋଗରେ ତୁର୍ଲା ଗାଁର ମନିଲାଲ ଛତର (୪୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରେଞ୍ଜ ଅଧିକାରୀ ନାଏକ ପ୍ରକାଶ କରିଛନ୍ତି। ଏନେଇ ହରିଶଙ୍କର ରେଞ୍ଜ ଓ ଆର କେସ ନମ୍ବର ୧୨୭/୨୦୨୫-୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ୨୮ ଖଣ୍ଡ କେନ୍ଦୁକାଠ ଗଣ୍ଡି ଜବତ ହୋଇଥିବା ଜଣାଯାଇଛି। ଚଢାଉବେଳେ ହରିଶଙ୍କର ବନପାଳ ରଞ୍ଜିତ କୁମାର, ଖପ୍ରାଖୋଲ ବନପାଳ ସୁଧୀର ଜେନା, ବିପିନ ସାହୁ, ବନରକ୍ଷୀ ରାଜେନ୍ଦ୍ର ଧରୁଆ,ସଞ୍ଜୀବ ପାଧନ ସହିତ ପାରା କର୍ମଚାରୀ ସାମିଲ ଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ହେବ।ରଥଯାତ୍ରାରେ ସାମିଲ ହେଉଥିବା ଭକ୍ତଙ୍କ ମଧ୍ୟରୁ ଅଧିକାଂଶ ସ୍ୱର୍ଣ୍ଣାଭ ବେଳାଭୂମିର ମଜା ନେବା ସହ ସମୁଦ୍ର ସ୍ନାନ ପାଇଁ ଯାଇଥାନ୍ତି। ତେବେ ଅଧିକାଂଶ ସମୟରେ ଅସୁରକ୍ଷିତ ସମୁଦ୍ର ସ୍ନାନ ଯୋଗୁଁ ଜୀବନ ହାନି ହେଉଛି। ଭକ୍ତ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକ କିଭଳି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପାଇଁ ଲାଇଫ ଗାର୍ଡ ମହାସଂଘ ପକ୍ଷରୁ ପୁରୀ ସମୁଦ୍ରରେ ମକ ଡ୍ରିଲ୍ କରାଯାଇଛି।ବେଳାଭୂମିକୁ ୨୪ ସେକ୍ଟରରେ ବିଭକ୍ତ କରାଯାଇଛି।୩୫୦ ଘରୋଇ ଲାଇଫଗାର୍ଡ ସହ ଅଗ୍ନିଶମ ବିଭାଗର ୧୦୦ ଆଗ୍ନିକ୍ ନିୟୋଜିତ ହେବେ । ସେମାନଙ୍କୁ ସମସ୍ତ ଆଧୁନିକ ପ୍ରଶିକ୍ଷଣ ସହ ଉପକରଣ ଯୋଗାଯାଇଛି।ସମୁଦ୍ରରେ କେହି ବୁଡ଼ିଗଲେ ତୁରନ୍ତ ସେମାନେ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଯୋଗାଇବ। ରଥଯାତ୍ରା ପାଇଁ ପୁରୀ ସହରରେ ଉଭୟ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଶ୍ରଦ୍ଧାଳୁମାନଙ୍କ ପାଇଁ କରାଯାଇଛି।

## ଘୂର୍ଣ୍ଣିବଳୟ ସକ୍ରିୟ

# ୨୮ଯାଏ ପ୍ରବଳ ବର୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୮ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରକୁ ଆଲର୍ଟ ଜାରି ରହିଛି। ବର୍ଷା ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଦକ୍ଷିଣ ଉତ୍ତରପ୍ରଦେଶର ମଧ୍ୟଭାଗରେ ସୃଷ୍ଟି ଏହି ଘୂର୍ଣ୍ଣିବଳୟରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଦେଇ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଦେଇ ଦେଢକିମି ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ରହିଛି। ଫଳରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବ। ଏଥିପାଇଁ ଏହି ୩ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ଏବଂ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏଥିସହ କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ। ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବ। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଘଡ଼ଘଡ଼ି ଓ ବିଜୁଳି ମାରିବା ସମୟରେ ସତର୍କ ରହିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ଦୁଇଦିନ ହେବ ସାରା ରାଜ୍ୟରେ ବର୍ଷାର ପ୍ରଭାବ ଲାଗି ରହିଛି। ଫଳରେ ଜନଜୀବନ ମଧ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅଦିନିଆ ବର୍ଷାରେ ମଣ୍ଡିରେ ଥିବା ଧାନ ନଷ୍ଟ ହେବା ସହ ପନିପରିବା ଫସଲ ନଷ୍ଟ ହେଉଥିବା ସୂଚନା ମିଳିଛି।

## ସିବିଏସ୍‌ଇ ନିଷ୍ପତ୍ତି

# ବର୍ଷକୁ ଦୁଇଥର ଦଶମ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସଇ) ୨୦୨୬ରୁ ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ପଦ୍ଧତିରେ ଏକ ବଡ଼ ପରିବର୍ତ୍ତନ ଘୋଷଣା କରିଛି। ୨୦୨୬ରୁ ଛାତ୍ରଛାତ୍ରୀମାନେ ବର୍ଷକୁ ଦୁଇଥର ଦଶମଶ୍ରେଣୀ ପରୀକ୍ଷା ଦେବାର ସୁଯୋଗ ପାଇବେ। ଏହାର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଉପରେ ଚାପ କମ୍ କରିବା ଏବଂ ସେମାନଙ୍କୁ ଆହୁରି ଭଲ ମାର୍କ ରଖିବା ପାଇଁ ଦ୍ୱିତୀୟ ସୁଯୋଗ ଦେବ। ସିବିଏସଇର ପରୀକ୍ଷା ନିୟନ୍ତ୍ରକ ସନ୍ୟମ ଭରଦ୍ୱାଜ କହିଛନ୍ତି ଯେ ବର୍ତ୍ତମାନ ଦଶମ ବୋର୍ଡ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମେ ମାସରେ ଅନୁଷ୍ଠିତ ହେବ। କିନ୍ତୁ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ସଂପୂର୍ଣ୍ଣଭାବେ ଇଚ୍ଛାଧୀନ ରହିବ। ଅର୍ଥାତ ଯଦି ଜଣେ ଛାତ୍ର ତାଙ୍କ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ନମ୍ବରରେ ଅସନ୍ତୋଷ ପ୍ରକାଶ କରନ୍ତି ତେବେ ସେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେଇପାରିବେ। ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ସୁପାରିସ ଅନୁଯାୟୀ ସିବିଏସଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ଏକ ସରଳ ଓ ଚାପମୁକ୍ତ ପରିବେଶ ପ୍ରଦାନ କରିବା। ଯାହାଦ୍ୱାରା ସେମାନେ ସେମାନଙ୍କ ଭୁଲରୁ ଶିଖିପାରିବେ ଓ ଉନ୍ନତି କରିପାରିବେ। ବୋର୍ଡର ବିଶ୍ୱାସ ଗୋଟିଏ ପରୀକ୍ଷା ମାଧ୍ୟମରେ ଜଣେ ଛାତ୍ରର ପ୍ରତିଭାର ସଂପୂର୍ଣ୍ଣ ମୂଲ୍ୟାୟନ କରାଯାଇପାରିବ ନାହିଁ। ତେବେ ଏପ୍ରିଲ ମାସରେ ପ୍ରଥମ ଓ ଜୁନ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ନିୟନ୍ତ୍ରକ କହିଛନ୍ତି।

## ଇତିହାସ ରଚିଲେ ଶୁଭାଂଶୁ

# ଆକ୍ସିଅମ-୪ ମିଶନ ଲଞ୍ଚ୍



ନୂଆଦିଲ୍ଲୀ, : ଦୀର୍ଘ ପ୍ରତୀକ୍ଷାର ଅନ୍ତଃ। ୬ଥର ଘୁଞ୍ଚିବା ପରେ ଆକ୍ସିଅମ-୪ ମିଶନ ଲଞ୍ଚ। ନିର୍ଦ୍ଧାରିତ ସମୟରେ ମିଶନ ମହାକାଶ ଅଭିମୁଖେ ଯାତ୍ରା। ବୁଧବାର ଦିନ ୧୨.୦୧ ମିନିଟରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ ସେଣ୍ଟରରୁ ଆକ୍ସିଅମ-୪କୁ ଲଞ୍ଚ କରାଯାଇଛି। ଫାଲକନ-୯ ରକେଟ ଦ୍ୱାରା ଡ୍ରାଗନ ମହାକାଶ ଯାନକୁ ଉତ୍କ୍ଷେପଣ କରାଯାଇଛି। ଗୁରୁବାର ଅପରାହ୍ନ ୪.୩୦ରେ ଡକିଂ ପାଇଁ ଟାର୍ଗେଟ ରଖାଯାଇଛି। ତେବେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବେ ଆଇଏସ୍ଏସ୍‌କୁ ଯାଇ ଇତିହାସ ରଚିଛନ୍ତି ବାୟୁସେନା ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଳା। ଏହି ମିଶନରେ ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗି ହ୍ୱିଟସନ୍, ପୋଲାଣ୍ଡର ସ୍ଲାଓଜ ଉଜନାଲସ୍କି ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ କ୍ରିୟୁ ସଦସ୍ୟ ରହିଛନ୍ତି। ତେବେ ଦେଶପାଇଁ ଗର୍ବ ଆଣି ଦେଇଛନ୍ତି ଶୁଭାଂଶୁ । ଆଜି ସାରା ଦେଶ ତାଙ୍କର ଶୁଭ ମନାସୁଛି। ୧୯୮୫ ମସିହା ଅକ୍ଟୋବର ୧୦ରେ ଲକ୍ଷ୍ନୌରେ ତାଙ୍କର ଜନ୍ମ। ତାଙ୍କ ବାପା ଶମ୍ଭୁ ଦୟାଲ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଶୁଭାଂଶୁଙ୍କ ପତ୍ନୀ କାମନା ମିଶ୍ରା ପେଷାରେ ଜଣେ ଡାକ୍ତର। ଉଭୟଙ୍କର ଏକ ପୁତ୍ରସନ୍ତାନ ମଧ୍ୟ ରହିଛି। ଲକ୍ଷ୍ନୌ ସିଟି ମଣ୍ଟେସରି ସ୍କୁଲରୁ ସେ ପଢ଼ା ଆରମ୍ଭ କରିଥିଲେ। ଦ୍ୱାଦଶ ପଢ଼ା ଶେଷପରେ ସେ ଏନଡିଏରେ ଯୋଗ ଦେଇଥିଲେ। ୨୦୦୬ ମସିହାରେ ଇଣ୍ଡିଆନ ଏୟାରଫୋର୍ସରେ ପାଇଲଟ୍ ହୋଇଥିଲେ। ୩ ବର୍ଷ ମଧ୍ୟରେ ସେ ୱିଙ୍ଗ୍ କମାଣ୍ଡର ଓ ପରେ କ୍ୟାପଟେନ ପଦବୀକୁ ପଦୋନ୍ନତି ପାଇଥିଲେ। ୨୦୨୪ରେ ସେ ଗ୍ରୁପ୍ କ୍ୟାପଟେନ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ମୋଟ ୨୦୦୦ ଘଣ୍ଟା ବିମାନ ଉଡାଇଛନ୍ତି। ସେ ମିଗ୍-୨୧, ମିଗ୍-୨୯, ସୁ-୩୦ ଏମକେଆଇ, ଜାଗୁଆର, ଏନ-୩୨, ହକ୍ ଓ ଡୋର୍ନିର ବିମାନ ମଧ୍ୟ ଉଡାଇଛନ୍ତି। ଏହି ୧୪ ଦିନିଆ ମିଶନ ସମୟରେ ଆଇଏସଏସରେ ବିଶ୍ୱବ୍ୟାପୀ ଜନସମ୍ପର୍କ କାର୍ଯ୍ୟକ୍ରମ, ମାଇକ୍ରୋଗ୍ରାଭିଟ୍ ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

**NOTICE**

By virtue of an affidavit No-3123 sworn before the Executive Magistrate, Panchpir, Karanjia on dated: 25.06.2025, I Yadumani Das, S/o- Bhanj Kishor Das, resident of village/post- Patbil, Ps-Karanjia, Dist-Mayurbhanj, declares that my actual name is Yadumani Das which is mentioned in Aadhar Card. But wrongly mentioned as Jadumani Das in IDBI Bank Account. Yadumani Das & Jadumani Das, S/o- Bhanj Kishor Das is same and one person myself. This affidavit is to be produced before concerned authority of IDBI Bank for necessary correction.

**Sd/- Yadumani Das**

**AFFIDAVIT**

By virtue of an affidavit sworn before the Executive Magistrate, Sukinda, Jajpur, dated: 19.06.2025, I Tuni Mahanta, Address: village- Rangamatia, Chingudipal, Po-Chingudipal, Ps-Kaliapani, Dist- Jajpur, Odisha, PIN-755028, declare that I have changed my son's name from Narayan Mahanta to Anil Kumar Mohanta. Henceforth, he shall be known as Anil Kumar Mohanta for all purposes.

**Sd/- Tuni Mahanta**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ବିଧାନର ହତ୍ୟା...

ନ ଆସିବା ପାଇଁ ଇନ୍ଦିରା ଗାନ୍ଧୀଙ୍କ ସରକାର ଅନେକ ପଦକ୍ଷେପ ନେଇଥିଲେ। ଏପରିକି ଖବରକାଗଜଗୁଡ଼ିକୁ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ କରି ଦେଇଥିଲେ। ଏମର୍ଜେନ୍ସି ସମୟରେ ୧୯୭୬ରେ ୮୦ଲକ୍ଷରୁ ଅଧିକ ପୁରୁଷଙ୍କ ବନ୍ଧ୍ୟାକରଣ ମଧ୍ୟ କରାଯାଇଥିଲା। ଏହି ଅଭିଯାନ ଇନ୍ଦିରା ଗାନ୍ଧୀଙ୍କ ପୁଅ ସଞ୍ଜୟ ଗାନ୍ଧୀଙ୍କ ଯୋଜନା ଥିଲା ବୋଲି ମଧ୍ୟ କୁହାଯାଉଛି।

### ଭାରତ ଇତିହାସର...

ଲୋକତନ୍ତ୍ର ସେନାନୀ ମାନଙ୍କ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନସନ ପାଇଁ ଅନୁମୋଦନ ମିଳି ସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀ ମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍ ଶୀଘ୍ର ସେମାନେ ମଧ୍ୟ ପେନସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀ ମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୫୦ ବର୍ଷ ତଳେ ଯେଉଁ ଭୁଲ ହୋଇଥିଲା ତାହା ଆଜିର ପୀଢ଼ି ଜାଣିବା ଦରକାର ଆଉ ଅନ୍ୟର ଭୁଲ ରୁ ମଣିଷ ଶିଖିବା ଭଳି, ଆଜିର ପୀଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଏହି ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀ ମାନଙ୍କୁ ସମ୍ମାନିତ କରିଥିଲେ। ଏହାସହିତ ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟନ କରିଥିଲେ। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢେଇ ଆଜିର ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିମ୍ବାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦେବ ଓ କାହ୍ନୁଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ନବଯୌବନ...

ରଥରେ ବିରାଜମାନ କରିବେ । ଭକ୍ତ ମାନେ ମହାପ୍ରଭୁଙ୍କ ରଥକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିରରେ ନିକଟରେ ଲଗାଇବେ । ତେବେ ଚଳିତ ବର୍ଷ ରଥଯାତ୍ରାରେ ୧୦ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହେବା ନେଇ ଅନୁମାନ କରାଯାଉଛି । ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ଶ୍ରୀକ୍ଷେତ୍ର ସାଆନ୍ତେ । ଏଥିପାଇଁ ପୂରା ବଡ଼ଦାଣ୍ଡ ଏବେ ଝୋଟି ଚିତାରେ ଚମକୁଛି । ବଡଦାଣ୍ଡକୁ ଝୋଟି ଚିତାରେ ସଜାଇ ଦିଆଯାଇଛି। ଚିତ୍ରକର ମାନେ ଦିନରାତି ଏକ କରି କାଳିଆ ପାଇଁ ସୁନ୍ଦର ସୁନ୍ଦର ରଙ୍ଗୋଲି ଆଙ୍କି ଦେଇଛନ୍ତି । ଯାହାକୁ ଦେଖି ଘଡିଏ ଅଟକି ଯାଉଛନ୍ତି ଭକ୍ତ । ନନ୍ଦିଘୋଷ, ଦେବଦଳନ, ତାଳଧ୍ୱଜ ରଥରେ ବସି ମାଉସୀ ମା' ଘରକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି । ରଥକୁ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ କାରିଗର । ରଙ୍ଗକାମ ଚାଲିଥିବା ବେଳେ ଖୁବ ଶୀଘ୍ର ଏହି କାର୍ଯ୍ୟ ସରିବ । ତେବେ ସବୁଠୁ ବଡ କଥା ହେଉଛି ଚଳିତ ବର୍ଷ ସମ୍ପୂର୍ଣ୍ଣ ଏଆଇ କ୍ୟାମେରା ଓ ଡ୍ରୋନ ମାଧମରେ ରଥଯାତ୍ରା ଭିଡ ନିୟନ୍ତ୍ରଣ, ଟ୍ରାଫିକ ପରିଚଳନା ହେବ । ଏଥି ପାଇଁ ପୁରୀ ଟାଉନ୍ ଥାନାରେ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲରୁମ୍ ସ୍ଥାପନ କରାଯାଇଛି । ଯେଉଁ ଠାରେ ଏଆଇ କ୍ୟାମେରା ଦ୍ୱାରା ଚାଲିଥିବା ଲାଇଭ ଷ୍ଟ୍ରିମିଙ୍ଗକୁ ଦେଖି ହେବ । ଫଳରେ ଯେଉଁ ଅଞ୍ଚଳରେ ଅତ୍ୟଧିକ ଭିଡ଼ ହୋଇଛି, ଟ୍ରାଫିକ ଜାମ ସ୍ଥିତି ରହିଚି ତାହାକୁ ଠାବ କରାଯାଇ ଉକ୍ତ ସ୍ଥାନରେ ଥିବା ପୋଲିସ ଅଧିକାରୀଙ୍କୁ ଜଣାଇ ଦିଆଯିବ । ଫଳରେ ଭିଡ଼କୁ ନେଇ ଦଳା ଚକଟା ସ୍ଥିତି ଉପୁଜିବ ନାହିଁ ।ତେବେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଅୟୋଜନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରାଯାଇଛି ।ଶ୍ରୀମନ୍ଦିର ଭିତର, ଶ୍ରୀମନ୍ଦିର ବାହାର,ରଥର ଭିତର କର୍ଡ଼ନ,ରଥର ବାହାର କର୍ଡନ ଭିଡ ନିୟନ୍ତ୍ରଣ,ଟ୍ରାଫିକ,ସମୁଦ୍ର ପଥ ସୁରକ୍ଷା ବ୍ୟବସ୍ଥା, ଭୁବନେଶ୍ୱର ଉତ୍ତରା ଛକରୁ ପୁରୀ, ପୁରୀ-କୋଣାର୍କ ରାସ୍ତା ସହିତ ପୁରୀ ସହରରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଇଛି । ଆଣ୍ଟି ଡ୍ରୋନ ବ୍ୟବସ୍ଥା, ଡଗ ସ୍କ୍ୱାର୍ଡ ସହିତ ଆତଙ୍କବାଦୀ, ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାର୍ଡ ମୁତୟନ ରହିବେ । ରଥଯାତ୍ରା ସୁରକ୍ଷା ପାଇଁ ମୋଟ୍ ୨୦୦ ପ୍ଲାଟୁନ୍ ପୋଲିସ ଫୋର୍ସ ସୁରକ୍ଷା ପାଇଁ ମୁତୟନ ହେବେ । ରଥଯାତ୍ରା ସୁରକ୍ଷା ପାଇଁ ୧୦ ହଜାର ପୋଲିସ କର୍ମଚାରୀ ରହିବେ । ଜଳ, ସ୍ଥଳ ଓ ଆକାଶ ପଥରେ କଡା ନଜର ରଖାଯିବାର ବ୍ୟବସ୍ଥା ରହିଛି। ରଥଯାତ୍ରା ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା ପାଇଁ ୨୧ ଆଇପିଏସ, ୧୨ ଶହ ଅଫିସର ନିୟୋଜିତ ହେବେ । ସେହିପରି ରଥଯାତ୍ରା ସହିତ ବାହୁଡ଼ା ଯାତ୍ରା ଓ ସୁନା ବେଶରେ ମଧ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ମଧ ରଥଯାତ୍ରା ଭଳି ସୁରକ୍ଷା ବ୍ୟବସ୍ଥା ରହିବ । ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ତେବେ ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ସହିତ ଭିଡ ନିୟନ୍ତ୍ରଣକୁ ଏଆଇ କ୍ୟାମେରା ଦ୍ୱାରା ପରିଚାଳନା କରାଯିବ । ଏହା ଦ୍ୱାରା ଭିଡ ନିୟନ୍ତ୍ରଣ ସହିତ ଟ୍ରାଫିକ ପରିଚାଳନା ଠିକରେ ହୋଇପାରିବ । କୌଣସି ଅଘଟଣ ପୂର୍ବରୁ ଏଆଇ କ୍ୟାମେରା ଦ୍ୱାରା ତାହା ଆମେ ଚିହ୍ନଟ କରି ସଙ୍ଗେ ସଙ୍ଗେ ପଦକ୍ଷେପ ନେବୁ । ରଥ ନିର୍ମାଣ ଭକ୍ତଙ୍କ ଆଗମନ ବଢୁଥିବା ବେଳେ ଭିଡ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ପାଇଁ ଉନ୍ନତ ମାନର ଏଆଇ ବୈଷୟିକ ଜ୍ଞାନ କୌଶଳ ବେଶ୍ ସହାୟକ ହେବ । ଟ୍ରାଫିକ ପରିଚାଳନା ସହିତ ଭିଡ ନିୟନ୍ତ୍ରଣ ଆମେ ଏଆଇ କ୍ୟାମେରା ଦ୍ୱାରା କରିବା ନେଇ ସବୁ ବ୍ୟବସ୍ଥା ହୋଇଛି । ଚଳିତ ବର୍ଷ ଅଘଟଣ ମୁକ୍ତ ରଥଯାତ୍ରା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ରଥଯାତ୍ରା ଅବସରରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରଥଯାତ୍ରା ପାଇଁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ପୁରୀ ରିଜର୍ଭ ପୋଲିସ ଲାଇନ ପଡ଼ିଆ ଠାରେ ରଥଟଣାର ମକଡ୍ରିଲ କରାଯାଇଛି । ବିଶେଷ କରି ତିନି ରଥର ସୁରକ୍ଷା, ରଥର ଇନର୍ ଓ ଆଉଟର କର୍ଡନ, ଜେନେରାଲ କର୍ଡନ ଦାୟିତ୍ୱରେ ଯେଉଁ ପୋଲିସ ଅଧିକାରୀ ଓ କର୍ମଚାରୀ ରହିବେ ସେମାନଙ୍କୁ ନେଇ ହିଁ ଏହି ମକଡ୍ରିଲ କରାଯାଇଥିଲା। ଏଡିଜି ସଞ୍ଜୟ କୁମାର ନିଜେ ଏହି ମକଡ୍ରିଲର ସମୀକ୍ଷା କରିଥିଲେ। ରଥଯାତ୍ରା ଭଳି ଅବିକଳ ରଥଟଣାର ଡେମୋ କରାଯାଇଥିଲା। ତିନୋଟି ପୁଲିସ ଜିପ୍‌କୁ ତିନୋଟି ରଥ ଭାବେ ନିଆଯାଇ କର୍ଡନ ମଧ୍ୟରେ କରାଯାଇଥିଲା ରଥଟଣା। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟାଣି ଅଭ୍ୟାସ କରିଥିଲେ। ଭିଡ ଭିତରେ ରଥ ଗୁଡିକ କିଭଳି ଟଣାଯିବ, ଇନର ଓ ଆଉଟର କର୍ଡନ କିଭଳି ରହିବ ଓ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରଥ କିଭଳି ନିୟନ୍ତ୍ରଣ କରାଯିବ ତାହାର ଅଭ୍ୟାସ ଓ ପ୍ରଶିକ୍ଷଣ କରାଯାଇଛି। ସେହିପରି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରେଳବାଇ ପକ୍ଷରୁ ହୋଇଥିବା ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ପୂର୍ବତଟ ରେଳପଥର ଜିଏମ୍ ପରମେଶ୍ୱର ଫୁନକ୍ୱାଲ୍। ରଥଯାତ୍ରାରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ଷ୍ଟେସନରେ ଯାତ୍ରୀ ୱେଟିଂ ରୁମ୍ ଓ ପ୍ରବେଶ, ପ୍ରସ୍ଥାନ ପଏଣ୍ଟକୁ ସମ୍ପ୍ରସାରଣ କରାଯାଇଛି। ଲାଇଟ୍, ଫ୍ୟାନ, ପାନୀୟ ଜଳ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ରାଜ୍ୟ ସରକାରଙ୍କ ସହଯୋଗରେ ପ୍ରସ୍ତୁତିକୁ ଚୂଡ଼ାନ୍ତ କରାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ୨୫୦ ସିସିଟିଭି କ୍ୟାମେରା ସହ ଯାତ୍ରୀ ଗାଡ଼ି ସଞ୍ଚାଳନ ପାଇଁ କଣ୍ଟ୍ରୋଲ ରୁମ୍ ରହିଛି । ନିୟମିତ ଟ୍ରେନ ବ୍ୟତୀତ ୩୬୫ଟି ଅତିରିକ୍ତ ଟ୍ରେନ ଗଡିବାକୁ ବ୍ୟବସ୍ଥା ହୋଇଛି। ଏଥିସହ ଦୁଇଟି ସ୍ଥଳରେ ୨୪ ଘଣ୍ଟିଆ ଡାକ୍ତରୀ ସେବା ସହିତ ଫାୟାର ଓ ଆମ୍ବୁଲାନ୍ସ ମହଜୁଦ ରହିଛନ୍ତି । ରେଳ ଷ୍ଟେସନରେ ସୁରକ୍ଷା ଦୃଷ୍ଟିକୋଣରୁ ୧୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଜଣେ ଏସ୍‌ପି ପାହ୍ୟା ଓ ଅନ୍ୟ ୩ଜଣ ଅତିରିକ୍ତ ଏସ୍‌ପି ପାହ୍ୟା ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ୨୫୦ ସିସିଟିଭିରୁ ମିଳୁଥିବା ଫିଡ୍ ମାଧମରେ କଣ୍ଟ୍ରୋଲ ରୁମ୍‌ରୁ ସୁରକ୍ଷା ଉପରେ ନଜର ରଖିବାକୁ ବ୍ୟବସ୍ଥା ହୋଇଛି। ସେପଟେ ପୁରୀ ସମୁଦ୍ର କୂଳରେ ମଧ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ କରି ପର୍ଯ୍ୟଟକଙ୍କ ସୁରକ୍ଷିତ ସମୁଦ୍ର ସ୍ନାନ, ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ମକଡ୍ରିଲ କରାଯାଇଛି। ଲାଇଫଗାର୍ଡ ମାନଙ୍କୁ ମକଡ୍ରିଲ ସାହାଯ୍ୟରେ ପ୍ରଶିକ୍ଷଣ ଦିଆଯାଇଛି। ସମୁଦ୍ର କୂଳରେ ୩୫୦ ଲାଇଫ ଗାର୍ଡ ମୁତୟନ ହୋଇଥିବା ବେଳେ ପେଣ୍ଟକଟା ଠାରୁ ଷ୍ଟିଲିଙ୍ଗ ରୋଡ ବେଳାଭୂମି ପର୍ଯ୍ୟନ୍ତ ଏହି ଲାଇଫ ଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ।

# ଯୁବତୀଙ୍କୁ ଗଣ ଧର୍ଷଣ, ଜଣେ ଅଟକ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ଥାନା ଅନ୍ତର୍ଗତ କୁଇତା ଢ଼ାବା ନିକଟ ରେ ଗତକାଲି ରାତି ରେ କିଛି ଦୁର୍ବୃତ୍ତ ଜଣେ ଯୁବତୀ କୁ ଏକୁଟିଆ ପାଇ ଗଣବଳାତ୍କାର କରିଥିବାର କରଞ୍ଜିଆ ଥାନାରେ ଅଭିଯୋଗ ହୋଇଛି । ପୀଡ଼ିତା ତଥା ଏତଲା କାରୀ ଙ୍କ ଅଭିଯୋଗ ଅନୁଯାଯାଇ କରଞ୍ଜିଆ ଥାନା କେସ ନୋ ୨୧୯/ ୨୫ଭାରତୀୟ ନ୍ୟାୟ ସଂହିତା ରଧାରା ୧୩୭+୨୧୭(ଢକ୍)ଅନୁଯାଇ ମକର୍ଦ୍ଦମା କରାଯାଇ ମୁଖ୍ୟ ଆସାମୀଙ୍କୁ ଅଟକ ରଖାଯାଇ ତଦନ୍ତୀ ଜାରୀ ରହିଛି ।ଏହି ଘଟଣାରେ ଅନ୍ୟାନ୍ୟ ଆସାମୀ ଫେରାର ହୋଇଯାଇଛନ୍ତି ।ଘଟଣାରୁ ପ୍ରକାଶ ଯେ ଜନୈକ ଯୁବତୀ ଜଣକ କରଞ୍ଜିଆ ଥାନାର ହଳଦିଆପୋଷି ଗ୍ରାମ ର ମାମୁ ଘରକୁ ବୁଲିବାକୁ ଆସିଥିଲା ।ଗତକାଲି ଅପରାହ୍ନ ୪ ୩୦ମିନିଟ ସମୟରେ ନାଧାଗାଡିଆ ଗ୍ରାମର ହନୁମାନ ମନ୍ଦିର କୁ ପୂଜା କରିବାକୁ ଆସିଥିଲା ଓ ପୂଜାସାରୀ ନିଜ ମାମୁଁଘର ହଳଦିଆପୋଷି ଗ୍ରାମକୁ ଫେରୁଥିଲା । ବାଟରେ ଏକ କାଜୁ ଜଙ୍ଗଲ ନିକଟରେ କିଛି ଦୁର୍ବୃତ୍ତ ସେଠାରେ ଉପସ୍ଥିତି ଥିଲେ, ଯୁବତୀକୁ ଏକୁଟିଆ ପାଇଁ ପୋଲସର ମୋଟର ସାଇକେଲ ଯୋଗେ ଜାତୀୟ ରାଜପଥ କୋଇତା ଢାବାକୁ ନେଇଯାଇଥିଲେ । ସେଠାରେ ଯୁବତୀକୁ ଗଣ ବଳାତ୍କାର ହୋଇଥିଲା । ଯୁବତୀ ଜଣକ ବହୁ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ ଅଘଟଣ ସମ୍ପର୍କରେ ସୂଚନା ଦେଇଥିଲା । ରାତି ୨.୩୦ରେ କରଞ୍ଜିଆ ଥାନାରେ ଅଭିଯୋଗ ହେବାରୁ କରଞ୍ଜିଆ ପୋଲିସ ବିଭିନ୍ନ ସ୍ଥାନ ଚଢ଼ାଉ କାରୀ ବିକାଶ କୁମାର ପାତ୍ର ନାମକ ଜଣେ ଆସାମୀଙ୍କୁ ଗିରଫ କରିଛି । ଆଜି ଯୁବତୀର ମେଡିକାଲ ପରୀକ୍ଷା କରାଯାଇଛି ।

**NOTICE**

By virtue of an affidavit No-3122 sworn before the Executive Magistrate, Panchpir, Karanjia on dated: 25.06.2025, I Baikuntha Sahoo, S/o-Fakira Sahoo, resident of village/post- Patbil, Ps-Karanjia, Dist-Mayurbhanj, declares that my actual name is Baikuntha Sahoo, S/o-Fakira Sahoo, but wrongly mentioned as Baikuntha Sahu, S/o- Fakir Sahu in myIDBI Bank Account. Baikuntha Sahoo, S/o-Fakira Sahoo and Baikuntha Sahu, S/o-Fakir Sahu is same and one person myself. This affidavit is to be produced before concerned authority of IDBI Bank for necessary correction.

**Sd/- Baikuntha Sahoo**

**NOTICE**

By virtue of an affidavit sworn before the Executive Magistrate, Banpur, dated: 15.04.2025, I Sasmita Behera, Address: village-Ankulapadar, Po-Narendrapur, Ps- Banpur, Dist- Khordha, Odisha, PIN-752031, declare that I have changed my daughter's name from Saismita Behera to J.K.P. Saismita Behera. Henceforth, She shall be known as J.K.P. Saismita Behera for all purposes.

**Sd/- Sasmita Behera**

**NOTICE**

By virtue of an affidavit sworn before the Executive Magistrate, Puri, dated: 05.06.2025, I Simpal Biswal, Address: village- Sundar, Patana Sahi, Po- Gadamrugasira, Ps- Chandanpur, Dist-Puri, Odisha, PIN-752012, declare that I have changed my name from Simpul Biswal to Simpal Biswal. Henceforth, I shall be known as Simpal Biswal for all purposes.

**Sd/- Simpal Biswal**

## ଯୁଦ୍ଧବିରତି ପରେ ବି ଥମୁନି ଉତ୍ତେଜନା

# ଇସ୍ରାଏଲର ୩ ଗୁପ୍ତଚରଙ୍କୁ ଫାଶୀ



ନୂଆଦିଲ୍ଲୀ : ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗୁ ହୋଇଛି ଯୁଦ୍ଧବିରତି। ଏହାପରେ ବି ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇନାହିଁ । ଇସ୍ରାଏଲ ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ବୁଧବାର ଇରାନ ୩ ଜଣଙ୍କୁ ଫାଶୀଖୁଣ୍ଟରେ ଝୁଲାଇଛି। ଇରାନ ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଫାଶୀ ପାଇଥିବା ଇଦ୍ରିସ ଅଲ୍ଲୀ, ଆଜାଦ ସୋଜେଇ ଏବଂ ରସୁଲ ଅହମ୍ମଦ ରସୁଲଙ୍କୁ ହତ୍ୟା ପାଇଁ ବ୍ୟବହୃତ ଉପକରଣ ଇରାନକୁ ଆଣିବା ଅଭିଯୋଗରେ ଫାଶୀ ଦିଆଯାଇଛି। ଏହି ମାମଲାରେ ୩ ଅଭିଯୁକ୍ତଙ୍କ ବିରୋଧରେ ବିଚାର କରାଯାଇ ବୁଧବାର ସକାଳେ ଉର୍ମିଆ ସହରରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଛି। ଉର୍ମିଆ ହେଉଛି ଇରାନର ଉତ୍ତର-ପଶ୍ଚିମ ସହର ଯାହାକି ତୁର୍କୀ ସୀମାରେ। ଫାଶିକୁ ନିଶ୍ଚିତ କରି ଇରାନୀ ଗଣମାଧ୍ୟମ ନୀଳ ଜେଲ୍ ପୋଷାକ ପିନ୍ଧିଥିବା ୩ ଅଭିଯୁକ୍ତଙ୍କ ଫଟୋ ଜାରି କରିଛି। ତେବେ ଏଭଳି ଫାଶୀଦଣ୍ଡ ପ୍ରଥମ ନୁହେଁ, ପୂର୍ବରୁ ମଧ୍ୟ ଇରାନ ଏଭଳି ପଦକ୍ଷେପ ନେଇଛି। ଇରାନ ଇସ୍ରାଏଲ ଓ ଅନ୍ୟାନ୍ୟ ବିଦେଶୀ ଗୁପ୍ତଚର ସଂସ୍ଥା ପାଇଁ ଗୁପ୍ତଚର ବୃତ୍ତି ସନ୍ଦେହ କରାଯାଉଥିବା ଲୋକଙ୍କୁ ଗିରଫ କରିବା ସହ ମୃତ୍ୟୁଦଣ୍ଡ ଦେଇଥାଏ। ଗତ ୧୩ ତାରିଖରେ ଇସ୍ରାଏଲ ଓ ଇରାନ ମଧ୍ୟରେ ବିଧିବଦ୍ଧ ଭାବେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ ପାଇଁ କାମ କରୁଥିବା ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଇରାନ ମଧ୍ୟ ଚେତାବନୀ ଦେଇଥିଲା। ଏହି କ୍ରମରେ ଗତ ରବିବାର ଓ ସୋମବାର ମଧ୍ୟ ଅନ୍ୟ କିଛି ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଇଥିବା ଇରାନ ଗଣମାଧ୍ୟମରୁ ସୂଚନା ମିଳିଛି। ଏପରିକି ୧୨ ଦିନିଆ ଯୁଦ୍ଧ ସମୟରେ ଇସ୍ରାଏଲ ସହ ସଂପର୍କ ରଖିଥିବା ଅଭିଯୋଗରେ ୭୦୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପଚରାଉଚୁରା କରାଯାଉଛି। ସେମାନେ ଦୋଷୀ ସାବ୍ୟସ୍ତ ହେଲେ କଠୋର ଦଣ୍ଡ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# କମ୍ୟୁନିଟି କେୟାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଇଆରସି ଭିଲେଜ ସ୍ଥିତ ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନର ଦ୍ୱିବାର୍ଷିକ ସାଧାରଣ ବୈଠକ, ସଂଘର ସଭାପତି ଡ଼କ୍ଟର ଅରୁଣ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ସଭା କାର୍ଯ୍ୟ ଆରମ୍ଭରେ ପହେଲଗାଁରେ ଆତଙ୍କବାଦୀ ଆକ୍ରମଣରେ ଅହମଦାବାଦ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷ ତଥା ଅଂଚଳର ସମସ୍ତ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟ ରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ଦୁଇବର୍ଷ ପାଇଁ ବିଭିନ୍ନ ପଦବୀ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ସଭାପତି ଭାବେ ଶରତ ଚନ୍ଦ୍ର ଭଦ୍ର,ଉପସଭାପତି ଭାବେ ସଂଜୀବ କୁମାର ପତି, ସମ୍ପାଦକ ଭାବେ ଦେବାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ମଲ୍ଲିକ, କୋଷାଧକ୍ଷ ଭାବେ ଅଶୋକ କୁମାର ମହାନ୍ତି ଓ ଯୁଗ୍ମ କୋଷାଧକ୍ଷ ଭାବେ ପ୍ରଣବ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି। ଶେଷରେ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଆଇଆରସି ଭିଲେଜର ଶତାଧିକ ସଦସ୍ୟ ଯୋଗ ଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

B-246

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No.-B-I-Tourism-55/2023 24677 / Bhubaneswar, the 24th June, 2025

Invitation for Bids
2nd Corrigendum

**Tender Reference No. C.E. (B) - 09 / 2025-26**

**Name of the Work : Renovation and Development of Maa Biraja Temple at Jajpur town in the district of Jajpur.**

The following changes have been made in Bid Identification No. C.E. (B) - 09 / 2025-26

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.08.07.2025 to 17.00 hours of dt.23.07.2025** instead of **dt.23.06.2025 to dt.08.07.2025** for ONLINE BIDDING respectively.
2. Online bids shall be received till **17.00 Hours of dt.23.07.2025** instead of **dt.08.07.2025.**
3. The technical bids will be opened at **11.30 A.M. of dt.24.07.2025** instead of **dt.09.07.2025.**

All other terms and conditions remain unchanged.

Sd/-Chief Engineer (Buildings-I),
Odisha, Bhubaneswar

OIPR 34117/11/0112/2526

**ଓଡ଼ିଶା ସରକାର, କ୍ରୀଡ଼ା ଓ ଯୁବସେବା ବିଭାଗ**

SYS-SPW-AWARD-0002-2025 15557 / Dt: 25.06.2025

**ବିଜ୍ଞାପନ**

TT-

**'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ନିମନ୍ତେ ବ୍ୟକ୍ତିବିଶେଷ/ଅନୁଷ୍ଠାନଙ୍କ ଠାରୁ ନିମ୍ନୋକ୍ତ ବର୍ଗରେ ମନୋନୟନ ପତ୍ର ଆହ୍ୱାନ କରାଯାଉଅଛି ।**

**ପୁରସ୍କାର ବର୍ଗ** : (୧) କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି (୨) କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, (୩) କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, (୪) କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, (୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, (୬) ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, (୭) ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ (୮) ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ।

**ନିୟମାବଳୀ : (୧)** ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟରେ (https://sports.odisha.gov.in) ଉପଲବ୍ଧ ଅଟେ । **(୨)** ମନୋନୟନପତ୍ର ଉଭୟ ଅଫଲାଇନ ଓ ଅନଲାଇନ (ଉପରୋକ୍ତ ବିଭାଗୀୟ ୱେବସାଇଟ ମାଧ୍ୟମରେ) ପଦ୍ଧତିରେ ତା **୦୫.୦୭.୨୦୨୫** ଅପରାହ୍ନ ୫.୦୦ ଘଣ୍ଟିକା ସୁଦ୍ଧା ଗ୍ରହଣ କରାଯିବ । **(୩)** ଏହି ସମୟସୀମା ବାହାରେ ପ୍ରାପ୍ତ ମନୋନୟନ ପତ୍ର ଗ୍ରହଣଯୋଗ୍ୟ ହେବନାହିଁ। **(୪)** ଆବେଦନକାରୀ ଅଫଲାଇନ୍ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ 'ନିର୍ଦ୍ଦେଶକ, କ୍ରୀଡ଼ା , କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡ଼ିୟମ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨' ଠିକଣାରେ ଡାକ (Speed Post)/ କୋରିଅର ସେବା/ e-mail: bijupattnaikawards@gmail.com ଯୋଗେ ପ୍ରେରଣ କରିପାରିବେ। **(୫)** ଆବେଦନପତ୍ର ଲଫାପା ଉପରେ ପ୍ରେରକ ତାହାଙ୍କର ସଂପୂର୍ଣ୍ଣ ନାମ, ଡାକ ଠିକଣା, ମୋବାଇଲ ନମ୍ବର, ଇ-ମେଲ ଆଇ.ଡି ଲେଖିବେ । ତତ୍ ସହିତ, ଲଫାପାର ଉପର ଭାଗରେ ସ୍ପଷ୍ଟ ଭାବରେ **'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪'** ଲେଖିବେ । **(୬)** ମନୋନୟନ ପତ୍ର ଦାଖଲ ତଥା ପରବର୍ତ୍ତି ଯେକୌଣସି ପରିସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିଷ୍ପତ୍ତି ସର୍ବଦା ଚୂଡାନ୍ତ ରହିବ ।

ସ୍ୱା/-
ନିର୍ଦ୍ଦେଶକ, କ୍ରୀଡ଼ା

OIPR 29001/11/0094/2526




ନୂଆଦିଲ୍ଲୀ: ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ନୂଆଦିଲ୍ଲୀରେ 'ଦି ଏମର୍ଜେନ୍ସି ଡାଏରିଜ୍-ଇୟର୍ସ ଦ୍ୟାଟ୍ ଫର୍ଜଡ୍ ଏ ଲିଡର' ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସେତେବେଳର ଜଣେ ଯୁବ ଆରଏସଏସ ପ୍ରଚାରକ, ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଲଢ଼ିବାରେ ଅଭିନୟ କରିଥିବା ଆକର୍ଷଣୀୟ ଭୂମିକା ବିଷୟରେ ବର୍ଣ୍ଣନା କରାଯାଇଛି। ଶ୍ରୀ ଶାହା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବାର୍ଷିକୀ ଅବସରରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସ ୨୦୨୫ କାର୍ଯ୍ୟକ୍ରମରେ ଏହି ପୁସ୍ତକ ଉନ୍ମୋଚନ କରିଥିଲେ।ଏହି ଅବସରରେ ଶ୍ରୀ ଶାହା ଜରୁରୀକାଳୀନ ପରିସ୍ଥିତି ସମୟରେ ଲୋକଙ୍କ ଉପରେ ହୋଇଥିବା ଅତ୍ୟାଚାର ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ସମସ୍ତେ ଜରୁରୀକାଳୀନ ପରିସ୍ଥିତିର ସ୍ମୃତିକୁ ଜୀବନ୍ତ ରଖିବା ଉଚିତ ଯାହା ଦ୍ୱାରା ଏହା କେବେ ପୁନରାବୃତ୍ତି ହେବ ନାହିଁ। ଶ୍ରୀ ମୋଦୀଙ୍କ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଲଢ଼େଇ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି ଯେ, ସେହି ସମୟରେ ଜଣେ ୨୫ ବର୍ଷୀୟ ବାଳକ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦକୁ ବିରୋଧ କରିଥିଲେ।

## ମହାକାଶଚାରୀ ଶୁଭାଂଶୁଙ୍କୁ ରାଷ୍ଟ୍ରପତିଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ବୁଧବାର ମହାକାଶ ଯାତ୍ରା କରିଛନ୍ତି। ଏନେଇ ଶୁଭାଂଶଙ୍କୁ ସୋସିଆଲ ମିଡିଆ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଲେଖିଛନ୍ତି, ଭାରତ ପାଇଁ ମହାକାଶରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିପାରିଛନ୍ତି ଶୁଭାଂଶୁ। ସମଗ୍ର ଦେଶ ଶୁଭାଂଶୁଙ୍କ ଯାତ୍ରା ପାଇଁ ଉତ୍ସାହିତ ଓ ଗର୍ବିତ। ଭାରତ, ଆମେରିକା, ପୋଲାଣ୍ଡ, ହଙ୍ଗେରୀ ଆକ୍ସିଅମ ମିଶନ ୪ରେ ସାମିଲ ହୋଇଛନ୍ତି। ମହାକାଶଚାରୀ ପ୍ରମାଣ କରିଛନ୍ତି ଯେ, ବିଶ୍ୱ ଗୋଟିଏ ପରିବାର 'ବସୁଧୈବ କୁଟୁମ୍ବକମ୍' ବୋଲି ରାଷ୍ଟ୍ରପତି ଲେଖିଛନ୍ତି। ସେହିପରି ଭାରତୀୟ ବାୟୁସେନା ମଧ୍ୟ ଶୁଭାଂଶୁଙ୍କୁ ଶୁଭେଚ୍ଛା ଜଣାଇଛି। କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ଉପରେ ଟ୍ୱିଟ୍ କରି କହିଛି ଯେ, ଏହି ମିଶନ କେବଳ ଏକ ଉଡ଼ାଣ ନୁହେଁ ବରଂ ଭାରତର ଆତ୍ମବିଶ୍ୱାସ ଏବଂ ସାହସର ପ୍ରତୀକ।

## ସମ୍ବିଧାନ ହତ୍ୟା ଦିବସରେ ଗଣତନ୍ତ୍ରର ରକ୍ଷାକର୍ତ୍ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ: ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶର ଇତିହାସର ସବୁଠାରୁ କଳା ଅଧ୍ୟାୟ ମଧ୍ୟରୁ ଗୋଟିଏ ସମୟରେ ଗଣତନ୍ତ୍ରର ରକ୍ଷା ପାଇଁ ଠିଆ ହୋଇଥିବା ଅଗଣିତ ଭାରତୀୟଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମ୍ବିଧାନିକ ମୂଲ୍ୟବୋଧ ଉପରେ ହୋଇଥିବା ଗମ୍ଭୀର ଆକ୍ରମଣକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜୁନ୍ ୨୫ ତାରିଖକୁ ସମ୍ବିଧାନ ହତ୍ୟା ଦିବସ ଭାବରେ ପାଳନ କରାଯାଏ- ଏପରି ଏକ ଦିନ ଯେବେ ମୌଳିକ ଅଧିକାରକୁ ସ୍ଥଗିତ କରାଯାଇଥିଲା, ପ୍ରେସ୍‌ର ସ୍ୱାଧୀନତା ଲୋପ କରାଯାଇଥିଲା ଏବଂ ଅଗଣିତ ରାଜନୈତିକ ନେତା, ସାମାଜିକ କର୍ମୀ, ଛାତ୍ର ଏବଂ ସାଧାରଣ ନାଗରିକଙ୍କୁ ଜେଲ୍‌ରେ ବନ୍ଦୀ କରାଯାଇଥିଲା। ଶ୍ରୀ ମୋଦୀ ସମ୍ବିଧାନରେ ଥିବା ନୀତିଗୁଡିକୁ ସୁଦୃଢ଼ କରିବା ଏବଂ ଏକ ବିକଶିତ ଭାରତର କଳ୍ପନାକୁ ସାକାର କରିବା ପାଇଁ ଏକତ୍ର କାମ କରିବାର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ। ଏକ୍ସରେ ଅନେକଗୁଡିଏ ଭିନ୍ନ ଭିନ୍ନ ପୋଷ୍ଟରେ ସେ ଲେଖିଛନ୍ତି; ଆଜି ଭାରତର ଗଣତାନ୍ତ୍ରିକ ଇତିହାସର ସବୁଠାରୁ କଳା ଅଧ୍ୟାୟ ମଧ୍ୟରୁ ଗୋଟିଏ, ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂରଣ ହୋଇଛି। ଭାରତର ଲୋକମାନେ ଏହି ଦିନକୁ ସମ୍ବିଧାନ ହତ୍ୟା ଦିବସ ଭାବରେ ପାଳନ କରନ୍ତି। ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଲଢ଼େଇରେ ଦୃଢ଼ ଭାବରେ ଠିଆ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମେ ପ୍ରଣାମ କରୁଛୁ। ଏମାନେ ସମଗ୍ର ଭାରତର, ଜୀବନର ସମସ୍ତ କ୍ଷେତ୍ରର ବିଭିନ୍ନ ବିଚାରଧାରାର ଲୋକେ ଥିଲେ ଯେଉଁମାନେ ଗୋଟିଏ ଲକ୍ଷ୍ୟରେ ପରସ୍ପର ସହିତ ଏକତ୍ର ଭାବରେ କାର୍ଯ୍ୟ କରିଥିଲେ। ଆମେ ଆମ ସମ୍ବିଧାରେ ଥିବା ନୀତିଗୁଡିକୁ ସୁଦୃଢ଼ କରିବା ଏବଂ ଏକ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଏକାଠି କାମ କରିବାର ଆମର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଉଛୁ। ଯେତେବେଳେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ମୁଁ ଜଣେ ଯୁବ ଆରଏସ୍‌ଏସ୍ ପ୍ରଚାରକ ଥିଲି। ଜରୁରୀକାଳୀନ ବିରୋଧୀ ଆନ୍ଦୋଳନ ମୋ ପାଇଁ ଏକ ଶିକ୍ଷଣୀୟ ଅଭିଜ୍ଞତା ଥିଲା । ଏହା ଆମର ଗଣତାନ୍ତ୍ରିକ ଢ଼ାଞ୍ଚାକୁ ସଂରକ୍ଷଣ କରିବାର ପ୍ରାଣଶକ୍ତିକୁ ପୁନଃନିର୍ମାଣ କରିଥିଲା।

## ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ରାଜଧାନୀ ରାୟପୁରର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଡିଟୋରିୟମରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ୫୦ବର୍ଷ ପୂର୍ବେ ଦେଶରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ଏହା ଭାରତୀୟ ଗଣତନ୍ତ୍ର ପାଇଁ ଏକ କଳଙ୍କିତ ଅଧ୍ୟାୟ। ଏନେଇ ଆଗାମୀ ପିଢ଼ୀକୁ ଅବଗତ କରାଯିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଥିବାର ଶ୍ରୀ ସାଏ କହିଥିଲେ। ଏହି ଜରୁରୀକାଳୀନ ପରିସ୍ଥିତି ସମୟରେ ଲୋକଙ୍କ ବାକ୍ ସ୍ୱାଧୀନତାକୁ ଅପହରଣ କରାଯାଇଥିଲା। ଏପରିକି ବହୁ ନେତା ଓ ସାମ୍ବାଦିକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ସମ୍ବାଦପତ୍ରର ସ୍ୱାଧୀନତା ଉପରେ ରୋକ୍ ଲଗାଯାଇଥିଲା। ଏପରିକି ସମ୍ବାଦପତ୍ର ଛପା ନହେବା ପାଇଁ ବିଦ୍ୟୁତ୍ ଲାଇନ୍‌କୁ ମଧ୍ୟ କାଟି ଦିଆଯାଇଥିଲା। ଶ୍ରୀ ସାଏ କହିଥିଲେ ଜରୁରୀକାଳୀନ ସ୍ଥିତି ସମୟରେ ତାଙ୍କ ପିତା ସ୍ୱର୍ଗୀୟ ନରହରି ପ୍ରସାଦ ସାଏ ୧୯ମାସ ଜେଲରେ ରହିଥିଲେ। ସେତେବେଳେ ଗଣତନ୍ତ୍ରର ସ୍ଥିତି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିଲା। ଏପରିକି ଅଧିକାଂଶଙ୍କ ଘରେ ଚୂଲି ଜଳୁନଥିଲା। ନାଗରିକଙ୍କ ଅଧିକାରକୁ ଖତମ କରିଦିଆଯାଇଥିଲା। ଏହି ଅବସରରେ ସେ ଲୋକତନ୍ତ୍ର ସେନାନି ପରିବାରର ସଦସ୍ୟଙ୍କୁ ଭେଟି ସାଲ, ଶ୍ରୀଫଳ ଏବଂ ପ୍ରତିମୂର୍ତ୍ତି ପ୍ରଦାନ କରି ସମ୍ମାନୀତ କରିଥିଲେ। ଶ୍ରୀ ସାଏ କହିଥିଲେ ଲୋକତନ୍ତ୍ର ସେନାନି ପରିବାର ସଦସ୍ୟମାନଙ୍କୁ ତାଙ୍କ ସରକାର ସମ୍ମାନ ଦିଏ। ପ୍ରତି ପରିବାରକୁ ପ୍ରତି ମାସ ୧୦ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ସମ୍ମାନଜନକ ରାଶି ପ୍ରଦାନ କରାଯାଉଛି। ସମାରୋହରରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାଏ କହିଥିଲେ ଆପଣମାନେ ହିଁ ମିଳିମିଶି ଗଣତନ୍ତ୍ରର ରକ୍ଷା କରିବେ। ସମ୍ବିଧାନର ମର୍ଯ୍ୟାଦା ରକ୍ଷା ପାଇଁ ଆପଣମାନଙ୍କ ଉପରେ ମୋର ଯଥେଷ୍ଟ ଭରସା ରହିଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ ବିଧାନସଭା ବାଚସ୍ପତି ଡ. ରମଣ ସିଂ ଯୋଗଦେଇ କହିଥିଲେ ଯେ, ଭାରତର ସମ୍ବିଧାନ ଏବଂ ଗଣତନ୍ତ୍ର ଉପରେ ଏହା ଏକ କଳାଦିନ।

## ଅସୁସ୍ଥ ହେଲେ ଉପରାଷ୍ଟ୍ରପତି



ନୈନିତାଲ : ଉପରାଷ୍ଟ୍ରପତି ଜଗଦୀପ ଧନଖଡ ବୁଧବାର କୁମାଉଁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ସମହାରୋହରେ ଅଚେତ ହୋଇ ପଡିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ପରେ ଧନଖଡ଼ ମଞ୍ଚରୁ ତଳକୁ ଓହ୍ଲାଇ ଦର୍ଶକଙ୍କ ମଧ୍ୟରେ ବସିଥିବା ତାଙ୍କର ପୂର୍ବତନ ସଂସଦୀୟ ସହଯୋଗୀ ମହେନ୍ଦ୍ର ସିଂହ ପାଲଙ୍କ ନିକଟକୁ ଆସିଥିଲେ। ଧନଖଡ ଓ ପାଲ ପରସ୍ପରକୁ ଦେଖି ଭାବୁକ ହୋଇପଡିଥିଲେ। କଥାବାର୍ତ୍ତା ପରେ ପରସ୍ପରକୁ କୋଳାଗ୍ରତ କରିଥିଲେ। ଏହି ସମୟରେ ପାଲଙ୍କ କାନ୍ଧରେ ମୁଣ୍ଡ ରଖି ଧନଖଡ ଅଚେତ ହୋଇପଡିଥିଲେ। ଉପରାଷ୍ଟ୍ରପତି ବେହୋସ ହେବା କେହି ଜାଣି ପାରିନଥିଲେ। ତେବେ ସେଠାକାର ପରିସ୍ଥିତିରୁ କିଛି ଅସୁବିଧା ହୋଇଥିବା ମନେ କରି ଉପରାଷ୍ଟ୍ରପତିଙ୍କ ଚିକିତ୍ସକୀୟ ଦଳ ତୁରନ୍ତ ସକ୍ରିୟ ହେବା ସହ ତାଙ୍କ ଚେତା ଫେରାଇ ଆଣିଛନ୍ତି। ଧନଖଡ ସୁସ୍ଥ ଅନୁଭବ କରିବା ସହିତ ରାଜଭବନ ଫେରି ଯାଇଛନ୍ତି। ଧନଖଡ ସେଠାରେ ରାତ୍ରି ବିଶ୍ରାମ କରିବେ। କୁମାଉଁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଭାଗ ନେବା ସହ ସେ ଏବେ ୩ ଦିବସୀୟ ଗସ୍ତରେ ଅଛନ୍ତି। ତେବେ ଏହି ଘଟଣା ପରେ ତାଙ୍କ ଗସ୍ତକାର୍ଯ୍ୟକ୍ରମ କାଣ୍ଟଛାଣ୍ଟ ହେବ କି ନା ସ୍ପଷ୍ଟ ହୋଇ ନାହିଁ। ଉତ୍ତରାଖଣ୍ଡ ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ପାଲ ୧୯୮୯ ମସିହାରେ ଲୋକସଭା ସାଂସଦ ଥିଲେ। ଏହି ସମୟରେ ଜଗଦୀପ ଧନଖଡ ମଧ୍ୟ ଝୁନଝୁନରୁ ଲୋକସଭାରେ ସାଂସଦ ଥିଲେ। ସେହିଠାରେ ଦୁଇ ଜଣଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ଦିନର ବ୍ୟବଧାନ ପରେ ଦୁଇ ବନ୍ଧୁ ପରସ୍ପରକୁ ଭେଟି ଭାବବିହ୍ୱଳ ହୋଇପଡିଥିଲେ। ଏହି ସମୟରେ ପଦେ ଦୁଇ ପଦର କଥାବାର୍ତ୍ତାରେ ସେମାନେ ପରସ୍ପରକୁ କୋଳାଗ୍ରତ କରୁଥିବା ବେଳ ଧନଖଡ ଅଚେତ ହୋଇଯାଇଥିଲେ। ତେବେ ପାଲଙ୍କ କାନ୍ଧରେ ଧନଖଡ ମଥା ରଖିଥିବାରୁ ସେ ତଳେ ପଡି ନାହାନ୍ତି।

## ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ପ୍ରତିଷ୍ଠାକୁ କ୍ୟାବିନେଟ୍‌ର ମଞ୍ଜୁରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତର ପ୍ରଦେଶର ଆଗ୍ରାଠାରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର (ସିଆଇପି)ର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର (ସିଏସଏଆରସି) ପ୍ରତିଷ୍ଠା ପାଇଁ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ନିବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଳୁ ଏବଂ କନ୍ଦମୂଳର ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ମୂଲ୍ୟ ବୃଦ୍ଧି କରି ଖାଦ୍ୟ ଓ ପୋଷଣ ସୁରକ୍ଷା, କୃଷକଙ୍କ ପାଇଁ ଆୟ ଓ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା। ଭାରତରେ ଆଳୁ ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ପରିବହନ, ବିପଣନ, ମୂଲ୍ୟ ଶୃଙ୍ଖଳା ଆଦି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଏହି କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନାର ଲାଭ ଉଠାଇବା ଏବଂ ସେଗୁଡ଼ିକୁ ଚିହ୍ନଟ କରିବା ଲାଗି ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର (ସିଆଇପି)ର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ଉତ୍ତର ପ୍ରଦେଶ ଆଗ୍ରାର ସିଙ୍ଗନା ଠାରେ ପ୍ରତିଷ୍ଠା କରାଯାଉଛି। ସିଏସଏଆରସି ଦ୍ୱାରା ବିକଶିତ ଆଳୁ ଓ କନ୍ଦମୂଳର ଉଚ୍ଚ ଉତ୍ପାଦନ କ୍ଷମତା ରହିଛି । ଏହା ମଧ୍ୟ ପୋଷକ ତତ୍ତ୍ୱ ଆଧାରିତ ତଥା ଜଳବାୟୁ ଅନୁକୂଳ କିସମ । ତେଣୁ ଏହା କେବଳ ଭାରତ ନୁହେଁ ବରଂ ବିଶ୍ୱ ସ୍ତରରେ ବିଜ୍ଞାନ ଓ ନବସୃଜନ ମାଧ୍ୟମରେ ଦକ୍ଷିଣ ଏସିଆ ଅଞ୍ଚଳରେ ମଧ୍ୟ ଆଳୁ ଓ କନ୍ଦମୂଳ କ୍ଷେତ୍ରରେ ଦୀର୍ଘସ୍ଥାୟୀ ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଗତି ପ୍ରଦାନ କରିବ।

## ଇରାନରୁ ଫେରିଲେଣି ୩୧୫୪ ଭାରତୀୟ ନାଗରିକ

ନୂଆଦିଲ୍ଲୀ: ଅପରେସନ ସିନ୍ଧୁ ଅଧୀନରେ ଇରାନରୁ ମୋଟ ତିନି ହଜାର ୧୫୪ ଜଣ ଭାରତୀୟ ନାଗରିକଙ୍କୁ ଭାରତ ଅଣାଯାଇଛି। ଆଜି ସନ୍ଧ୍ୟାରେ ଇରାନର ମାଶହାଦରୁ ୨୯୬ ଜଣ ଭାରତୀୟ ଏବଂ ଚାରି ଜଣ ନେପାଳୀ ନାଗରିକଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀରେ ପହଞ୍ଚିଛି। ଏହା ବ୍ୟତୀତ, ଅପରେସନ ସିନ୍ଧୁରେ ଏପର୍ଯ୍ୟନ୍ତ ମୋଟ ଆଠ ଶହ ୧୮ ଜଣ ଭାରତୀୟ ନାଗରିକ ଇସ୍ରାଏଲରୁ ସ୍ୱଦେଶ ଫେରିଛନ୍ତି। କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଆଜି ଭାରତୀୟ ବାୟୁସେନା ବିମାନରେ ଇସ୍ରାଏଲରୁ ଭାରତ ଫେରିଥିବା ୨୨୪ ଜଣ ଭାରତୀୟ ନାଗରିକଙ୍କୁ ସ୍ୱାଗତ କରିଛନ୍ତି।

## ଭାରତ ସହ ସବୁ ସମସ୍ୟାର ଆଲୋଚନା କରିବାକୁ ରାଜି: ସରିଫ୍



ନୂଆଦିଲ୍ଲୀ: ଆରମ୍ଭରୁ ଭାରତ ସହ ଥିବା ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବାକୁ ଚାହୁଁଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହେବାଜ ସରିଫ। ଏନେଇ ସେ ପ୍ରସ୍ତୁତ ଥିବା ବୁଧବାର ପିଟିଆଇରେ ରିପୋର୍ଟ ପ୍ରକାଶ ପାଇଛି। ପହଲଗାମ ଆକ୍ରମଣ ପରେ ଭାରତର ଅପରେସନ ସିନ୍ଦୂର ଓ ପାକିସ୍ତାନର ଜବାବୀ ହମଲାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଇଥିଲା। ଏହାର ପାଖାପାଖି ଦୁଇ ମାସ ପରେ ଭାରତ ସହିତ ଆଲୋଚନା କରିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ପୁଣିଥରେ ପ୍ରସ୍ତୁତ ବୋଲି କହିଛନ୍ତି। ପିଟିଆଇ ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସହ ଟେଲିଫୋନରେ କଥାବାର୍ତ୍ତା ସମୟରେ ସରିଫ ଆତଙ୍କବାଦୀ ଆକ୍ରମଣ ପରେ ଦେଖାଦେଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ଭାରତ ସହିତ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତା' ସହିତ ଦୁଇ ଦେଶ ମଧ୍ୟରେ ଥିବା ସମସ୍ତ ବିବାଦ ବିଷୟରେ ଆଲୋଚନା କରିବାକୁ ଚାହୁଁଥିବା ସେ କହିଥିଲେ। ସଲମାନଙ୍କୁ ଶରିଫ କହିଥଲେ ଜମ୍ମୁ-କାଶ୍ମୀର, ଜଳ, ବାଣିଜ୍ୟ ଏବଂ ଆତଙ୍କବାଦ ସମେତ ସମସ୍ତ ପ୍ରସଙ୍ଗ ଉପରେ ଭାରତ ସହିତ ଏକ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ ପାକିସ୍ତାନ ପ୍ରସ୍ତୁତ। ରେଡିଓ ପାକିସ୍ତାନର ରିପୋର୍ଟକୁ ଉଦ୍ଧୃତ କରି ପିଟିଆଇ ଏହି ଖବର ପ୍ରକାଶ କରିଛି।

# ବାଣିଜ୍ୟ



ମୁମ୍ବାଇ: ଭାରତରେ ଇନ୍ଧନ ଖୁଚୁରା ବ୍ୟବସାୟକୁ ନୂତନ ଉଚ୍ଚତାକୁ ଲାଗି ଆଦାନୀ ଟୋଟାଲ ଗ୍ୟାସ ଲିମିଟେଡ ଏବଂ ଜିଓ-ବିପି (ରିଲାଏନ୍ସ ବିପି ମୋବିଲିଟି ଲିମିଟେଡର ବ୍ରାଣ୍ଡ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଚୁକ୍ତି ସ୍ଥିର ହୋଇଛି। ଏହି ରଣନୈତିକ ସହଯୋଗ ମାଧ୍ୟମରେ ଉଭୟ କମ୍ପାନୀ ନିଜ ନିଜର ଇନ୍ଧନ ପ୍ରକାରକୁ ପରସ୍ପରର ଆଉଟଲେଟରେ ଉପଲବ୍ଧ କରାଇ ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ଇନ୍ଧନ ସୁବିଧା ଯୋଗାଇବେ। ଏହା ଭାରତରେ ଇନ୍ଧନ ଉପଲବ୍ଧତା ଏବଂ ଗୁଣବତ୍ତାକୁ ବୃଦ୍ଧି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହି ଚୁକ୍ତି ଅନୁଯାୟୀ, ଆଦାନୀ ଟୋଟାଲ ଗ୍ୟାସର ନିର୍ଦ୍ଦିଷ୍ଟ ଇନ୍ଧନ ଷ୍ଟେସନଗୁଡ଼ିକରେ ଜିଓ-ବିପିର ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ତରଳ ଇନ୍ଧନ ଯଥା ପେଟ୍ରୋଲ ଏବଂ ଡିଜେଲ ବିକ୍ରି କରାଯିବ। ଅନ୍ୟପକ୍ଷରେ, ଜିଓ-ବିପିର ନିର୍ଦ୍ଦିଷ୍ଟ ଆଉଟଲେଟଗୁଡ଼ିକରେ ଆଦାନୀ ଟୋଟାଲ ଗ୍ୟାସର କମ୍ପ୍ରେସଡ ନ୍ୟାଚୁରାଲ ଗ୍ୟାସ ଡିସପେନ୍ସିଂ ଇଉନିଟ ସ୍ଥାପନ କରାଯିବ, ଯାହା ଆଦାନୀ ଟୋଟାଲ ଗ୍ୟାସର ଅନୁମୋଦିତ ଭୌଗୋଳିକ ଅଞ୍ଚଳ ମଧ୍ୟରେ ସୀମିତ ରହିବ। ଏହି ସହଯୋଗ ପରିବହନ ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ଇନ୍ଧନ ଯୋଗାଣକୁ ସୁନିଶ୍ଚିତ କରିବ। ଏହି ଚୁକ୍ତି ଉଭୟ କମ୍ପାନୀର ବର୍ତ୍ତମାନର ଏବଂ ଭବିଷ୍ୟତ ଆଉଟଲେଟଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି।

## କେଡିଏମ୍‌କୁ 'ଜି ଭାରତ କି ଉଡାନ'ପୁରସ୍କାର ପ୍ରଦାନ

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆକ୍ସେସରିଜ୍ ବ୍ରାଣ୍ଡ କେଡିଏମକୁ ଜି ଭାରତର କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ମାନ୍ୟତା ମହାକୁମ୍ଭ ୨୦୨୫ରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ କରେ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଣ୍ଟ୍ ସ୍ଥାପନ କରିଥାଏ । କେଡିଏମ୍-ଟି ଟେକ୍ନୋଲୋଜି ଚାର୍ଜର ରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି। ଏହି ସଫଳତାକୁ ସ୍ୱୀକାର କରି କେଡିଏମ୍‌ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି ଯେ, ନିତିନ ଗଡ଼କରୀଙ୍କ ହାତରୁ 'ଜି ଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଜୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି । ଭାରତ କା ଚାର୍ଜର ପଦକ୍ଷେପ ଅଭିନବ ଚିନ୍ତାଧାରା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ । ଆଜି କାଲି ମୋବାଇଲ ଫୋନ୍ ହେଉଛି 'ବିକାଶର ଡିଭାଇସ୍', ଯାହା ଦେଶର ଅର୍ଥନୀତିରେ ଯୋଗଦାନ ଦେଉଛି। ଏହି ପୁରସ୍କାର ଆମକୁ କେଡିଏମ ଭାରତ କା ଚାର୍ଜର ସହିତ ଉଭୟ ମୋବାଇଲ୍ ଏବଂ ଅର୍ଥନୀତି ଚାର୍ଜ କରିବାକୁ ଆମର ପ୍ରୟାସ ଜାରି ରଖିବାକୁ ପ୍ରେରଣା ଦେଇଥାଏ।

## ଟାଟା ମୋଟର୍ସ ପକ୍ଷରୁ ମୂଲ୍ୟ ଘୋଷଣା




ମୁମ୍ବାଇ : ଭାରତର ସର୍ବବୃହତ ୪-ହ୍ୱିଲର ଇଭି ନିର୍ମାତା, ଟାଟା ମୋଟର୍ସ, ମଙ୍ଗଳବାର ଭାରତର ସବୁଠାରୁ ଶକ୍ତିଶାଳୀ ସ୍ୱଦେଶୀ SUV - Harrier.ev ର ପ୍ରାରମ୍ଭିକ ମୂଲ୍ୟ ଘୋଷଣା କରିଛି। ନୂଆ ଆଧୁନିକତା ଯାହା କେବଳ ଆମ ଶିଳ୍ପରେ ପ୍ରଥମ ନୁହେଁ ବରଂ ସମଗ୍ର ବିଶ୍ୱରେ ହିଁ ପ୍ରଥମ ଏବଂ ବ୍ୟାଟେରୀ ପ୍ୟାକ ପାଇଁ ଲାଇଫ୍‌ଟାଇମ୍ ୱାରେଣ୍ଟି ଅଫର କରି ସୁଗମ ମାଲିକାନା ପ୍ରତିପାଦନ କରୁଥିବା ଏହି , Harrier.ev କେବଳ ଏହାର ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିନାହିଁ ବରଂ ଏହାର ସୁପରକାର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବାରେ ସଫଳ ହୋଇଛି। Harrier.ev ର ବୁକିଂ ୨ ଜୁଲାଇରୁ ଆରମ୍ଭ ହେବା ସହିତ, ଏହାର ପର୍ସୋନାଜ୍ ପାୱାଡ୍ ରିଅର-ହ୍ୱିଲ୍ ଡ୍ରାଇଭ୍ ର ପ୍ରାରମ୍ଭିକ ମୂଲ୍ୟ ନିମ୍ନରେ ଦିଆଯାଇଛି। ଡୁଆଲ୍-ମୋଟର ପର୍ସୋନାଜ୍ ପାୱାରଡ୍ କ୍ୱାଡ୍ ହ୍ୱିଲ୍ ଡ୍ରାଇଭ୍‌ର ପ୍ରାରମ୍ଭିକ ମୂଲ୍ୟ ୨୭ ଜୁନ୍ ୨୦୨୫ ରେ ଘୋଷଣା କରାଯିବ। (ସମସ୍ତ ମୂଲ୍ୟ ଏକ୍ସ-ଶୋରୁମ୍ ଏବଂ ସମଗ୍ର ଭାରତରେ ଲାଗୁ ଅଟେ)। ଆଡ୍‌ଭେନ୍‌ଚର ୬୫ର ମୂଲ୍ୟ-୨୧.୪୯ ଲକ୍ଷ। ଆଡ୍‌ଭେନ୍‌ଚରଏସ୍ ୬୫ - ୨୧.୯୯ ଲକ୍ଷ, ଫିୟରଲେସ୍+ ୬୫,୨୩.୯୯ ଲ. ଫିୟରଲେସ୍+ ୭୫-୨୪.୯୯ ଲକ୍ଷ, ଏମ୍ପାୱାର୍ଡର ୭୫ର ମୂଲ୍ୟ ୨୭.୪୯ ଲକ୍ଷ। ଚାର୍ଜର ମୂଲ୍ୟ ଏବଂ ସଂସ୍ଥାପନ ଖର୍ଚ୍ଚ ଏଥିରେ ଅନ୍ତର୍ଭୁକ୍ତ ନାହିଁ। ଇଉ ଫାଷ୍ଟ ଚାର୍ଜର ବିକଳ୍ପ ଉପଲବ୍ଧ କିନ୍ତୁ ସେଥିପାଇଁ ଅଲଗା ଭାବରେ ଚାର୍ଜ କରାଯିବ । ଆଜି ଘୋଷଣା କରାଯାଇଥିବା ମୂଲ୍ୟ ସହିତ, ଆମେ ଭାରତରେ ଇ-ମୋବିଲିଟି ବିସ୍ତାର ଆହୁରି ଆଗକୁ ବଢାଇବା ପାଇଁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛୁ ତାହା ନୁହେଁ, ବରଂ ପାରମ୍ପରିକ ଓଉର-ଚାଳିତ ଭେହିକିଲର ଏକ ଦୃଢ଼ ବିକଳ୍ପ ମଧ୍ୟ ପ୍ରଦାନ କରୁଛୁ।

## ରଥଯାତ୍ରା ଅଫର ଘୋଷଣା କଲା ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ



ଭୁବନେଶ୍ୱର : ସେନ୍‌କୋ ଗୋଲ୍ଡ ପକ୍ଷରୁ ପବିତ୍ର ରଥଯାତ୍ରାକୁ ପାଳନ କରିବା ପାଇଁ ସୌନ୍ଦର୍ଯ୍ୟ ଓ ସମ୍ମାନକୁ ପ୍ରତିଫଳନ କରୁଥିବା ଅଳଙ୍କାରଗୁଡିକ ସହିତ ସ୍ୱତନ୍ତ୍ର ଡିଜାଇନ ଓ ଅଫର୍‌ର ଶୁଭାରମ୍ଭ କରାଯାଇଛି । ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ରଥଯାତ୍ରାର ପ୍ରତୀକାତ୍ମକତା ଓ ମହାନତା ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ଅନନ୍ୟ ଜୁଏଲାରୀ ପିସଗୁଡିକର ଏକ ବିସ୍ତୃତ ସିଲେକ୍ସନକୁ ଡିଜାଇନ କରିଛି । ଏହାର ଦକ୍ଷ କାରିଗରମାନେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ସୂକ୍ଷ୍ମ କଳାକୃତି, ରଥ ଓ ପବିତ୍ର ପ୍ରତୀକଗୁଡିକୁ ଏହି ଅସାଧାରଣ ଡିଜାଇନଗୁଡିକରେ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ଏହି ପବିତ୍ର ପର୍ବ ସହ ଜଡିତ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଶ୍ରଦ୍ଧାଳି ଜଣାଉଛି। ଏହି ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ ଜୋଇତା ସେନ କହିଛନ୍ତି, 'ସେନ୍‌କୋ ଗୋଲ୍ଡ ଓ ଡାଇମଣ୍ଡସରେ ଆମେ ରଥଯାତ୍ରାର ମହତ୍ୱ ଏବଂ ଏହି ସମୟରେ ଅଳଙ୍କାର କ୍ରୟ କରିବାର ପବିତ୍ରତାକୁ ବୁଝିଛୁ। ଆମର ଦକ୍ଷ କାରିଗର ଓ ଡିଜାଇନରମାନଙ୍କ ଟିମ ଯତ୍ନର ସହିତ ଅଳଙ୍କାର ପସ୍‌ଗୁଡିକର ଏକ ଆକର୍ଷଣୀୟ କଲେକ୍ସନ ପ୍ରସ୍ତୁତ କରିଛନ୍ତି। ସେହିପରି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି, ଆପଣଙ୍କର ରଥଯାତ୍ରା ସପିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆମର ଶୋ'ରୁମ ଗୁଡିକରେ ସୁନା ଅଳଙ୍କାର କ୍ରୟ ଉପରେ ମେକିଂ ଚାର୍ଜରେ ପ୍ରତି ଗ୍ରାମ ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହିତ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ବ୍ରାଣ୍ଡ ପକ୍ଷରୁ ହୀରା ଅଳଙ୍କାର ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନାର ଏକ୍ସଚେ ଉପରେ ୦% ଡିଡକ୍ସନ ଏବଂ ମେକିଂ ଚାର୍ଜ ଉପରେ ୧୦% ରିହାତି ଦିଆଯାଉଛି । ସୁନା ମୂଲ୍ୟ ଅଧିକ ବୃଦ୍ଧି ପାଇଥିବାରୁ ଆମେ ଫ୍ଲେକ୍ସି ପ୍ରାଇସ ଅଫରର ଶୁଭାରମ୍ଭ କରିଛୁ, ଯେଉଁଠାରେ ଗ୍ରାହକମାନେ ଆଜିର ମୂଲ୍ୟରେ ସୁନା ବୁକିଂ କରିପାରିବେ ଏବଂ ପରବର୍ତ୍ତୀ ସମୟରେ ଆଜିର ମୂଲ୍ୟରେ କ୍ରୟ କରିବାର ସୁବିଧା ପାଇବେ।

## ଜିଓରେ ନିବେଶ କରିବା ମୋ ଜୀବନର ସବୁଠାରୁ ବଡ ରିସ୍କ ଥିଲା: ମୁକେଶ ଅମ୍ବାନୀ



ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି ଯେ ଟେଲିକମ୍ କ୍ଷେତ୍ରର ଜିଓରେ ବିପୁଳ ନିବେଶ କରିବା ତାଙ୍କ କ୍ୟାରିୟରର 'ସବୁଠାରୁ ବଡ଼ ରିସ୍କ' ଥିଲା। ସେତେବେଳେ ଅନେକ ବିଶ୍ଲେଷକ ଏହାର ସଫଳତା ବିଷୟରେ ସନ୍ଦେହ କରୁଥିଲେ। ସେମାନେ କହିଥିଲେ ଯେ ଭାରତ ଏପରି ଉନ୍ନତ ଡିଜିଟାଲ୍ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ ନୁହେଁ। ରିଲାଏନ୍ସ ଜିଓରେ ନିବେଶ କରିବାର ନିଷ୍ପତ୍ତି ସହଜ ନଥିଲା। 'ସେତେବେଳେ, ଆମେ ଆମର ନିଜସ୍ୱ ଟଙ୍କା ବିନିଯୋଗ କରୁଥିଲୁ ଏବଂ ମୁଁ ନିଜେ ଅଧିକାଂଶ ସେୟାରଧାରକ ଥିଲି। ଆମେ ବଡ଼ ରିସ୍କ ନେଇଥିଲୁ କାରଣ ବ୍ୟାପକତା ବା ସ୍କେଲ୍ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ୍ୟ ମଧ୍ୟ ବହୁତ ଉଚ୍ଚ ଥିଲା।' ୫ଜି ପ୍ରଯୁକ୍ତି ସମ୍ପର୍କରେ ମୁକେଶ ଅମ୍ବାନୀ କହିଥିଲେ ଯେ 'ଜିଓର ୫ଜି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ଭିତ୍ତିଭୂମି ପୂର୍ଣ୍ଣ ଭାବରେ ଇନହାଉସ ବା କମ୍ପାନୀ ମଧ୍ୟରେ ବିକଶିତ ହୋଇଛି। ଭବିଷ୍ୟତ ଯୋଜନା ବିଷୟରେ ମୁକେଶ ଅମ୍ବାନୀ କହିଥିଲେ ଯେ 'ମୁଁ ସବୁବେଳେ କହୁଥିଲି ଯେ ଆମକୁ ଟେକ୍ନୋଲୋଜି ବା ପ୍ରଯୁକ୍ତିର କେବଳ ବ୍ୟବହାରକାରୀ ନୁହେଁ, ଆମକୁ ପ୍ରଯୁକ୍ତିର ମାଲିକ ହେବାକୁ ପଡିବ। ରିଲାଏନ୍ସ ଆଜି ଏକ ଡିପ୍ ଟେକ ଏବଂ ଆଡ଼ଭାନ୍ସଡ଼ ମାନୁଫାକଚରିଂ କମ୍ପାନୀ ହେବା ଆଡ଼କୁ ଗତି କରୁଛି। ଦୂରସଂଚାର କ୍ଷେତ୍ର ସହିତ ଆମେ ଏହାର ଆରମ୍ଭ କରିଛୁ।'

## 'ହିଟାଚି ଏକ୍ସଚେଞ୍ଜ ପ୍ରୋଗ୍ରାମ' ଆୟୋଜିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତରେ ହିଟାଚିର ନୂତନ ଜାପାନିଜ ଟେକ୍ନୋଲୋଜି ସହିତ ଏହି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅଗ୍ରଣୀ ଏସି ସଲ୍ୟୁଶନ୍ସ ପ୍ରଦାତା ଜନସନ କଂଟ୍ରୋଲ୍‌ସ-ହିଟାଚି ଏୟାର କଣ୍ଡିସନିଂ ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରରେ ଏକ ଚିନ୍ତାଶୀଳ ନେତୃତ୍ୱ କର୍ମଶାଳା 'ହିଟାଚି ଏକ୍ସଚେଞ୍ଜ ପ୍ରୋଗ୍ରାମ'ର ଆୟୋଜନ କରାଯାଇଛି। ଆର୍କିଟେକ୍ଟ ଓ ଏଚଭିଏସି କନ୍‌ସଲ୍‌ଟାଂଟଙ୍କୁ ସଶକ୍ତ କରିବା ସହ ଇଣ୍ଡଷ୍ଟ୍ରୀ ଇନ୍‌ଫ୍ଲୁଏନ୍ସରଙ୍କ ସହ ମଜବୁତ ସମ୍ପର୍କ ବିକଶିତ କରିବାକୁ ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ରଖିଥିଲା। ଶକ୍ତି-ଦକ୍ଷ କୁଲିଂ ସଲ୍ୟୁଶନ, ଆଡ୍‌ଭାନ୍ସଡ ଏଚଭିଏସି ଟେକ୍ନୋଲୋଜି ଏବଂ ସ୍ଥାୟୀ ସହରାଂଚଳ ଯୋଜନାରେ ଏୟାର କଣ୍ଡିସନିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିବା ପାଇଁ ଶିଳ୍ପର ଲିଡରଙ୍କ ପାଇଁ ଏହି କର୍ମଶାଳା ଏକ ପ୍ରମୁଖ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା। ଏହା ଉନ୍ନତ ଉତ୍ପାଦନ କ୍ଷମତା, ଏକ ଗ୍ଲୋବାଲ ଡେଭ୍‌ଲପମେଂଟ ସେଂଟର ଓ ଅତ୍ୟାଧୁନିକ ଲ୍ୟାବ ଭିତ୍ତିଭୂମି ପ୍ରଦର୍ଶିତ କରିବା ପାଇଁ ସୁଯୋଗ ଦେଇଥିଲା। ଏହି ଅବସରରେ ଜନସନ କଂଟ୍ରୋଲ୍‌ସ-ହିଟାଚି ଏୟାର କଣ୍ଡିସ୍‌ନିଂ ଇଣ୍ଡିଆ ଲିଃର ଫିଲ୍ଡ ଅପରେଶନ୍ସ ବିଭାଗର ନିର୍ଦ୍ଦେଶକ ଭରଗିସ ଯୋସେଫ କହିଛନ୍ତି, 'ଆମେ ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ଅଗ୍ରସର ହେଉଥିବାରୁ ଆମକୁ ଆର୍କିଟେକ୍ଟ ଓ ଏଚଭିଏସି କନ୍‌ସଲ୍‌ଟାଂଟଙ୍କୁ ଶକ୍ତି-ଦକ୍ଷ କୁଲିଂ ସମାଧାନ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ଓ ଉଭାବନଗୁଡିକ ସହ ସଶକ୍ତ କରିବା ଉଚିତ୍। ଭୁବନେଶ୍ୱରରେ ଆମର ଏକ୍ସଚେ ଅଭିଯାନ ଆନ୍ତର୍ଜାତୀୟ ମାନକକୁ ପୂରଣ କରୁଥିବା ଓ ଅଂଚଳରେ ଏକ ସ୍ଥାୟୀ ପରିବେଶ ସୃଷ୍ଟି କରୁଥିବା ଏୟାର କଣ୍ଡିସ୍‌ନିଂ ସମାଧାନର ଶୁଭାରମ୍ଭ କରି ଏକ ସାର୍ଥକ ପ୍ରଭାବ ସୃଷ୍ଟି କରିବା ପାଇଁ ସୁସଜ୍ଜିତ ରହିଛି।' ସେହିପରି ସ୍ୱେଶ ଆର୍କର ମୁଖ୍ୟ ଆର୍କିଟେକ୍ଟ ଡ.କେ ପରିଡା କହିଛନ୍ତି, 'ଭୁବନେଶ୍ୱରରେ ଏକ୍ସଚେ ଅଭିଯାନ ମାଧ୍ୟମରେ ସ୍ଥାୟିତ୍ୱ ଓ ଉଦ୍ଭାବନ ପ୍ରତି ଜନସନ କଂଟ୍ରୋଲ୍‌ସ-ହିଟାଚି ଏୟାର କଣ୍ଡିସ୍‌ନିଂ ଇଣ୍ଡିଆ ଲିଃର ପ୍ରତିବଦ୍ଧତା ବାସ୍ତବରେ ଉଦାହରଣ ସୃଷ୍ଟି କରିଛି। ଏହି କର୍ମଶାଳା କମ୍ପାନୀର ଭାରତବ୍ୟାପୀ ଅଭିଯାନର ଅଂଶ ଅଟେ ଯାହା ଶିଳ୍ପ ସହଭାଗିତାକୁ ସୁଦୃଢ଼ କରିବା ଓ ଭାରତର ସ୍ଥାୟୀ ଭିତ୍ତିଭୂମି ବିକାଶରେ ଯୋଗଦାନ ଦେବା ପାଇଁ ୬୦୦ରୁ ଅଧିକ ଆର୍କିଟେକ୍ଟ ଓ କନ୍‌ସଲ୍‌ଟାଂଟଙ୍କୁ ନିୟୋଜିତ କରିଛି।

## ଭାସମଲ ପକ୍ଷରୁ ହେନା କ୍ରିମ୍ ହେୟାର କଲର ଶୁଭାରମ୍ଭ




ନୂଆଦିଲ୍ଲୀ: ୬୦ ବର୍ଷରୁ ଅଧିକ ଇତିହାସ ଥିବା ଭାରତର ଅନ୍ୟତମ ସର୍ବାଧିକ ଖ୍ୟାତିସମ୍ପନ୍ନ ହେୟାର କଲର (କେଶ ରଙ୍ଗ) ବ୍ରାଣ୍ଡ ଭାସମଲ ପ୍ରାକୃତିକ ହେନାର ଚିରନ୍ତନ ପରମ୍ପରାରେ ମୂଳ ରଖୁଥିବା ତାହାର ଆଧୁନିକ, ଆମୋନିଆ ମୁକ୍ତ କ୍ରିମି ହେୟାରକଲର 'ଭାସମଲ ହେନା କ୍ରିମି ହେୟାର କଲର ପ୍ରଚଳନ ସହିତ ଏକ ପ୍ରଭାବଶାଳୀ ନୂତନ ଅଧ୍ୟାୟ ଆରମ୍ଭ କରିଛି। ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି, ବ୍ରାଣ୍ଡ ନେତୃବୃନ୍ଦ ଏବଂ ବ୍ରାଣ୍ଡର ନୂତନ ଅଭିଯାନ ଓ ମୂଲ୍ୟବୋଧକୁ ଧରି ରଖୁଥିବା ଏକ ମନମୋହକ ବାଲୁକା ସ୍ଥାପତ୍ୟ ଉନ୍ମୋଚନ କରି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି। ଭବ୍ୟ ରଥଯାତ୍ରା ସହିତ ସମାନ ସମୟରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଉଭୟ ବିଧି ବିଧାନ ଏବଂ ଆତ୍ମ-ଅଭିବ୍ୟକ୍ତିକୁ ସମ୍ମାନ ଜଣାଉଥିବା ସୌନ୍ଦର୍ଯ୍ୟର ଏକ ଉତ୍ସବ ଭାବରେ ରୁଟେଡ ଇନଭାସମଲ ହେନା ଦର୍ଶନ ତତ୍ତ୍ୱ ଉପରେ ଆଧାରିତ ହୋଇଛି। ଜୁନ ୨୨ ତାରିଖରେ ଉନ୍ମୋଚିତ ହୋଇଥିବା ଏହି ପ୍ରଚାର ଅଭିଯାନର କେନ୍ଦ୍ର ସ୍ଥଳରେ ରହିଛି ପଦ୍ମଶ୍ରୀ ପଟ୍ଟନାୟକଙ୍କର ହୃଦୟସ୍ପର୍ଶୀ ସ୍ଥାପତ୍ୟ, ଯେଉଁଥିରେ ସମାନ ନାରୀଙ୍କୁ ଦୁଇଟି ରୂପରେ ସ୍ଥାନ ପାଇଛନ୍ତି। ଭାସମଲର ମୂଳ କମ୍ପାନୀ ଏଚଆରଆଇପିଏଲର ଏମଡି ଓ ସିଇଓ ଧିରଜ ଆରୋରା ବ୍ରାଣ୍ଡର ଦୂରଦୃଷ୍ଟି ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, 'ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଭାସମଲ ଭାରତୀୟ ପରିବାରଗୁଡିକର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି।ଏଚଆରଆଇପିଏଲର ସିନିୟର ଭିପି-ମାର୍କେଟିଂ ପ୍ରିୟଙ୍କା ପୁରୀ କହିଥିଲେ, 'ଏହି ପ୍ରଚାର ଅଭିଯାନର ମୂଳ ପରମ୍ପରା, ଆତ୍ମ-ଅଭିବ୍ୟକ୍ତି ଏବଂ ପିଢି ପରେ ପିଢି ସୌନ୍ଦର୍ଯ୍ୟର ଭାବପ୍ରବଣ ଭାଷାରେ ରହିଛି। କାର୍ଯ୍ୟକ୍ରମରେ ପ୍ରକାଶ କରି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଥିଲେ, 'ବାଲୁକା ଏଭଳି ଏକ ଶକ୍ତିଶାଳୀ ମାଧ୍ୟମ ଯେ ଏହା ଜଣକୁ ଆତ୍ମାରୁ ସିଧା ଆସୁଥିବା କାହାଣୀ ଆତ୍ମାକୁ କହିଥାଏ। ରଥଯାତ୍ରା ଆଗକୁ ବଢୁଥିବାବେଳେ ଭାସମଲ ମଧ୍ୟ ବିଶ୍ୱାସବୋଧ, ଯତ୍ନ ଏବଂ ପ୍ରତ୍ୟେକ ପିଢି ନିମନ୍ତେ ନିରାପଦ ହେୟାର କଲରର ଏକ ପରମ୍ପରାକୁ ନେଇ ଆଗକୁ ବଢୁଛି।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ରିଙ୍କୁ ସିଂହ ଏବଂ ସାଂସଦ ପ୍ରିୟା ସରୋଜଙ୍କ ବିବାହକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିଲା। ସମ୍ପ୍ରତି ମିଳିଥିବା ସୂଚନା ଅନୁଯାୟୀ ରିଙ୍କୁଙ୍କ ବିବାହ ଚଳିତ ବର୍ଷ ନଭେମ୍ବରରେ ହେବନାହିଁ ଏହାକୁ ଏବେ ସ୍ଥଗିତ ରଖାଯାଇଛି। ସୂଚନାଯୋଗ୍ୟ ଯେ,ଜୁନ ୮ ତାରିଖରେ ରିଙ୍କୁ ଏବଂ ପ୍ରିୟାଙ୍କ ଲକ୍ଷ୍ନୌର ଏକ ବିଳାସପୂର୍ଣ୍ଣ ହୋଟେଲରେ ନିର୍ବନ୍ଧ ହୋଇଥିଲା। ଏହି ନିର୍ବନ୍ଧକୁ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲାଙ୍କ ସମେତ ଅଖିଳେଶ ଯାଦବ, ଜୟା ବଚ୍ଚନ ଏବଂ ଅନେକ ଭିଭିଆଇପି ଅତିଥିମାନେ ଯୋଗ ଦେଇଥିଲେ। ରିପୋର୍ଟ ଅନୁଯାୟୀ, ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜଙ୍କ ବିବାହକୁ ସ୍ଥଗିତ ରଖାଯାଇଛି। ଏହାର କାରଣ ହେଉଛି ରିଙ୍କୁଙ୍କ ଦଳ ପ୍ରତି ଥିବା ପ୍ରତିବଦ୍ଧତା। ଖେଳ ପାଇଁ ରିଙ୍କୁଙ୍କୁ ଦଳ ସହିତ ଯିବାକୁ ପଡିବ। ରିଙ୍କୁଙ୍କ କହିବା ଅନୁସାରେ ଖେଳ ଆଗ, ବିବାହ ପଛ। ୨୭ ବର୍ଷୀୟ ରିଙ୍କୁ ସିଂହ ଭାରତ ପାଇଁ ୨ଟି ଦିନିକିଆ ଏବଂ ୩୩ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ଏଥିରେ ସେ ଯଥାକ୍ରମେ ୫୫ ଏବଂ ୫୪୬ ରନ୍ କରିଛନ୍ତି। ରିଙ୍କୁ ଓ ପ୍ରିୟାଙ୍କ ବିବାହ ଚଳିତବର୍ଷ ନଭେମ୍ବର ପରିବର୍ତ୍ତେ ୨୦୨୬ ଫେବୃଆରିରେ ହେବାର ଯୋଜନା ରଖାଯାଇଛି। ତଥାପି ଏହି ବିବାହ ତାରିଖ ପରିବର୍ତ୍ତନ ହୋଇ ପାରେ ବୋଲି ରିଙ୍କୁଙ୍କ ପରିବାରଲୋକଙ୍କ ସୂତ୍ରରୁ ପ୍ରକାଶ।

# ନୀରଜଙ୍କୁ ଗୋଲ୍‌ଡେନ୍ ସ୍ପାଇକ୍ ମୁକୁଟ



ନୂଆଦିଲ୍ଲୀ: ଭାରତୀୟ ଜାଭଲିନ୍ ଥ୍ରୋ ସୁପରଷ୍ଟାର ନୀରଜ ଚୋପ୍ରା ମଙ୍ଗଳବାର ଗୋଲ୍‌ଡେନ୍ ସ୍ପାଇକ୍ ମିଟ୍ ପଦାର୍ପଣରେ ବିଜେତା ହୋଇଛନ୍ତି। ଏହି ପ୍ରତିଯୋଗିତା ଜିତି ସେ ଲଗାତାର ଦୁଇଟି ଶୀର୍ଷସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ଚେକ ରିପବ୍ଲିକର ଅଷ୍ଟ୍ରାଭାରେ ଆୟୋଜିତ ପ୍ରତିଷ୍ଠିତ ୬୪ତମ ଅଷ୍ଟ୍ରାଭା ଗୋଲ୍‌ଡେନ୍ ସ୍ପାଇକ ୨୦୨୫ (ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଗୋଲ୍ଡ ଲେଭେଲ) ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ପୁଣି ଥରେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଦମଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କର ପ୍ରଥମ ପ୍ରୟାସ ଫାଉଲ ହୋଇଥିଲା, କିନ୍ତୁ ଦ୍ୱିତୀୟ ପ୍ରୟାସରେ ସେ ୮୩.୪୫ ମିଟର ଦୂରତା ହାସଲ କରି ପ୍ରତିଯୋଗିତାରେ ଆଗୁଆ ରହିଥିଲେ। ତାଙ୍କର ଶେଷ ଥ୍ରୋରେ ୮୮.୬୫ ମିଟର ଦୂରତା ହାସଲ କରି ସେ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଜର୍ମାନୀର ଜୁଲିୟାନ ୱେବର ଓ ଗ୍ରେନାଡାର ଆଣ୍ଡରସନ ପିଟର୍ସଙ୍କୁ ପଛରେ ରଖିଥିଲେ। ଚଳିତ ମାସ ୨୦ରେ ସେ ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ବିଜେତା ହୋଇଥିଲେ। ୯ ଜଣିଆ ଏହି ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର ଗୋଲ୍‌ଡ ଇଭେଣ୍ଟରେ ନୀରଜ ୮୫.୨୯ ମିଟର ଜାଭଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦକ୍ଷିଣ ଆଫ୍ରିକାର ଡେଉ ସ୍ମିତ (୮୪.୧୨ ମିଟର) ଓ ଗ୍ରେନାଡ଼ାର ଆଣ୍ଡରସନ୍ ପିଟର୍ସ (୮୩.୬୩ ମିଟର) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ମାଷ୍ଟର୍ସ ମହିଳା ହକି

# ସେମିରେ ଓଡ଼ିଶା

ନୂଆଦିଲ୍ଲୀ: ଚେନ୍ନାଇରେ ଚାଲିଥିବା ଜାତୀୟ ମାଷ୍ଟର୍ସ କପ୍ ହକି ପ୍ରତିଯୋଗିତାର ଓଡ଼ିଶା ମହିଳା ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଛି। କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୧୦-୦ ଗୋଲ୍‌ରେ କେରଳକୁ ମାତ୍ ଦେଇଛି। ଓଡ଼ିଶା ଦଳର ଦୁଇ ସରିତା ମିଳିତ ଭାବେ ୮ ଗୋଲ୍ ଦେଇ ଏହି ସଫଳତା ଆଣିଛନ୍ତି। ସରିତା ଲାକ୍ରା ୫ ଓ ସରିତା ରୋଶନ ମିଞ୍ଜ୍ ୩ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଅଧିନାୟିକା ଲୁସେଲା ଏକ୍କାଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ଅଭିଯାନ ଆରମ୍ଭ କରିଥିଲା। ଏହାପରେ ପ୍ରତିମା ଏକ୍କା ଓ ସରିତା ଲାକ୍ରାଙ୍କ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରରେ ୩-୦ରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସରିତା ରୋଶନ ମିଞ୍ଜ ଦୁଇଟି ଗୋଲ୍ ଦେଇ ୫-୦ କରିଥିଲେ। ତୃତୀୟ କ୍ୱାର୍ଟରରେ ସରିତା ଲାକ୍ରା ଦୁଇଟି ଓ ସରିତା ରୋଶନ ମିଞ୍ଜ୍ ଗୋଟିଏ ଗୋଲ୍ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଶେଷ କ୍ୱାର୍ଟରରେ ସରିତା ଲାକ୍ରା ଦୁଇଟି ଗୋଲ୍ ? ଲଦି ୫ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ସରିତା ରୋଶନ ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶା ଗୁରୁବାର ସେମିଫାଇନାଲ୍‌ରେ ତାମିଲନାଡୁକୁ ଭେଟିବ। ତାମିଲନାଡୁ ୩-୧ରେ କର୍ଣ୍ଣାଟକକୁ ହରାଇଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ପଞ୍ଜାବ-ହରିୟାଣା ମୁହାଁମୁହିଁ ହେବେ। ପଞ୍ଜାବ ୧୩-୦ରେ ମହାରାଷ୍ଟ୍ରକୁ ଏବଂ ହରିୟାଣା ୮-୦ରେ ହିମାଚଳପ୍ରଦେଶକୁ ପରାସ୍ତ କରିଥିଲେ।



## କ୍ରିକେଟ୍ ଜଗତରେ ପାଦ ଥାପିଲେ ସଲ୍‌ମାନ୍

# ଆଇଏସ୍‌ପିଏଲ୍‌ର ହେଲେ ମାଲିକ




ନୂଆଦିଲ୍ଲୀ : ଶେଷରେ କ୍ରିକେଟ ଜଗତରେ ପାଦ ଥାପିଲେ ସଲ୍‌ମାନ୍। ଦେଶର ପ୍ରଥମ ଏବଂ ସର୍ବବୃହତ ଟେନିସ-ବଲ ଟି୧୦ କ୍ରିକେଟ ଲିଗ – ଇଣ୍ଡିଆନ ଷ୍ଟ୍ରିଟ ପ୍ରିମିୟର ଲିଗ (ଆଇଏସପିଏଲ୍ ସିଜିନ ୩) ଏହାର ତୃତୀୟ ସିଜିନ ପୂର୍ବରୁ ଏକ ବଡ଼ ଘୋଷଣା କରିଛି। ବଲିଉଡ ସୁପରଷ୍ଟାର ସଲମାନ ଖାନ ଏବେ ଆଇଏସପିଏଲ୍‌ର ନୂଆ ଦିଲ୍ଲୀ ଫ୍ରାଞ୍ଚାଇଜର ମାଲିକ ହେବେ। ଏହି ନୂତନ ଦଳକୁ ଆଇଏସପିଏଲ୍‌ରେ ଏପରି ସମୟରେ ସାମିଲ କରାଯାଇଛି ଯେତେବେଳେ ଲିଗ ଏହାର ଦ୍ୱିତୀୟ ସିଜିନରେ ରେକର୍ଡ ଭାଙ୍ଗି ଲୋକପ୍ରିୟତା ହାସଲ କରିଛି। ଆଇଏସପିଏଲ୍‌ର ସିଜିନ ୨ ଟିଭିରେ ୨.୮ କୋଟିରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିଛି ଏବଂ ପ୍ରଥମ ସିଜିନ ତୁଳନାରେ ୪୭ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହା ଆଇଏସପିଏଲ୍‌କୁ ଦେଶର ସବୁଠାରୁ ବଡ଼ କ୍ରୀଡା ଏବଂ ମନୋରଞ୍ଜନ ମହୋତ୍ସବ ମଧ୍ୟରୁ ଗୋଟିଏ କରିଛି, ଯାହା ଦର୍ଶକଙ୍କୁ କ୍ରିକେଟ ସହିତ ସଙ୍ଗୀତ ଏବଂ ତାରକାଙ୍କ ସଙ୍ଗମର ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରେ। ସଲମାନ ଖାନଙ୍କ ସାମିଲ କେବଳ ନୂଆଦିଲ୍ଲୀ ଦଳକୁ ମଜବୁତ କରିବ ନାହିଁ, ବରଂ ସମଗ୍ର ଲିଗକୁ ଏକ ନୂତନ ଉତ୍ସାହ ଏବଂ ନୂତନ ପରିଚୟ ଦେବ। ଏବେ ସେ ଆଇଏସପିଏଲ୍‌ର ଅନ୍ୟ ଦଳଗୁଡ଼ିକର ମାଲିକ ଥିବା ସେଲିବ୍ରିଟିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏଥିରେ ଅମିତାଭ ବଚ୍ଚନ (ମାଝି ମୁମ୍ବାଇ), ସୈଫ ଅଲ୍ଲୀ ଖାନ ଏବଂ କରୀନା କପୁର ଖାନ (ଟାଇଗର୍ସ ଅଫ କୋଲକାତା), ଅକ୍ଷୟ କୁମାର (ଶ୍ରୀନଗର କେ ବୀର), ସୂର୍ଯ୍ୟା (ଚେନ୍ନାଇ ସିଂଘମ୍ସ), ହୃତିକ ରୋଶନ (ବାଙ୍ଗାଲୋର ଷ୍ଟ୍ରାଇକର୍ସ) ଏବଂ ରାମ ଚରଣ (ଫାଲକନ ରାଇଜର୍ସ ହାଇଦ୍ରାବାଦ) ଭଳି ନାମ ଅନ୍ତର୍ଭୁକ୍ତ। ହିନ୍ଦୀ ସିନେମାର ତାରକା ସଲମାନ ଖାନ କହିଛନ୍ତି, କ୍ରିକେଟ ହେଉଛି ପ୍ରତ୍ୟେକ ଭାରତୀୟ ରାସ୍ତାର ହୃଦସ୍ପନ୍ଦନ, ଏବଂ ଯେତେବେଳେ ସେହି ଶକ୍ତି ଷ୍ଟାଡିୟମରେ ପହଞ୍ଚିଥାଏ, ଓଝଟଖ ଭଳି ଏକ ଲିଗ ଜନ୍ମ ହୁଏ। ମୁଁ ସର୍ବଦା ଖେଳ ପ୍ରତି ଉତ୍ସାହୀ, ଏବଂ ଓଝଟଖ ସହିତ ଜଡିତ ହୋଇ ମୁଁ ଅତ୍ୟନ୍ତ ଖୁସି। ଏହି ଲିଗ କେବଳ ତୃଣମୂଳ ସ୍ତରରେ କ୍ରିକେଟକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଏକ ଦୃଢ଼ ପ୍ଲାଟଫର୍ମ ମଧ୍ୟ ପ୍ରଦାନ କରେ। ଏହା କେବଳ ଆରମ୍ଭ – ସିଜିନ ୩ ସହିତ, ଦର୍ଶକମାନେ ଆମ ଦଳ ବିଷୟରେ ଅଧିକ ଜାଣିପାରିବେ ଏବଂ ସେମାନଙ୍କ ସହିତ ଗଭୀର ସମ୍ପର୍କ ସ୍ଥାପନ କରିବେ।

# ଜୟସୱାଲଙ୍କ ଉପରେ ରାଗିଲେ ସିରାଜ



ନୂଆଦିଲ୍ଲୀ:ଟେଷ୍ଟରେ ଭାରତୀୟ ଦଳର ଫିଲ୍ଡିଂ ବିଫଳତା ସାମ୍ନାକୁ ଆସିଛି। ଭାରତୀୟ ଓପନର ଯଶସ୍ୱୀ ଜୟସୱାଲ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଚତୁର୍ଥ କ୍ୟାଚ ଛାଡ଼ି ଏକ ଅବାଞ୍ଛିତ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ଘଟଣାରେ ବୋଲର ମହମ୍ମଦ ସିରାଜ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ମୁହଁରେ ମଧ୍ୟ କ୍ରୋଧ ଦେଖାଦେଇଥିଲା। ଘଟଣାଟି ଘଟିଥିଲା ମ୍ୟାଚର ପଞ୍ଚମ ଦିନରେ, ଯେତେବେଳେ ଇଂଲଣ୍ଡ ୩୭୧ ରନର ଲକ୍ଷ୍ୟ ପିଛା କରୁଥିଲା। ୩୯ତମ ଓଭରର ପଞ୍ଚମ ବଲରେ ମହମ୍ମଦ ସିରାଜ ଇଂଲଣ୍ଡ ଓପନର ବେନ ଡକେଟଙ୍କୁ ଏକ ଶର୍ଟ ବଲ ଦେଇଥିଲେ। ଡକେଟ, ଯିଏ ୯୭ ରନରେ ବ୍ୟାଟିଂ କରୁଥିଲେ, ପୁଲ ଶଟ ଖେଳିବାକୁ ଚେଷ୍ଟା କରି ଟପ-ଏଜ କରିଥିଲେ। ବଲଟି ଡିପ ବ୍ୟାକୱାର୍ଡ ସ୍କୋୟାର ଲେଗ ଆଡ଼େ ଯାଇଥିଲା, ଯେଉଁଠାରେ ଜୟସୱାଲ ଦୌଡ଼ି ଆସି ଡାଇଭ ଦେଇ ଦୁଇ ହାତରେ ବଲ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେ ବଲଟିକୁ ଧରି ପାରି ନଥିଲେ, ଯାହା ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁରୁ ବଞ୍ଚିତ କରିଥିଲା। ଏହି କ୍ୟାଚ ମିସ ହେବା ପରେ ସିରାଜ ତୀବ୍ର କ୍ରୋଧ ପ୍ରକାଶ କରିଥିଲେ। ସେ ଜୟସୱାଲଙ୍କୁ କ୍ରୋଧରେ ଦେଖିଥିଲେ ଏବଂ ତାଙ୍କ ଅସନ୍ତୋଷକୁ ସ୍ପଷ୍ଟ ଭାବେ ପ୍ରଦର୍ଶନ କରିଥିଲେ। ଜୟସୱାଲ ମଧ୍ୟ ନିଜର ଭୁଲ ପାଇଁ ମନଦୁଃଖରେ ଚୁପଚାପ ନିଜ ପୋଜିସନକୁ ଫେରିଥିଲେ, ସିରାଜଙ୍କ ନିକଟକୁ ଯିବାକୁ ଏଡ଼ାଇଥିଲେ। କ୍ୟାମେରା ଯେତେବେଳେ ଡ୍ରେସିଂ ରୁମଆଡ଼େ ଘୂରିଥିଲା, ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ମୁହଁରେ ଅସନ୍ତୋଷ ସ୍ପଷ୍ଟ ଦେଖାଯାଇଥିଲା। ଅଧିନାୟକ ଶୁବମାନ ଗିଲ ମଧ୍ୟ ଏହି ଭୁଲ ପାଇଁ ଆଶ୍ଚର୍ଯ୍ୟ ଦେଖାଇଥିଲେ।

# ମୁମ୍ବାଇ ପକ୍ଷରୁ ଖେଳିବେନି ପୃଥ୍ୱୀ ଶ

ନୂଆଦିଲ୍ଲୀ: ଆଗାମୀ ଘରୋଇ କ୍ରିକେଟ ସିଜନରେ ପୃଥ୍ୱୀ ଶ ମୁମ୍ବାଇ ପକ୍ଷରୁ ଖେଳିବେ ନାହିଁ। ୨୫ ବର୍ଷୀୟ ପୃଥ୍ୱୀ ଏଥିନେଇ ମୁମ୍ବାଇ କ୍ରିକେଟ ଆସୋସିଏଶନ ନିକଟରୁ ଏନଓସି ମାଗିଥିଲେ। ଏମସିଏ ତାଙ୍କୁ ଏନଓସି ପ୍ରଦାନ କରିଛି। ସେ କହିଛନ୍ତି, ୨୦୧୭ରୁ ମୁଁ ମୁମ୍ବାଇ ପକ୍ଷରୁ ଖେଳି ଆସିଛି। ଏହା ମୋ ପାଇଁ ସର୍ବଦା ସମ୍ମାନର ବିଷୟ ହୋଇ



ରହିବ। ମୁଁ ଆଗକୁ ବଢ଼ିବାକୁ ଚାହୁଁଛି, ସେଥିପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ପୃଥ୍ୱୀ ୨୦୧୭ରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୩୦୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ସେ ସୟେଦ ମୁସ୍ତାକ ଅଲୀ ଟ୍ରଫିରେ ମଧ୍ୟ ମୁମ୍ବାଇ ପକ୍ଷରୁ ଖେଳିଥିଲେ।ପୃଥ୍ୱୀ ରଣଜୀ, ଦିଲୀପ ଓ ବିଜୟ ହଜାରେ ପଦାର୍ପଣ ମ୍ୟାଚରେ ଶତକ ମାରିଛନ୍ତି। ୨୦୧୮ରେ ବିଶ୍ୱକପ ଜିତିଥିବା ଭାରତର ୧୯ ବର୍ଷରୁ କମ ଦଳର ସେ ଅଧିନାୟକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୨୦୧୮ରେ ସେ ଆନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ପଦାର୍ପଣ ମ୍ୟାଚରେ ସେ ଏଠାରେ ମଧ୍ୟ ଶତକ ହାସଲ କରିଥିଲେ। ୨୦୨୧ରେ ସେ ଶେଷ ଥର ଶ୍ରୀଲଙ୍କା ବିପକ୍ଷରେ ଆନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ସେବେଠାରୁ ଟିମ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ସେ ସଂଘର୍ଷ କରୁଛନ୍ତି।

# ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍ ପରେ ଗିଲ୍‌ଙ୍କ ପ୍ରତିକ୍ରିୟା



ଲିଡ୍ସ: ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ପାଞ୍ଚ ୱିକେଟରେ ପରାଜୟ ପରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଭୁଲ୍ ସ୍ୱୀକାର କରିଛନ୍ତି। ନିମ୍ନ କ୍ରମ ବ୍ୟାଟସମ୍ୟାନ୍‌ମାନେ ରନ ସଂଗ୍ରହ କରିବାରେ ବିଫଳ ହେବା ପରାଜୟର ଏକ ପ୍ରମୁଖ କାରଣ ଥିଲା ବୋଲି ସେ କହିଛନ୍ତି। ଉପ-ଅଧିନାୟକ ରିଷଭ ପନ୍ତ ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଗିଲ, ଯଶସ୍ୱୀ ଜୟସ୍ୱାଲ ଏବଂ କେଏଲ ରାହୁଲ ମଧ୍ୟ ଶତକ ହାସଲ କରିଥିଲେ। କିନ୍ତୁ ଭାରତ ଉଭୟ ଇନିଂସରେ ଆଶା କରାଯାଇଥିବା ବଡ଼ ସ୍କୋର କରିପାରି ନ ଥିଲା ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ ମଧ୍ୟ ହାତଛଡ଼ା ହୋଇଥିଲା। ପ୍ରଥମ ଇନିଂସରେ ସ୍କୋର ତିନି ଉଇକେଟରେ ୩୫୯ ରନ ହେବା ପରେ, ସମଗ୍ର ଦଳ ୪୭୧ ରନରେ ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟ ଶେଷ ଛଅ ଉଇକେଟ ୭୭ ରନ ମଧ୍ୟରେ ପଡ଼ିଥିଲା। ମ୍ୟାଚ ପରେ ଗିଲ କହିଥିଲେ, ଏହା ଏକ ବଡ଼ ଟେଷ୍ଟ ମ୍ୟାଚ ଥିଲା। ଆମ ପାଖରେ ସୁଯୋଗ ଥିଲା କିନ୍ତୁ ଆମେ କ୍ୟାଚ ଛାଡ଼ିଥିଲୁ ଏବଂ ନିମ୍ନକ୍ରମରୁ ମଧ୍ୟ ରନ ହୋଇପାରି ନ ଥିଲା, କିନ୍ତୁ ଦଳ ପାଇଁ ଗର୍ବ ଏବଂ ସାମଗ୍ରିକ ଭାବରେ ଏହା ଏକ ଭଲ ପ୍ରୟାସ ଥିଲା। ଗତକାଲି ଆମେ ପ୍ରାୟ ୪୩୦ ରନ କରିବା ପରେ ଇନିଂସ ଘୋଷଣା କରିବାକୁ ଚିନ୍ତା କରୁଥିଲୁ କିନ୍ତୁ ନିମ୍ନ କ୍ରମରେ ରନ ଅଭାବରୁ ଏହା କଷ୍ଟକର ହୋଇଗଲା। ଆମକୁ ଆଗାମୀ ମ୍ୟାଚ୍ ଗୁଡ଼ିକରେ ଏହାକୁ ଉନ୍ନତ କରିବାକୁ ପଡ଼ିବ। କ୍ୟାଚ ଛାଡ଼ିବା ଉପରେ ତାଙ୍କ ଫିଲ୍ଡରମାନଙ୍କୁ ରକ୍ଷା କରି ସେ କହିଥିଲେ, 'ଏପରି ଉଇକେଟ୍‌ରେ ସୁଯୋଗ ସହଜରେ ଉପଲବ୍ଧ ନ ଥାଏ। ଏହା ଏକ ଯୁବ ଦଳ ଏବଂ ଶିଖୁଛି। ଆଶା କରୁଛି ଭବିଷ୍ୟତରେ ଏହି ଦିଗଗୁଡ଼ିକରେ ଭଲ ପ୍ରଦର୍ଶନ ହେବ। ଗିଲ କହିଥିଲେ, ଜୁଲାଇ ୨ରୁ ବର୍ମିଂହାମରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବାକୁ ସମୟ ଅଛି ଏବଂ ଜସପ୍ରିତ ବୁମରାଙ୍କ ଉପଲବ୍ଧତା ବିଷୟରେ ମ୍ୟାଚ ପୂର୍ବରୁ ନିଷ୍ପତ୍ତି ନିଆଯିବ। ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଭାରତକୁ ପ୍ରଶଂସା କରିଥିଲେ କିନ୍ତୁ ବିଜୟର ଶ୍ରେୟ ତାଙ୍କ ଓପନର ବେନ ଡକେଟ ଏବଂ ଜ୍ୟାକ କ୍ରାଉଲିଙ୍କୁ ଦେଇଥିଲେ। ଉଭୟ ଯଥାକ୍ରମେ ୧୪୯ ଏବଂ ୬୫ ରନ କରିଥିଲେ। ସେ କହିଛନ୍ତି, ଭାରତ ପ୍ରଥମ ସେସନରେ ଚମତ୍କାର ଖେଳିଥିଲା। ଇଂଲଣ୍ଡରେ ଚତୁର୍ଥ ଇନିଂସରେ ଖେଳିବା ସହଜ ନୁହେଁ କିନ୍ତୁ ଜ୍ୟାକ ଏବଂ ବେନ ଏକ ମହାନ ଭାଗୀଦାରି କରି ବିଜୟର ମୂଳଦୁଆ ସ୍ଥାପନ କରିଥିଲେ।

# ଯୁବ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କଲେ ଜିଲ୍ଲାପାଳ



ବାରିପଦା (ଭାସ୍କର ନ୍ୟୁଜ୍): ତାମିଲନାଡୁ ଠାରେ ଆୟୋଜିତ ଉପ କନିଷ୍ଠ ବର୍ଗରେ ଜାତୀୟ ଉସୁଖେଳରେ ତାଉଲୁ ଇଭେଣ୍ଟରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରିଥିବା ମୟୂରଭଞ୍ଜ ଜିଲ୍ଲାର ବେତନଟୀ, ଆଗୀରିୟା ଗାଁର ପ୍ରିୟବ୍ରତ ପରିଡାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ ଆହୁରି ଉତ୍ତମ ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ଉତ୍ସାହିତ କରିଥିଲେ। ଜିଲ୍ଲା ଉସୁ ସଂଘର ସାଧାରଣ ସଂପାଦକ ଇଶ୍ୱର ମହାନ୍ତଙ୍କୁ ଉସୁ ଖେଳାଳି ମାନଙ୍କ ପାଇଁ ଆବଶ୍ୟକୀୟ ଖେଳ ଉପକରଣ ଯୋଗାଇ ଦେବାର ବ୍ୟବସ୍ଥା କରିବେ ବୋଲି କହିଥିଲେ। ଜିଲ୍ଲା ଉସୁ ସଂଘର ସମସ୍ତ କାର୍ଯ୍ୟକାରି ସଦସ୍ୟ ଓ ସଦସ୍ୟା ମାନେ ଏଥିପାଇଁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦୋଷ ସ୍ୱୀକାର କଲେ ପନ୍ତ



ଲିଡ୍ସ : ଭାରତର ୱିକେଟ୍‌କିପର-ବ୍ୟାଟର ରିଷଭ ପନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସ ଖେଳ ବେଳେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା-୧ ଉଲ୍ଲଂଘନ କରିଛନ୍ତି। ୨୭ ବର୍ଷୀୟ ପନ୍ତ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପନ୍ତଙ୍କୁ ଭର୍ତ୍ସନା କରିବା ସହ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କ ଶୃଙ୍ଖଳାଗତ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଏହି ଘଟଣା ଇଂଲଣ୍ଡ ଇନିଂସର ୬୧ତମ ଓଭରରେ ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର କଣ୍ଡିଶନକୁ ନେଇ ଅମ୍ପାୟରଙ୍କ ସହ ଆଲୋଚନା ବେଳେ ଦେଖିବାକୁ ମିଳିଥିଲା। ଅମ୍ପାୟର ବଲ୍‌ର ଗେଜ୍‌କୁ ଯାଞ୍ଚ କରିବା ପରେ ଏହାକୁ ବଦଳାଇବା ଲାଗି ମନା କରିଦେବାରୁ ୱିକେଟ୍‌କିପର ଜଣକ ଅସହମତି ପ୍ରକାଶ କରିବା ସହ ଅମ୍ପାୟରଙ୍କ ସାମ୍ନାରେ ବଲ୍‌କୁ ଗ୍ରାଉଣ୍ଡ ଭିତରକୁ ଫିଙ୍ଗି ଦେଇଥିଲେ। ପନ୍ତ ତାଙ୍କ ଦୋଷ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନଥିଲା।

# ଟେଷ୍ଟ ପରାଜୟ ପରେ ଦଳରୁ ବିଦା ହେଲେ ହର୍ଷିତ ରାଣା



ଲିଡ୍ସ: ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଭାରତର ପାଞ୍ଚ ୱିକେଟରେ ଲଜ୍ଜାଜନକ ପରାଜୟ ପରେ, ଯୁବ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଭାରତୀୟ ଦଳରୁ ବିଦା କରାଯାଇଛି। ଲିଡ୍ସରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ପାଇଁ ରାଣାଙ୍କୁ ଦଳରେ ଅତିରିକ୍ତ ବୋଲର ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା। ବୁଧବାର ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ମୁକ୍ତ କରିବା ନିଷ୍ପତ୍ତି ନେଇଛି। କ୍ୟାଣ୍ଟରବେରୀରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଏକ ଅନଅଫିସିଆଲ ଟେଷ୍ଟରେ ସେ ଭାରତ 'ଏ' ଦଳର ଅଂଶ ଥିଲେ, କିନ୍ତୁ ୨୭ ଓଭରରେ ୯୯ ରନ୍ ଦେଇ ମାତ୍ର ଗୋଟିଏ ୱିକେଟ ନେଇ ନିରାଶ କରିଥିଲେ। ବିସିସିଆଇର ଜଣେ ସୂତ୍ର ପିଟିଆଇକୁ ନାମ ନ ପ୍ରକାଶ କରିବା ସର୍ତ୍ତରେ କହିଛନ୍ତି, ହର୍ଷିତ ରାଣାଙ୍କୁ ଦଳରୁ ମୁକ୍ତ କରାଯାଇଛି। ସେ ଜୁଲାଇ ୪ରୁ ବାର୍ମିଂହାମରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ସହିତ ଯାତ୍ରା କରି ନାହାନ୍ତି। ମୁଖ୍ୟ କୋଚ ଗୌତମ ଗମ୍ଭୀର ପ୍ରଥମ ଟେଷ୍ଟ ପରାଜୟ ପରେ କହିଛନ୍ତି, ହର୍ଷିତ ରାଣାଙ୍କ ସମ୍ପର୍କରେ ମୁଁ ଚୟନକର୍ତ୍ତା କମିଟିର ଅଧକ୍ଷଙ୍କ ସହ ଆଲୋଚନା କରିବି। ତାଙ୍କୁ ଦଳରେ କିଛି ବୋଲରଙ୍କୁ ଆଘାତ ହେତୁ ରଖାଯାଇଥିଲା। ବର୍ତ୍ତମାନ ସବୁକିଛି ଠିକ୍ ଅଛି। ଆଲୋଚନା ପରେ ଆମେ ନିଷ୍ପତ୍ତି ନେବୁ। ଉଲ୍ଲେଖଯୋଗ୍ୟ, ରାଣାଙ୍କ ବଦଳରେ ମୁକେଶ କୁମାର କିମ୍ବା ଅନଶୁଲ କାମ୍ବୋଜଙ୍କ ଭଳି ଅଧିକ ଶକ୍ତିଶାଳୀ ବୋଲରମାନଙ୍କୁ ଅତିରିକ୍ତ ଖେଳାଳି ଭାବେ ରଖାଯାଇ ନ ଥିବାରୁ ଅନେକେ ଆଶ୍ଚର୍ଯ୍ୟ ହୋଇଥିଲେ, କାରଣ ରାଣାଙ୍କ ବୋଲିଂ ଶୈଳୀ ଇଂଲଣ୍ଡର ପରିସ୍ଥିତି ପାଇଁ ଅନୁପଯୁକ୍ତ ବୋଲି ବିବେଚିତ ହୋଇଥିଲା।ଏହା ସହିତ, ଭାରତୀୟ ଦଳ ଏବେ ବାର୍ମିଂହାମରେ ଦ୍ୱିତୀୟ ଟେଷ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି, ଯେଉଁଠାରେ ଦଳ ନିଜର ପ୍ରଦର୍ଶନ ଉନ୍ନତ କରିବାକୁ ଚେଷ୍ଟା କରିବ।


कार्यपालक अभियंता का कार्यालय
भवन निर्माण विभाग,
भवन प्रमंडल, दुमका
Email:- eengbcddumka-jhr@nic.in

शुद्धि पत्र

एतद् द्वारा सर्वसाधारण को सूचित किया जाता है कि दैनिक अखबार में प्रकाशित ई–प्रोक्योरमेंट अल्पकालीन नोटिस, टेन्डर रेफरेन्स नं0–07/2025-26/EE/ BCD/ DUMKA, जिसका P.R- 354628 Building (25–26)#D है, को अपरिहार्य कारणों से रद्द किया जाता हैं।

कार्यपालक अभियंता,
भवन प्रमंडल, दुमका

PR.NO.355915 Building(25-26):D

Office : Civil surgeon Cum CMO dhanbad
Contac 9431711098 email-cs.dhanbad@gmail.com

NIT cancellation Notice

All Intended Bidders – " NOTICE INVITING E-TENDER ( PR – 354621 Health Med Edu and Family welfare (25-26)#D, memo no. 1444 dated-09.06.2025) " are informed that tender number 1444 dated 09.06.2025 is cancelled with immediate effect due to some unavoidable technical causes.

All intended bidders are request to do needful.

PR 355962 Health Med Edu and Family Welfare (25-26)_D

Civil Surgeon
Cum CMO, Dhanbad

E-Procurement cell
Office of the Executive Officer
Nagar Parishad Mihijam, Jharkhand, Urban Development & Housing Department

E-Tender Corrigendum Reference No. - NIT No. - 01/2025-26, Date:-17.06.2025

Corrigendum – 1

| | | |
|---|---|---|
| 1. | Name of the work | CONSTRUCTION OF PCC ROAD , RCC CULVERT, RCC DRAIN, STREET LIGHT AND PAVER BLOCK FROM HOUSE OF YASAR NAWAJ TO NEAR VIA BENJIMIN TUDU HOUSE UNDER WARD NO - 02<br>CONSTRUCTION OF RCC DRAIN FROM THANA MORE VIA HOUSE OF VINOD TANTI TO GYM CENTRE OF MAHESH YADAV UNDER WARD NO-(02 & 03)<br>CONSTRUCTION OF PCC ROAD , RCC CULVERT, RCC DRAIN RETAINING WALL AND STREET LIGHT ARVIND COLONY UNDER WARD NO-02 |
| 2. | E-Tender Reference No. & Date | NPM/F2/25-26/01<br>NPM/F2/25-26/02<br>NPM/F2/25-26/03 |
| 3 | Tender PR No. | PR355262, Urban Development & Housing Department |

Change in Clause :–

| Sl. No. | As per F2 Form | To be Read |
|---|---|---|
| 1 | Tenderer should have experience of similar work. (Special Conditions for F2 Contract point no. 49) | Special Condition for F2 Contract point no. 49 is omitted. |

All other Details will be same as published in tender.
Note: Authority reserves right to cancel or amend tender without assigning any reason thereof.
Further details can be seen on website http://jharkhandtenders.gov.in

Executive Officer
Nagar Parishad Mihijam

PR 355896 Urban Development and Housing(25-26)#D



ଆପଣ ଜାଣିଛନ୍ତି କି ଭୋଜନ ପରେ କାହିଁକି ମିଠା ଖାଇବା ପାଇଁ କୁହାଯାଏ। ଯଦି ନଜାଣିଛନ୍ତି ଜାଣିନିଅନ୍ତୁ... । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଖାଦ୍ୟର ଆରମ୍ଭ ସର୍ବଦା ରାଗ କିମ୍ବା ଲୁଣିରୁ ହୋଇଥାଏ ଓ ଭୋଜନର ଶେଷ ମିଠାରେ ହୋଇଥାଏ। ସେଥିପାଇଁ ଶ୍ରୀମନ୍ଦିରରେ ମଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ଭୋଜନ ପରେ ପୋଡ଼ପିଠା ଅର୍ପଣ କରନ୍ତି ମହାଲକ୍ଷ୍ମୀ। ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ସାଧାରଣତଃ ଭୋଜନ ପରେ ଖାଦ୍ୟ ନଳୀ ଶୁଷ୍କ ହୋଇଯିବାରୁ ଆମକୁ ଶୋଷ ଲାଗିଥାଏ ତେଣୁ ଆମେ ପାଣି ପିଇବାକୁ ଇଚ୍ଛା କରୁ। ମାତ୍ର ଡାକ୍ତରଙ୍କ କହିବା ଅନୁସାରେ, ଖାଇବାର ଅଧଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବା ଅନୁଚିତ। ଏହା ଆମ ପାଚନକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ଖାଇବା ପରେ କିଛି ମିଠା ଖାଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ ଓ ପାଣିର ଆବଶ୍ୟକତା ମଧ୍ୟ ଏତେଟା ପଡିନଥାଏ। ରାଗ ଖାଦ୍ୟ ଖାଇବା ଯୋଗୁଁ ଆମ ପେଟ ଭିତରେ ଥିବା ପାଚନତନ୍ତ୍ର ଠିକ୍ ଭାବରେ ସଞ୍ଚାଳିତ ହୋଇପାରିନଥାଏ। ତେଣୁ ଭୋଜନ ଶେଷରେ ଶେଷରେ ମିଠା ଖାଇବା ଦ୍ୱାରା ଖାଦ୍ୟରେ ଥିବା ଅମ୍ଳର ତୀବ୍ରତା କମ୍ ହୋଇଥାଏ। ଫଳରେ ଏସିଡ଼ିଟି ବା ଜ୍ୱଳନ ହୋଇନଥାଏ ଓ ଖାଦ୍ୟ ଠିକ ଭାବେ ହଜମ ହୋଇଥାଏ। ଏହି କାରଣରୁ ଆମକୁ ଖାଇବା ପରେ ମିଠା ଦିଆଯାଏ ।



# ରାଷ୍ଟ୍ରପତି ଭବନରେ 'ସିତାରେ ଜମୀନ୍ ପର୍'ର ସ୍ପେଶାଲ ସ୍କ୍ରିନିଂ



କ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ବଲିଉଡ୍ର ଖ୍ୟାତନାମା ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଅମିର ଖାନଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ନୂତନ ଚଳଚ୍ଚିତ୍ର 'ସିତାରେ ଜମୀନ ପର'ର ଏକ ସ୍ପେଶାଲ ସ୍କ୍ରିନିଂରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଆମିର ଖାନଙ୍କ ସହ ଏକ ଫଟୋ ସେୟାର କରାଯାଇଛି। 'ସିତାରେ ଜମୀନ ପର' ହେଉଛି ଆମିର ଖାନଙ୍କ ଆଇକନିକ ୨୦୦୭ ଚଳଚ୍ଚିତ୍ର 'ତାରେ ଜମୀନ ପର'ର ସିକ୍ୱେଲ। ଏହି ଚଳଚ୍ଚିତ୍ର ନ୍ୟୁରୋଡାଇଭରଜେଣ୍ଟ ବ୍ୟକ୍ତିଙ୍କୁ ନେଇ ନିର୍ମିତ ହୋଇଛି ଏବଂ ବିବିଧତା, ସମାନତା ଓ ସମାବେଶୀକରଣର ବାର୍ତ୍ତା ପ୍ରଦାନ କରୁଛି। ଏହାର ହୃଦୟସ୍ପର୍ଶୀ କାହାଣୀ ଓ ଶିକ୍ଷଣୀୟ ମୂଲ୍ୟ ପାଇଁ ଏହାକୁ ଦର୍ଶକ ଓ ସମୀକ୍ଷକଙ୍କ ତରଫରୁ ବ୍ୟାପକ ପ୍ରଶଂସା ମିଳିଛି। ଆମିର ଖାନ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ 'ସିତାରେ ଜମୀନ ପର'ରେ ଆମିର ଖାନ ଏକ ଜୁନିଅର ବାସ୍କେଟବଲ କୋଚ ଗୁଲଶନ ଅରୋରାଙ୍କ ଚରିତ୍ରରେ ଅଭିନୟ କରିଛନ୍ତି, ଯିଏ ଡାଉନ ସିଣ୍ଡ୍ରୋମ ଥିବା ପିଲାମାନଙ୍କୁ ବାସ୍କେଟବଲ ଶିଖାଉଛନ୍ତି। ଏହି ଚଳଚ୍ଚିତ୍ରରେ ଜେନେଲିଆ ଡି'ସୁଜା ଅମିରଙ୍କ ପତ୍ନୀ ଚରିତ୍ରରେ ଏବଂ ଡଲି ଅହଲୁୱାଲିଆ ତାଙ୍କ ମା' ଚରିତ୍ରରେ ଅଭିନୟ କରିଛନ୍ତି। ଏହା ସହିତ ୧୦ଜଣ ନୂତନ କଳାକାର- ଅରୁଶ ଦତ୍ତା, ଗୋପୀ କୃଷ୍ଣ ବର୍ମା, ସମ୍ବିତ ଦେସାଇ, ବେଦାନ୍ତ ଶର୍ମା, ଆୟୁଷ ଭନସାଲି, ଆଶୀଷ ପେଣ୍ଡସେ, ଋଷି ଶାହନୀ, ଋଷଭ ଜୈନ, ନମନ ମିଶ୍ରା ଓ ସିମରନ ମଙ୍ଗେଶକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଆର.ଏସ. ପ୍ରସନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ, ଯିଏ ପୂର୍ବରୁ 'ଶୁଭ ମଙ୍ଗଳ ସାବଧାନ' ଭଳି ବ୍ଲକବଷ୍ଟର ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି।





ବଲିଉଡ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ଅଭିନେତା ବିଜୟ ବର୍ମା ପୁଣି ଥରେ ଚର୍ଚ୍ଚାରେ। ୨୦୨୨ରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଦୁହେଁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିବାର ଚର୍ଚ୍ଚା ଜୋର ଧରିଥିଲା। ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ବ୍ରେକଅପ୍ ଖବର ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ବ୍ରେକଅପ୍ ଖବର ଉପରେ ତମନ୍ନା ଏବଂ ବିଜୟ କୌଣସି ପ୍ରତିକ୍ରିୟା ରଖିନଥିବା ବେଳେ ଏବେ ବିଜୟ ଆଉ ଜଣେ ଅଭିନେତ୍ରୀଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଛି। କୁହାଯାଉଛି ଯେ, ବିଜୟ ଏବେ ଅଭିନେତ୍ରୀ ଫାତିମା ସନା ଶେଖ୍ଙ୍କୁ ଡେଟ୍ କରୁଛନ୍ତି। ମୁମ୍ବାଇର ଏକ କାଫେ ବାହାରେ ଦୁହିଁଙ୍କୁ ଏକାଠି ଦେଖାଯିବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ଦୁହେଁ ପରସ୍ପରକୁ ଦେଖି ହସୁଥିବା ସହ ଆଲିଙ୍ଗନ କରୁଥିବାର ଦେଖାଯାଇଥିବା ସାମ୍ନାକୁ ଆସିଛି। ସୋସିଆଲ ମିଡିଆରେ ସେମାନଙ୍କର ଭିଡିଓ ଭାଇରାଲ ହେବା ପରେ ସେମାନେ ପ୍ରକୃତରେ ପ୍ରେମ ସମ୍ପର୍କରେ ଅଛନ୍ତି କି ନାହିଁ ସେ ନେଇ ଲୋକେ ଆଲୋଚନା କରିବା ଆରମ୍ଭ କରିଛନ୍ତି। ଏପର୍ଯ୍ୟନ୍ତ ବିଜୟ କିମ୍ବା ଫାତିମା ସେମାନଙ୍କ ସମ୍ପର୍କ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି।


# ତମନ୍ନାଙ୍କ ପରେ ଫାତିମାଙ୍କ ପ୍ରେମରେ ବିଜୟ!



# ଭାରତରେ ରିଲିଜ୍ ହେବନି ସର୍ଦ୍ଦାର ଜୀ-୩




ରିଲିଜ୍ ପୂର୍ବରୁ ଅଡୁଆରେ ଦିଲ୍‌ଜିତ୍ ଦୋସାଞ୍ଜଙ୍କ ସିନେମା ସର୍ଦ୍ଦାର ଜୀ-୩। ପାକିସ୍ତାନ ଅଭିନେତ୍ରୀ ହାନିଆ ଅମୀର ଏହି ଫିଲ୍ମରେ ଅଭିନୟ କରିଥିବାରୁ ଫ୍ୟାନ୍ ଓ ସିନେମା ସଂଘ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପହଲଗାମ୍ ଘଟଣା ପରେ ଦେଶରେ ଅସନ୍ତୋଷ ଥିବାର ଫିଲ୍ମକୁ ଭାରତରେ ରିଲିଜ୍ ନକରିବାକୁ ପ୍ରଯୋଜନା ସଂସ୍ଥା ନିଷ୍ପତ୍ତି ନେଇଥିଲା। ହେଲେ ଏହା ସତ୍ତ୍ୱେ ବି କଳକାର ଓ ଫିଲ୍ମ ପ୍ରଯୋଜକଙ୍କୁ ବ୍ୟାନ୍ କରିବାକୁ ଯୋଜନା ଚାଲିଛି। ଫେଡେରେସନ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଋଡଓଉର) ସଭାପତି ବିଏନ୍ ତିୱାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେମାନେ ଭାରତରେ ଦିଲ୍‌ଜିତ୍ ଦୋସାଞ୍ଜ ଏବଂ ଫିଲ୍ମର ପ୍ରଯୋଜକଙ୍କୁ ବ୍ୟାନ୍ କରିବେ। ଏନେଇ ଆଧିକାରୀଙ୍କ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଶ୍ରୀ ତିୱାରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସେମାନଙ୍କର କୌଣସି ଫିଲ୍ମ ଏବଂ ପ୍ରୋଜେକ୍ଟ ଭାରତରେ ମୁକ୍ତିଲାଭ କରିବାକୁ ଅନୁମତି ଦିଆଯିବ ନାହିଁ। ଭାରତୀୟ ଫିଲ୍ମ ଶିଳ୍ପ ପକ୍ଷରୁ ଏ ନେଇ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ସୂଚନା ଥାଉକି, ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଏହି ଫିଲ୍ମଟି ଭାରତରେ ରିଲିଜ୍ ହେବନାହିଁ ବୋଲି ଦୋସାଞ୍ଜ ଇନଷ୍ଟାଗ୍ରାମରେ ପୋଷ୍ଟ କରି ସୂଚନା ଦେଇଥିଲେ। ସେ ଇନଷ୍ଟାରେ ଫିଲ୍ମର ଟ୍ରେଲର ଶେୟାର କରିବା ସହ ରିଲିଜ୍ ତାରିଖ ଘୋଷଣା କରିଥିଲେ। ଟ୍ରେଲର ଶେୟାର କରି ସେ ଲେଖିଥିଲେ 'ସର୍ଦ୍ଦାର ଜୀ ୩' ଜୁନ୍ ୨୭ରେ କେବଳ ବିଦେଶରେ ମୁକ୍ତିଲାଭ କରିବ। ଏପ୍ରିଲ ୨୨ ତାରିଖରେ ଜାମ୍ମୁ-କାଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ଜୀବନ ଯିବା ପରେ ପାକିସ୍ତାନ ସହିତ ଭାରତ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିଥିଲା। ଭାରତୀୟ ସିନେମା ଜଗତ ମଧ୍ୟ ପାକିସ୍ତାନ କଳାକାରଙ୍କ ଉପରେ ବ୍ୟାନ ଲଗାଇଥିଲା। ତେଣୁ ଏହି ଚଳଚ୍ଚିତ୍ର ଦେଶରେ ମୁକ୍ତିଲାଭ କରିବ ନାହିଁ। ସର୍ଦ୍ଦାର ଜୀ-୩ର ଟ୍ରେଲରର ୟୁଟ୍ୟୁବ୍ ଲିଙ୍କକୁ ମଧ୍ୟ ଭାରତରେ ଜିଓ ବ୍ଲକ୍ କରାଯାଇଛି। ସୂଚନା ଥାଉକି ସର୍ଦ୍ଦାର ଜୀ ୩' ଏକ ହରର୍ କମେଡି ଫିଲ୍ମ। ଏଥିରେ ଦିଲଜିତ୍ ଦୋସାଞ୍ଜ, ହାନିଆ ଆମିର ଏବଂ ନୀରୁ ବାଜୱା ଅଭିନୟ କରିଛନ୍ତି। ଟ୍ରେଲରରେ ହାନିଆ ଓ ଦିଲ୍‌ଜିତ୍ ଗୁଣିଆ (ଘୋଷ୍ଟ ହଣ୍ଟର) ଭୂମିକାରେ ଅଭିନୟ କରିଛନ୍ତି। ଦୁହେଁ ମିଶି ୟୁକେର ଏକ ପୁରୁଣା କୋଠୀରୁ ଏକ ଆତ୍ମାକୁ ବାହାର କରୁଛନ୍ତି। ସୂଚନା ଥାଉକି 'ସର୍ଦ୍ଦାର ଜୀ ୩' ପୂର୍ବରୁ, ଋଡଓଉର 'ଅବୀର ଗୁଲାଲ୍' ନାମକ ଏକ ହିନ୍ଦୀ ଚଳଚ୍ଚିତ୍ରକୁ ମଧ୍ୟ ବ୍ୟାନ୍ କରିଛି। କାରଣ ଏଥିରେ ପାକିସ୍ତାନୀ ଅଭିନେତା ଫୱାଦ ଖାନ ଅଭିନୟ କରିଥିଲେ। ଫୱାଦ ପ୍ରାୟ ୯ ବର୍ଷ ପରେ ଭାରତୀୟ ସିନେମାକୁ ଫେରିଥିଲେ। ହେଲେ ତାଙ୍କର ଏଣ୍ଟ୍ରି ନହେଉଣୁ ବ୍ୟାନ୍ ହୋଇଗଲା।





ଆଖୁ ରସ ପିଇବାକୁ ସମସ୍ତେ ପସନ୍ଦ କରନ୍ତି। ଖରା ହେଉ କି ଅନ୍ୟ ସମୟ, କୋଲ୍ଡ଼ଡ୍ରିଙ୍କସ୍ ପିଇବା ଠାରୁ ଅନେକ ଲୋକ ଆଖୁରସ ପିଇବାକୁ ପସନ୍ଦ କରନ୍ତି । ଆଖୁ ରସ ସବୁଠାରୁ ସତେଜ ଏବଂ ହାଇଡ୍ରେଟିଂ ଗ୍ରୀଷ୍ମକାଳୀନ ପାନୀୟ ଯାହା ଆପଣଙ୍କର କେବଳ ତୃଷ୍ଣା ମେଣ୍ଟାଏ ନାହିଁ, ସ୍ୱାଦିଷ୍ଟ ମଧ୍ୟ ଲାଗେ । ଏଥିରେ ଭିଟାମିନ୍, ପ୍ରୋଟିନ୍, ଆଇରନ, ଜିଙ୍କ ଭରପୂର ମାତ୍ରାରେ ଥାଏ ଯାହା ଶରୀରରେ ତୁରନ୍ତ ଶକ୍ତି ବଢ଼ାଇପାରେ । ମାତ୍ର ଅତ୍ୟଧିକ ଆଖୁ ରସ ପିଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଆସନ୍ତୁ ଜାଣିବା କ'ଣ

# ଆଖୁ ରସ ସ୍ୱାସ୍ଥ୍ୟ ପାଇଁ ଭଲ ନା ଖରାପ?



ଆଖୁ ରସ ପ୍ରାୟତଃ ସବୁ ସ୍ଥାନରେ ମିଳେ। ଯେଉଁଠାରେ ବିକ୍ରେତାମାନେ ଏକ ମେସିନ୍ ସହ ଧରି ବସିଥାନ୍ତି ବହୁତ ପରିମାଣରେ ବରଫ, କିଛି ମସଲା, ଲେମ୍ବୁ ଏବଂ କିଛି ପୁଦିନା ପତ୍ର। ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। କିନ୍ତୁ ପୁଷ୍ଟିସାର ବିଶେଷଜ୍ଞମାନେ କୁହନ୍ତି ଯେ ଆଖୁ ରସରେ ସୁକ୍ରୋଜ୍ ମାତ୍ରାଧିକ ଥାଏ, ଯାହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରେ। ତେଣୁ ଟାଇପ୍-୨ ମଧୁମେହ କିମ୍ବା ପ୍ରିଡାଇବେଟିସ୍ ଥିବା ଲୋକମାନେ ଏହି ପାନୀୟ ପିଇବାକୁ ସମ୍ପୂର୍ଣ୍ଣ ଭାବରେ ନପିଇବା ଉଚିତ୍ । ଏଥିସହ ଆଖୁ ରସରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାବେଳେ, ଏଥିରେ ଗ୍ଲାଇସେମିକ୍ ମାତ୍ରା ଅଧିକ ଥାଏ । ଯାହା ସିଧାସଳଖ ଶରୀରରେ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରେ। ରକ୍ତରେ ଉଚ୍ଚ ଶର୍କରା ସ୍ତର ବିଭିନ୍ନ ଅସ୍ଥିରତା ସୃଷ୍ଟି କରିବା ସହ ହାର୍ଟ, ବୃକକ୍, ଆଖି ଏବଂ ସ୍ନାୟୁକୁ ପ୍ରଭାବିତ କରେ। ଏହାସହ ଦାନ୍ତରେ ସମସ୍ୟା ଥିଲେ ପ୍ରତିଦିନ ଆଖୁ ରସ ପିଇବା ଉଚିତ୍ ନୁହେଁ, କାରଣ ପ୍ରାକୃତିକ ଚିନି ପାଟିରେ ବ୍ୟାକ୍ଟେରିଆ ସୃଷ୍ଟି କରେ। ଡାକ୍ତରଙ୍କ ମତରେ, ଚିନି ଜୀବାଣୁ ପାଇଁ ଚୁମ୍ବକ ପରି, ଯାହା ଡେଣ୍ଟାଲ୍ ପ୍ଲାକ୍ ତିଆରି କରେ, ଏକ ରଙ୍ଗହୀନ ଫିଲ୍ମ ଯାହା ଦାନ୍ତର ପୃଷ୍ଠରେ ସୃଷ୍ଟି ହୁଏ। ଯଦି ସେହି ପ୍ଲାକ୍ ଲାଳ କିମ୍ବା ବ୍ରସ୍ କରିବା ଦ୍ୱାରା ଧୋଇ ନଯାଏ, ତେବେ ପାଟିର ପରିବେଶ ଅଧିକ ଏସିଡିକ୍ ହୋଇଯାଏ ଏବଂ ଗହ୍ୱର ସୃଷ୍ଟି ହେବା ଆରମ୍ଭ ହୁଏ। ଆଖୁ ରସରେ କ୍ୟାଲୋରି ଅତ୍ୟଧିକ ଥାଏ ତେଣୁ, ଏହାର ଅତ୍ୟଧିକ ସେବନ ଓଜନ ବୃଦ୍ଧି ଏବଂ ମେଦବହୁଳତା ସୃଷ୍ଟି କରିପାରେ। ଆଖୁ ପଲିକୋସାନୋଲରେ ପରିପୂର୍ଣ୍ଣ, ଯାହା ବଦହଜମୀ ଏବଂ ପେଟ ଖରାପ କରିଥାଏ । ଅତ୍ୟଧିକ ଆଖୁ ରସ ପିଇବା ଦ୍ୱାରା ବାନ୍ତି, ମୁଣ୍ଡ ବୁଲାଇବା, ଅନିଦ୍ରା, ଗ୍ୟାସ୍ ଏବଂ ଡାଇରିଆ ମଧ୍ୟ ହୋଇପାରେ। ସମସ୍ତ ଗ୍ୟାଷ୍ଟ୍ରିକ୍ ସମସ୍ୟା ସହିତ ଅତ୍ୟଧିକ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ। ଡାକ୍ତରମାନେ କୁହନ୍ତି ଯେ ରସର ଉଚ୍ଚ ଫାଇବର ପରିମାଣ ଶରୀରକୁ ଅସୁସ୍ଥ ମଧ୍ୟ କରିପାରେ। ଯଦି ଆପଣଙ୍କର ପାଚନ ପ୍ରଣାଳୀ ପୂର୍ବରୁ ଦୁର୍ବଳ, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ହିଁ ଆଖୁ ରସ ପିଇବା ଭଲ।

ବିଶେଷଜ୍ଞଙ୍କ ମତରେ, ଆଖୁ ରସ ଭିଟାମିନ୍-ପ୍ରୋଟିନରେ ପରିପୂର୍ଣ୍ଣ, କିନ୍ତୁ ଏହାକୁ ସୀମିତ ପରିମାଣରେ ପିଇବା ଉଚିତ୍। ଯାହାଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇପାରିବ। ଏହା କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରେ - ବିଶେଷକରି ସ୍ତନ ଏବଂ ପ୍ରୋଷ୍ଟେଟ୍ କର୍କଟ। ଏହା ଜଣ୍ଡିସ୍ ଭଳି ଯକୃତ ସମ୍ବନ୍ଧୀୟ ରୋଗ ପାଇଁ ସର୍ବୋତ୍ତମ ପ୍ରାକୃତିକ ଉପଚାର ମଧ୍ୟରୁ ଗୋଟିଏ। ଆଖୁ ରସ କ୍ଷାରୀୟ ପ୍ରକୃତିର ଏବଂ ଶରୀରରେ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଚୋରା କୋଇଲା କାରବାରରେ ପେଣ୍ଠସ୍ଥଳୀ ପାଲଟିଛି ଭଦ୍ରକ ଜିଲ୍ଲା ବାଂଶଡ଼ା, ପିରହାଟ ଏବଂ ଚାନ୍ଦବାଲି ଥାନା ଅଞ୍ଚଳର କିଛି ଅଞ୍ଚଳ। ମଝିରେମଝିରେ ଗୋଟିଏ ଗୋଟିଏ କୋଇଲା ଗାଡ଼ିଧରି ବାହା ବାହା ନେଉଛି ପୋଲିସ। ପରେ କିନ୍ତୁ ଲଗାମଛଡ଼ା ହେବାରୁ ଚୋରି ବଢୁଛି। ଏହି ଚୋରା କଳାହୀରା ବେପାରରେ ବଳି ପଡୁଛନ୍ତି ସ୍କୁଲର କୋମଳମତି ଛାତ୍ର। କୋଇଲା ମାଫିଆମାନେ ସେମାନଙ୍କୁ ଟଙ୍କା ଲୋଭଦେଖାଇ ସାଇକେଲରେ କୋଇଲା ବହିବାରେ ଲଗାଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ରାତିରେ ଜଳ ପଥରୁ ଆରମ୍ଭ କରି ସ୍ଥଳ ପଥରେ ଯାଉଛି ଟନଟନ ଚୋରା କୋଇଲା। ନୂତନ ଥାନା ଅଧିକାରୀ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ରାତିରେ ୧୦୦ରୁ ଅଧିକ ଚୋରା କୋଇଲା ପିକଅପ୍ ମାଣିପୁର, ଛତ୍ରପଦା, ବଢ଼ହରିପୁର ଏବଂ ଯଶିପୁରରୁ ବାହାରି ଚାନ୍ଦବାଲି ଗେମନ ଇଣ୍ଡିଆ ବ୍ରିଜ୍ ଦେଇ କଟକ ଯାଉଥିବା ଦେଖିବାକୁ ମିଳୁଛି। ଏହି ଚୋରା କୋଇଲା କାରବାରର ମୁଖ୍ୟ ପୀରହାଟ ଅଧୀନ ଛତ୍ରପଦା ଗାଁରେ ଜଣେ ମହିଳା ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସାଧାରଣ ଲୋକେ ଅଭିଯୋଗ କଲେ କୋଇଲା ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ତୁରନ୍ତ ଏଭଳି କାର୍ଯ୍ୟକୁ ବନ୍ଦ କରାଯିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



# ଆପେକ୍ସ ଆଇଟିଆଇରେ କ୍ୟାମ୍ପସ ନିଯୁକ୍ତି ଅନୁଷ୍ଠିତ

ନିଆଳି, (ଭାସ୍କର ନ୍ୟୁଜ୍): ଦେବୀ-କନ୍ଦଳ ଦ୍ୱୀପକ୍ଷଞ୍ଚଳ ଅନ୍ତର୍ଗତ ପତ୍ରକଣା ଠାରେ ଥିବା ଆପେକ୍ସ ଆଇଟିଆଇରେ ବାଙ୍ଗାଲୋର ସ୍ଥିତ ଏ.ଏମ ଟୁଲ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ପକ୍ଷରୁ ଏକ କ୍ୟାମ୍ପସ ନିଯୁକ୍ତି ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ମାନବ ସମ୍ବଳ ଅଧିକାରୀ କେ ମାଲାଥେସା ଯୋଗ ଦେଇ ଦ୍ୱିତୀୟ ବାର୍ଷିକ ଛାତ୍ରଛାତ୍ରୀମାନଙ୍କ ପ୍ରଥମେ ଲିଖିତ ପରୀକ୍ଷା ଏବଂ ପରେ ସାକ୍ଷାତକାର ନେଇ ଫିଟର ବିଭାଗରୁ ୭ ଏବଂ ଇଲେକଟ୍ରିସିଆନ ବିଭାଗରୁ ୬ ଜଣଙ୍କୁ ଚାକିରୀ ପାଇଁ ଚୟନ କରିଥିଲେ। ଆସନ୍ତା ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ବାର୍ଷିକ ପରୀକ୍ଷା ଶେଷ ହେବା ପରେ ଚୟନ ହୋଇଥିବା ପିଲାମାନେ ବାଙ୍ଗାଲୋର ଯାତ୍ରା କରିବେ ବୋଲି ଜଣାପଡିଛି। ଆଇଟିଆଇର ଅଧକ୍ଷ (ଇଂ) ଶ୍ରୀ ସନ୍ନ୍ୟାସୀ ଜୀ ମାଲାଥେସାଙ୍କୁ ପ୍ରଥମେ ସ୍ୱାଗତ କରିଥିବା ବେଳେ ଉପାଧକ୍ଷ ଇଞ୍ଜିନିଅର ବିପ୍ଳବ ଦାସ, ଅଧାପକ ମଦନ ମାଝୀ, ସୌମ୍ୟରଞ୍ଜନ ଶତପଥି, ଇଞ୍ଜିନିଅର କାଳୀ ଚରଣ ପାଣିଗ୍ରାହୀ, ଇଞ୍ଜିନିଅର ସାଗର ସାହୁ,ସୁଧୀର ଜେନା ପ୍ରମୁଖ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଚୟନ ହୋଇଥିବା ସମସ୍ତ ଛାତ୍ରଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ଗୀତିକା ମୁଦାଲି, ସଂକଳ୍ପର ସଭାପତି ଚକ୍ରଧର ପ୍ରଧାନ ଏବଂ ପ୍ରଶାସନିକ ଅଧିକାରୀ ମିହିରକାନ୍ତ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଏସ୍‌ବିଆଇ ସଞ୍ଜୀବନୀ-କ୍ଲିନିକ୍ ଅନ୍ ହିଲ୍ସ ଅବହେଳିତ ନିକଟରେ ପହଞ୍ଚାଇଛି ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏସ୍‌ବିଆଇ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ପିପୁଲ୍ ଟୁ ପିପୁଲ୍ ହେଲ୍ଥ ଫାଉଣ୍ଡେସନ (ପିପିଏଚ୍‌ଏଫ୍), ଏସ୍‌ବିଆଇ ସଞ୍ଜୀବନୀ-କ୍ଲିନିକ୍ ଅନ୍ ହ୍ୱିଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅବହେଳିତ ସମ୍ପ୍ରଦାୟକୁ ସଫଳତାର ସହ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେଉଛି। ଏହି ପଦକ୍ଷେପ ବଲାଙ୍ଗୀର, ଢେଙ୍କାନାଳ ଏବଂ ନୂଆପଡା ଜିଲ୍ଲାର ଠେଟି ଦୁର୍ଗମ ଗ୍ରାମକୁ କଭର କରେ, ଯେଉଁମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି ସେମାନଙ୍କ ଦ୍ୱାର ଦେଶରେ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁନିଶ୍ଚିତ କରେ। ଏହି କାର୍ଯ୍ୟକ୍ରମ ଏସ୍‌ବିଆଇ ଫାଉଣ୍ଡେସନ୍‌ର ସ୍ୱାସ୍ଥ୍ୟସେବା ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଛି ଏବଂ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସରକାରୀ ପ୍ରୟାସକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରତ୍ୟେକ ମୋବାଇଲ୍ ୟୁନିଟ୍‌ରେ ଜଣେ ଡାକ୍ତର, ଫାର୍ମାସିଷ୍ଟ, ଲ୍ୟାବ୍ ଟେକ୍ନିସିଆନ୍, ସହାୟକ ନର୍ସ ମିଡ଼୍‌ୱାଇଫ୍/ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍), ଏବଂ ଡ୍ରାଇଭର-କମ୍-




ଆଟେଣ୍ଡାଣ୍ଟଙ୍କୁ ନେଇ ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ରହିଛି। ୟୁନିଟ୍‌ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୂଚୀରେ କାର୍ଯ୍ୟ କରନ୍ତି, ମାସକୁ ଅତି କମରେ ଦୁଇଥର ପ୍ରତ୍ୟେକ ଗ୍ରାମକୁ ପରିଦର୍ଶନ କରନ୍ତି। ପ୍ରଥମ ବର୍ଷରେ, ଏହି କାର୍ଯ୍ୟକ୍ରମର ପ୍ରଭାବ ଉଲ୍ଲେଖନୀୟ ହୋଇଛି: ୧,୫୯୦ଟି ମୋବାଇଲ୍ ଓପିଡି ସେସନ୍ କରାଯାଇଥିଲା, ଯାହା ୧,୫୮୪ ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିଥିଲା। ୩୫,୬୭୨ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା, ଯାହା ଲକ୍ଷ୍ୟର ୧୧୩% ହାସଲ କରିଥିଲା। ୫୯% ରୋଗୀ ମହିଳା ଥିଲେ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ଉପରେ ସମ୍ପ୍ରଦାୟ ଦୃଢ଼ ବିଶ୍ୱାସ ପ୍ରଦର୍ଶନ କରିଥିଲେ।୨,୬୯୬ ଟି ପ୍ରସବ ପୂର୍ବବର୍ତ୍ତୀ ଯାଞ୍ଚ କରାଯାଇଥିଲା, ଗର୍ଭବତୀ ମହିଳାମାନଙ୍କୁ ପ୍ରସବ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଇଥିଲା। ସଚେତନତା ଶିବିର ମାଧ୍ୟମରେ ୭,୭୦୩ ଜଣ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲେ, ଦୃଢ଼ ଝଇଉଉ (ସାମାଜିକ ଏବଂ ଆଚରଣ ପରିବର୍ତ୍ତନ ଯୋଗାଯୋଗ) ପଦକ୍ଷେପ ମାଧ୍ୟମରେ ଧାର୍ଯ୍ୟ ହିତାଧିକାରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟସେବା ଖୋଜୁଥିବା ଆଚରଣରେ ଉନ୍ନତି ଆସିଥିଲା। ୧୨,୯୯୦ ରୁ ଅଧିକ ପାଥୋଲାବ୍ ପରୀକ୍ଷା କରାଯାଇଥୁଲା, ଉତ୍ତମ ଚିକିତ୍ସା ଫଳାଫଳ ପାଇଁ ଅତ୍ୟାବଶ୍ୟକ ନିଦାନ ସେବାକୁ ସୁଦୃଢ଼ କରାଯାଇଥିଲା। ନିୟମିତ ଓପିଡି ସେବା ବ୍ୟତୀତ, ଏହି ପଦକ୍ଷେପ ନିର୍ଦ୍ଦିଷ୍ଟ ସ୍ଥାନୀୟ ସ୍ତରରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିବା ପାଇଁ ମାସିକ ସ୍ୱାସ୍ଥ୍ୟ ସଚେତନତା ଶିବିର, ତ୍ରୈମାସିକ ସ୍ୱଚ୍ଛଭାରତ ଅଭିଯାନ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜନ କରିଛି। ଏହି ପ୍ରୟାସଗୁଡ଼ିକ ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ, ବରିଷ୍ଠ ନାଗରିକ, ମହିଳା ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାରମ୍ଭିକ ଚିହ୍ନଟ, ସମୟୋଚିତ ଯତ୍ନ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ଖୋଜୁଥିବା ଆଚରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖୁଛି। ପିପିଏଚ୍‌ଏଫ୍‌ର ମୁଖପାତ୍ର କହିଛନ୍ତି ଯେ, 'ଏହି ପଦକ୍ଷେପ ସ୍ଥାନୀୟ ସ୍ଥିତି-ଆଧାରିତ, ସ୍ଥାୟୀ ସ୍ୱାସ୍ଥ୍ୟସେବା ସେବାପ୍ରଦାନର ଏକ ସମାଧାନ ମାଧ୍ୟମରେ ସ୍ଥାନୀୟ ଜନ ସମୁଦାୟର ଜୀବନକୁ ପରିବର୍ତ୍ତନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରେ ଓ ଏସ୍‌ବିଆଇ ଫାଉଣ୍ଡେସନ ସହିତ ମିଶି, ଆମେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ ଓ ବ୍ୟବସ୍ଥାରେ ଥିବା ବୃହତ ବ୍ୟବଧାନକୁ ପୂରଣ କରିବାରେ ସହାୟକ ହୋଇଛୁ, ଏବଂ ସମ୍ପ୍ରଦାୟଗୁଡ଼ିକୁ ସେମାମାନଙ୍କ ଦ୍ୱାର ପାଖରେ ସୂଚନା ଏବଂ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହିତ ସଶକ୍ତ କରୁଛୁ।' ଏସ୍‌ବିଆଇ ସଞ୍ଜିବନୀ- କ୍ଲିନିକ୍ ଅନ୍ ହିଲ୍ସ ପ୍ରୟାସ ଏକ ବଳିଷ୍ଠ ଉଦାହରଣ ସୃଷ୍ଟି କରିପାରିଛି ଯେ, କିପରି ସହଯୋଗୀ-ସହଭାଗୀତା ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା, ଅସମାନତା ହ୍ରାସ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି ୩ -ଭଲ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ, ଏସ୍‌ଡିଜି ୬ – ବିଶୁଦ୍ଧ ଜଳ ଏବଂ ପରିମଳ, ଏବଂ ଏସ୍‌ଡିଜି ୧୦ – ହ୍ରାସିତ ଅସମାନତା)କୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଆଣିପାରେ।

# ବିଜେପିରେ ମିଶିଲେ ବିଜେଡ଼ି କର୍ମୀ



କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ରାଜନୀତି ପାଣିପାଗ ଧୀରେ ଧୀରେ ପରିବର୍ତ୍ତନ ହେବାରେ ଲାଗିଛି।ରାଜ୍ୟରେ ବିଜେପି ସରକାର ଆସିଲା ପରେ ଅନେକ ବିଜେଡ଼ି ଓ କଂଗ୍ରେସ ନେତା ଏବେ ବିଜେପି ମୁହାଁ। କୋରେଇ ବିଜେଡ଼ି ଦଳର ନେତୃତ୍ୱ ପ୍ରଣବ ପ୍ରକାଶ ଦାସ ନେଉଥିବା ବେଳେ ବିଜେଡ଼ି ଶିବିର ଧୀରେ ଧୀରେ ଫାଙ୍କା ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ସେ ବିଜେଡ଼ି ଦଳର ରାଜ୍ୟ ନେତୃତ୍ୱ ମାନଙ୍କ ମଧ୍ୟରୁ ବବି ସାଙ୍ଗଠନିକ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ବେଳେ ବର୍ତମାନ ଖୋଦ୍ କୋରେଇ ନିର୍ବାଚନ ମଣ୍ଡଳୀ ନେତୃତ୍ୱ ନେଉଛନ୍ତି, କିନ୍ତୁ କୋରେଇ ରେ ଗୋଟେ ପ୍ରକାର ବିଜେଡ଼ି ସଙ୍ଗଠନ ଦୁର୍ବଳ ହେବା ଜଳ ଜଳ ହେଇ ଦେଖାଯାଉଛି। ଏହି କ୍ରମରେ ଆଜି କୋରେଇ ବିଧାୟିକା ଆକାଶ ଦାସ ନାୟକ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ କୋରେଇ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବିଜେପି ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ପ୍ରିତିରଞ୍ଜନ ସାହୁ, ମିଞ୍ଜୁନ ମହାନ୍ତି, ଧନେଶ୍ୱର ବାରିକ, ଅଚ୍ୟୁତନନ୍ଦ ଦାସଙ୍କ ଉପସ୍ଥିତିରେ ଶତାଧିକ ବିଜେଡ଼ି, କଂଗ୍ରେସ କର୍ମୀ ଓ ସରପଞ୍ଚ ସମିତିସଭ୍ୟ ମାନେ ବିଧିବଧ ଭାବେ ବିଜେପିରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ସାଦକପୁର ପଞ୍ଚାୟତର ସରପଞ୍ଚ, ରବୀନ୍ଦ୍ର ବେହେରା, କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ବଡବିରୁଆଁ ସରପଞ୍ଚ ତପନ ମାଝୀ, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ପାଟରଙ୍ଗା ସମିତିସଭ୍ୟ କୁଶ ମୁଣ୍ଡା ବିଜେପିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ୫ଗୋଟି ପଞ୍ଚାୟତରୁ ଶତାଧିକ ବିଜେଡ଼ି ଓ କଂଗ୍ରେସ କର୍ମୀ ବିଜେପିରେ ଯୋଗ ଦେଇଥିବା ବେଳେ ବିଜେଡ଼ି ଶିବିରରେ କମ୍ପନ ସୃଷ୍ଟିହୋଇଥିବା ଆଲୋଚନା ହେଉଛି।

# ମାଲକାନଗିରିରେ ଶ୍ମଶାନ ପାଲଟିଛି ସେଲ୍‌ଫି ପଏଣ୍ଟ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଶ୍ମଶାନ ଏପରି ନାମ ଯାହାକୁ ଶୁଣିଲେ ଲୋକଙ୍କ ମନରେ ଭୟ ହୁଏ। ଶ୍ମଶାନ ଯେଉଁଠାରେ ଥାଏ ସେଠାକୁ ଲୋକେ ଯିବାକୁ ଡରିଥାନ୍ତି ଓ ଯଦି ରାସ୍ତା କଡରେ ଶ୍ମଶାନ ଥାଏ ତେବେ ବେ ଉକ୍ତ ରାସ୍ତା ଦେଇ ଯାଉଥିବା ପ୍ରତ୍ୟେକ ମଣିଷ ଶ୍ମଶାନ ନିକଟରେ ପହଞ୍ଚିଲା ବେଳକୁ ମନରେ ଭୟ ସୃଷ୍ଟି ହେବା ନିଶ୍ଚିତ। ରାତିରେ। ଏହି ଭୟ ଭୟ ଆହୁରି ଅଧିକ ହୁଏ। ମଣିଷର ହେଲାପରେ ତାକୁ ଶ୍ମଶାନରେ ନେଇ ଦାହ କରିଥାନ୍ତି ଓ ଏହିପରି ଶ୍ମଶାନରେ କେତେ ଲୋକଙ୍କ ମୃତ ହିସାବ ନାହିଁ। ତେଣୁ ଜନସାଧାରଣ ଉକ୍ତ ରାସ୍ତା ଦେଇ ଯିବା ସମୟରେ ଶ୍ମଶାନ ନିକଟରେ ମୃତକ ବ୍ୟକ୍ତିଙ୍କ ଆତ୍ମା ଥାଏ ବୋଲି ବିଶ୍ୱାସ କରିଥାନ୍ତି ଓ ଏଥିସହ ଶ୍ମଶାନ ନିକଟରେ ବିଭିନ୍ନ ପ୍ରକାର ଶବ୍ଦ ଶୁଭିଥାଏ। ଯେପରିକି ବିଲୁଆ କିମ୍ବା ଅନ୍ୟ କୌଣସି ଶବ୍ଦ ଶୁଣିଲା ମାତ୍ରେ ଭୁତପ୍ରେତ ଅଛନ୍ତି ବୋଲି ଲୋକଙ୍କ ମନରେ ଭୟ ହୋଇଥାଏ। ମାଲକାନଗିରି ଜିଲା ସଦର ମହକୁମାରେ ଏପରି ଶ୍ମଶାନ ତିଆରି ହୋଇଛି ଯାହାକୁ ଆଦର୍ଶ ଶ୍ମଶାନ ଭାବେ ନାମକରଣ କରାଯାଇଛି। ଏହାକୁ ଦେଖିଲେ କେହି ଶ୍ମଶାନ କୁହନ୍ତି ନାହିଁ ବରଂ ଏହା ଏକ ଉଦ୍ୟାନ ଭଳି ଦେଖାଯାଉଛି। ଏହି ରାସ୍ତା ଦେଇ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଶ୍ମଶାନ ନିକଟରେ ପହଞ୍ଚିବା ମାତ୍ରେ ଭୟ କରିବା ବଦଳରେ ଭିତରକୁ ଯାଇ ସେଠାକାର ସୌନ୍ଦର୍ଯ୍ୟ ବଗିଚା, ଶିବଙ୍କ ମୂର୍ତ୍ତି ଓ ଅନ୍ୟାନ୍ୟ କାରୁକଳା ସୌନ୍ଦର୍ଯ୍ୟକୁ ଦେଖି ସେଲ୍‌ଫି ଉଠାଇଥାନ୍ତି। ଶ୍ମଶାନ ଚତୁଃପାର୍ଶ୍ୱ ଅଳିଆ ଆବର୍ଜନାରେ ଭରପୁର ଥିଲା। ମୃତଦେହ ଦାହ କରିବାକୁ ଲୋକେ ଆସିଲେ ଭିତରକୁ ଯିବାକୁ ଇଚ୍ଛା କରୁ ନଥିଲେ। ଦାହ ସମୟରେ ମୃତ ପରିବାର ବର୍ଗଙ୍କ ବ୍ୟତୀତ ଅନ୍ୟ ଲୋକମାନେ ମୁଖ୍ୟ ଫାଟକ ବାହାରେ ରହୁଥିଲେ। ବର୍ତ୍ତମାନ ଏହା ଏକ ଉଦ୍ୟାନ ସଦୃଶ୍ୟ ହୋଇଛି ଓ ମାଲକାନଗିରି ପୌର ପରିଷଦ ତରଫରୁ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ପୁରାତନ ଶ୍ମଶାନକୁ ପୁନଃରୁଦ୍ଧାର କରାଯାଇ ଆଦର୍ଶ ଶ୍ମଶାନ ଭାବେ ପରିଣତ କରାଯାଇଛି। ଶ୍ମଶାନ ପ୍ରବେଶ ଦ୍ୱାରରେ ଶିବଙ୍କ ୧୫ ଫୁଟ ଉଚ୍ଚତାର ପ୍ରତିମୂର୍ତ୍ତି, ସମ୍ମୁଖରେ ଶିବ ଲିଙ୍ଗ, ଶବଦାହ ସ୍ଥଳ ଚତୁଃପାର୍ଶ୍ୱ ବିଭିନ୍ନ ରଙ୍ଗବେରଙ୍ଗ ବଗିଚାରେ ଭରପୁର। ନିକଟରେ ବିଶ୍ରାମାଗାର ଓ ବିଭିନ୍ନ ଫୁଲ ବଗିଚା। ଏହାକୁ ଦେଖିଲେ ଏପରି ଲାଗୁଛି, ଲୋକେ ଶ୍ମଶାନରେ ନୁହେଁ ଏକ ସୁନ୍ଦର ଉଦ୍ୟାନରେ ଅଛନ୍ତି। କେବଳ ଏତିକି ନୁହେଁ ରାତି ହେବା ମାତ୍ରେ ରଙ୍ଗ ବେରଙ୍ଗ ଆଲୋକରେ ଝଲମଲ ହୋଇ ଦେଖାଯାଉଛି। ତେଣୁ ଦିବାରାତ୍ର ଶ୍ମଶାନକୁ ଆସିବା ପାଇଁ ଏବେ ଲୋକ ଭୟ କରୁନାହାନ୍ତି। ବରଂ ମନଖୁସିରେ ଆସି ସେଲ୍‌ଫି ଉଠାଇ ଯାଉଛନ୍ତି। ସମ୍ପର୍କରେ ପୌରପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକଙ୍କୁ ପଚାରିବାରୁ ଏକଦା ଏହି ଶ୍ମଶାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏହାକୁ ଏକ ସୁନ୍ଦର ଓ ଆଦର୍ଶ ଶ୍ମଶାନ ଭାବେ ପରିଣତ କରିବା ତାଙ୍କର ସ୍ୱପ୍ନର ପ୍ରକଳ୍ପ ଥିଲା। ଯାହାକି ବର୍ତ୍ତମାନ ପୂରଣ ହୋଇଛି ଓ କେବଳ ଏତିକି ନୁହେଁ, ଏଥିସହ ମାଲକାନଗିରି ବାଲି ସାଗର ପୋଖରୀର ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଏହା ମଧ୍ୟ ତାଙ୍କର ଏକ ସ୍ୱପ୍ନର ପ୍ରକଳ୍ପ। ସହରରେ ଆଗାମୀ ଦିନରେ ଏହି ପୋଖରୀ ଚତୁଃପାର୍ଶ୍ୱ ଉଦ୍ୟାନରେ ପୂର୍ଣ୍ଣ କରାଯିବ ବୋଲି ସେ କହିଥିଲେ।

# ମଝି ରାସ୍ତାରେ ଓଲଟିଲା ଟ୍ରାକ୍ଟର

ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ଜାତୀୟ ରାଜପଥ ୪୯ ବେଲପାହାଡ ମହିମା ଛକ ନିକଟ ମଝି ରାସ୍ତାରେ ଓଲଟିଲା ବିଦ୍ୟୁତ ଖୁଣ୍ଟ ବୋଝେଇ ଟ୍ରାକ୍ଟର। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଟ୍ରାକ୍ଟର ଡ୍ରାଇଭର ଏବଂ ସେଥିରେ ଥିବା ୫ ଜଣ ଶ୍ରମିକ। ବୁଧବାର ବେଲପାହାର ଗୁମାଡେରା ଠାରୁ ବିଦ୍ୟୁତ ଖୁଣ୍ଟ ନେଇ ଟ୍ରାକ୍ଟରଟି ଭୁଲାମାଲ ଯାଉଥିଲା। ତେବେ ମହିମା ଛକ ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ କିଛି ସମୟ ଜାତୀୟ ରାଜପଥ ୪୯ ମହିମା ଛକ ନିକଟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଟ୍ରାକ୍ଟର ଚାଳକଙ୍କ ବେପରୁଆ ମନୋଭାବ ହେତୁ ଦୁର୍ଘଟଣା ଘଟିଥିବା ଜଣାପଡିଛି।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଗତ ୨୨ ଜୁନ୍ ଦିନ ରେଡ୍‌କ୍ରସ ଭବନ ଭୁବନେଶ୍ୱର ଠାରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟାକାରିଣୀ ନିଷ୍ପତି ଅନୁଯାୟୀ ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ନିମ୍ନଲିଖିତ ଦାବିଗୁଡିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିବାକୁ ଆଜି ତା୨୫.୦୬.୨୦୨୫ରିଖ ଦିନ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ କେନ୍ଦୁଝର ଜିଲ୍ଲା ଓଡ଼ିଶା ରାଜସ୍ୱ ଅମଲା ସଂଘ ସରକାରଙ୍କ ଉଦ୍ଦେଶ୍ୟରେ ଆଜି ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କୁ ତାର ଦାବି ପତ୍ର ପ୍ରଦାନ କରିଛି । ମୁଖ୍ୟ ଦାବିଗୁଡିକ ହେଲା–(୧) ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି -୨୦୧୭ ନିୟମ ଅନୁଯାଇ ଲେବେଲ୍-୯କୁ ବୃଦ୍ଧି କରାଯାଉ। (୨) ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା-



୮୮୯୮, ୧୫ ମାର୍ଚ୍ଚ ୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ। (୩) ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । (୪) ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି ପ୍ରଦାନ କରାଯାଉ । (୫) ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ। (୬) ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ଏହି ପରିପ୍ରେକ୍ଷୀରେ ଯଦି ରାଜ୍ୟ ସରକାର ଆଗାମୀ ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ, ସଂଘ ଆଗାମୀ ଜୁଲାଇ ୦୭ ତାରିଖଠାରୁ ଜୁଲାଇ ୧୧ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରିବ ଏବଂ ତା ସତ୍ତ୍ୱେ ଯଦି ରାଜ୍ୟ ସରକାର ଉପରୋକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତେବେ ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ଚରମ ପତ୍ର ପ୍ରଦାନ କରାଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲା ଶାଖା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ପ୍ରଭାତେନ୍ଦୁ ନାଏକ, କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ରଣା, ଭୁବନେଶ୍ୱର ମହାପାତ୍ର, ଉପଦେଷ୍ଟା ରାଧାରମଣ ଚକ୍ର, ମାଧବ ଚନ୍ଦ୍ର ସେଠୀ ଏବଂ ସଂଘର ମେଡିଆ ସଂଯୋଜକ ପୀତବାସ ମହାନ୍ତଙ୍କ ସମେତ ଶତାଧିକ ରାଜସ୍ୱ ଅମଲା କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ମିଳୁନି ପତ୍ତା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଘାଗରବେଡ଼ା ଥାନା ପଗୁ ଗ୍ରାମର କୀର୍ତ୍ତନ ଗିରିଙ୍କ ଧର୍ମ ପତ୍ନୀ ଜ୍ୟୋତିଶ୍ରୀ ଗିରି ଦେଢ଼ ମାସ ହେଲା ପରିବାର ଛାଡ଼ି କୁଆଡେ ଚାଲି ଯାଇଛନ୍ତି। ଏନେଇ ସ୍ୱାମୀ କୀର୍ତ୍ତନ ଗିରି ଘାଗରବେଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ୧/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ପୋଲିସ୍ ଥାନାମାନଙ୍କୁ ମହିଳା ନିଖୋଜ ହୋଇଥିବା ସୂଚନା ଘାଗରବେଡ଼ା ଥାନା ପକ୍ଷରୁ ଦିଆଯାଇଛି। ତା ଭିତରେ ଦେଢ଼ ମାସ ହେଲା ପୋଲିସ୍ ନା ପରିବାର ଲୋକ ନା ଜ୍ଞାତିକୁଟୁମ୍ବ କାହା ପାଖରେ ଖବର ନାହିଁ। ଜ୍ୟୋତିଶ୍ରୀ ଏବଂ କୀର୍ତ୍ତନ ସାତବର୍ଷ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ତିନୋଟି ସନ୍ତାନ ମଧ୍ୟ ଅଛନ୍ତି। କିନ୍ତୁ ବାତ୍ସଲ୍ୟ ମମତା ବି ଟାଣିଆଣି ପାରୁନି ଜ୍ୟୋତିଶ୍ରୀଙ୍କୁ। ତେବେ ଜ୍ୟୋତିଶ୍ରୀଙ୍କ ସ୍ୱାମୀ କହନ୍ତି ଦୁହିଁଙ୍କ ମଧ୍ୟରେ ଦିନବେଳେ ବଚସା ହୋଇଥିଲା ଏବଂ ସନ୍ଧ୍ୟା ବେଳେ ଘରୁ ବାହାରି ପଳାଇଲେ ଜ୍ୟୋତିଶ୍ରୀ। ଏପଟେ ସବୁଠୁ ସାନ ଝିଅ ଦୁଇ ବର୍ଷର ମାକୁ ପାଖରେ ନପାଇ ସବୁ ଖୁସି ସତେ ଯେମିତି ମିଳେଇଯାଉଛି।

# ଯୁବଛାତ୍ର ବିଜେଡ଼ି ପକ୍ଷରୁ ଆନ୍ଦୋଳନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ସ୍ଥିତ ବିଏନଏମଏ ଓ ତିହିଡ଼ି କଲେଜ ସମ୍ମୁଖରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦିଆଯାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇ ଆନ୍ଦୋଳନ କରାଯାଇଛି। ଗୋପାଳପୁରରେ ଛାତ୍ରୀ ଗଣଦୁଷ୍କର୍ମ ଏବଂ ବଢୁଥିବା ମହିଳା ନିର୍ଯାତନା ବିରୁଦ୍ଧରେ ଦଳ ବଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା। ପାଳିଆବିନ୍ଧା ବିଏନଏମଏ କଲେଜ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡା. ସଂଜୟ କୁମାର ଦାସ, ଜିଲାପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ ଓ ରୁଜାତା ପଣ୍ଡା, ସମିତିସଭ୍ୟ ଚିନ୍ତାମଣି ଦାସ, ଜୀବନଜ୍ୟୋତି ପଲେଇ ଓ ଜୟପ୍ରକାଶ ମଳିକ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁଧନ୍ୱା ନାୟକ, ବିଜେଡି ନେତା ନବକିଶୋର ମଲ୍ଲିକ, ଅଶୋକ ନାୟକ, ରାଜେନ୍ଦ୍ର ଜେନା, ଭରତ ସାହୁ, ଅନ୍ନପୂର୍ଣ୍ଣା ପରିଡ଼ା, ମୃତ୍ୟୁଞ୍ଜୟ ବିଶ୍ୱାଳ, ବାସନ୍ତୀ ଜେନା, ପ୍ରଶାନ୍ତ ବେହେରା, ଅନ୍ତର୍ଯ୍ୟାମି ଦୀକ୍ଷିତ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା, ଛାତ୍ରଛାତ୍ରୀ ଓ ଯୁବକ ସାମିଲ ହୋଇଥିଲେ। ସେହିପରି ତିହିଡ଼ି କଲେଜ ସମ୍ମୁଖରେ ଛାତ୍ରୀ ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ଓ ଯୁବକ ଆନ୍ଦୋଳନରେ ସାମିଲ ହୋଇଥିଲେ। ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ନାୟକ, ସରପଞ୍ଚ ତାପସ ବେହେରା, ବିଜେଡି ନେତା ଗଣେଶ ନାୟକ, କୀର୍ତ୍ତନ ରାଉତ, ନିତ୍ୟାନନ୍ଦ ବେହେରା, ଯୁବନେତା ଅନିରୁଦ୍ଧ ବାରିକ୍, ପ୍ରତାପ ସେନାପତି, ସଂଗ୍ରାମ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଚଣ୍ଡିଖୋଲ କଲେଜ ସମ୍ମୁଖରେ ଛାତ୍ର ବିଜେଡିର ଆନ୍ଦୋଳନ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ସମଗ୍ର ରାଜ୍ୟରେ ଆଜି ନାରୀ ନିର୍ଯ୍ୟାତନା ପ୍ରତିବାଦରେ ଛାତ୍ର ବିଜେଡି ପକ୍ଷରୁ ସମସ୍ତ କଲେଜ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ସାଶିତ ମହାବିଦ୍ୟାଳୟ ସମ୍ମୁଖରେ ବଡ଼ଚଣା ଛାତ୍ର ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବଡ଼ଚଣା ନିର୍ବାଚନ ମଣ୍ଡଳି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଯୁବ ବିଜେଡି ସଭାପତି ତଥା ଯାଜପୁର ଜିଲ୍ଲାପାରିଷଦ ଉପାଧ୍ୟକ ଗଣେଶ୍ୱର ବରାଳଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ କାରି ଛାତ୍ର ନେତାମାନେ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ନାରୀ ନିର୍ଯାତନା ତୁରନ୍ତ ନ ରୋକିଲେ ଆଗାମି ଦିନରେ ଏକ ବିରାଟ ଛାତ୍ର ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଆନ୍ଦୋଳନରେ ବ୍ଲକସ୍ତରୀୟ ସମସ୍ତ ଛାତ୍ର ନେତା ଯୋଗ ଦେଇଥିଲେ। ଶେଷରେ ବିଜେପି ସରକାର ରେ ଥିବା ମୁଖ୍ୟମନ୍ତ୍ରୀଙ୍କ କୁଶୋ ପୁତ୍ତଳିକା ଦାହ କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆରୋଗ୍ୟ କାମନା କରି ଦୀପ ଦାନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ଈଶ୍ୱରପୁର ସ୍ଥିତ ମା' ଦପା ନାୟକାଣୀଙ୍କ ପୀଠ ଓ ତାଳପଦା ଗୋପୀନାଥ ଜୀଉଙ୍କ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ଦୀପଦାନ କରାଯାଇଛି। ମା' ଦପା ନାୟକାଣୀଙ୍କ ପୀଠରେ ଯଜ୍ଞ ସହିତ ଦୀପଦାନ କରାଯାଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ଧାମନଗର ବିଜେଡି ନେତା ଡାକ୍ତର ସଂଜୟ ଦାସ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ ପରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ଧାମନଗର ବ୍ଲକ ପୂର୍ବତନ ଅଧକ୍ଷ ଅଶୋକ ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ଓ ହରେକୃଷ୍ଣ ଜେନା, ସମିତିସଭ୍ୟ ଜୟପ୍ରକାଶ ମଳିକ, ଜୀବନଜ୍ୟୋତି ପଲେଇ ଓ ଭାଗିରଥି ମଳିକ, ବିଜେଡି ପଞ୍ଚାୟତ ସଭାପତି ଭୀମସେନ ବାରିକ ଓ ଲକ୍ଷ୍ମୀକାନ୍ତ ମହାପାତ୍ର,ପୂର୍ବତନ ସମିତିସଭ୍ୟ ଶରତ ମଳିକ, ବିଜେଡି ନେତା ବିଷ୍ଣୁମୋହନ ଜେନା, ପ୍ରତାପ ଜେନା, ଭାରତ ବିଜୟ ଦଳେଇ, ଅମର ମଳିକ ପ୍ରମୁଖଙ୍କ ସହିତ ବହୁ ବିଜେଡି ନେତା ଓ କର୍ମୀ ଦୀପଦାନ କରିଥିଲେ। ସେହିପରି ତାଳପଦା ପଞ୍ଚାୟତର ଗୋପୀନାଥ ଜୀଉଙ୍କ ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ସମିତିସଭ୍ୟ ଚିନ୍ତାମଣି ଦାସଙ୍କ ତତ୍ତ୍ୱାବଧାନରେ ଦୀପଦାନ କରାଯାଇଥିଲା। ଏଥିରେ ବାଣିକଲ୍ୟାଣ ମହାପାତ୍ର, ନାରାୟଣ ଚନ୍ଦ୍ର ମହାନ୍ତି, ଅଶୋକ ବାରିକ, ପୀତବାସ ମହାଳିକ, ଶମ୍ଭୁନାଥ ଜେନା, ଧନେଶ୍ୱର ଜେନା, ହରେକୃଷ୍ଣ ମହାପାତ୍ର, କାଳନ୍ଦୀ ଜେନା ପ୍ରମୁଖଙ୍କ ସହିତ ବହୁ ବିଜେଡି କର୍ମୀ ଯୋଗ ଦେଇ ଦୀପଦାନ କରିଥିଲେ।

# ନିଷ୍କାସିତ ହୋଇପାରୁନି ବର୍ଷା ଜଳ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦେମାଳ ସ୍ଥିତ ଆଳି ରାଜବାଟିକୁ ଯାଇଥିବା ରାସ୍ତା ର ବ୍ରଜସୁନ୍ଦର ଏମଇ ବିଦ୍ୟାଳୟ ସମ୍ମୁଖରେ ପାଣି ଜମି ରହୁଛି। ଏହି ରାସ୍ତାରେ ଦୈନିକ ଶତାଧିକ ଲୋକ ଯାତାୟତ କରିଥାନ୍ତି। ତେବେ ଅସରାଏ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଜମି ରହୁଛି। ଫଳରେ ଲୋକ ଯାତାୟତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ପାଣି ଜମି ରହୁଥିବା ପାଣି କୁ ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ଦାବୀ ହେଉଛି। ସୂଚନା ଅନୁସାରେ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନଥିବା ନେଇ ସ୍ଥାନୀୟ ଲୋକେ ବିଷଦଗାର କରିଛନ୍ତି। ମୁଖ୍ୟ ରାସ୍ତାରେ ଜଳ ନିଷ୍କାସନ ର ବ୍ୟବସ୍ଥା ନଥିବାରୁ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଯାହା ଏବେ ପୋଖରୀର ଭ୍ରମ ସୃଷ୍ଟି କରିଛି। ଉକ୍ତ ରାସ୍ତାରେ ପାଣି ଜମି ରହିବାରୁ ହଂସ ମାନେ ଖେଳୁଥିବା ର ଦେଖିବାକୁ ମିଳିଛି। ଅସରାଏ ବର୍ଷା ହେଲେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି । ତେବେ ଏହା ଆଜିର ସମସ୍ୟା ନୁହେଁ ଏହା ଦୀର୍ଘ ଦିନର ସମସ୍ୟା ହୋଇଥିଲେ



ବି ସବୁ ଜାଣି ବିଭାଗ ଚୁପ। ଲୋକେ ପାଣିରେ ପଶି ଯାତାୟତ କରିବା ଫଳରେ ଲୋକେ ନାନାଦି ରୋଗରେ ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି। ଡେଙ୍ଗୁ, ମେଲେରିଆ, ଝାଡା ଓ ବାନ୍ତି ରୋଗର ହେବାର ସମ୍ଭାବନା ମଧ୍ୟ ଦେଖାଦେଉଛି। ରାସ୍ତା ଦେଇ ନଳକୂପରୁ ପାଣି ଆଣିବା ପାଇଁ ମହିଳା ମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ରାସ୍ତା କୁ ଲାଗି ରହିଥିବା ବ୍ରଜ ସୁନ୍ଦର ଏମଇ ବିଦ୍ୟାଳୟ ଗେଟମୁହଁରେ ପାଣି ଜମି ରହିଛି। ସରକାର ସ୍କୁଲ ୨୦ ତାରିଖରେ ଖୋଲିବା ପରେ ଛାତ୍ରଛାତ୍ରୀ ମାନେ ସେହି ପାଣିରେ ପଶି ସ୍କୁଲ କୁ ଯିବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ। ଅନ୍ୟପକ୍ଷରେ ସେହି ରାସ୍ତା ଦେଇ ଆଳିର ଆରାଧ ବରାହଜୀଉଙ୍କ ପାର୍ଶ୍ୱ ଦେବତା ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ହଜାର ହଜାର ଲୋକ ଏହି ରାସ୍ତା ଦେଇ ରଥ ଟାଣନ୍ତି। ହେଲେ ବର୍ଷା ଜଳ ଜମି ରହିବାରୁ ଭକ୍ତ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ମଧ୍ୟ ହୁଅନ୍ତି। ଦୀର୍ଘଦିନ ହେବ ଏ ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳବାସୀ ମାନେ ଦାବି କରି ଆସୁଥିଲେ ହେଁ ଏପରି ଦୃଶ୍ୟ ଦେଖି ଲୋକେ ଆଚମ୍ବିତ ହୋଇଛନ୍ତି। ଏ ନେଇ ପୂର୍ତ୍ତ ବିଭାଗୀୟ ଅଧିକାରୀ ଜ୍ୟୋତିରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଯଥାଶୀଘ୍ର ଘଟଣା ସ୍ଥଳକୁ ଆସି ଅନୁଧାନ କଲା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

# ଛତିଆ-ସାଲେପୁର ପୂର୍ତ୍ତରାସ୍ତାରୁ ଜବରଦଖଲ ଉଚ୍ଛେଦ

ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ତହସିଲ ଅଧୀନ କୁଆଁପାଳ ସାଲେପୁର ପୂର୍ତ୍ତ ରାସ୍ତାର ପ୍ରଶସ୍ତି କରଣ ଚାଲୁ ରହିଛି। ଏଥିନେଇ ମାହାଙ୍ଗା ବ୍ଲକ କାର୍ଯ୍ୟଳୟ ସମ୍ମୁଖ ପାଚେରୀକୁ ଲାଗି ଦୋକାନ ଗୃହ ନିର୍ମାଣ କରି ରାସ୍ତା ପ୍ରଶାସ୍ତରେ ବାଧା ଉପୁଜୁ ଥିଲା ଏଥି ନେଇ ରାସ୍ତା କାର୍ଯ୍ୟ ଆଗକୁ ବଢ଼ି ପାରୁଥିଲା। ମାତ୍ର ଆଜି ମାହାଙ୍ଗା ତହସିଲଦାର ସୁବାଶିଷ ପାଲଟାଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ଲକ ପାଚେରୀକୁ ଲାଗିଥିବା ଘରଗୁଡିକୁ ଜେସିବି ସହାୟତା ରେ ଭଙ୍ଗା ଯାଇଥଲା। ଏହି ଉଚ୍ଛେଦ ସମୟରେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି,



ମାହାଙ୍ଗା ଥାନା ଆଇଆଇସି ତପନ ରାଉତ, ପୂର୍ତ୍ତ ବିଭାଗ ଏସଡ଼ିଓ ଦେବାଶିଷ ବେହେରା, ଏସ ଆଇ କର୍ମା ଲାକ୍ରା ଏବଂ ଠିକା ସଂସ୍ଥାର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଅଷ୍ଟମ ଦିନରେ ସଚେତନ ନାଗରିକ ମଞ୍ଚର ଧାରଣା

- ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ବିଫଳ
- ଆନ୍ଦୋଳନକୁ ସମର୍ଥନ ଜଣାଇଲେ ସଦର ବିଧାୟକ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କେସିଙ୍ଗା ଅଞ୍ଚଳର ବିକାଶ ତଥା ପ୍ରମୁଖ ୧୦ ଦଫା ନ୍ୟାଯ୍ୟ ଦାବି ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣା ଆଜି ଅଷ୍ଟମ ଦିନରେ ପହଞ୍ଚିଛି। ଧାରଣାର ଷଷ୍ଠ ଦିନରୁ ଆନ୍ଦୋଳନକାରୀ କଳା ବ୍ୟାଜ୍ ଧାରଣ କରି ଆନ୍ଦୋଳନ ଜାରୀ ରଖିଛନ୍ତି। ମଙ୍ଗଳବାର ଦିନ ଆନ୍ଦୋଳନର ସପ୍ତମ ଦିନରେ ପହଞ୍ଚିଥିଲା। ସପ୍ତମ ଦିନର ଆନ୍ଦୋଳନରେ ଜିଲ୍ଲା ପ୍ରଶାସନ ଧାରଣା ସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ ପରିଡା ଏବଂ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ସପ୍ତମ ଦିନର ଆନ୍ଦୋଳନରେ ପହଞ୍ଚିଥିଲେ। ଉପ ଜିଲ୍ଲାପାଳ ଆନ୍ଦୋଳନକାରୀଙ୍କ ସହିତ ଦୀର୍ଘ ସମୟଧରି ଆଲୋଚନା କରିବା ସହିତ ସଚେତନ ନାଗରିକ ମଞ୍ଚର ୧୦ ଦଫା ଦାବି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ସେ ଉପରେ ଆଲୋଚନା ହୋଇଥିଲା। ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରମୁଖ ଯେଉଁ ୧୦ ଗୋଟି ଦାବି ସରକାରଙ୍କ ଠାରେ ରଖାଯାଇଛି ସେଥିରୁ ପ୍ରଥମ ଦାବି କୋଣାର୍କ ସୂତାକଳ ପୁନରୁଦ୍ଧାର ଉପରେ କଳାହାଣ୍ଡି ଜିଲ୍ଲାପାଳଙ୍କ ତରଫରୁ ଗତ ୨୫/୪/୨୦୨୫ ରିଖରେ ବିଭାଗୀୟ କମିଶନରଙ୍କୁ ଚିଠି କରାଯାଇଥିବା ନେଇ ଉପ ଜିଲ୍ଲାପାଳ କହିଥିଲେ। ସେହିପରି କନ୍ଦେଶିର ଠାରୁ ଯୋଲକୋ ପର୍ଯ୍ୟନ୍ତ ବାଇପାସ୍, କେସିଙ୍ଗା ଏନ୍‌ଏସିକୁ ପୌରପରିଷଦର ମାନ୍ୟତା, ବୁଢ଼ା ଡଙ୍ଗର ପାହାଡ଼ର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଏବଂ ପରଲସିଙ୍ଗା, ବାଲସି ଓ ସିରୋଲ ପଞ୍ଚାୟତକୁ ନେଇ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଭଳି ବିଭିନ୍ନ ଦାବି ଉପରେ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଚାଲିଛି ବୋଲି ଆନ୍ଦୋଳନକାରୀଙ୍କୁ ଉପ ଜିଲ୍ଲାପାଳ କହିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯାଉଛି ତେଣୁ ଧାରଣାକୁ ପ୍ରତ୍ୟାହୃତ କରିବା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ପରିଡା ସଚେତନ ନାଗରିକ ମଞ୍ଚକୁ ଅନୁରୋଧ କରିଥିଲେ। ତଥାପି ଆନ୍ଦୋଳନକାରୀ ନିଜର ଜିଦ୍ ଧରିଥିଲେ ଏବଂ କଳାହାଣ୍ଡି ଜିଲ୍ଲାପାଳ ଧାରଣା ସ୍ଥଳକୁ ନପହଞ୍ଚିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ସେହିପରି ମଞ୍ଚର ସପ୍ତମ ଦିନର ଆନ୍ଦୋଳନରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଧାରଣା ସ୍ଥଳକୁ ଯାଇ ଆନ୍ଦୋଳନକୁ ସମର୍ଥନ କରିଥିଲେ ଏବଂ ଆଗକୁ ମଧ୍ୟ ସମର୍ଥନ ରହିବ ବୋଲି ବିଧାୟକ କହିଥିଲେ। ବୁଧବାର ଦିନ ଆନ୍ଦୋଳନର ଅଷ୍ଟମ ଦିନରେ ପହଞ୍ଚିଛି। ଅଷ୍ଟମ ଦିନର ଆନ୍ଦୋଳନରେ କେସିଙ୍ଗା ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ କେସିଙ୍ଗା ଏନ୍‌ଏସିର ସମସ୍ତ କାଉନସିଲର ପ୍ରତୀକ ଧାରଣାରେ ବସିଥିବା ଜଣାପଡିଛି। ସଚେତନ ନାଗରିକ ମଞ୍ଚର ସଭାପତି ଉତ୍ତର ମହଲାଙ୍କ ନେତୃତ୍ୱରେ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ପ୍ରତିଦିନ ଗୋଟିଏ ପରେ ଗୋଟିଏ ସଂଗଠନ ସାମିଲ ହେଉଥିବା ବେଳେ ଏଥିରେ ଅନେକ ଲୋକ ସମର୍ଥନ ରହୁଥିବା ଦେଖିବାକୁ ମିଳିଛି।

## ସ୍ୱଳ୍ପ ବର୍ଷାରେ ଜଳବନ୍ଦୀ ପରିବାର



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଡହଗାଁ ଗାଁ ମଝି ବୁଲାଣିରେ ପୂର୍ତ୍ତ ବିଭାଗର ଡ୍ରେନେଜ ଅବ୍ୟବସ୍ଥା ଯୋଗୁଁ ସ୍ୱଳ୍ପ ବର୍ଷାରେ ମଧ୍ୟ ଘରେ ପାଣି ପସି ଯାଉଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଯେ' ପୂର୍ତ୍ତ ବିଭାଗ ଦ୍ୱାରା କିଛିଦିନ ତଳେ ୨୬ ନମ୍ବର ଜାତୀୟ ରାଜପଥର ମୋଟେର ଫାଣ୍ଡି ଛକ ନିକଟରୁ ଡହଗାଁ ଭାୟା ତରାପୁର ପର୍ଯ୍ୟନ୍ତ ରାସ୍ତା କାମ କରାଯାଇଛି। ତେବେ ଡହଗାଁଠାରେ ଡ୍ରେନେଜ ନିର୍ମାଣ କାର୍ଯ୍ୟରେ ଅବ୍ୟବସ୍ଥା ସହ ସମତୁଲ ନ ଥିବାରୁ ଗାଁ ମଝି ବୁଲାଣିରେ ଥିବା ପଙ୍କଜ ନାଏକଙ୍କ ଘରେ ଅଳ୍ପ ବର୍ଷା ହେଲେ ମଧ୍ୟ ପାଣି ପଶି ଯାଉଛି। ଏନେଇ ବ୍ୟକ୍ତି ଜଣକ ବାରମ୍ବାର ସମ୍ପୃକ୍ତ ବିଭାଗକୁ ସମସ୍ୟା ବିଷୟରେ ଅବଗତ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରୁ ନଥିବା ଅଭିଯୋଗ କରିଛନ୍ତି। ସୋମବାର ରାତିରେ ଲଗାଣ ବର୍ଷା ଯୋଗୁଁ ଡ୍ରେନରେ ପାଣି ନିଷ୍କାସନ ନହେବାରୁ ପଙ୍କଜଙ୍କ ଘରେ ଜଳମଗ୍ନ ହୋଇଯାଇଥିଲ। ଯାହା ଫଳରେ ଘରର ମାଟି ଧସିବା ଅବସ୍ଥାରେ ଅଛି। ଉକ୍ତ ଘଟଣା ସମ୍ପର୍କରେ ଅବଗତ ହେବାପରେ ଡହଗାଁ ରାଜସ୍ୱ ନିରୀକ୍ଷକ ରାଧା ଗୋବିନ୍ଦ ପଟ୍ଟନାୟକ ଓ ପୂର୍ବ ସରପଞ୍ଚ ବ୍ରଜରାଜ ନାଏକ ପହଞ୍ଚି ପୁରୁଣା କଲଭର୍ଟରୁ ଜଳ ନିଷ୍କାସନ କରିବା ପରେ କିଛି ମାତ୍ରାରେ ସୁଧାର ଆସିଛି। ଏନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନବ ପ୍ରକାଶ ବେହେରାଙ୍କୁ ପଚାରିବାରୁ ଆଗରୁ ଡ୍ରେନ ରହିଥିଲା, ସେହି ହିସାବରେ ହିଁ ନୂତନ ଡ୍ରେନ ମଧ୍ୟ ହୋଇଛି, ଗାଁର ଜଣେ ଲୋକ ଡ୍ରେନ୍‌କୁ ବନ୍ଦ କରି ଦେଉଛନ୍ତି ଯାହା ଫଳରେ ଏଭଳି ସମସ୍ୟା ହେଉଛି ବୋଲି କହିଛନ୍ତି।

## ବିଧାୟକଙ୍କ ଅଚାନକ ଗସ୍ତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ ମେ ମାସରେ ଧର୍ମଗଡ଼ ବିଧାୟକ ଅଚାନକ ଧର୍ମଗଡ଼ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ବୁଲିବାକୁ ଯାଇଥିଲେ। ସେଠାରେ ଥିବା ସ୍ଥିତି ଓ ଅନ୍ୟାନ୍ୟ ସମସ୍ୟା ଉପରେ ସ୍ଥାନୀୟ ଯୁବକଙ୍କ ସହ ଆଲୋଚନା କରିଥିଲେ। ତେବେ ସେଠାରେ ଜିମ ପାଇଁ ଏକ ଘର ନ ଥିବା ନେଇ ଯୁବକ ମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଅସୁବିଧାକୁ ଗୁରୁତ୍ୱ ଭାବେ ନେଇ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ନିଜ ପାଣ୍ଠିରୁ ୫୦ଲକ୍ଷ ଟଙ୍କା ଅନୁମୋଦନ କରିଥିବା ଜଣାପଡିଛି। ଯାହାକୁ ନେଇ ଯୁବକ ମାନଙ୍କ ଭିତରେ ଉତ୍ସାହ ଖେଳି ଯାଇଛି। ଅନ୍ୟପଟେ ତୁରନ୍ତ ସମସ୍ୟାର ସମାଧାନ କରିଥିବାରୁ ବିଧାୟକଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।



## ମାଝୀଗୁଡା ହାଇସ୍କୁଲରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବଜ୍ରପାତ ସମ୍ବନ୍ଧୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଅବସର ପ୍ରାପ୍ତ ଶିକ୍ଷକ ସୁଧୀର ରଞ୍ଜନ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବଜ୍ରପାତରୁ ନିଜେ ତଥା ଅନ୍ୟମାନଙ୍କୁ କିପରି ସୁରକ୍ଷା ଦିଆ ଯାଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତି ଓ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଆପତକାଳୀନ ଜୀବନ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କଳାକୌଶଳ ସମ୍ପର୍କରେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ଦେଇଥିଲେ।

## ରାସ୍ତାର ଅବସ୍ଥା ଶୋଚନୀୟ, ହନ୍ତସନ୍ତ ହେଉଛନ୍ତି ପଡାବାସୀ

ଜୁନାଗଡ଼ (ଭାସ୍କର ନ୍ୟୁଜ ) ସ୍ୱାଧୀନତାର ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ଏବେବି ଲୋକେ ଭଲ ରାସ୍ତାଟିଏ ପାଇ ନାହାନ୍ତି ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନ ଏ ସି ସ୍ଥିତ ୱାର୍ଡ ନମ୍ବର ୫ ଫୁଲବାରି ପଡ଼ାରେ ,ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ ହେବ ଏହି ପଡ଼ା ଲୋକେ ରାସ୍ତା ଖଣ୍ଡିଏ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। କହିବାକୁ ଗଲେ ଅନେକ ଥର ଏହି ପଡ଼ାର ରାସ୍ତା ନିର୍ମାଣ କରିବା ପାଇଁ ସର୍ଭେ ହୋଇଯାଇଛି। ମାତ୍ର ସେହି ରାସ୍ତାର କାମ ଠପ ହୋଇ ପଡି ରହିଛି। ବର୍ତ୍ତମାନ ଆଗକୁ ବର୍ଷା ଋତୁ ଆସୁଛି। ବର୍ଷା ଦିନରେ ଲୋକେ ଯିବା ଆସିବା ସମ୍ଭବ ପର ନୁହେଁ। ଏବେବି ଲୋକେ ରାସ୍ତା ଠିକ ନ ଥିବାରୁ ଲତା, ବୁଦା, ଅନାବନା ଗଛ ଏବଂ ହୁଡା ଦେଇ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଯିବା ଜୀବନ ପ୍ରତି ବିପଦ ଥିଲେ ମଧ୍ୟ ଲୋକେ ବାଧ୍ୟ ହୋଇ ଯିବା ଆସିବା କରୁଛନ୍ତି।



ପଡ଼ାବାସି ଅନେକ ଥର ଏହି ରାସ୍ତାର ନିର୍ମାଣ ପାଇଁ ଅଭିଯୋଗ କରି ଆସୁଥିଲେ ବିଏନ୍‌ଏସି ନୀରବ ରହିବା ନେଇ ପଡ଼ାବାସୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣୁ ଯୁଦ୍ଧ କାଳୀନ ଭିତ୍ତିରେ ବର୍ଷା ପୂର୍ବରୁ ଏହି ରାସ୍ତାର ମରାମତି କରିବା ପାଇଁ ପଡ଼ାବାସି ଦାବି କରିଛନ୍ତି।

## ସମିତି ସଭ୍ୟଙ୍କ ଆତ୍ମହତ୍ୟା ଅଭିଯୋଗ, ପୋଲିସର ତଦନ୍ତ ଜାରି

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ବେକରେ ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ସୂଚନା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମତେ ଖୁଣ୍ଟିଆ ପଞ୍ଚାୟତ ପିପଲପଡା ଗ୍ରାମର ଦେବେନ୍ଦ୍ର ଧରୁଆ ନିଜ ବାସଭବନରେ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ସମିତି ସଭ୍ୟ ପ୍ରକୃତରେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି। ତାହା ଅସ୍ପଷ୍ଟ ରହିଛନ୍ତି। ଘଟଣା ସମ୍ପର୍କରେ ମୃତ ସମିତି ସଭ୍ୟଙ୍କ ପରିଜନ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ସୂଚନା ଦେବାପରେ ଉପାଧ୍ୟକ୍ଷ ପୋଲିସ ଥାନାରେ ପହଞ୍ଚି ଜଣାଇବା ପରେ ପୋଲିସ ଏସ୍‌ଆଇ ଉଷା ହରିଜନ ଧର୍ମଗଡ଼ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି। ତେବେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଶବ ବାହକ ଗାଡି ନଥିବା କାରଣରୁ କୋକସରା ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ଅସନ୍ତୋଷ ପ୍ରକାଶ କରିବା ସହ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଶବ ବାହକ ଗାଡିକୁ ମଗାଇବା ପରେ ମୃତଦେହକୁ ପିପଲପଡା ଗାଁକୁ ନିଆଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଯେ ଉପଖଣ୍ଡ ଡାକ୍ତରଖାନାରେ ଯଦି ଶବ ବାହକ ଗାଡି ନାହିଁ, ତ ପୁଣି ଦାନ ମାଝୀ ମୃତ ସ୍ତ୍ରୀର ମୃତଦେହ ବୋହିବା ଘଟଣାର ପୁନରାବୃତ୍ତି ନ ହେବ କିଏ କହିବ, ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏ ଦିଗରେ ଦୃଷ୍ଟି ଦେଇ ଉପଖଣ୍ଡ ଡାକ୍ତରଖାନାରେ ଶବ ବାହକ ଗାଡି ଯୋଗାଇ ଦେବାକୁ ଦାବି ହେଉଛି ।



## ନରସିଂହଙ୍କ ବିୟୋଗରେ ଶୋକାକୂଳ ଅଞ୍ଚଳବାସୀ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଦିନ ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ନରସିଂହ ପଟେଲଙ୍କର (୬୨)ବର୍ଷରେ ମୃତ୍ୟୁ ଘଟିଛି। ସୋମବାର ଦିନ ଅସୁସ୍ଥ ହୋଇ ପଡିବାରୁ ଧର୍ମଗଡ଼ ଡାକ୍ତରଖାନା, ଭବାନୀପାଟଣା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ବେଳକୁ ଦୁଇ ସ୍ତ୍ରୀ ରହିଥିଲେ। ମଙ୍ଗଳବାର ରାତିରେ ନିଜ ଗାଁ ମଶାଣିରେ ସତ୍କାର କରାଯାଇଛି। ସେ ଜଣେ ଗରିବ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ବିଶେଷ କରି ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମର ଗୁରୁ ଦାୟିତ୍ୱ ତୁଲାଉ ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ, ବରିଷ୍ଠ ସାମ୍ବାଦିକ ସୁବାସ ବାଗ ସମାଜ ସେବୀ ଅରୁଣ ଜାଲ, ନବୀନ ପୁରୋହିତ, ସୁବାସ ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଜେଡ଼ି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବି



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଚାଷୀଙ୍କ ସମସ୍ୟା ନ କହିବା ଭଲ। ମଣ୍ଡି ଖୋଲି ୨ମାସ ହେଲାଣି ହେଲେ ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି। ଅନେକ ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ବର୍ଷାରେ ଧାନ ଭିଜି ଗଜା ହେଲାଣି। ଏପଟେ ମିଲର୍ସ ଓ ଏଜେଣ୍ଟଙ୍କ ଏକଛତ୍ର ନୀତିରେ ପ୍ରଶାସନ ହାତ ଟେକି ଦେଇଛି। ବିଭିନ୍ନ ଆଳ ଦେଖାଇ ଚାଷୀଙ୍କ ଧାନ ଉଠି ପାରୁ ନ ଥିବା ଅଭିଯୋଗ ବି ହେଉଛି। କଟଣୀଛଟଣୀ ବାବଦକୁ ୧୦କିଲୋ ପ୍ରତି କୁଇଣ୍ଟାଲ ଶେଷରେ ଚାଷୀ ହତାଶ ହୋଇ ରାଜି ହୋଇଥିବା କହନ୍ତି ଚାଷୀ। ହେଲେ ମିଲର୍ସଙ୍କ ଗାଡି ଆସୁଛି ନା ଧାନ ଉଠୁଛି। ଏବେ ଚାଷୀ ହତାଶ ହୋଇ ପଡିଛି। ଆଶା କରି ରଖିଥିଲେ ଚାଷୀ ରବି ଫସଲ ଧାନ ବିକ୍ରି କରି ଖରିଫ ଚାଷରେ ନିୟୋଜିତ କରିବ। ଚାଷୀର ସମସ୍ୟା ନା ବୁଝୁଛି ପ୍ରଶାସନ ନା ନେତା। ସରକାର ଚାଷୀଙ୍କ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ସମେତ ବିନା କଟଣୀ ଛଟଣି ଭିତ୍ତିଭୂମି ବ୍ୟବସ୍ଥା ଏପରିକି ଅବହେଳା ପ୍ରଶାସନ ପ୍ରତି କଡ଼ା ଚେତାବନୀ, ନିର୍ବାଚନରେ ଘୋଷଣା କରି ସରକାରଙ୍କୁ ଆସିଲେ ସତ ହେଲେ ଚାଷୀଙ୍କ ଦୁଃଖ ଯେମିତିକୁ ସେମିତି ଥିବା ଆଲୋଚନା ହେଉଛି। ବର୍ତ୍ତମାନ ଅନେକ ଚାଷୀଙ୍କ ଟୋକନ ଲାପ୍ସ ହୋଇ ସାରିଲାଣି। ହେଲେ ମଣ୍ଡିରେ ଧାନ ପଡି ରହିଥିବା କୁହାଯାଏ। ଏପଟେ ଖୁଦ ଜିଲ୍ଲାର ଚାଷୀଙ୍କ ଧାନ ଉଠି ନ ଥିବା ବେଳେ ଅନ୍ୟପଟେ ଛତିଶଗଡ଼ରୁ ଧାନ ଚୋରାଚାଲାଣ ହୋଇ ମଣ୍ଡିରେ ବିକ୍ରି ହୋଉଥିବା ଭଳି ଅଭିଯୋଗ କରନ୍ତି ଚାଷୀ। ଦୈନନ୍ଦିନ ଛତିଶଗଡ଼ରୁ ସନ୍ଧିକୁଳେର, ହାତୀ ପାଖାନ, ବେହେରା ଗୁଡା ପାଇକପଡା, ପର୍ଲା ଦେଇ ଛତିଶଗଡ଼ରୁ ଧାନ ବୋଝେଇ ଯାନବାହନ ଆସୁଥିବାବେଳେ ପ୍ରଶାସନ ନ ଦେଖିଲା ଭଳି ଅଭିନୟ କରୁଥିବା ଚାଷୀଙ୍କ ଭିତରେ ଆଲୋଚନା ହୋଉଛି। ଏପଟେ ମଣ୍ଡି ଅବ୍ୟବସ୍ଥାକୁ ନେଇ ରାଜନୀତି ମୁଣ୍ଡ ଟେକିଲାଣି। ବୁଧବାର ଦିନ ଧର୍ମଗଡ଼ ବିଜୁ ଜନତା ଦଳ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଡାକେ ଲହଜଳ, ଥବିର ସାହୁଙ୍କ ନେତୃତ୍ୱରେ ଲବଣି ରାଉତ, ସନ୍ତୋଷ ପାଢ଼ୀ, ନିରାକାର ନାଏକ, ମଣ୍ଟୁ ନାଏକ, ରାଜେଶ ନାଏକ ଗୌର ଚନ୍ଦ୍ର ଛତରିଆ ସମେତ ବହୁ କର୍ମକର୍ତା ଧର୍ମଗଡ଼ ଉପଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ଉଠି ନ ଥିବା ବେଳେ ସେଥି ମଧ୍ୟରେ ଧର୍ମଗଡ଼ ମଣ୍ଡିରେ ୧୦୨ଜଣ ଚାଷୀଙ୍କ ୧୬,୭୦୦କୁଇଣ୍ଟାଲ, ନନ୍ଦଗାଁ ୧୪୮ଜଣ ଚାଷୀଙ୍କ -୨୪,୪୪୦ କୁଇଣ୍ଟାଲ, ଖଇର ପଦର ମଣ୍ଡିରେ ୩୧୯ଜଣ ଚାଷୀଙ୍କ ୪ହଜାର କୁଇଣ୍ଟାଲ ଧାନ ପଡି ରହିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆଗାମୀ ୫ଦିନ ଭିତରେ ଧର୍ମଗଡ଼ ଅଞ୍ଚଳର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ପଡି ରହିଥିବା ଧାନ ନ ଉଠିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଜେପି ସରକାର ମିଛ ବାହସ୍ପଟ ମାରି ଚାଷୀଙ୍କୁ ପ୍ରତାରଣା କରିଥିବା ଚାଷୀ ବୁଝିଗଲେଣି ବୋଲି ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ କହିଛନ୍ତି।


## ଲାଞ୍ଜିଗଡ଼ରେ ଆଇଟିଆଇ ସ୍ଥାପନ କେବେ !

### ଦାବି ପୂରଣ ନହେଲେ ଜୋରଦାର ହେବ ଆନ୍ଦୋଳନ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ସରକାର ଗଲେ, ସରକାର ଆସିଲେ କିନ୍ତୁ ବାରମ୍ବାର ଅଭିଯୋଗ ପରେ ବି ଦାବି ପୂରଣ ହେଲା ନାହିଁ। ଜମି ଅଛି, ଜାଗା ଅଛି କିନ୍ତୁ ନା ଚାହୁଁଛନ୍ତି ସରକାର, ନା ଚାହୁଁଛି ପ୍ରଶାସନ। ଫଳରେ ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ବି ଲାଞ୍ଜିଗଡ଼ରେ ସ୍ଥାପନ ହୋଇପାରୁନି ଶିଳ୍ପ ତାଲିମ କେନ୍ଦ୍ର। ତେବେ ଜିଲ୍ଲାର ଧର୍ମଗଡ଼ ଓ ଜୁନାଗଡ଼ ମାତ୍ର ୨୫ କିମି ଦୂରତା ମଧ୍ୟରେ ଦୁଇଟି ଆଇଟିଆଇ ସ୍ଥାପନ ପାଇଁ ସରକାର ଘୋଷଣା କରିଥିବାବେଳେ ଲାଞ୍ଜିଗଡ଼ ଅଞ୍ଚଳରେ ନିରାଶାର ଛାୟା ଖେଳିଯାଇଛି। କାରଣ ଗତ ୨୦୧୩ରେ ରାଜ୍ୟ ସରକାର ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏଥିପାଇଁ ଜଗନ୍ନାଥପୁର ମୌଜାରେ ଜାଗା ଚିହ୍ନଟ ସହିତ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକଙ୍କ ନାଁରେ ୩ ଏକର ଜମି ପଟ୍ଟା ମିଳିଥିଲା। ଏପରିକି ଆଇଟିଆଇ ପାଇଁ ବିଲଡିଂ ପ୍ଲାନ୍ ମଧ୍ୟ ତିଆରି ସରିଥିଲା କିନ୍ତୁ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପ୍ରସ୍ତାବ ଶୀତଳଭଣ୍ଡାରକୁ ଚାଲିଯାଇଥିଲା। ଏଇ ଦାବି ଏକପ୍ରକାର ଶିଥିଳ ପଡ଼ିଯାଇଥିବାବେଳେ ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଥିବା ଲାଞ୍ଜିଗଡ଼ ଅଞ୍ଚଳର ଜଣେ ଯୁବକ ଏନେଇ ପୁନଃ ସ୍ୱର ଉତ୍ତୋଳନ କରିଥିଲେ। ତେବେ ସବୁପ୍ରକାର ଭିତ୍ତିଭୂମି ଥାଇ ବି ଲାଞ୍ଜିଗଡ଼କୁ ସଂପୂର୍ଣ୍ଣ ଅଣଦେଖା କରି ଧର୍ମଗଡ଼ ଓ ଜୁନାଗଡ଼ରେ ୨ଟି ଆଇଟିଆଇ ସ୍ଥାପନ ହୋଇସାରିଛି। ଲାଞ୍ଜିଗଡ଼ ଅଞ୍ଚଳରେ ଏନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଲାଞ୍ଜିଗଡ଼ଠାରେ ସମସ୍ତ ଭିତ୍ତିଭୂମି, ଶିଳ୍ପାଞ୍ଚଳ ଥିବା ହେତୁ ନିଯୁକ୍ତି ଓ ଇଣ୍ଟର୍ଣ୍ଣସିପ୍ ଭଳି ସୁବିଧା ରହିଥିବା ସତ୍ତ୍ୱେ ଲାଞ୍ଜିଗଡ଼ ବାଦ୍ ପଡିବା ଘଟଣାକୁ ନେଇ ଲାଞ୍ଜିଗଡ଼ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। କାରଣ ଭବାନୀପାଟଣାରୁ ଜୁନାଗଡ଼ ୨୫ କି.ମି. ଓ ଜୁନାଗଡଠାରୁ ଧର୍ମଗଡ଼ ୨୦ କି.ମି. ଦୂରତା ମଧ୍ୟରେ ତିନୋଟି ଆଇଟିଆଇ ରହିଥିବାବେଳେ ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ଅଧୁଷିତ ତଥା ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଲାଞ୍ଜିଗଡ଼, ଭବାନୀପାଟଣାରୁ ୭୦ କିମି, ଜୁନାଗଡ଼ ପ୍ରାୟ ୧୦୦ କିମି ଓ ଧର୍ମଗଡ଼ ୧୨୦ କିମି ଦୂର ଥିବାବେଳେ ଏ ଅଞ୍ଚଳର ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷା ଲାଭ କରିବାରେ ବଞ୍ଚିତ ହେଉଛନ୍ତି। ଏଣୁ ଲାଞ୍ଜିଗଡ଼ଠାରେ ଆଇଟିଆଇ ସ୍ଥାପନ ପାଇଁ ରାଜ୍ୟର ବିଜେପି ସରକାର ପଦକ୍ଷେପ ନେବାକୁ ଦାବି ହେଉଛି।

## ରାଶିଫଳ

ଗୁରୁବାର, ୨୬ ଜୁନ୍ ୨୦୨୫




**ମେଷ:** ପ୍ରେମ ସମ୍ପର୍କ ମଧୁର ରହିବ। ଅନ୍ତରଙ୍ଗ ବନ୍ଧୁଙ୍କ ସହିତ ସମୟ ବିତାଇବେ। ନିଜର ମନ ଅନୁସାରେ କର୍ମ କ୍ଷେତ୍ରରେ ସ୍ୱାଧିନତା ପାଇବେ। ଆର୍ଥିକ ସମସ୍ୟା କିଛି ମାତ୍ରାରେ ଲାଘବ ହେବ। ସାମାଜିକ ମାନସମ୍ମାନ ବୃଦ୍ଧି ପାଇବା ପାଇଁ ବ୍ୟକ୍ତିତ୍ୱର ବିକାଶ ଘଟିବ। ପଢାରେ ଅଧିକ ସମୟ ବିତାଇବେ।




**ବୃଷ:** ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅଚାନକ ସାକ୍ଷାତ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ରାଜନୀତିରେ ସମର୍ଥନ ହ୍ରାସ ପାଇପାରିବେ। ଛାତ୍ରଛାତ୍ରୀ ପଢାରେ ଅବେହଳା କରି ଦୁଃଖ ପ୍ରକାଶ କରିବେ।




**ମିଥୁନ:** ଶାରିରୀକ ସମସ୍ୟା ଦେଖାଦେବ। ଭାଗ୍ୟ ଆପଣଙ୍କୁ ବହୁତ ସମର୍ଥନ କରିବ ଓ କାର୍ଯ୍ୟ ଅବସ୍ଥା ଅନୁକୂଳ ହେବ। ପାରିବାରିକ ପରିବେଶ ଅତ୍ୟନ୍ତ ଆନନ୍ଦଦାୟକ ହେବ। ପଡୋଶୀଙ୍କ ସହିତ ଶତ୍ରୁତା ଭାବ ସୃଷ୍ଟି ହୋଇପାରେ। ଅଦାଲତରୁ ଶୁଭଫଳ ପାଇବେ। ନୂତନ ଲକ୍ଷ୍ୟକୁ ନେଇ ଯାତ୍ରା ସମ୍ପନ୍ନ କରିବେ।



**କର୍କଟ:** କୌଣସି ସମ୍ବନ୍ଧକୁ ନେଇ ଅଧିକ ଭାବପ୍ରବଣ ରହିବେ। କର୍ମକ୍ଷେତ୍ରରେ ବହୁ ସମୟ କାଟିବାକୁ ବାଧ ହେବେ ଓ ବୃଦ୍ଧି ଖଟାଇ ନିଜ ସ୍ଥାନକୁ କୌଣସିମତେ ଦୃଢ କରିବେ। ଲକ୍ଷ୍ୟ ହାସଲ କରିବାକୁ ଅଧିକ ପରିଶ୍ରମ କରିବାକୁ ପଡିପାରେ। ଛାତ୍ରମାନେ ଅଧିକ ପରିଶ୍ରମ କରି ସେମାନଙ୍କର ଆତ୍ମବିଶ୍ୱାସ ବଢିବ।



**ସିଂହ:** ପାରିବାରିକ ସହମତିରେ କାର୍ଯ୍ୟ ସିଦ୍ଧି ଘଟିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହାୟତା ମିଳିପାରେ। ବେପାର ବୃତ୍ତିରେ ସଫଳତା ହାସଲ କରିବେ। ମହିଳାମାନେ ସୁଖସମୃଦ୍ଧି ପ୍ରାପ୍ତ କରିବେ। ନୂଆ ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ବିଦେଶରେ କାମ କରୁଥିବା ଲୋକମାନେ ପଦୋନ୍ନତି ପାଇ ପାରିବେ।




**କନ୍ୟା:** କୌଣସି କାର୍ଯ୍ୟର ସମାଧାନ ହୋଇଯିବ। ମାଙ୍ଗଳିକ କାର୍ଯ୍ୟରେ ମନ ଯୋଗଦେବେ। ସୁସ୍ଥ ଅନୁଭବ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଦୁଇ ଜଣଙ୍କ ବିବାଦରେ ତୃତୀୟ ବ୍ୟକ୍ତି ଲାଭବାନ୍ ହେବ। ରାଜନୀତିରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ହାତକୁ ନେବେ।



**ତୁଳା:** ଜୀବନରେ ନୂଆ ପ୍ରେମ ପ୍ରସଙ୍ଗ ଆରମ୍ଭ ହୋଇପାରେ। ରାଜନୀତିରେ ସଫଳତା ପାଇପାରନ୍ତି। ସରକାରୀ ସଂସ୍ଥା କାମରେ ସହଯୋଗ କରିପାରନ୍ତି। ବିଜ୍ଞାନ ଛାତ୍ରଙ୍କ ଲାଗି ଦିନଟି ଭଲ ରହିବ। ନୂତନ ଭାବେ ଆରମ୍ଭ କରୁଥିବା କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।



**ବିଛା:** ପାରିବାରିକ ଜୀବନ ଆମୋଦଦାୟକ ହେବ। ଭାଗ୍ୟ ଉଦ୍ୟୋଗୀ ହେବା ସହିତ ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷା କ୍ଷେତ୍ରରେ ଅଭିଜ୍ଞତା ବଢିବ। ସମ୍ପତ୍ତିବାଡିକୁ ନେଇ ଅନେକ ପରିସ୍ଥିତି ଦେଖାଦେଇପାରେ।



**ଧନୁ:** ଅଚାନକ କୌଣସି କଥାକୁ ନେଇ ମନୋଭାବ ଖରାପ ହୋଇପାରେ। କର୍ମ ପାଇଁ ସମ୍ମାନିତ ଦକ୍ଷତା ପ୍ରତିପାଦତ ହେବେ। ଅନୁଷ୍ଠାନ ଓ ସଂଗଠନ କ୍ଷେତ୍ରରେ ନିଜକୁ ସାମିଲ କରିବେ। ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ସମ୍ପତ୍ତି ପାଇଁ ସାମାନ୍ୟ ମତାନ୍ତର ସୃଷ୍ଟି ହୋଇପାରେ।



**ମକର:** ବାଣିଜ୍ୟ, ବ୍ୟବସାୟରୁ ଭଲ ଲାଭ ପାଇବେ ।ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ କମ୍ ପରିଶ୍ରମରେ ଅଧିକ ଫଳ ପାଇବେ। ଦୂର ଯାତ୍ରାକୁ ଭ୍ରମଣ କରିପାରନ୍ତି । ପାରିବାରିକ ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟିତ ହେବେ । ପୁରାତନ ରୋଗର ପୀଡ଼ା ଅନୁଭବ ହେବ। ରାଜନୀତି କ୍ଷେତ୍ରରେ ଉଚ୍ଚ ପଦବୀ ହାସଲ କରିବେ।



**କୁମ୍ଭ:** ପୂର୍ବରୁ କରିଥିବା କର୍ମପାଇଁ ଦଣ୍ଡ ଭୋଗିପାରନ୍ତି । ଗମନାଗମନ କରିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଆର୍ଥିକ ସମସ୍ୟା କିଛି ମାତ୍ରାରେ ଲାଘବ ହେବ। ବ୍ୟବସାୟ-ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଛାତ୍ରଛାତ୍ରୀ ଉଚ୍ଚଭିଳାଷୀ ହେବେ।



**ମୀନ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସରେ ସହକର୍ମୀ ଆପଣଙ୍କୁ ସମ୍ମାନ କରିବେ। ରାଜନୈତିକ କ୍ଷେତ୍ରରେ ପ୍ରବଳ ଲୋକ ସମର୍ଥନ ମିଳିବ। ଗୃହବାହନ ସମ୍ବନ୍ଧୀୟ ସମସ୍ୟା ସମାଧାନ ହୋଇଯିବ। ମନକୁ ଆଘାତ ଲାଗିଲା ପରି କଥା ଶୁଣିବାକୁ ପାଇପାରନ୍ତି।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯